ଧରିତ୍ରୀ 51 Years
ପୃଷ୍ଠା–୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର,ରବିବାର, ମେ ୪/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 4/2025 Page 16 ₹ 7.00
୫୧ଶ ଭାଗ ୧୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 158 ମୂଲ୍ୟ₹୭/-



# ‘ଆଳାପ’ରେ ୫୦ ତରୁଣ କବିଙ୍କ ସ୍ୱରଚିତ କବିତା ପାଠ

ଭୁବନେଶ୍ୱର,୩।୫ (ସୌମ୍ୟରଞ୍ଜନ ରାଉତ)

ବଡ଼ମ୍ବାର କବିତା ମିନାର ସାହିତ୍ୟ ଘର ପକ୍ଷରୁ ଶନିବାର ବୁଦ୍ଧ ମନ୍ଦିରଠାରେ ମାସିକ ସାହିତ୍ୟ ଆସର ‘ଆଳାପ’ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ତଥା ଟାଇମପାସ ପ୍ରକାଶନୀର ନିର୍ଦ୍ଦେଶକ ସରୋଜ ବଳ ଏବଂ ଗୀତିକାର ବିଜୟ ମଲ୍ଲଙ୍କ ସହ ‘ସୃଜନୀ ସଜାଡ଼େ ସମାଜ’ ସମ୍ପର୍କରେ କବିତା ମିନାରର ସହ ସମ୍ପାଦକ ଇଂ. ସୌଦାଗର ବେହେରା ଆଲୋଚନା କରିଥିଲେ। ପରେ ଔପନ୍ୟାସିକ ପତିତପାବନ ପାଣିଙ୍କ ଉପନ୍ୟାସ ‘ତୁମ ପରେ ତୁମେ’ର ସମୀକ୍ଷା କରିଥିଲେ ଗାଳ୍ପିକ ଜ୍ଞାନରଞ୍ଜନ ନାୟକ। ସମସ୍ତ ଦିଗରୁ ବହିଟି ପାଠକଙ୍କ ମନକୁ ଜିଣି ପାରିବାର ସାମର୍ଥ୍ୟ ରଖେ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ତରୁଣ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବିତା ମିନାର ସାହିତ୍ୟ ଘରର ସଭାପତି ବିଶ୍ୱେଶ୍ୱର ମାଝୀ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ମୃତ୍ୟୁଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନବୀକରଣୀୟ ଶକ୍ତି ଆପଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ

## ରାଜଭବନ ପରିସରରେ ସ୍ଥାପନ ହେବ ଅତିରିକ୍ତ ୪୦୦ କିଲୋୱାଟ୍ ପ୍ଲାଣ୍ଟ

ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ)



ରାଜଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଅଛନ୍ତି।

ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଞ୍ଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି। ପରିବେଶ ସୁରକ୍ଷା ଏବଂ ସନ୍ତୁଳିତ ଜୀବନଯାପନ ଦିଗରେ ଏହି ବିକଳ୍ପକୁ ଦୃଢ଼ ପ୍ରୟାସ ଭାବରେ ଗ୍ରହଣ କରିବାକୁ ସେ କହିଛନ୍ତି। ଶନିବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବର୍ତ୍ତନ କରି ଏହାର ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରାଜଭବନରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଭବନ ପରିସରରେ ୧୫୦ କିଲୋୱାଟ୍ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିବାବେଳେ ଖୁବ୍‌ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଣ୍ଟ ସ୍ଥାପିତ ହେବ। ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ସେହିପରି ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି। ଏହାବାଦ୍ ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ପ୍ରମୁଖ ଯୋଜନା ଯେପରି କି ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜ୍‌ଲି ଯୋଜନା, ପ୍ରତି ପରିବାର ପାଇଁ ପ୍ରଥମ ଏବଂ ଦ୍ୱିତୀୟ କିଲୋୱାଟ ପାଇଁ ୩୦ହଜାର ଟଙ୍କା ଲେଖାଏ ଏବଂ ତୃତୀୟ କିଲୋୱାଟ ପାଇଁ ୧୮ହଜାର ଟଙ୍କା ଅତିରିକ୍ତ ସବ୍‌ସିଡ୍ ପ୍ରଦାନ ଆଦି ଉପରେ ଆଲୋକପାତ କରିଥିଲେ। ଧୀରେ ଧୀରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ବ୍ୟବହାର ପରିତ୍ୟାଗ କରି ବିଦ୍ୟୁତ ଚାଳିତ ଯାନବାହନ ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜଭବନର ଅଧିକାରୀ/କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ‘ଓଡ଼ିଶା ଥ୍ରୁ ଦ ଏଜେସ୍’ ପୁସ୍ତକ ଲୋକାର୍ପିତ



ପୂର୍ବତନ ଡିଜିପି ଅମିୟ ଭୂଷଣ ତ୍ରିପାଠୀଙ୍କ ପୁସ୍ତକ ‘ଓଡ଼ିଶା ଥ୍ରୁ ଦ ଏଜେସ୍’କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଭୁବନେଶ୍ୱର, ୩।୫(ସୌମ୍ୟରଞ୍ଜନ ରାଉତ)

ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଅମିୟ ଭୂଷଣ ତ୍ରିପାଠୀଙ୍କ ‘ଓଡ଼ିଶା ଥ୍ରୁ ଦ ଏଜେସ୍’ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ସରଳ ଓ ପ୍ରାଞ୍ଜଳ ଇଂଲିଶ ଭାଷାରେ ଲିଖିତ ଏହି ଓଡ଼ିଶା ଇତିହାସ ସମ୍ପର୍କିତ ପୁସ୍ତକଟି ଛାତ୍ରୀଛାତ୍ର ଏବଂ ସାଧାରଣ ପାଠକ ମହଲରେ ଖୁବ୍ ଆଦୃତ ହେବ ବୋଲି ବକ୍ତାମାନେ କହିଛନ୍ତି। କାର୍ଯ୍ୟକ୍ରମରେ ଐତିହାସିକ ପ୍ରୀତିଶ୍ ଆଚାର୍ଯ୍ୟ, ସ୍ତମ୍ଭକାର ସଞ୍ଜୀବ ହୋତା, ରେଭେନ୍‌ଶା ଇତିହାସ ବିଭାଗର ମୁଖ୍ୟ ଡ. ପ୍ରିୟଦର୍ଶୀ କର, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ ଅଧକ୍ଷ ଶ୍ରୀ ଅଭୟ ପ୍ରମୁଖ ଉପସ୍ଥିତ ଥିଲେ।

# ଚାଳକଙ୍କୁ ଫେରାର ଦର୍ଶାଇ ମାଟି ବୋଝେଇ ଟ୍ରାକ୍ଟର ଜବତକଲା ପୋଲିସ

ବାଲକାଟୀ,୩।୫(ମନୋଜ ମଣ୍ଡଳ)

ବେଆଇନ ମାଟି ଚାଲାଣ ଅଭିଯୋଗରେ ବାଲକାଟୀ ଫାଣ୍ଡି ପୋଲିସ ଶୁକ୍ରବାର ଏକ ଟ୍ରାକ୍ଟର ଜବତ କରିଛି। ଟ୍ରାକ୍ଟରରେ ନମ୍ବର ଲେଖା ନ ଥିବାବେଳେ ଚାଳକଙ୍କୁ ଫେରାର ଦର୍ଶାଇ ପୋଲିସ କାର୍ଯ୍ୟ କରୁଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ବାଲକାଟୀ ଆଖପାଖ ଅଞ୍ଚଳରେ ବିଭିନ୍ନ ରାସ୍ତା କାମ, ବିଲ୍‌ଡର ଜମି ପୋତା ପାଇଁ ଜମିରୁ ମାଟି ତଡ଼ା ଯାଇ ରାତି ଅଧିଆ ହାଇୱା, ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବେଆଇନ ଭାବେ ବୁହା ଚାଲିଛି। ଯେଉଁ ଗାଡ଼ିରେ ବୁହାଯାଉଛି, ପ୍ରାୟର ଖାତା ଖତିଆନି ନ ଥିବାରୁ ରାତିରେ ଚାଲୁଥିବା ଜଣାପଡ଼ିଛି। ଶୁକ୍ରବାର ରାତିରେ ବୁଢ଼ୀପଡ଼ ଛକରେ ଏକ ଟ୍ରାକ୍ଟର ଏଭଳି ବେଆଇନ ମାଟି ଚାଲାଣବେଳେ ବାଲକାଟୀ ଫାଣ୍ଡି ପୋଲିସ ହାତରେ ଧରା ପଡ଼ିଛି। ହେଲେ ଟ୍ରାକ୍ଟର ଜବତ ହୋଇଥିବାବେଳେ ଚାଳକ ଫେରାର କିପରି ହେଲେ, ତାହା ଚର୍ଚ୍ଚାର ବିଷୟ ପାଲଟିଛି। ଝିଣ୍ଟି ଓ ବୁଢ଼ୀପଡ଼ା ଅଞ୍ଚଳ ଚୋରା ମାଟି ଚାଲାଣର ପେଣ୍ଠସ୍ଥଳ ପାଲଟିଥିବା ଜଣାପଡ଼ିଛି। ଏନେଇ ବାଲକାଟୀ ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ସାହୁଙ୍କୁ ପଚାରିବାରୁ, ବୁଢ଼ୀପଡ଼ାରୁ ଶୁକ୍ରବାର ରାତିରେ ଟ୍ରାକ୍ଟରଟି ଜବତ କରିଛୁ। ହେଲେ ଚାଳକ ଚମ୍ପଟ ମାରିଛନ୍ତି। ଚାଳକଙ୍କୁ ଖୋଜା ଚାଲିଥିବାବେଳେ ରବିବାର ଫାଇନ କରାଯିବ ବୋଲି ସେ କହିଛନ୍ତି।

# ରେଡିଓ ନମସ୍କାରକୁ ‘ଜାତୀୟ କମ୍ୟୁନିଟି ରେଡିଓ ସମ୍ମାନ’

କୋଣାର୍କ,୩।୫(ଜ୍ୟୋତିରାଜ ମହାନ୍ତି )

ଓଡ଼ିଶାର ପ୍ରଥମ କମ୍ୟୁନିଟି ରେଡିଓ ଷ୍ଟେଶନ ରେଡିଓ ନମସ୍କାରକୁ ଶନିବାର ମୁମ୍ବାଇଠାରେ ଆୟୋଜିତ ଜାତୀୟ



ରେଡିଓ ନମସ୍କାରର କାର୍ଯ୍ୟକ୍ରମ ମୁଖ୍ୟ ଅନ୍ଦାଜ ଆରନ ଜାତୀୟ କମ୍ୟୁନିଟି ରେଡିଓ ସମ୍ମାନ ଗ୍ରହଣ କରୁଛନ୍ତି।

କମ୍ୟୁନିଟି ରେଡିଓ ସମ୍ମେଳନ ଅବସରରେ ଜାତୀୟ କମ୍ୟୁନିଟି ରେଡିଓ ସମ୍ମାନ ମିଳିଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍. ମୁରୁଗନ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି। ରେଡିଓ ନମସ୍କାରର କାର୍ଯ୍ୟକ୍ରମ ମୁଖ୍ୟ ତଥା ଯୁବ କମ୍ୟୁନିଟି ମିଡିଆ ଗବେଷକ ଅନ୍ଦାଜ ଆରନ ଏହି ସମ୍ମାନ ଗ୍ରହଣ କରିଛନ୍ତି। ୨୦୧୦ ମସିହାରେ ଜାତୀୟସ୍ତରର ବିକାଶ ସଙ୍ଗଠନ ‘ୟଙ୍ଗ ଇଣ୍ଡିଆ’ ଦ୍ୱାରା ଏହି ରେଡିଓ କେନ୍ଦ୍ର କୋଣାର୍କରେ ଆରମ୍ଭ ହୋଇଥିଲା। ଆଜି ଏହି କେନ୍ଦ୍ର ପୁରୀ ଜିଲାର ୭୦୦ରୁ ଅଧିକ ଗାଁ ଓ ପ୍ରାୟ ୩ ଲକ୍ଷ ଜନବସତି ପାଖରେ ପହଞ୍ଚିଛି। ହଜାର ହଜାର ଲୋକଙ୍କର ସ୍ୱର ହୋଇପାରିଛି ରେଡିଓ ନମସ୍କାର। ଅସଂଖ୍ୟ ନିରାଶ୍ରୟ ଓ ସରଳ ଲୋକ ରେଡିଓ ନମସ୍କାରରୁ ସୁଫଳ ପାଇପାରିଛନ୍ତି।

# ଦାରୁଚୋରଙ୍କୁ ଗିରଫ ଦାବିକଲା ଓଡ଼ିଆ ଅସ୍ମିତା ପରିଷଦ

## ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)

ପଶ୍ଚିମବଙ୍ଗ ଦୀଘାଠାରେ ଅକ୍ଷୟ ତୃତୀୟାରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ଦାରୁବିଗ୍ରହ ସ୍ଥାପନରେ ପୁରୀ ଜଗନ୍ନାଥ ମନ୍ଦିରର ସମ୍ପୃକ୍ତ ସେବାୟତଙ୍କୁ ଗିରଫ କରିବାକୁ ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଦାବି କରାଯାଇଛି। ଏନେଇ ଶନିବାର ପରିଷଦ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେତେଜଣ ଦଇତାପତି ନବକଳେବର ସମୟରେ ପୁରୀ ଜଗନ୍ନାଥ ମନ୍ଦିରରେ ଗଚ୍ଛିତ ଥିବା ପବିତ୍ର ବିଗ୍ରହଙ୍କ ଦାରୁକୁ ଲୁଚାଛପାରେ ନେଇ ପଶ୍ଚିମବଙ୍ଗ ଦୀଘାଠାରେ ତିଆରି ହୋଇଥିବା ଜଗନ୍ନାଥଙ୍କ ବିଗ୍ରହରେ ଲଗାଇଛନ୍ତି। ଏହା ଏକ ଗର୍ହିତ ଅପରାଧ ଏବଂ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ଅସ୍ମିତା ପ୍ରତି ଚରମ ଅପମାନ। ଏହା ବିଶ୍ୱବ୍ୟାପୀ କୋଟିକୋଟି ଜଗନ୍ନାଥ ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ତେଣୁ ଯେଉଁମାନେ ଏହି କାର୍ଯ୍ୟରେ ସମ୍ପୃକ୍ତ ସେମାନଙ୍କ ବିରୋଧରେ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ ସରକାର ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଏହାକୁ ନେଇ ରାଜ୍ୟବ୍ୟାପୀ ଗଣ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ପରିଷଦ ଆବାହକ ବେହେରାଙ୍କ ସମେତ ଯୁବନେତା ଦେଶପ୍ରିୟ ଦାସ, ନାରୀନେତ୍ରୀ ସାବିତ୍ରୀ ବେହେରା, ଛାତ୍ରୀନେତ୍ରୀ ପ୍ରିୟଙ୍କା ବେହେରା, ବଳରାମ ନାୟକ, ସୁବାସ ତରାଣିଆ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଦୀପ୍ତିମୟୀ


@ ଆଲୋକ


@ ପବିତ୍ର


@ ଅଶୋକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆହତଙ୍କୁ ଭେଟିଲେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ


ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏସ୍‌ସିବି ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଆହତଙ୍କ ଚିକିତ୍ସା ଓ ସ୍ୱାସ୍ଥ୍ୟାବସ୍ଥା ନେଇ ଆଲୋଚନା କରୁଛନ୍ତି।

## ନିର୍ମାଣାଧୀନ ବ୍ରିଜ୍‌ରୁ ସ୍ଲାବ୍ ଖସିବା ଘଟଣା

କଟକ,୩।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଖାନନଗର ରିଂରୋଡ୍‌ଠାରେ ନିର୍ମାଣାଧୀନ ଏକ ବ୍ରିଜ୍‌ର ସ୍ଲାବ୍ ଖସି ପଡ଼ିବା ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତଙ୍କ ଚିକିତ୍ସା ଚାଲିଛି। ମୃତ ୩ଜଣଙ୍କ ମଧ୍ୟରୁ ଜଣେ ସାଇଟ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଅଞ୍ଚଳର ସୌମ୍ୟ ରଞ୍ଜନ ମଲ୍ଲିକ (୩୨) ଏବଂ ଅନ୍ୟ ୨ଜଣ ଶିବ ଶଙ୍କର ପଟ୍ଟନାୟକ (୨୯) ଓ ସୁବାସ ଚନ୍ଦ୍ର ଭକ୍ତ (୬୦)। ସେହିପରି ଗୁରୁତର ଆହତ ଆଠଗଡ଼ ଅଞ୍ଚଳର ବିକଳ ଜେନା (୬୦)ଙ୍କ ପ୍ରାଥମିକ ଚିକିତ୍ସା ପରେ ମେଡିକାଲର ଅର୍ଥୋପେଡ଼ିକ ବିଭାଗକୁ ସ୍ଥାନାନ୍ତର କରାଯାଇଛି ଏବଂ ଅନ୍ୟ ଜଣେ ଆହତ ପୁରୀ ଅଞ୍ଚଳର ଅରୁଣ କୁମାର ବାରିକ(୩୦)ଙ୍କୁ କାଜୁଆଲିଟିରେ ଭର୍ତ୍ତି କରାଯାଇଛି। ମେଡିକାଲର ଅର୍ଥୋପେଡିକ, ନ୍ୟୁରୋଲୋଜି ଓ ସର୍ଜରି ବିଭାଗର ଡାକ୍ତରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚିକିତ୍ସା ଚାଲିଥିବା ମେଡିକାଲ କୁଳସଚିବ ସୁବାସ ରାଏ ସୂଚନା ଦେଇଛନ୍ତି। ଘଟଣାର ଖବର ପାଇ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏସ୍‌ସିବି ମେଡିକାଲରେ ପହଞ୍ଚିଲେ। ମନ୍ତ୍ରୀ ହରିଚନ୍ଦନ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସା ସମ୍ପର୍କରେ ମେଡିକାଲର ଡାକ୍ତର ସହ ଆଲୋଚନା କରିଥିଲେ। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ପ୍ରଥମ କରି କୌଣସି ପ୍ରକଳ୍ପ କାର୍ଯ୍ୟରେ ଏଭଳି ଅଘଟଣା ଘଟିଛି। ଏହା ଏକ ଅଭାବନୀୟ ଦୁର୍ଘଟଣା। ଘଟଣାର ତଦନ୍ତ ପାଇଁ ସରକାରଙ୍କ ପକ୍ଷରୁ ୩ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଚିଫ୍ ଇଞ୍ଜିନିୟର ଓ ଏଡିଏମ୍ ଜେନେରାଲ ଏହି ଘଟଣାର ତଦନ୍ତ କରିବେ। ଆଗାମୀ ୧୫ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟରେ କମିଟି ରିପୋର୍ଟ ପ୍ରଦାନ କରିବ ଏବଂ ରିପୋର୍ଟ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ତ୍ରୀଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ବୀର ବିକ୍ରମ ଯାଦବ, ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଉପସ୍ଥିତ ଥିଲେ। ସେହିପରି ଘଟଣାର ଖବର ପାଇ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୌସ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମେୟର ସୁବାସ ସିଂ ଏସ୍‌ସିବିରେ ଆହତଙ୍କୁ ଭେଟିଥିଲେ। ଏ ନେଇ ବିଧାୟିକା ସୋଫିଆ କହିଛନ୍ତି, କାର୍ଯ୍ୟ ସମୟରେ ଅବହେଳା କରାଯାଇଛି, ଯେଉଁଥିପାଇଁ ଏଭଳି ଅଘଟଣ ଘଟିଛି। ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱ ଭାବେ ନିଅନ୍ତୁ ଏବଂ ତୁରନ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ମେୟର ସିଂ କହିଛନ୍ତି, ଏହି କାର୍ଯ୍ୟରେ ଶ୍ରମିକଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱ ଦିଆଯାଇ ନାହିଁ। ରାଜ୍ୟ ସରକାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସିଂ କହିଛନ୍ତି।

# ଲାପାରୋସ୍କୋପିରେ ଥାଇରଏଡ୍ ଟ୍ୟୁମର ସର୍ଜରି

## କ୍ୟାପିଟାଲ ହସ୍ପିଟାଲର ଆଉ ଏକ ସଫଳତା

ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)




ଏକ୍ସଇଲୋ ବ୍ରେଷ୍ଟ ଆପ୍ରୋଚ୍ (ଏବିଏ) ପଦ୍ଧତିରେ ଥାଇରଏଡ୍ ଟ୍ୟୁମର ସର୍ଜରି କ୍ଷେତ୍ରରେ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍ ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲ ଆଉ ଏକ ସଫଳତା ହାସଲ କରିଛି। ଥାଇରଏଡ୍‌ରେ ହୋଇଥିବା ଟ୍ୟୁମରକୁ ଲାପାରୋସ୍କୋପି ମାଧ୍ୟମରେ ସର୍ଜରି କରାଯାଇ ବାହାର କରାଯାଇଛି। କ୍ୟାପିଟାଲ ହସ୍ପିଟାଲ୍ ସର୍ଜରି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଶ୍ରୀକାନ୍ତ ପାତ୍ର ଓ ତାଙ୍କ ଟିମ୍ ଶନିବାର ଏହି ସର୍ଜରିକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି। ୨ଘଣ୍ଟା ୧୫ ମିନିଟ୍ ଧରି ଏହି ଅପରେଶନ୍ କରାଯାଇଥିଲା। ବର୍ତ୍ତମାନ ସମ୍ପୃକ୍ତ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ କଥାବାର୍ତ୍ତା କରିପାରୁଛନ୍ତି। ୨ଦିନରେ ସେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବେ। ସେହିପରି ଥାଇରଏଡ୍ ଟ୍ୟୁମରକୁ ଲାପାରୋସ୍କୋପି ମାଧ୍ୟମରେ ସଫଳତାର ସହ ସର୍ଜରି କରିବାରେ ଏହା ଓଡ଼ିଶାର ଦ୍ୱିତୀୟ ଘଟଣା। କ୍ୟାପିଟାଲ ହସ୍ପିଟାଲରେ ଓଡ଼ିଆ ଡାକ୍ତରୀ ଟିମ୍ ଦ୍ୱାରା ପ୍ରଥମ କରି ଏହି ଅତ୍ୟାଧୁନିକ ପଦ୍ଧତିରେ ଥାଇରଏଡ୍ ଟ୍ୟୁମର ଅପରେଶନ କରାଯାଇଥିବାବେଳେ ୮/୧୦ବର୍ଷ ତଳେ ରାଜ୍ୟ ବାହାରୁ ଆସିଥିବା ଜଣେ ଡାକ୍ତର ଏଭଳି ଅପରେଶନ୍ କରିଥିଲେ ବୋଲି ଡା. ପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ବାଣପୁରର ୨୮ ବର୍ଷୀୟା ରଶ୍ମିତା ବିଶ୍ୱାଳଙ୍କ ଥାଇରଏଡ୍‌ରେ ଏକ ଟ୍ୟୁମର ହୋଇଥିଲା। ଟ୍ୟୁମରକୁ କାଢିବା ପାଇଁ ବେକରେ ସର୍ଜରି ଆବଶ୍ୟକ ଥିଲା। ତେବେ ରଶ୍ମିତା ଏହାକୁ ଲାପାରୋସ୍କୋପି ମାଧ୍ୟମରେ ସର୍ଜରି କରିବାକୁ ଚାହୁଁଥିଲେ। କାରଣ ସାଧାରଣ ସର୍ଜରିରେ ୮-୧୦ ସେଣ୍ଟିମିଟର କାଟିବାକୁ ପଡିଥାଏ, ଯାହାକି ଯନ୍ତ୍ରଣାଦାୟକ ହେବା ସହିତ ବେକ ବୁଲାଇବା ସମ୍ଭବପର ହୋଇ ନ ଥାଏ। ତେଣୁ ଏହି ସମସ୍ୟା ଦୂର କରିବାକୁ ଲାପାରୋସ୍କୋପି ମାଧ୍ୟମରେ ଥାଇରଏଡ୍ ଟ୍ୟୁମର ଅପରେଶନ କରାଯାଇଥିଲା। ଏଥିରେ ସମ୍ପୃକ୍ତ ରୋଗୀଙ୍କ କାଖ ପାଖରୁ ଅପରେଶନ କରି ବେକରୁ ଥାଇରଏଡ୍ ଗ୍ଲାଣ୍ଡ୍ ସେହିବାଟେ ବାହାର କରାଯାଇଥିଲା। ଏଥିପାଇଁ ୫ ମିଲିମିଟର ଓ ୧୦ ମିଲି ମିଟରର ହୋଲ୍ କରି ଏହି ଅପରେଶନ୍ କରାଯାଇଥିଲା। ସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ସୁଶୀଲ ପଟ୍ଟନାୟକ, ନିଶ୍ଚେତକ ବିଭାଗ ମୁଖ୍ୟ ପ୍ରଫେସର ନିବେଦିତା ପାଣି ଏବଂ ପ୍ରଫେସର ନିହାର ନଳିନୀ ସେନାପତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଅପରରେଶନ୍‌ରେ ଡା. ପାତ୍ରଙ୍କ ସମେତ ଡା. ପ୍ରିୟମ୍ବଦ ସାହୁ, ଡା. ରାମପଦ ମହାପାତ୍ର ସହଯୋଗ କରିଥିଲେ। ନିଶ୍ଚେତକ ବିଭାଗର ଡା. ଡି.ଭି. ରବି କୁମାର, ଡା. ଶ୍ରୀରାମ ଦାସ ସାମିଲ୍ ଥିଲେ।

## ସଂକ୍ଷେପରେ

### ବର୍ଷାରେ ଟଳିଲା ବିଦ୍ୟୁତ୍ ଖୁଣ୍ଟ, ଜଣେ ଗୁରୁତର

କଟକ,୩।୫(କାର୍ତ୍ତିକ ସାହୁ)

ମଧୁପାଟଣା ଥାନା ନିକଟସ୍ଥ ମାଛ ମାର୍କେଟ ସମ୍ମୁଖରେ ଶନିବାର ରାତିରେ ଏକ ଅଘଟଣ ଘଟିଛି। ରାତିପ୍ରାୟ ସାଢ଼େ ୧୦ଟା ସମୟରେ ପ୍ରବଳ ବର୍ଷା ଓ ପବନରେ ଏକ ବିଦ୍ୟୁତ୍ ଖୁଣ୍ଟ ପଡ଼ିଛି। ଏହି ସମୟରେ ସେହିବାଟ ଦେଇ ଆସୁଥିବା ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲ ପଠାଇଥିବା ଜଣାଯାଇଛି ।

### ଡିଭାଇଡର ଉପରକୁ ମାଡ଼ିଗଲା କାର୍

କଟକ,୩।୫(କାର୍ତ୍ତିକ ସାହୁ)

ଦ୍ରୁତଗତିରେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡରରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଶନିବାର ରାତି ପ୍ରାୟ ୧୧ଟା ୧୫ ସମୟରେ ନେତାଜୀ ବସ୍ ଟର୍ମିନାଲ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ କାର ଚାଳକ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ବାଦାମବାଡ଼ି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଚାଳକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। କ୍ରେନ୍ ସାହାଯ୍ୟରେ ଡିଭାଇଡର ଉପରକୁ ଚଢ଼ି ଯାଇଥିବା କାର୍‌ଟିକୁ ରାସ୍ତା ଉପରକୁ ଆଣିବାକୁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଇଛି।

### କଲରାବାଙ୍କ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳ

କଟକ ସଦର,୩।୫(ସୁଶାନ୍ତ କୁମାର ଜେନା)

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳରେ କିଶନ ନଗର ଥାନା ଅନ୍ତର୍ଗତ କଲରାବାଙ୍କ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳ ହୋଇଛି। ଏଥିରେ ଅଭିଲିପ୍ସା ବଳ ଏ-୧, ପ୍ରତ୍ୟାସା ସେନାପତି, ଅଙ୍କିତା ସାମନ୍ତ ଓ ଅଙ୍କିତା ଦାସ ଏ-୨ ପାଇଛନ୍ତି। ଏହା ବ୍ୟତୀତ ୧୩ଜଣ ବି-୧ ଓ ୨୯ଜଣ ଛାତ୍ରୀଛାତ୍ର ବି-୨ ପାଇଛନ୍ତି। ମୋଟ ୯୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ ସମ୍ପାଦିକା ଇତିରାଣୀ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

### ୧୯ରେ ଅନାସ୍ଥା ପାଇଁ ପଞ୍ଚାୟତର ବୈଠକ

କଟକ ସଦର,୩।୫(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ଆସିଥିବା ଅନାସ୍ଥା ଉପରେ ଆସନ୍ତା ୧୯ ତାରିଖରେ ଆଲୋଚନା କରାଯିବ। ସଦର କଟକ ଉପଜିଲାପାଳ ଏ ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଏହି ଦିନ ପଞ୍ଚାୟତରେ ଆଲୋଚନା କରାଯିବା ପରେ ଭୋଟିଂ କରାଯିବ। ବିଭିନ୍ନ କାରଣ ନେଇ ୧୬ଜଣ ୱାର୍ଡ ସଭ୍ୟାସଭ୍ୟ ଏହି ଅନାସ୍ଥା ଆଣିଛନ୍ତି। ୧୯୬୭ରୁ ପଞ୍ଚାୟତ ସୃଷ୍ଟି ହେବା ଦିନଠାରୁ ପ୍ରଥମ ଥର ପାଇଁ ପରମହଂସ ପଞ୍ଚାୟତରେ ଅନାସ୍ଥା ପାଇଁ ସତନ୍ତ୍ର ବୈଠକ ଡକାଯାଇଛି।

### ଲୁହାରଡ୍ ଆକ୍ରମଣରେ ସେଣ୍ଟ୍ରିଂ ମିସ୍ତ୍ରି ମୃତ

ଫୁଲନଖରା,୩।୫(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅଧୀନ ଗୋପାଳପୁର ବଡେଇ ସାହିରେ ଲୁହାରଡ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଢେଙ୍କାନାଳ କାମାକ୍ଷାନଗର ଅଞ୍ଚଳର ଚକ୍ରଧର ମହାରଣା (୬୦)। ଚକ୍ରଧର କିଛି ଦିନ ହେବ ଗୋପଳପୁର ନିକଟସ୍ଥ ଶ୍ୟାମପୁରରେ ଘର ଭଡାରେ ରହି ସେଣ୍ଟ୍ରିଂ ମିସ୍ତ୍ରି ଭାବେ କାମ କରୁଥିଲେ। ମିଳିଥିବା ସୂଚନା ଅନୁଯାଇ ଶନିବାର ଅପରାହ୍ନରେ ଚକ୍ରଧର ନିକଟସ୍ଥ ବଡେଇସାହିସ୍ଥିତ ଏକ ଦୋକାନରେ ବସି ଚା ପିଉଥିଲେ। ଏହି ସମୟରେ ଅଜଣା ବ୍ୟକ୍ତି ଆସି ହଠାତ୍ ତାଙ୍କୁ ଲୁହା ରଡରେ ମୁଣ୍ଡରେ ଆଘାତ ଦେଇଥିଲେ। ପ୍ରଚୁର ରକ୍ତସ୍ରାବ ହେବାରୁ ସେ ଚେତାଶୂନ୍ୟ ହୋଇ ତଳେ ପଡି ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରେ କଟକ ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ମେଡିକାଲକୁ ପଠାଇଥିଲା। ଅଭିଯୁକ୍ତ ନିକଟସ୍ଥ ରେଳ ଲାଇନ ଓଭର ବ୍ରିଜରେ ଯାଉଥିବାରୁ ପୋଲିସ କାବୁକରି ଥାନାରେ ଅଟକ ରଖିଛି। ଅଭିଯୁକ୍ତଙ୍କ ପରିଚୟ ମିଳି ନ ଥିବା ବେଳେ ସେ ମସ୍ତିଷ୍କ ବିକୃତ ବୋଲି ପୋଲିସ ପ୍ରାରମ୍ଭିକ ତଦନ୍ତରୁ ଜାଣି ପାରିଛି। ପୋଲିସ ଏକ ମାମଲା (ନଂ. ୩୪୭/୨୫) ରୁଜୁ କରିଛି।



ଖାନନଗର ରିଂରୋଡ୍‌ଠାରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଖସିପଡ଼ିବା ପରେ ଜିଲାପାଳ ଓ ବିଧାୟକ ଘଟଣାସ୍ଥଳ ପରିଦର୍ଶନରେ ଯାଉଛନ୍ତି।



କଟକ ଖାନନଗର ରିଂରୋଡ୍‌ଠାରେ ଭାଙ୍ଗି ପଡ଼ିଥିବା ନିର୍ମାଣାଧୀନ ସିମେଣ୍ଟ ସ୍ଲାବ।

# ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଆଇନମନ୍ତ୍ରୀ

କଟକ,୩।୫(ଶିଖା ପ୍ରିୟଦର୍ଶିନୀ)

**ନିର୍ମାଣାଧୀନ ବ୍ରିଜ୍‌ରୁ ସ୍ଲାବ୍ ଖସିବା ଘଟଣା**

କଟକ ଖାନନଗର ରିଂରୋଡ୍‌ଠାରେ ନିର୍ମାଣାଧୀନ ଏକ ବ୍ରିଜ୍‌ର ସ୍ଲାବ୍ ଖସି ପଡ଼ିବା ଘଟଣାରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତଙ୍କ ଚିକିତ୍ସା ଚାଲିଛି। ମୃତ ୩ଜଣଙ୍କ ମଧ୍ୟରୁ ଜଣେ ସାଇଡ୍ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିବା ବାଲେଶ୍ୱର ଅଞ୍ଚଳର ସୌମ୍ୟ ରଞ୍ଜନ ମଲ୍ଲିକ (୩୨) ଏବଂ ଅନ୍ୟ ୨ଜଣ ଶିବ ଶଙ୍କର ପଟ୍ଟନାୟକ (୨୯) ଓ ସୁବାସ ଚନ୍ଦ୍ର ଭକ୍ତ (୬୦)। ସେହିପରି ଗୁରୁତର ଆହତ ଆଠଗଡ଼ ଅଞ୍ଚଳର ବିକଳ ଜେନା (୬୦)ଙ୍କ ପ୍ରାଥମିକ ଚିକିତ୍ସା ପରେ ମେଡିକାଲର ଅର୍ଥୋପେଡ଼ିକ ବିଭାଗକୁ ସ୍ଥାନାନ୍ତର କରାଯାଇଛି ଏବଂ ଅନ୍ୟ ଜଣେ ଆହତ ପୁରୀ ଅଞ୍ଚଳର ଅରୁଣ କୁମାର ବାରିକ(୩୦)ଙ୍କୁ କାଜୁଆଲଟିରେ ଭର୍ତ୍ତି କରାଯାଇଛି। ମେଡିକାଲର ଅର୍ଥୋପେଡିକ, ନ୍ୟୁରୋଲୋଜି ଓ ସର୍ଜରି ବିଭାଗର ଡାକ୍ତରଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚିକିତ୍ସା ଚାଲିଥିବା ମେଡିକାଲ କୁଳସଚିବ ସୁବାସ ରାଏ ସୂଚନା ଦେଇଛନ୍ତି। ଘଟଣାର ଖବର ପାଇ ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏସ୍‌ସିବି ମେଡିକାଲରେ ପହଞ୍ଚିଲେ। ମନ୍ତ୍ରୀ ହରିଚନ୍ଦନ ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଚିକିତ୍ସା ସମ୍ପର୍କରେ ମେଡିକାଲର ଡାକ୍ତର ସହ ଆଲୋଚନା କରିଥିଲେ। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ପ୍ରଥମ କରି କୌଣସି ପ୍ରକଳ୍ପ କାର୍ଯ୍ୟରେ ଏଭଳି ଅଘଟଣା ଘଟିଛି। ଏହା ଏକ ଅଭାବନୀୟ ଦୁର୍ଘଟଣା। ଘଟଣାର ତଦନ୍ତ ପାଇଁ ସରକାରଙ୍କ ପକ୍ଷରୁ ୩ ଜଣିଆ କମିଟି ଗଠନ କରାଯାଇଛି। କମିଟିରେ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଚିଫ୍ ଇଞ୍ଜିନିୟର ଓ ଏଡିଏମ୍ ଜେନେରାଲ ଏହି ଘଟଣାର ତଦନ୍ତ କରିବେ। ଆଗାମୀ ୧୫ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ନିକଟରେ କମିଟି ରିପୋର୍ଟ ପ୍ରଦାନ କରିବ ଏବଂ ରିପୋର୍ଟ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମନ୍ତ୍ରୀଙ୍କ ଗସ୍ତ ସମୟରେ ପୂର୍ତ୍ତ ବିଭାଗ ସ୍ୱତନ୍ତ୍ର ସଚିବ ବୀର ବିକ୍ରମ ଯାଦବ, ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଅଧୀକ୍ଷକ ଦାୟିତ୍ୱରେ ଥିବା ପ୍ରଫେସର ଡା. ଲୁସି ଦାସ ଉପସ୍ଥିତ ଥିଲେ। ସେହିପରି ଘଟଣାର ଖବର ପାଇ ଚୌଦ୍ୱାର ବିଧାୟକ ସୌଭିକ୍ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୌସ, କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ମେୟର ସୁବାସ ସିଂ ଏସ୍‌ସିବିରେ ଆହତଙ୍କୁ ଭେଟିଥିଲେ। ଏ ନେଇ ବିଧାୟିକା ସୋଫିଆ କହିଛନ୍ତି, କାର୍ଯ୍ୟ ସମୟରେ ଅବହେଳା କରାଯାଇଛି, ଯେଉଁଥିପାଇଁ ଏଭଳି ଅଘଟଣ ଘଟିଛି। ରାଜ୍ୟ ସରକାର ଏହି ଘଟଣାକୁ ଗୁରୁତ୍ୱ ଭାବେ ନିଅନ୍ତୁ ଏବଂ ତୁରନ୍ତ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ମେୟର ସିଂ କହିଛନ୍ତି, ଏହି କାର୍ଯ୍ୟରେ ଶ୍ରମିକଙ୍କ ସୁରକ୍ଷା ଦିଗରେ ଗୁରୁତ୍ୱ ଦିଆଯାଇ ନାହିଁ। ରାଜ୍ୟ ସରକାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସିଂ କହିଛନ୍ତି।



ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍‌ଦୌସ ଏବଂ ଅନ୍ୟମାନେ ଆହତଙ୍କୁ ଭେଟୁଛନ୍ତି।



ଭାଙ୍ଗିପଡ଼ିଥିବା କ୍ରେନ୍।

## ଶନିଦେବଙ୍କ ଜଳ ଅଭିଷେକରେ ଲକ୍ଷାଧିକ ଭକ୍ତ



ଭକ୍ତମାନେ ଶନିଦେବଙ୍କ ପୀଠରେ ଜଳାଭିଷେକ କରୁଛନ୍ତି।

ମଙ୍ଗୁଳି-ଜଗତପୁର,୩।୫(ମାନସ ସାମଲ)

ଟାଙ୍ଗୀ ଚୌଦ୍ୱାର ବ୍ଲକ ମାଗୁରା ଧାନମଣ୍ଡଳ ପଞ୍ଚାୟତ ଜଲୁକାସ୍ଥିତ ଓଡ଼ିଶା ପ୍ରସିଦ୍ଧ ଶନିଦେବଙ୍କ ପୀଠରେ ଶନିବାର ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଜଳ ଅଭିଷେକ କରିଥିଲେ। ପୂର୍ବକାଳରୁ ଏହି ଶନିଦେବଙ୍କ ବହୁ ମହିମା ଥିବାବେଳେ ଭକ୍ତମାନେ ମାନସିକ ରଖି ଏହି ପବିତ୍ର ପୀଠରେ ଗୋଟିଏ ଦିନ ଆଗରୁ ଓଡ଼ିଶାର ବିଭିନ୍ନ ଜିଲାରୁ ଭକ୍ତମାନେ ଏଠାକୁ ଜଳ ଅଭିଷେକ କରିବାକୁ ଆସି ଜଳ ଅଭିଷେକ କରିଥାନ୍ତି। ଭିଡକୁ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଏସ୍‌ପିଙ୍କ ନେତୃତ୍ୱରେ ୪ଜଣ ଡିଏସ୍‌ପି, ଟାଙ୍ଗୀ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସମେତ ୫ପ୍ଲାଟୁନ ପୋଲିସ ଫୋର୍ସ ଓ ୩ ପ୍ଲାଟୁନ ହୋମଗାର୍ଡ ସହିତ ୨୦ଜଣ ଅଫିସର ମୁତୟନ କରାଯାଇଥିଲା। ତାହା ସହ ଚଳିତବର୍ଷ ଉଠା ଦୋକାନଙ୍କ ପସରା ସହ ସରବତ, ଲସି, ଦୋକାନରେ ଗରମ ପାଇଁ ପ୍ରବଳ ଭିଡ ଯମୁଥିବା ଦେଖିବାକୁ ମିଳିଛି। ଜଳ ଅଭିଷେକ ଓ ଦର୍ଶନ ପାଇଁ ଯାତ୍ରା କମିଟି ପକ୍ଷରୁ ମହିଳା ଓ ପୁରୁଷମାନଙ୍କ ପାଇଁ ଅଲଗା ଅଲଗା ଧାଡିର ବ୍ୟବସ୍ଥା କରାଯାଇ ଜଳ ଅଭିଷେକ ଶାନ୍ତିଶୃଙ୍ଖଳାରେ କରାଯାଇଥିଲା।

## ୩୫ ଡ୍ରପ୍‌ଆଉଟ ବିଦ୍ୟାଳୟରେ ସାମିଲ

ଚୌଦ୍ୱାର,୩।୫(ଆଶୁତୋଷ ଦାସ)

କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ପରିବର୍ତ୍ତନର ୩୫ଜଣ ବିଦ୍ୟାଳୟ ଡ୍ରପଆଉଟ ଛାତ୍ରଙ୍କୁ ପୁଣିଥରେ ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାର ପରିଚାଳନା ଦାୟିତ୍ୱରେ ରହିଛି ସାମାଜିକ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେଶନ। କେନ୍ଦ୍ରରେ ରହୁଥିବା ୪୦ରୁ ଉର୍ଦ୍ଧ୍ୱ ଅନ୍ତେବାସୀ ନିଶାମୁକ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ଅଧାରୁ ପାଠପଢ଼ା ଛାଡ଼ିଥିବା ୩୫ଜଣଙ୍କୁ କେନ୍ଦ୍ର ପକ୍ଷରୁ ସ୍ଥାନୀୟ ଜନ୍ମେଜୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଳିଙ୍ଗ ପବ୍ଲିକ ସ୍କୁଲରେ ନାମ ଲେଖାଯାଇ ପୁନର୍ବାର ଶିକ୍ଷା ଗ୍ରହଣର ବ୍ୟବସ୍ଥା କରାଯାଇଛି। ପବ୍ଲିକ ସ୍କୁଲ ପଧାନ ଶିକ୍ଷକ ସୁଶୀଲ କୁମାର ସ୍ୱାଇଁ, ସାହିସ୍ତା ସୁଲତାନ, ଶ୍ରୀକାନ୍ତ ସୁବୁଦ୍ଧିରାୟ, ରହିମ ଖାନ, ରଶ୍ମୀ ରଞ୍ଜନ ଦାସ ପ୍ରମୁଖ ଅସହାୟ ଓ ଦୁର୍ବଳ ଅର୍ଥିକ ପରିସ୍ଥିତିରେ ଥିବା ଛାତ୍ରମାନଙ୍କୁ ସମସ୍ତ ସହାୟତା ଓ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ଛାତ୍ର ମଙ୍ଗଳାର୍ଥେ ଟେଟ୍ରାହେଡ୍ରନର ଯଜ୍ଞ



ଟେଟ୍ରୋ ହେଡ୍ରନ ପକ୍ଷରୁ ପୂଜାର୍ଚ୍ଚନା କରାଯାଉଛି।

କଟକ,୩।୫(କାର୍ତ୍ତିକ ସାହୁ)

ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ମଙ୍ଗଳାର୍ଥେ ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ ପକ୍ଷରୁ ତିନିଦିନ ବ୍ୟାପୀ ଯଜ୍ଞାନୁଷ୍ଠାନ କରାଯାଉଛି। ପ୍ରଥମ ଦିନ ଶୁକ୍ରବାର ବିରୂପା ନଦୀରୁ ଘଟ ଉତ୍ତୋଳନ ପରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା। ପଞ୍ଚ ଦେବତା ଓ ନୀଳ ସରସ୍ୱତୀଙ୍କୁ ଆବାହନ କରାଯାଇ ଆରାଧନା କରାଯାଇଥିଲା। ଛାତ୍ରୀଛାତ୍ରମାନେ ବିଶ୍ୱସ୍ତରୀୟ ସୁନାମ ଅର୍ଜନ ତଥା ସର୍ବାଙ୍ଗୀନ ଉନ୍ନତି ଓ ଯଶସ୍ୱୀ ହେବା ପାଇଁ ଯଜ୍ଞାନୁଷ୍ଠାନ ଆରମ୍ଭ ହୋଇଛି। କର୍ତ୍ତା ଭାବେ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ୍ ତ୍ରିଦେବ ବେହେରା ଓ ତାଙ୍କ ସ୍ତ୍ରୀ ସସ୍ମିତା ପଟ୍ଟନାୟକ ପୂଜା କାର୍ଯ୍ୟ ତୁଲାଉଛନ୍ତି। ପ୍ରତିଦିନ ସମିଧ, ଚରୁ ଓ ଗବ୍ୟଘୃତରେ ଆହୁତି ପ୍ରଦାନ କରାଯାଉଛି। ଯାଜ୍ଞିକ ଭାବେ ପଣ୍ଡିତ ବିଜୟ କୁମାର ଶତପଥୀ, ବେଦାଚାର୍ଯ୍ୟ ବିକ୍ରମ କୁମାର ଶତପଥୀ ଯଜ୍ଞାନୁଷ୍ଠାନ କରୁଛନ୍ତି। ଶିକ୍ଷାନୁଷ୍ଠାନ ସମୂହର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବହୁ ସଂଖ୍ୟାରେ ଯୋଗଦାନ କରୁଛନ୍ତି। ରବିବାର ଯଜ୍ଞର ପୂର୍ଣ୍ଣାହୁତି ହେବ ବୋଲି ସୂଚନା ଦିଆଯାଇଛି।

## ଶିଳ୍ପପତିଙ୍କ ଜନ୍ମଦିନରେ ୨୦୦୦ ୟୁନିଟ୍ ରକ୍ତ ସଂଗ୍ରହ

କଟକ, ୩।୫(କାର୍ତ୍ତିକ ସାହୁ)

ଓଏସ୍‌ଏଲ ଗ୍ରୁପ୍‌ର ପ୍ରତିଷ୍ଠାତା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ୭୨ତମ ଜନ୍ମଦିନ ଅବସରରେ ଆୟୋଜିତ ଏକାଧିକ ରକ୍ତଦାନ ଶିବିରରୁ ୨୦୦୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଓଏସ୍‌ଏଲ ଗ୍ରୁପ୍‌ର ସମସ୍ତ କର୍ମଚାରୀ ନିଜ ନିଜ ଶାଖା, ଅଫିସ ଏବଂ କମ୍ପାନୀ ପରିସରରେ ପୃଥକ ଭାବେ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ସମସ୍ତ ଶିବିରରୁ ରେକର୍ଡ ସଂଖ୍ୟକ ୨୦୦୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ରକ୍ତଦାନ ଶିବିରଗୁଡ଼ିକ ରେଡ୍‌କ୍ରସ, ସେଣ୍ଟଜନ୍ସ ଆମ୍ବୁଲାନ୍ସ, ସରକାରୀ ଓ ବେସରକାରୀ ହସ୍ପିଟାଲ୍‌ର ଅଭିଜ୍ଞ ଟିମ୍ ଦ୍ୱାରା ପରିଚାଳିତ ହୋଇଥିଲା। କର୍ମଚାରୀମାନେ ଏତେ ସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବାରୁ ଓଏସଏଲ ଗ୍ରୁପ୍ ପରିଚାଳନା କର୍ତ୍ତୃପକ୍ଷ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅପରପକ୍ଷରେ ଓଏସ୍‌ଏଲ ଗ୍ରୁପ କମ୍ପାନୀଗୁଡ଼ିକର କର୍ମଚାରୀ, ଶୁଭେଚ୍ଛୁବୃନ୍ଦ, ଗଣ୍ୟମାନ୍ୟ ବ୍ୟକ୍ତିମାନେ ଶିଳ୍ପପତି ମିଶ୍ରଙ୍କ କଟକ ଓଡ଼ିଆ ବଜାରସ୍ଥିତ ବାସଭବନକୁ ଯାଇ ତାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜ୍ଞାପନ କରିଥିଲେ।




ଓଏସ୍‌ଏଲ ଗ୍ରୁପ୍‌ର ପ୍ରତିଷ୍ଠାତା ମହିମାନନ୍ଦ ମିଶ୍ରଙ୍କ ଜନ୍ମଦିନରେ ଆୟୋଜିତ ରକ୍ତଦାନ କାର୍ଯ୍ୟକ୍ରମ।

# ଏକାଧିକ ଶ୍ରମିକଙ୍କୁ ମିଳିଲା ସହାୟତା

କଟକ,୩।୫(କାର୍ତ୍ତିକ ସାହୁ)

**ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଆଇନ ସଚେତନତା**

କଟକ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ଅବସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ହାଇକୋର୍ଟ ବରିଷ୍ଠ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ସଙ୍ଗମ କୁମାର ସାହୁ ଯୋଗଦେଇ ସମାଜ ପ୍ରତି ଶ୍ରମିକମାନଙ୍କ ଅବଦାନ ଏବଂ ବଳିଦାନ ଉପରେ ଆଲୋକପାତ କରିଥିଲେ। ଶ୍ରମିକଙ୍କ ଅଧିକାର ପାଇଁ ଏକତା, ସାମାଜିକ ନ୍ୟାୟ ପ୍ରଦାନ, ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା, ସେମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା, ସେମାନେ ଯେପରି ଭଲ ପରିବେଶରେ କାମ କରିବେ, ଭଲରେ ରହିବେ, ସେମାନଙ୍କ ପିଲାମାନେ ଭଲରେ ପାଠ ପଢ଼ିବେ, ସ୍ୱାସ୍ଥ୍ୟାବସ୍ଥା ଭଲ ରହିବ, ଏସବୁ ପ୍ରତି ଦୃଷ୍ଟି ଦେବା ସହିତ ସେମାନଙ୍କୁ ଉପଯୁକ୍ତ ନ୍ୟାୟିକ ସହାୟତା ଯୋଗାଇ ଦେବା ଏବଂ ଅଣସଂଗଠିତ ଶ୍ରମିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗକୁ ସେମାନଙ୍କ ନିକଟରେ ସୁନିଶ୍ଚିତ କରାଇବା ଉପରେ ବିଚାରପତି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୧୫ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି, ୫ଜଣଙ୍କୁ ମାତୃତ୍ୱ ସହାୟତା ରାଶି, ୧୦ଜଣଙ୍କୁ ଶିକ୍ଷା ସହାୟତା ରାଶି, ୨୦ଜଣଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ରାଶି, ୧୫ଜଣଙ୍କୁ ଶବଦାହ ସଂସ୍କାର ସହାୟତା ରାଶି ଏବଂ ୫୫ଜଣ ଶ୍ରମିକଙ୍କୁ ଶ୍ରମିକ ପଞ୍ଜୀକରଣ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ କଟକ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶୀତିକଣ୍ଠ ସାମଲ ଧନ୍ୟବାଦ ଦେଇଥିଲେ। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପସଚିବ, ସହସଚିବ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଓ ଜିଲା ବିଚାର ବିଭାଗୀୟ ଅଧିକାରୀବୃନ୍ଦ, ଅନ୍ୟାନ୍ୟ ଅଧିକାରୀ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲା ଆଇନ ସେବା ପ୍ରାଧିକରଣର କର୍ମଚାରୀମାନେ ଉପସ୍ଥିତ ଥିଲେ।




ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

**ସତ୍ୟବାଦୀ ବ୍ଲକରେ ୭ ଛାତ୍ରଛାତ୍ରୀ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ**

ସାକ୍ଷୀଗୋପାଳ,(ଭରତ ରାଉତ)- ରାଜ୍ୟରେ ପ୍ରକାଶ ପାଇଥିବା ମାଟ୍ରିକ୍ ପରୀକ୍ଷା ଫଳରେ ସତ୍ୟବାଦୀ ବ୍ଲକରୁ ୭ ଜଣ ଛାତ୍ରୀଛାତ୍ର ଏ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରୁ ଆଦ୍ୟାଶା ଆଚାର୍ଯ୍ୟ ୫୫୨ ନମ୍ବର ରଖି ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସୁକଳ ତୃତୀୟାଦେବ ବିଦ୍ୟା ନିକେତନରୁ ସୁଦର୍ଶନ ପ୍ରଧାନ ୫୪୫ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ପଞ୍ଚସଖୀ ବିଦ୍ୟାପୀଠରୁ ଅନନ୍ତ ଆଚାର୍ଯ୍ୟ ୫୪୯ ନମ୍ବର, ମଠସାହି ଉଚ୍ଚ ବିଦ୍ୟାଳୟ ରାଜେଶ ମହାପାତ୍ର ଓ କୁନାଲ କାପୁର ଜେନା ଉଭୟରେ ୫୪୧ ନମ୍ବର, ସାକ୍ଷୀଗୋପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ସ୍ୱୟଂସ୍ମିତା ଜେନା, ସୁକନ୍ୟା ଶୁଭଦର୍ଶିନୀ ସ୍ୱାଇଁ ଉଭୟେ ୫୪୧ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି।

# ଚତୁର୍ଦ୍ଧାମୂର୍ତ୍ତିଙ୍କ ପଥର ବିଗ୍ରହ ସମ୍ପୂର୍ଣ୍ଣ ଶାସ୍ତ୍ର ବିରୋଧୀ

- ଦୀଘା ମନ୍ଦିର ବିବାଦକୁ ନେଇ ବୈଠକ
- ଆଜି ପକ୍ଷ ରଖିବାକୁ ଦଇତାପତି ନିଯୋଗ ସମ୍ପାଦକଙ୍କୁ ନୋଟିସ

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ଏବଂ 'ଦାରୁ କାଠ' ମୂର୍ତ୍ତିରେ ବ୍ୟବହାର କରାଯିବା ପ୍ରସଙ୍ଗକୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେବା ପରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣାର ତଦନ୍ତ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ଶନିବାର ସନ୍ଧ୍ୟାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୩ରଥର ବିଶ୍ୱକର୍ମା ମହାରଣା, ଛତିଶା ନିଯୋଗ ମହାନାୟକ ଏବଂ ଚାରିବାଡ଼ର ବାଡ଼ଗ୍ରାହୀମାନେ ଉପସ୍ଥିତ ଥିଲେ। ମହାପ୍ରଭୁଙ୍କ ଦାରୁରେ ମୂର୍ତ୍ତି ନିର୍ମାଣ ହୋଇଛି କି ନାହିଁ ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ଘଟଣା ସମ୍ପର୍କରେ ମତ ରଖିବା ପାଇଁ ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ରବିବାର ଦାସମହାପାତ୍ର ମୁଖ୍ୟ ପ୍ରଶାସକଙ୍କ ନିକଟରେ ଉପସ୍ଥିତ ହୋଇ ତାଙ୍କ ପକ୍ଷ ରଖିବେ ବୋଲି ଜଣାପଡ଼ିଛି। ପଥର ମୂର୍ତ୍ତିରେ ସ୍ଥାପନା ହୋଇଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ସମ୍ପୂର୍ଣ୍ଣ ଶାସ୍ତ୍ର ବିରୋଧୀ ବୋଲି ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି।

ଯୋଗ ମହାନାୟକ ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର କହିଛନ୍ତି, ଜଗନ୍ନାଥ ଧାମ ହେଉଛି ପୁରୀ। ପଶ୍ଚିମବଙ୍ଗ ସରକାର ଦୀଘାକୁ ଜଗନ୍ନାଥ ଧାମ ଭାବେ ନାମିତ କରିଛନ୍ତି, ତାହା ନିନ୍ଦନୀୟ। ଭାରତ ବର୍ଷରେ ୪ଟି ଧାମ ରହିଛି, ଯାହାକୁ ଆଦି ଶଙ୍କରାଚାର୍ଯ୍ୟ ପ୍ରତିଷ୍ଠା କରିଥିଲେ। ଅନ୍ୟ ସ୍ଥାନକୁ ଯେଉଁ ଧାମ କହୁଛନ୍ତି, ତାହା କେବେ ଧାମ ହୋଇପାରିବ ନାହିଁ। ଦୀଘାରେ ମନ୍ଦିର ତିଆରି କରିବାରେ ଯେଉଁମାନେ ସମ୍ପୃକ୍ତ ଅଛନ୍ତି, ସେମାନେ ମହାପ୍ରଭୁଙ୍କୁ ଖେଳନା ବୋଲି ମନେକରୁଛନ୍ତି। ସେହିପରି ଦାରୁରେ ମୂର୍ତ୍ତି ନିର୍ମାଣ ସମ୍ପର୍କରେ ପଟ୍ଟଯୋଶୀ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ରହିଛି କି, ନବକଳେବର ସମୟରେ ସଂଗୃହୀତ ହୋଇଥିବା ଦାରୁରେ ମୂର୍ତ୍ତି ନିର୍ମାଣ କରାଯାଏ। ଯାହା ବଳକା ରୁହେ ତାହାକୁ କୋଇଲି ବୈକୁଣ୍ଠଠାରେ ପୋତାଯାଏ, ଆଉ କିଛି ଅଂଶକୁ ଦାରୁ ଘରେ ରଖାଯାଇଥାଏ। ଆବଶ୍ୟକ ସ୍ଥଳେ ଶ୍ରୀଅଙ୍ଗଫିଟା ନୀତିରେ ବ୍ୟବହାର ହୋଇଥାଏ। ଉକ୍ତ ଦାରୁକୁ କୌଣସି ସେବାୟତ ନେବାର ଅଧିକାର ନାହିଁ କି କେହି ନେଇପାରିବେ ନାହିଁ। ଦାରୁଘରର ଚାବି ଦଇତାଙ୍କ ପାଖରେ ରହିଛି। ତେବେ ସମସ୍ତ ଘଟଣାର ତଦନ୍ତ ନିମନ୍ତେ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରାଯାଇଛି। ବ୍ରହ୍ମ ଗୋଟିଏ ତା' ଛଡ଼ା ଆଉ ବ୍ରହ୍ମ ନାହିଁ। ଏପରି ଅପପ୍ରଚାର କରିବା ଠିକ୍ ନୁହେଁ। ଏପରି ଅପପ୍ରଚାର ପାଇଁ ସେବାୟତଙ୍କ ଚରିତ୍ର ନଷ୍ଟ ହେଉଛି।

ନନ୍ଦିଘୋଷ ରଥର ମୁଖ୍ୟ ବିଶ୍ୱକର୍ମା ମହାରଣା ସେବକ ବିଜୟ ମହାପାତ୍ର ସୂଚନା ଦେଇ କହିଛନ୍ତି, ଦଇତାପତି ସେବକ ରାମକୃଷ୍ଣ ଦାସମହାପାତ୍ର ମହାପ୍ରଭୁଙ୍କ ବଳକା ଦାରୁ କାଠରୁ ମୂର୍ତ୍ତି ନିର୍ମାଣ କରି ଦୀଘା ମନ୍ଦିରରେ ସ୍ଥାପନ କରିଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଏହାକୁ ଖଣ୍ଡନ କରିଛନ୍ତି। ଦାରୁ କାଠରେ ମୂର୍ତ୍ତି ନିର୍ମାଣ ପରେ ଯେଉଁ ବଳକା କାଠ ରହିଛି, ସେଥିରେ ୩ ଫୁଟ୍ ଉଚ୍ଚର ମୂର୍ତ୍ତି ନିର୍ମାଣ ହୋଇପାରିବ ନାହିଁ, ତାହା ମିଥ୍ୟା। ୪, ୬, ୮ ଇଞ୍ଚ୍ କାଠରେ ମୂର୍ତ୍ତି ନିର୍ମାଣ ହୋଇପାରିବ ନାହିଁ। ପରେ ଦଇତାପତି ସେବକମାନେ କାଠଗୁଡ଼ିକୁ ନେଇ ତାଙ୍କ ନିଯୋଗରେ ରଖିଥାନ୍ତି। ମହାରଣାଙ୍କର ଭୂମିକା ଏଥିରେ କିଛି ନାହିଁ। ତେବେ ମୋଟାମୋଟି ଭାବେ କହିବାକୁ ଗଲେ ବଳକା କାଠରେ ମୂର୍ତ୍ତି ନିର୍ମାଣ ହୋଇପାରିବ ନାହିଁ ବୋଲି ମହାପାତ୍ର ସୂଚନା ଦେଇଥିଲେ।

ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସ ମହାପାତ୍ର କହିଛନ୍ତି, ଭାରତରେ ଚାରିଧାମ ଛଡ଼ା ଅନ୍ୟ କୌଣସି ଧାମ ନାହିଁ। ସେଥିମଧ୍ୟରୁ ଶ୍ରୀକ୍ଷେତ୍ର ଧାମ ବା ଜଗନ୍ନାଥ ଧାମ ଏକ ଧାମ। ଦୀଘାକୁ ଜଗନ୍ନାଥ ଧାମ ଘୋଷଣା ଠିକ୍ ନୁହେଁ। ସରକାର ତୁରନ୍ତ ଏହା ଉପରେ ରୋକ୍ ଲଗାଇବା ପାଇଁ ପଦକ୍ଷେପ ନିଅନ୍ତୁ। କୋଇଲି ବୈକୁଣ୍ଠରେ ଥିବା ଦାରୁଗୃହରୁ ଦାରୁ ନେବା ସମ୍ଭବ ନୁହେଁ। ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର ଯଦି ଏଠାରୁ ଦାରୁ ନେଇଥିବା କଥା କହୁଛନ୍ତି ତେବେ ତାଙ୍କୁ ପଚରାଉଚରା କରାଯାଉ। ଦୀଘାରେ ପଥର ମୂର୍ତ୍ତିରେ ସ୍ଥାପନା ହୋଇଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ବିଗ୍ରହ ସମ୍ପୂର୍ଣ୍ଣ ଶାସ୍ତ୍ର ବିରୋଧୀ। ଦୀଘା ଜଗନ୍ନାଥ ମନ୍ଦିରରେ ପଥର ମୂର୍ତ୍ତି ସ୍ଥାପନ କରାଯାଇଥିବାରୁ ଏହା ସମ୍ପୂର୍ଣ୍ଣ ଜଗନ୍ନାଥ ସଂସ୍କୃତିର ଉଲ୍ଲଂଘନ। ସେଠାକୁ କେହି ଯିବା ଉଚିତ ନୁହେଁ ବୋଲି ମତ ରଖିଛନ୍ତି ଦାସମହାପାତ୍ର।



ବୈଠକରେ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ଓ ଅଧିକାରୀଙ୍କ ସମେତ ବିଶ୍ୱକର୍ମା ମହାରଣା, ଛତିଶା ନିଯୋଗ ମହାନାୟକ ଏବଂ ବାଡ଼ଗ୍ରାହୀମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୫।୨୦୨୫

| | |
|---|---|
| ୫,୬୦,୧୩୭ ଟଙ୍କା | |
| ସୁନା | ୪.୯୫୦ ଗ୍ରାମ୍ |
| ରୁପା | ୧୬ ଗ୍ରାମ୍ |

## ସଂକ୍ଷେପରେ

### ଗଜପତିଙ୍କୁ ଚିଠି ଲେଖିଲେ ସୁଦର୍ଶନ ପଟ୍ଟନାୟକ

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ଦୀଘାରେ 'ଜଗନ୍ନାଥ ଧାମ' ନାମକରଣ ବିବାଦ ଘଟଣା ଉପରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧକରି ଅନ୍ତର୍ଜାତିକ ବାଲୁକା ଶିଳ୍ପୀ ତଥା ପରିଚାଳନା କମିଟିର ପୂର୍ବତନ ସଦସ୍ୟ ସୁଦର୍ଶନ ପଟ୍ଟନାୟକ ଗଜପତି ମହାରାଜଙ୍କୁ ଚିଠି ଲେଖିଛନ୍ତି। ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି, ମହାପ୍ରଭୁଙ୍କୁ ଉତ୍ସର୍ଗୀକୃତ ଏକ ନୂତନ ମନ୍ଦିର ନିର୍ମାଣ ପ୍ରକୃତରେ ପ୍ରଶଂସନୀୟ। ମାତ୍ର 'ଜଗନ୍ନାଥ ଧାମ' ଭାବରେ ଦର୍ଶାଇବା ସମଗ୍ର ବିଶ୍ୱରେ ବହୁ କୋଟି ଜଗନ୍ନାଥପ୍ରେମୀ ଭକ୍ତଙ୍କ ଧାର୍ମିକ ଭାବନାକୁ ଗଭୀର ଆଘାତ ଦେଇଛି। ପବିତ୍ର ଶାସ୍ତ୍ର ଅନୁଯାୟୀ, କେବଳ ଗୋଟିଏ ସ୍ୱୀକୃତିପ୍ରାପ୍ତ ଜଗନ୍ନାଥ ଧାମ ଅଛି, ଯାହା ଓଡ଼ିଶାର ପୁରୀ। ଅନ୍ୟ କୌଣସି ସ୍ଥାନ ପାଇଁ ଏହି ସମ୍ମାନଜନକ ଆଖ୍ୟା ବ୍ୟବହାର କରିବା ଦ୍ୱାରା ଧାର୍ମିକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। କଦାପି ଗ୍ରହଣୀୟ ନୁହେଁ, ଷଡ଼ଯନ୍ତ୍ର ହୋଇଛି। ଏନେଇ ପ୍ରତ୍ୟେକ ଲୋକ ସ୍ୱର ଉଠାଇଲେଣି। ଦୀଘା ଜଗନ୍ନାଥ ଧାମ ଏକ ବଡ଼ ଷଡଯନ୍ତ୍ର। ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଏଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଚିଠି ମାଧ୍ୟମରେ ଗଜପତି ମହାରାଜଙ୍କୁ ଅନୁରୋଧ କରିଛନ୍ତି। ଗଜପତି ମହାରାଜ ହସ୍ତକ୍ଷେପକରି ଶ୍ରୀମନ୍ଦିର ପକ୍ଷରୁ ସ୍ୱତନ୍ତ୍ର ଭାବେ ଯାହା ଆଦେଶ ଦେଇହେବ ତାହା ଦିଆଯାଉ। ତୁରନ୍ତ ପଶ୍ଚିମବଙ୍ଗ ସରକାର ନାମକୁ ହଟାଇବା ସହ କ୍ଷମା ପ୍ରାର୍ଥନା କରନ୍ତୁ। ଜଗନ୍ନାଥ ମନ୍ଦିରକୁ ସ୍ୱାଗତ, କିନ୍ତୁ ଜଗନ୍ନାଥ ଧାମ ଗ୍ରହଣୀୟ ନୁହେଁ ବୋଲି ପଟ୍ଟନାୟକ କହିଛନ୍ତି।

### ଦଇତାପତି ନିଯୋଗ ସମ୍ପାଦକଙ୍କ ନାଁରେ ଏତଲା

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ନାମରେ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଏତଲା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଶ୍ରୀମନ୍ଦିର ପ୍ରଶାସନର ବିନା ଅନୁମତିରେ ନବକଳେବର ବଳକା ଦାରୁ ଦାସମହାପାତ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବିକିଥିବା ନେଇ ପୁରୀ ସତ୍ୟନଗରର ସୂଚନା ଅଧିକାର କର୍ମୀ ଦାଶ ଅଭିଯୋଗ କରିଛନ୍ତି। ବିଏନ୍ଏସ୍‌ର ବିଭିନ୍ନ ଦଫାରେ ମାମଲା ରୁଜୁ ପାଇଁ ସେ ଦାବି କରିଛନ୍ତି।

### ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ସ୍ଥାନୀୟ ଓଡ଼ିଶା ସଙ୍ଗୀତ ପରିଷଦଠାରେ ଷ୍ଟେଟ ୟୁନିୟନ ଅଫ୍ ଜର୍ନାଲିଷ୍ଟସ ଓଡ଼ିଶା ପୁରୀ ଶାଖା ପକ୍ଷରୁ ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ ଶନିବାର ପାଳିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଛନ୍ତି, ପ୍ରତ୍ୟେକ ନିଜ ସୀମା ମଧ୍ୟରେ ରହିବା, ସମାଜ ପାଇଁ କିଛି ଭଲ କାମ କରିବା ଓ ଅସହାୟ ଲୋକଙ୍କ ପାଇଁ କିଛି କରିବା। ଏସ୍‌ୟୁଜେଏର ଜିଲା ସଭାପତି କେଦାର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ତୁଷାର ରଞ୍ଜନ ନାୟକ, ଜୁପିଟର ଦାସଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସୁବୋଧ କୁମାର ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।

# ଏଏପିର ରାଜ୍ୟ କାର୍ଯ୍ୟକାରିଣୀ ଟିମ୍ ଘୋଷଣା

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ଏଏପି ଓଡ଼ିଶାର ୨ ଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ପୁରୀରେ ଅନୁଷ୍ଠିତ ହୋଇଯାଇଛି। ସାଙ୍ଗଠନିକ ଦକ୍ଷତାର ଅଭିବୃଦ୍ଧି ଉଦ୍ଦେଶ୍ୟରେ ଆୟୋଜିତ ଶିବିରରେ ରାଜ୍ୟର ପ୍ରମୁଖ ନେତୃବୃନ୍ଦ ଯୋଗଦେଇଥିଲେ। ପହଲଗାମ୍‌ରେ ଆତତାୟୀଙ୍କ ନରସଂହାରରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

ଏହି ଦିବସରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସାଙ୍ଗଠନିକ ଦକ୍ଷତାର ବିକାଶ ପାଇଁ ତାଲିମ ପ୍ରଦାନ କରିଥିଲେ। ଏଥିସହ ସାମାଜିକ ଗଣମାଧ୍ୟମରେ ଦଳୀୟ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ପ୍ରଚାରପ୍ରସାର ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ରାଜ୍ୟ ପ୍ରଭାରୀ ତଥା ଦିଲ୍ଲୀ କ୍ୟାଣ୍ଟ ବିଧାୟକ ବୀରେନ୍ଦ୍ର ସିଂ କାଡିଆନ୍ ଯୋଗଦେଇ ଜନତାଙ୍କ ସବୁ ସମସ୍ୟା ସହ ଯୋଡ଼ିହୋଇ ସେମାନଙ୍କ ବିଶ୍ୱାସ ତୃଣମୂଳସ୍ତରରେ ମଜଭୁତ କରିବାକୁ ଆହ୍ୱାନ କରିଥିଲେ। ପ୍ରଭାରୀ କାଡିଆନଙ୍କ ଉପସ୍ଥିତିରେ ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ରାଜ୍ୟ, କାର୍ଯ୍ୟକାରିଣୀର ୫୦ ଜଣିଆ ନବନିଯୁକ୍ତ ସଦସ୍ୟମାନଙ୍କର ନାମ ଘୋଷଣା କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀରେ ରୁଚିର ରୁଦ୍ର ରଥଙ୍କୁ ନୂତନ ସଦସ୍ୟ ଭାବେ ଚୟନ କରାଯାଇ ଯୁବ ସଂଗଠନର ଅଭିବୃଦ୍ଧି ନିମନ୍ତେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ବିଜୟଲକ୍ଷ୍ମୀ ମହାପାତ୍ରଙ୍କୁ ରାଜ୍ୟ କାର୍ଯ୍ୟକାରିଣୀରେ ନୂତନ ସଦସ୍ୟ ଭାବେ ଚୟନ କରାଯାଇ ମହିଳା ସଂଗଠନକୁ ସଶକ୍ତ କରିବା ନିମନ୍ତେ ଦାୟିତ୍ୱ ଦିଆଯାଇଛି। ଏଥିସହ କେନ୍ଦ୍ରାପଡ଼ା, ଯାଜପୁର, କନ୍ଧମାଳ, ବଲାଙ୍ଗୀର, ରାୟଗଡ଼ା ଓ ପୁରୀ ଜିଲାର ନବନିର୍ମିତ ଜିଲା କମିଟିରେ ଥିବା ସଦସ୍ୟମାନଙ୍କ ନାମ ଘୋଷଣା କରାଯାଇଛି। ସମଗ୍ର ପୁରୀ ଜିଲାରେ ଦଶମ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ଶ୍ରୀମାନ ସ୍ୱୟଂ ପ୍ରକାଶ ସାହୁଙ୍କୁ ଦଳ ପକ୍ଷରୁ ପ୍ରଶଂସାପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।




ବୈଠକରେ ଉପସ୍ଥିତ ରାଜ୍ୟ ସ୍ତରୀୟ କର୍ମକର୍ତ୍ତାମାନେ।

## ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳନ ପ୍ରସ୍ତୁତି ବୈଠକ

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ପ୍ରତିବର୍ଷ ମେ' ୮ ତାରିଖକୁ ବିଶ୍ୱ ରେଡ୍‌କ୍ରସ୍ ଦିବସ ଭାବେ ପାଳନ କରାଯାଇଥାଏ। ରେଡ୍‌କ୍ରସ୍ ଏକ ସେବା ଅନୁଷ୍ଠାନ। ପୁରୀ ଜିଲାରେ ଏହାକୁ ସୁଚାରୁରୂପେ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଏଡିଏମ୍‌ଓଏଚ୍ଓ ଡ. ବିନୋଦ ରଥ, ରେଡ୍‌କ୍ରସ୍ ସଦସ୍ୟ ଗୀତାଞ୍ଜଳି ପଣ୍ଡା, ଜୟନ୍ତୀ ମହାପାତ୍ର, ଡ. ସୁବ୍ରତ କୁମାର ଜୟସିଂ, ଶ୍ୟାମ ପ୍ରକାଶ ସେନାପତି, ରାଧାକାନ୍ତ ଦାଶ ଓ ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ସର୍ବସମ୍ମତି ନିଷ୍ପତ୍ତି ଅନୁଯାୟୀ ମେ' ୮ ତାରିଖ ସକାଳ ୭ଟାରେ ଏକ ସଚେତନତା ଶୋଭାଯାତ୍ରା ମେଡିକାଲ ଛକଠାରୁ ବାହାରି ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟଠାରେ ପହଞ୍ଚିବ। ପରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଠାରେ ରେଡ୍‌କ୍ରସ୍ ପତାକା ଉତ୍ତୋଳନ ସହ ରୋଗୀଙ୍କୁ ଫଳ ବଣ୍ଟନ, ସଭା ଆୟୋଜନ ଓ ରକ୍ତଦାନ ଶିବିର କରାଯିବ ବୋଲି ସ୍ଥିର ହୋଇଛି।



**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଆଲୋକ



@ ଆଲୋକ



@ ଦୀପ୍ତିମୟୀ



@ ପବିତ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୁଖ୍ୟ ପ୍ରଶାସକଙ୍କୁ ହଟାଇବା ପାଇଁ ଦାବିପତ୍ର

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ହଟାଇ ତାଙ୍କ ସ୍ଥାନରେ ସ୍ଥାୟୀ ମୁଖ୍ୟ ପ୍ରଶାସକ ନିଯୁକ୍ତି ଦାବି କରି ଆଇନଜୀବୀ ଦିଲୀପ କୁମାର ବରାଳ ଆଇନ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ ପଦବୀରେ ଅରବିନ୍ଦ ପାଢ଼ୀ ରହିଛନ୍ତି। କାର୍ଯ୍ୟ ଠିକ୍ ଭାବେ ତୁଲାଇବାରେ ଅସମର୍ଥ। ବଳଭଦ୍ର ଆଡ଼ପ ପହଣ୍ଡି ସମୟରେ ରଥ ଚାରମାଳ ଉପରୁ ସେବାୟତଙ୍କ ହାତରୁ ଖସିପଡ଼ିବା ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ସିଂହଦ୍ୱାର ଠାରେ ବେଆଇନ ଭାବେ ସ୍ଥାୟୀ ସୂଚନା କେନ୍ଦ୍ର ନିର୍ମାଣ କରି ଅସ୍ଥାୟୀ କହି ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା, ମହାପ୍ରଭୁଙ୍କ ବଳକା ଦାରୁ ଚୋରି ହୋଇଥିବା ନେଇ ଖବର ଗଣମାଧ୍ୟମରେ ପ୍ରସାରିତ ହେବା ପରେ ମଧ୍ୟ ଥାନାରେ ଏତଲା ନ ଦେବା, ଅକ୍ଷୟ ତୃତୀୟା ଠାରୁ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ରତ୍ନଭଣ୍ଡାର ଭିତର ମରାମତି କାର୍ଯ୍ୟ ବନ୍ଦ କରିବା, ବ୍ରହ୍ମ ବିଭ୍ରାଟ ରିପୋର୍ଟ ସାର୍ବଜନୀନ କରିବା ପାଇଁ କୌଣସି ପଦକ୍ଷେପ ନ ନେବା ଏବଂ ଶ୍ରୀମନ୍ଦିର ଚାରିପଟେ ହୋଇଥିବା ଜିପିଆର ସର୍ଭେ ରିପୋର୍ଟ ସାର୍ବଜନୀନ କରିବା ପାଇଁ କୌଣସି ପଦକ୍ଷେପ ନ ନେବା ଆଦି କାର୍ଯ୍ୟ ପାଇଁ ପାଢ଼ୀଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରୁ ହଟାଯାଉ ବୋଲି ଆଇନଜୀବୀ ବରାଳ ଦାବି କରିଛନ୍ତି।

## ରେଡିଓ ନମସ୍କାରକୁ ଜାତୀୟ କମ୍ୟୁନିଟି ରେଡିଓ ସମ୍ମାନ

**କୋଣାର୍କ,୩।୫(ଜ୍ୟୋତିରାଜ ମହାନ୍ତି )**

ଓଡ଼ିଶାର ପ୍ରଥମ କମ୍ୟୁନିଟି ରେଡିଓ ଷ୍ଟେଶନ ରେଡିଓ ନମସ୍କାରକୁ ଶନିବାର ମୁମ୍ବାଇଠାରେ ଆୟୋଜିତ ଜାତୀୟ କମ୍ୟୁନିଟି ରେଡିଓ ସମ୍ମେଳନ ଅବସରରେ ଜାତୀୟ କମ୍ୟୁନିଟି ରେଡିଓ ସମ୍ମାନ ମିଳିଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡ. ଏଲ୍. ମୁରୁଗନ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଛନ୍ତି। ରେଡିଓ ନମସ୍କାରର କାର୍ଯ୍ୟକ୍ରମ ମୁଖ୍ୟ ତଥା ଯୁବ କମ୍ୟୁନିଟି ମିଡିଆ ଗବେଷକ ଅନ୍ଦାଜ ଆରନ ଏହି ସମ୍ମାନ ଗ୍ରହଣ କରିଛନ୍ତି। ୨୦୧୦ ମସିହାରେ ଜାତୀୟସ୍ତରର ବିକାଶ ସଙ୍ଗଠନ 'ୟଙ୍ଗ ଇଣ୍ଡିଆ' ଦ୍ୱାରା ଏହି ରେଡିଓ କେନ୍ଦ୍ର କୋଣାର୍କରେ ଆରମ୍ଭ ହୋଇଥିଲା। ଆଜି ଏହି କେନ୍ଦ୍ର ପୁରୀ ଜିଲାର ୭୦୦ରୁ ଅଧିକ ଗାଁ ଓ ପ୍ରାୟ ୩ ଲକ୍ଷ ଜନବସତି ପାଖରେ ପହଞ୍ଚିଛି। ହଜାର ହଜାର ଲୋକଙ୍କର ସ୍ୱର ହୋଇପାରିଛି ରେଡିଓ ନମସ୍କାର। ଅସଂଖ୍ୟ ନିରାଶ୍ରୟ ଓ ସରଳ ଲୋକ ରେଡିଓ ନମସ୍କାରରୁ ସୁଫଳ ପାଇପାରିଛନ୍ତି।




ନମସ୍କାରର କାର୍ଯ୍ୟକ୍ରମ ମୁଖ୍ୟ ତଥା ଯୁବ କମ୍ୟୁନିଟି ମିଡିଆ ଗବେଷକ ଅନ୍ଦାଜ ଆରନ ଜାତୀୟ କମ୍ୟୁନିଟି ରେଡିଓ ସମ୍ମାନ ଗ୍ରହଣ କରୁଛନ୍ତି।

# ନବୀକରଣୀୟ ଶକ୍ତିକୁ ଆପଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ରାଜଭବନ ପରିସରରେ ସ୍ଥାପନ ହେବ ଅତିରିକ୍ତ ୪୦୦ କିଲୋୱାଟ୍ ପ୍ଲାଣ୍ଟ**

**ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ)**

ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଞ୍ଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି। ପରିବେଶ ସୁରକ୍ଷା ଏବଂ ସନ୍ତୁଳିତ ଜୀବନଯାପନ ଦିଗରେ ଏହି ବିକଳ୍ପକୁ ଦୃଢ଼ ପ୍ରୟାସ ଭାବରେ ଗ୍ରହଣ କରିବାକୁ ସେ କହିଛନ୍ତି। ଶନିବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବର୍ତ୍ତନ କରି ଏହାର ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରାଜଭବନରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଭବନ ପରିସରରେ ୧୫୦ କିଲୋୱାଟ୍ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିବାବେଳେ ଖୁବ୍‌ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଣ୍ଟ ସ୍ଥାପିତ ହେବ। ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ସେହିପରି ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି। ଏହାବାଦ୍ ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ପ୍ରମୁଖ ଯୋଜନା ଯେପରି କି ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା, ପ୍ରତି ପରିବାର ପାଇଁ ପ୍ରଥମ ଏବଂ ଦ୍ୱିତୀୟ କିଲୋୱାଟ ପାଇଁ ୩୦ହଜାର ଟଙ୍କା ଲେଖାଏ ଏବଂ ତୃତୀୟ କିଲୋୱାଟ ପାଇଁ ୧୮ହଜାର ଟଙ୍କା ଅତିରିକ୍ତ ସବ୍‌ସିଡ୍ ପ୍ରଦାନ ଆଦି ଉପରେ ଆଲୋକପାତ କରିଥିଲେ। ଧୀରେ ଧୀରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ବ୍ୟବହାର ପରିତ୍ୟାଗ କରି ବିଦ୍ୟୁତ ଚାଳିତ ଯାନବାହନ ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜଭବନର ଅଧିକାରୀ/କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ରାଜଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

**ଟାଙ୍ଗୀ,୩।୫(ରଘୁନାଥ ସାହୁ):** ଟାଙ୍ଗୀ ଥାନା ଅଧୀନ ଦଧିବାମନପୁର ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। କେଦାରେଶ୍ୱର ପଡ଼ିଆ ନିକଟ ବିଲ ଗହିରରେ ଥିବା ଏକ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ଜରିପଡ଼ା ଦଳବେହେରା ସାହିର ବିଶ୍ୱନାଥ ବେହେରା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ମୃତ ଯୁବକଙ୍କ ପରିଚୟ ମିଳିଲା

**ବାଲୁଗାଁ,୩।୫(ସଂଗ୍ରାମ ପାଇକରାୟ):** ଟ୍ରେନରୁ ଖସିପଡ଼ି ମୃତ୍ୟୁବରଣ କରିଥିବା ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ତାରକ ସିଂ (୪୦)। ତାଙ୍କ ଘର ପଶ୍ଚିମବଙ୍ଗ ମେଦିନପୁର ଥାନା ଡୁଡୁରାଛକ ଗ୍ରାମ ବୋଲି ରେଲୱେ ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଯୁବକଙ୍କ ପ୍ୟାଣ୍ଟ ପକେଟରେ କର୍ନାଟକର ଆଙ୍କଲାଠାରୁ ଖଡ଼ଗପୁର ପର୍ଯ୍ୟନ୍ତ ଟ୍ରେନ ଟିକେଟ ଥିବା ବେଳେ ସେ ଭାସ୍କଡାଗାମା ସୁପରଫାଷ୍ଟ ଟ୍ରେନରେ ଯାତ୍ରା କରୁଥିଲେ। ଶୁକ୍ରବାର ମଧ୍ୟାହ୍ନରେ ବାଲୁଗାଁ ଷ୍ଟେଶନ ନିକଟବର୍ତ୍ତୀ ଧୂଆଁଳ ଗ୍ରାମଠାରେ ଟ୍ରେନରୁ ଅସାବଧାନତାବଶତଃ ଖସିପଡି ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡଛି। ଏନେଇ ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୫)ରୁଜୁ କରିଛି । ମୃତଦେହ ଚିହ୍ନଟ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯିବ ବୋଲି ରେଲୱେ ବିଭାଗ ଜିଆରପି ଅଧିକାରୀ ପରୀକ୍ଷିତ ନାୟକ କହିଛନ୍ତି।

### ଦେଶୀମଦ ଜବତ, ୨ ଗିରଫ

**ବେଗୁନିଆ,୩।୫(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ଶନିବାର ବେଗୁନିଆ ବ୍ଲକ ଅନ୍ତର୍ଗତ ଶଗଡ଼ଭଙ୍ଗା ଏବଂ ବୋଲଗଡ଼ ବ୍ଲକର ଖଡ଼ିପଦର ଗ୍ରାମରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୫୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତି ନେଇ ଶଗଡ଼ଭଙ୍ଗା ଗ୍ରାମର ଛବି ବିଶ୍ୱାଳ ଏବଂ ଖଡ଼ିପଦର ଗ୍ରାମର ରଜନୀକାନ୍ତ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଜିଲା ଭ୍ରାମ୍ୟମାଣ ଅଧିକାରୀ ଥାର୍ପା ମାରାଣ୍ଡି କହିଛନ୍ତି ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଜଟଣୀ,୩।୫(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ଆଖଣ୍ଡଳମଣି ଦେବଙ୍କ ମନ୍ଦିର ପରିସରରେ ଥିବା ଶନିଶ୍ଚର ଦେବଙ୍କ ଦଶମ ବିଶ୍ୱଶାନ୍ତି ମହାଯଜ୍ଞ ଶନିବାର ପୂର୍ଣ୍ଣାହୁତିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଜଳ ଯାତ୍ରା, ସୂର୍ଯ୍ୟ ପୂଜା, ସାଲାମଣ୍ଡନ, ସର୍ବଦେବଦେବୀ ପୂଜା, ଅଗ୍ନିସ୍ଥାପନ, ଆହୁତି ଏବଂ ସନ୍ଧ୍ୟା ଆଳତି ହୋଇଥିଲା। ସେହିପରି ଦ୍ୱିତୀୟ ଏବଂ ତୃତୀୟ ଦିବସରେ ବିଧିମୁତାବକ ପୂଜାର୍ଚ୍ଚନା ହୋଇଥିଲା। ଅନ୍ତିମ ଦିବସରେ ସୂର୍ଯ୍ୟ ପୂଜା, ଗୋପୂଜା, ସର୍ବଦେବଦେବୀ ପୂଜା, ଶନିଶ୍ଚରଙ୍କ ଷୋଡ଼ଶଉପଚାର ପୂଜା ପରେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। ମୁଖ୍ୟ ପଣ୍ଡିତ ଧୀରେନ୍ଦ୍ର ମହାପାତ୍ର, ଯୁଧିଷ୍ଠିର ସାମନ୍ତରା, କୃଷ୍ଣ ଦୀକ୍ଷିତ, ପଦ୍ମନାଭ ସାମନ୍ତରା ଏବଂ ଶିବାଶିଷ ମିଶ୍ର ପରିଚାଳନା କରିଥିଲେ।

### ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ

**ଟାଙ୍ଗୀ,୩।୫(ରଘୁନାଥ ସାହୁ):** ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନୂତନ ଗୃହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ନୂତନ ଗୃହ ପାଇଁ ୬୬ଲକ୍ଷ ୨୮ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସେହିପରି ଏକ ସ୍ମାର୍ଟ ଶ୍ରେଣୀ ଗୃହ ପାଇଁ ୫୦ଲକ୍ଷ ମଞ୍ଜୁର ହୋଇଥିଲା। ଏକ ଭୋକେସନାଲ ଗୃହ ନିର୍ମାଣ ପାଇଁ ୨ କୋଟି ୭ ଲକ୍ଷ ଟଙ୍କା ବିଭାଗୀୟ ଅନୁଦାନ ମଞ୍ଜୁର ହୋଇଛି। ଏହି ଗୃହ ନିର୍ମାଣ ପାଇଁ ଏମ୍‌ପି ଷଡ଼ଙ୍ଗୀ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସିତାଂଶୁ ଭୂଷଣ ନନ୍ଦ, ସରପଞ୍ଚ କିଶୋର ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ବେହେରା, ଚିନ୍ମୟ ସୃଷ୍ଟି, ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁଶାନ୍ତ ଶତପଥୀ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳାଯୋଡ଼ି ପ୍ରକୃତି ନିବାସ ରାସ୍ତା ଓ ମଙ୍ଗଳାଯୋଡ଼ି ତାରିମ ରାସ୍ତା ଉଦ୍‌ଘାଟନ କରିଥିଲେ। ସେହିପରି କୋଚିଲା ଛକରୁ ଗୋପୀନାଥପୁର ପର୍ଯ୍ୟନ୍ତ ରାସ୍ତା ଉଦ୍‌ଘାଟନ କରାଯାଇଥିଲା।

# ଆଶା, ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ

**ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)**

### ୭ଦିନରେ ୨ ନାବାଳିକା ମା' ହେବା ପ୍ରସଙ୍ଗ

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ସପ୍ତାହକ ମଧ୍ୟରେ ୨ଜଣ ନାବାଳିକା ମା' ହୋଇଥିବା ଖବର ଗତ ଏପ୍ରିଲ ୩୦ରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ସଦର ସିଡିପିଓ ନନ୍ଦିତା ମହାନ୍ତି ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଡିଏଚ୍‌ଏଚ୍‌ରେ ରେକର୍ଡପତ୍ର ଯାଞ୍ଚ କରିବା ସହ ସମ୍ପୃକ୍ତ ଅଞ୍ଚଳର ଆଶା, ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆଗକୁ ଯେଭଳି ଏହି ଘଟଣାର ପୁନରାବୃତ୍ତି ନ ଘଟିବ, ସେଥିପ୍ରତି ଦୃଷ୍ଟି ଦେବାକୁ ତାଗିଦା କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ମହାନ୍ତି କୁହନ୍ତି, ଏହି ଖବର ପାଇବା ପରେ ତୁରନ୍ତ ଘଟଣାର ଯାଞ୍ଚ କରାଯାଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଆଶା, ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିସହ ମା' ଓ ଛୁଆଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ। ଭବିଷ୍ୟତରେ ଯେଭଳି ଏପରି ଘଟଣା ନ ଘଟେ ସେଥିପ୍ରତି ଦୃଷ୍ଟିଦିଆଯିବା ସହ ଆଗାମୀ ଦିନରେ ସମସ୍ତ ଆଇସିଡିଏସ ଅଧୀନସ୍ଥ କର୍ମୀଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସଚେତନ କରାଯିବ। ଆଶା, ଅଙ୍ଗନୱାଡି କର୍ମୀଙ୍କ ସହ ସମ୍ପୃକ୍ତ ପରିବାର ମଧ୍ୟ ସମପରିମାଣରେ ଦାୟୀ। ଏଥିରେ ସ୍ଥାନୀୟ ଜନପ୍ରତିନିଧି ଏବଂ ଅଭିଭାବକଙ୍କ ଭୂମିକା ରହିଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଂଯୋଜକ ବାଣିଶ୍ରୀ ପଟ୍ଟନାୟକ କୁହନ୍ତି, ବାଲ୍ୟ ବିବାହ ରୋକିବା ପାଇଁ ପ୍ରତିବର୍ଷ ଜିଲାସ୍ତରରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହଭାଗିତାରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ପ୍ରତି ପଞ୍ଚାୟତସ୍ତରରେ ସଚେନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ।

### କିଶୋରୀ ସଚେତନତା ସଭା, ସମିତିରେ ସୀମିତ

ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବାଲ୍ୟ ବିବାହ ରୋକିବା ପାଇଁ ବହୁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିଲାଗି ଜିଲାସ୍ତରରେ ଜିଲା ଶିଶୁ ସୁରକ୍ଷା ୟୁନିଟ, ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ଜିଲା ସାମାଜିକ କଲ୍ୟାଣ ବିଭାଗ, ପୋଲିସ ପ୍ରଶାସନ ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ଆନୁକୂଲ୍ୟରେ ପୃଥକ ଭାବେ ବର୍ଷସାରା ବାଲ୍ୟ ବିବାହ ନିରୋଧ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଏଥିସହିତ ସରକାରଙ୍କ ପକ୍ଷରୁ ପଞ୍ଚାୟତ ସ୍ତରରେ କିଶୋରୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିର୍ଦ୍ଦେଶ ରହିଛି। ତେବେ ଖୋର୍ଦ୍ଧା ଜିଲାରେ ସମସ୍ତ ସଚେତନତା କାର୍ଯ୍ୟକ୍ରମ କେବଳ ସଭା, ସମିତି, ବୈଠକରେ ସୀମିତ।

### ବାଲ୍ୟ ବିବାହ ରୋକିବା ଦିଗରେ ପ୍ରଶାସନ ବିଫଳ

ବାଲ୍ୟ ବିବାହ ରୋକିବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। କୌଣସି ସ୍ଥାନରେ ବାଲ୍ୟ ବିବାହ ଚାଲିଥିବା ଖବରପାଇଲେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉଛି। ତେବେ ଜିଲାରେ ଏବେବି ବାଲ୍ୟ ବିବାହ ହେଉଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ଗତ ବର୍ଷ ୪ବର୍ଷ ମଧ୍ୟରେ ବାଲ୍ୟ ବିବାହ ସଂକ୍ରାନ୍ତୀୟ କୌଣସି ଖବର ନାହିଁ। ତେବେ ୨ଜଣ ନାବାଳିକା ବାଲ୍ୟ ବିବାହ କରିଥିବା ଏବଂ ମେଡିକାଲ ରିପୋର୍ଟରେ ସେମାନଙ୍କ ସ୍ୱାମୀଙ୍କ ନାମ ଉଲ୍ଲେଖ ରହିବା ଶିଶୁ ସୁରକ୍ଷା ବିଭାଗରିତ୍ୱହୀନତା, ଅବହେଳାକୁ ସୂଚାଉଛି।

# ୨ ବହୁମୁଖୀ ଉପଯୋଗୀ କେନ୍ଦ୍ର ଉଦ୍‌ଘାଟିତ



ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବହୁମୁଖୀ ଉପଯୋଗୀ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି।

**ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୨ ଶ୍ରୀରାମନଗର ଏବଂ ୱାର୍ଡ ନମ୍ବର ୫ ଗାନ୍ଧୀ ପଡିଆଠାରେ ଦୁଇଟି ବହୁମୁଖୀ ଉପଯୋଗୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରାୟ ୪କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କୋଠା ନିର୍ମାଣ କରାଯାଇଛି। ସଭା, ସମିତି, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯିବା ବ୍ୟବସ୍ଥା ରହିଛି।

ଏହି ଅବସରରେ ଗାନ୍ଧୀ ପଡ଼ିଆରେ ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଏମ୍‌ପି ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବିକାଶର କୌଣସି ଦଳ ନାହିଁ, ଏଥିପାଇଁ ସମସ୍ତଙ୍କ

### ଝିଅଙ୍କୁ ପାଠ ପଢ଼ିବାର ସୁଯୋଗ ଦିଅନ୍ତୁ

ସହଯୋଗ, ସମନ୍ୱୟ ଆବଶ୍ୟକତା ରହିଛି। ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ମହିଳାଙ୍କ ବିକାଶରେ ସମାଜ ଓ ରାଷ୍ଟ୍ରର ପ୍ରଗତି ନିର୍ଭର କରେ। ମହିଳାମାନେ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବନ ହେବା ଜରୁରୀ। ବ୍ୟାଙ୍କ ଋଣ ଠିକ୍ ଦିଗରେ ବିନିଯୋଗ କରି କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ କରି ଆତ୍ମନିର୍ଭର ହେବାକୁ କହିଥିଲେ। ମହିଳାମାନେ ଆତ୍ମ ସ୍ୱାଭିମାନ ସହ ବଞ୍ଚିବା ଆବଶ୍ୟକ। ବାଳିକା ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଷଡ଼ଙ୍ଗୀ କହିଲେ ଯେ, ଶିକ୍ଷା ପ୍ରଗତି, ସଫଳତାର ମୂଳ ଆଧାର। ଝିଅମାନଙ୍କୁ ପାଠ ପଢିବାକୁ ସୁଯୋଗ ଦିଅନ୍ତୁ। କୌଣସି ଝିଅ ଯେପରି ପାଠପଢାରୁ ବଞ୍ଚିତ ନ ହୁଅନ୍ତି ପ୍ରତ୍ୟେକ ମାତାପିତାଙ୍କ ଦାୟିତ୍ୱ। ସମ୍ମାନିତ ଅତିଥି ବିଧାୟକ ଜଗଦ୍ଦେବ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବିଭିନ୍ନ ଯୋଜନାର ରୂପରେଖ ସମ୍ପର୍କରେ କହିଥିଲେ। ଆଗାମୀ ଦିନରେ ଖୋର୍ଦ୍ଧାକୁ ହରିଟେଜ ଏବଂ ଶିଳ୍ପ କରିଡର ପାଇଁ ଯୋଜନା ରହିଛି। ଶିଳ୍ପ ଅଭିବୃଦ୍ଧିର ସହ ସହର ସୌନ୍ଦର୍ଯ୍ୟକରଣ, ଅତ୍ୟାଧୁନିକ ବସଷ୍ଟାଣ୍ଡ, ୪ଟି ମାର୍କେଟ କମ୍ପ୍ଲେକ୍ସ, ରିଙ୍ଗ ରୋଡ ସହ ଖୋର୍ଦ୍ଧାକୁ ସଂଯୋଗୀକରଣ, ଜିଲା ମୁଖ୍ୟ ଚିକିତ୍ସାଳୟର ଆଧୁନିକୀରଣ, ଉତ୍ତମ ସ୍ୱାସ୍ଥ୍ୟ ସେବା, ମେଡିକାଲ କଲେଜ ସ୍ୱପ୍ନ ରହିଛି। ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ପୌର ନିର୍ବାହୀ ଅଧିକାରୀ ରିଜୱାନା କଅକବ ଅତିଥିଙ୍କ ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପାଧ୍ୟକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ। ସମସ୍ତ କାଉନସିଲର, ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା, ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## 'ଦେଶ ମାତୃକାର ଟେକ ରଖିବୁ'

**ବେଗୁନିଆ,୩।୫(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ସଦର ମହକୁମା ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଶିବ କୁମାର ମୁନି, ମୋ ସ୍କୁଲର ସମ୍ପାଦକ ଦେବାଶିଷ ସାହୁ, ଆଲୁମ୍‌ନି କମିଟିର ସଭ୍ୟ ରାମ ମାନସ ପଣ୍ଡା, ଶିକ୍ଷୟିତ୍ରୀ ସୁରଜିତା ଦଳାଇ, ଶିକ୍ଷକ ସୌମ୍ୟ ରଞ୍ଜନ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ର ଦୁର୍ଗାପ୍ରସାଦ ଆଚାର୍ଯ୍ୟ, ଭବାନୀ ପ୍ରସାଦ ଆଚାର୍ଯ୍ୟ, ଆଦର୍ଶ ପଟ୍ଟନାୟକ ଏବଂ ଛାତ୍ରୀ ସଞ୍ଜନା ମୁନି, ପଦ୍ମିନୀ ପ୍ରିୟଦର୍ଶିନୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ଦିନରେ ସଫଳତାର ପାହାଚ ଚଢିବାକୁ ଉଦ୍ୟମ କରିବା ସହ ଦେଶ ମାତୃକାର ଟେକ ରଖିବୁ ବୋଲି ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର କହିଥିଲେ। ଏନଏମଏମଏସ ଏବଂ ଏନଟିଏସ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତି କରାଇ ସଫଳତାର ଶୀର୍ଷରେ ପହଞ୍ଚାଇଥିବା ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ର ରାମ ମାନସ ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୂର୍ଯ୍ୟକାନ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁ ଧନ୍ୟବାଦ ଦେଇଥିଲେ।

# ଭଲ ପାଠପଢ଼ି ବିଦ୍ୟାଳୟର ଟେକ ରଖିବାକୁ ପରାମର୍ଶ

**ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)**



ମାଟ୍ରିକ ଫଳ ଶୁଣିବା ପରେ ପଲ୍ଲାହାଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ଉତ୍ସାହିତ।

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ସ୍ଥାନୀୟ ପଲ୍ଲାହାଟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶତ ପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ୧୬ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ଏ୧ ଏବଂ ଏ୨ ରେ ଜଣେ ଲେଖାଏ ଛାତ୍ରୀଛାତ୍ର ରହିଥିବା ବେଳେ ବି୧ ଏବଂ ବି୨ ରେ ୫ଜଣ ଲେଖାଏ ରହିଛନ୍ତି। ସି ରେ ୨ଜଣ, ଡି ରେ ଜଣେ ଏବଂ ଇ ରେ ଜଣେ ରହିଛନ୍ତି। ବିଦ୍ୟାଳୟର ଛାତ୍ର ଦେବୀ ପ୍ରସାଦ ସାହୁ ୫୬୦ ନମ୍ବର ସହ ୯୩.୩୩ ପ୍ରତିଶତ ସହ ଏ ୧ ରେ ରହିଥିବା ବେଳେ ସୌମ୍ୟାରୂପା ରଥ ୫୨୮ନମ୍ବର ରଖି ଏ୨ ରେ ରହି ବିଦ୍ୟାଳୟ ପାଇଁ ଗୌରବ ହାସଲ କରିଛନ୍ତି। ପ୍ରଧାନାଚାର୍ଯ୍ୟ ବିମଳ ଚନ୍ଦ୍ର ରାଉତରାୟ କୁହନ୍ତି, ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗ, ପିଲାଙ୍କ ପରିଶ୍ରମ ଓ ଅଭିଭାବଙ୍କ ପ୍ରେରଣା ଉତ୍ସାହରୁ ଏହି ସଫଳତା ମିଳିଛି। ଚଳିତ ବର୍ଷ ବିଦ୍ୟାମନ୍ଦିର ପ୍ରଥମ ବ୍ୟାଚ୍ ପରୀକ୍ଷା ଦେଇଥିଲେ। ଆଗକୁ ଅଧିକ ସଫଳତା ପାଇଁ ପ୍ରଚେଷ୍ଟା କରାଯିବ।

# ୨ ବର୍ଷ ହେବ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇନାହାନ୍ତି ଛାତ୍ର

**ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)**

### ବିଜେବି ହାଇସ୍କୁଲ

ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ମଧ୍ୟରେ ଖୋର୍ଦ୍ଧା ସ୍ଥିତ ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟ ଅନ୍ୟତମ। ଗତ ଦୁଇ ବର୍ଷ ହେବ ଏହି ବିଦ୍ୟାଳୟର କୌଣସି ଛାତ୍ର ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍ ପାଇନାହାନ୍ତି। ଫଳରେ ଏହି ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା, ପାଠପଢ଼ା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ଚଳିତ ମାଟ୍ରିକ ପରୀକ୍ଷାରେ ଏହି ହାଇସ୍କୁଲରେ ଏ-୨ରେ ୨ଜଣ, ବି-୧ରେ ୫ଜଣ, ବି-୨ରେ ୨୨, ସିରେ ୪୧, ଡିରେ ୪୮, ଇ ରେ ୩୨ଜଣ ରହିଥିବା ବେଳେ ୫ଜଣ ଅକୃତକାର୍ଯ୍ୟ(ଫେଲ) ହୋଇଛନ୍ତି। ପ୍ରତ୍ୟୁଷ ବେହେରା ୫୧୮ ଏବଂ ଶାଶ୍ୱତ ମହାପାତ୍ର ୫୧୩ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ତେବେ ୯୦ ପ୍ରତିଶତ ନମ୍ବର ଉପରେ କୌଣସି ଛାତ୍ର ରଖି ନ ଥିବା ବେଳେ ୮୦ରୁ ୯୦ ପ୍ରତିଶତ ଏ-୨ରେ ମାତ୍ର ୨ଜଣ ରହିବା ବିଦ୍ୟାଳୟର ଶିକ୍ଷାଦାନ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୂର୍ବ ସରକାର ୫-ଟି ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପାଇଁ ସ୍ମାର୍ଟ କ୍ଲାସରୁମ ବ୍ୟବସ୍ଥା କରିଥିବା ବେଳେ ବର୍ତ୍ତମାନର ଭାଜପା ସରକାର ମଧ୍ୟ ସରକାରୀ ସ୍କୁଲରେ ପାଠପଢ଼ାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଖୋର୍ଦ୍ଧା ସଦର ମହାକୁମାରେ ଯଦି ଏଭଳି ଶିକ୍ଷାବ୍ୟବସ୍ଥା ରହିଛି, ତେବେ ଜିଲାର ତୃଣମୂଳ ସ୍ତରରେ କିଭଳି ଶିକ୍ଷାବ୍ୟବସ୍ଥା ରହିଛି, ଏଥିରୁ ଅନୁମାନ କରାଯାଇପାରେ ବୋଲି ଆଲୋଚନା ହେଉଛି।

ଏ ସମ୍ପର୍କରେ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାକର ସାହୁ କହିଛନ୍ତି, ଅତୀତରେ ଏହି ହାଇସ୍କୁଲର ବହୁ ମେଧାବୀ ଛାତ୍ର ଜାତୀୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ତେବେ ପିଲାଙ୍କ ଫଳାଫଳ ବିଫଳତା ପାଇଁ ପରିସ୍ଥିତିକୁ ଦୋଷ ଦେଇ ଖସିଗଲେ ହେବନି। ଆଗାମୀ ଦିନରେ କିଭଳି ପାଠପଢ଼ାରେ ଅଧିକ ଉନ୍ନତି ଅଣାଯାଇପାରିବ ଏବଂ ଏହାର ପୂର୍ବ ଗୌରବ ଫେରିବ, ସେଥିପ୍ରତି ପ୍ରଚେଷ୍ଟା କରାଯିବ। ବିଜେବି ହାଇସ୍କୁଲର ୧୨୫ ତମ ଜୟନ୍ତୀ ଉତ୍ସବ ପାଳନ ପାଇଁ ଯେଉଁଭଳି ଗୁରୁତ୍ୱ ଦେଲେ, ସେଭଳି ପାଠପଢ଼ା ପ୍ରତି ଗୁରୁତ୍ୱ ଦେଇଥିଲେ ମାଟ୍ରିକ ପରୀକ୍ଷା ଫଳ ଭଲ ହୋଇଥାନ୍ତା ବୋଲି ପୂର୍ବତନ ଛାତ୍ର ଜିତେନ୍ଦ୍ର ବେହେରା ଓ ପ୍ରବୀଣ ଭଞ୍ଜ କହିଛନ୍ତି। ସେହିପରି ଆଇନଜୀବୀ ଶିଶିର ପରିଡା କୁହନ୍ତି, ଉତ୍ସବ ପାଳନ ପାଇଁ ଗତ ୪ବର୍ଷ ଧରି ବାରମ୍ବାର ବୈଠକ କରାଯାଇଛି। ହେଲେ ବୈଠକରେ ପିଲାଙ୍କ ପାଠପଢ଼ା କିଭଳି ଚାଲିଛି ତାହା ଉପରେ କେହି ଗୁରୁତ୍ୱ ଦେଲେ ନାହିଁ। ସେହିପରି ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି କହିଛନ୍ତି, ପୂର୍ବରୁ ମାଟ୍ରିକ ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ରମାନେ ଭଲ ନମ୍ବର ରଖୁଥିଲେ। ଏବେ କାହିଁକି ଏଭଳି ସ୍ଥିତି ଉପୁଜୁଛି, ଏହାର ତର୍ଜମା ଜରୁରୀ। ନବମ ଶ୍ରେଣୀରୁ ପିଲାଙ୍କ ଦକ୍ଷତା ବିକାଶ, ଦଶମ ଶ୍ରେଣୀରେ କ୍ଲାସରୁମ ପାଠପଢ଼ାକୁ ଗୁରୁତ୍ୱ ଦିଆଯିବା ଜରୁରୀ। ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କୁହନ୍ତି , ମାଟ୍ରିକ ପରୀକ୍ଷା ଫଳ ବିଫଳତା ପାଇଁ କେବଳ ଶିକ୍ଷକଙ୍କୁ ଦାୟୀ କଲେ ହେବନି, ଏଥିପାଇଁ ଅଭିଭାବକମାନେ ମଧ୍ୟ ସମପରିମାଣରେ ଦାୟୀ। ଅଭିଭାବକ ଏବଂ ବିଦ୍ୟାଳୟ ମଧ୍ୟରେ ସୁ ସମନ୍ୱୟତା ରହିବା ଜରୁରୀ। ସାମାଜିକ କର୍ମୀ ଶୋଭନ ଘୋଷ କୁହନ୍ତି, ଏହି ହାଇସ୍କୁଲରେ ଜିଲା ପ୍ରଶାସନ ଏବଂ ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟ ପକ୍ଷରୁ ବର୍ଷତମାମ ବିଭିନ୍ନ ସଭା, ସମିତି, ଆଲୋଚନାଚକ୍ର, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ହେଲେ ପିଲାଙ୍କ ପାଠପଢ଼ା ଉପରେ କେହି ଗୁରୁତ୍ୱ ଦେଲେ ନାହିଁ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆଲୋକ ବେହେରା



@ ଆଲୋକ ମହାନ୍ତି



@ ଦୀପ୍ତିମୟୀ



@ ପବିତ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବୋଲଗଡ଼ ବ୍ଲକ: ଅଂଶୁମାନ ବେହେରା ଟପ୍ପର

**ବୋଲଗଡ଼,୩।୫(ଦେବବ୍ରତ ହୋତା)**

ବୋଲଗଡ଼ ଶିକ୍ଷା ବ୍ଲକର ମାଟ୍ରିକ ପାସ୍ ହାର ୯୭ ପ୍ରତିଶତ ହୋଇଥିବା ବେଳେ ୨୮ଟି ମାଧ୍ୟମିକ ବିଦ୍ୟାଳୟ ମଧ୍ୟରୁ ୯ଟି ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ଶତପ୍ରତିଶତ ହୋଇଛି। ସଂପୁର ସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟ, ପିଠୁକୁଲିସ୍ଥିତ ଶ୍ରୀରଘୁନାଥ ଦେବ ଉଚ୍ଚ ବିଦ୍ୟାଳୟ, ଧଳାପଥର ଡିକେ ଉଚ୍ଚ ବିଦ୍ୟାଳୟ, ତାଳତୁମ୍ବ ପଶ୍ଚିମେଶ୍ୱର ଦେବ ଉଚ୍ଚ ବିଦ୍ୟାଳୟ, ମାଣିକାଗୋଡ଼ା ଗଦାଧର ବାଞ୍ଛାନିଧି ଉଚ୍ଚ ବିଦ୍ୟାଳୟ, କଳାଙ୍ଗ କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟ, ଦେଉଳି ଆଞ୍ଚଳିକ ବିଦ୍ୟାଳୟ,ହରିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଅରଖପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୁଡ଼ିକ ଏହି ସଫଳତା ହାସଲ କରିଥିବା ବେଳେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ, ଧ୍ରୁବାନନ୍ଦ ନାୟକ, ଧ୍ରୁବଚରଣ ତ୍ରିପାଠୀ, ଜୋଗିନ୍ଦ୍ର ଦାସ, ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧା ମହାପାତ୍ର, ପ୍ରଣତି ସିଂହ, ଜ୍ୟୋତିର୍ମୟୀ ସାହୁ, ସଂଯୁକ୍ତା ଦାଶ ଓ ସୁକାନ୍ତି ଦେଇଙ୍କୁ ଅଭିଭାବକ ଓ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ସେହିପରି ଏହି ବ୍ଲକର ଟାଙ୍ଗୀସାହିସ୍ଥିତ ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟ ଓ ମୁଗମଣ୍ଡାସ୍ଥିତ ଦେବଗୁରୁ ଆଦର୍ଶ ବିଦ୍ୟାଳୟରୁ ୨ଜଣ ଲେଖାଏ ଏବଂ କଳାଙ୍ଗସ୍ଥିତ କାହ୍ନୁଚରଣ ଉଚ୍ଚ ବିଦ୍ୟାଳୟ ଓ ଡାବରଧୂଆ ସ୍ଥିତ ଶ୍ୟାମସୁନ୍ଦର ଆଦର୍ଶ ବିଦ୍ୟାଳୟରୁ ଜଣେ ଲେଖାଏ ପରୀକ୍ଷାର୍ଥୀ ଏ୧ ଗ୍ରେଡ ପ୍ରାପ୍ତ ହୋଇଛନ୍ତି। ରଘୁନାଥ ମଧୁସୂଦନ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଂଶୁମାନ ବେହେରା ୫୪୮ ନମ୍ବରରଖି ବ୍ଲକ ଟପ୍ପର ହୋଇଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ ଏବଂ ମଣ୍ଡଳ ସଂଯୋଜକ କୈଳାସ ନାଥ ସ୍ୱାଇଁ ଏହି ସଫଳତା ନେଇ ଖୁସି ବ୍ୟକ୍ତ କରିବା ସହ ବିଦ୍ୟାର୍ଥୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ: ଭୀମପୁର ଚାମ୍ପିୟନ

**ବାଲୁଗାଁ,୩।୫(ସଂଗ୍ରାମ ପାଇକରାୟ)**

ବାଲୁଗାଁ ନିକଟ ଭେଲେରୀ ଇଂଜନପୁର ଠାରେ ସ୍ୱାଇକି ପଞ୍ଚ କ୍ଲବ ପକ୍ଷରୁ ଶୁକ୍ରବାର ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ପୁରୀ, ବାଲୁଗାଁ, ଭୀମପୁର, ନିମିକ୍ଷେତା, ବଉଳାବନ୍ଧ, ସୋରଣ, ଭେଲେରୀ ଇଂଜନପୁର ସମେତ ୮ଟି ଟିମ୍ ଭାଗ ନେଇଥିଲେ। ପ୍ରତ୍ୟେକ ଟିମ୍ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ୍ ଭୀମପୁର ଓ ଭେଲେରୀ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଭୀମପୁର ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଥିବା ବେଳେ ଭେଲେରୀ ଟିମ୍ ରନର୍ସଅପ ହୋଇଥିଲା । ଅଭିନାଶ ଜେନା, ଅମୂଲ୍ୟ ବାରିକ, ଶୁଭାଶିଷ ବେହେରା ରେଫରି ଭାବେ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଚିଲିକା ପ୍ରେସ କ୍ଲବର ସଭାପତି ପ୍ରକାଶ କୁମାର ପ୍ରଧାନ, ସମ୍ମାନିତ ଅତିଥି ଜେ.ଡି.ଏ ଆର୍ଟ ମାଲିକ ହରିହର ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ପ୍ରଦାନ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର,ରବିବାର, ମେ ୪/୨୦୨୫ | Bhubaneswar, Sunday, May 4/2025 | ପୃଷ୍ଠା-୧



କଟକର କାଠଯୋଡ଼ି ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଶନିବାର ସନ୍ଧ୍ୟାରେ ଖସିପଡ଼ିଛି। (ଫଟୋ-ରାଜକିଶୋର ମହାନ୍ତି)

## ବଦଳିଲା ସିବିଏସ୍‌ଇ ବୋର୍ଡ ପରୀକ୍ଷାଫଳ ପୁନଃମୂଲ୍ୟାୟନ ପ୍ରକ୍ରିୟା

ଭୁବନେଶ୍ୱର,୩।୫
(ଅନୁରାଧା ମହାରଣା)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଏବଂ ଦ୍ୱାଦଶ ବୋର୍ଡ ପରୀକ୍ଷା ଖାତା ପୁନଃମୂଲ୍ୟାୟନ ପ୍ରକ୍ରିୟାରେ କେତେକ ପରିବର୍ତ୍ତନ ଆଣିଛି। ପରୀକ୍ଷାଫଳ ପ୍ରକାଶ ପରେ ପୁନଃମୂଲ୍ୟାୟନ ପାଇଁ ଆବେଦନ କରୁଥିବା ଛାତ୍ରୀଛାତ୍ରଙ୍କୁ ପ୍ରଥମେ ଉତ୍ତର ଖାତାର ଫଟୋ କପି ମିଳିବ। ତା'ପରେ ରିଭାଲ୍ୟୁଏଶନ ହେବ। ଛାତ୍ରୀଛାତ୍ରଙ୍କୁ ଅଧିକ ସ୍ୱଚ୍ଛତା ଏବଂ ଆତ୍ମନିର୍ଭରଶୀଳତା ଦେବା ଲକ୍ଷ୍ୟରେ ଏହି ପରିବର୍ତ୍ତନ କରାଯାଇଛି। ଆଗକୁ ସିବିଏସ୍‌ଇ ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଫଳାଫଳ ପ୍ରକାଶ ପାଇବାକୁ ଥିବାବେଳେ ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ଉତ୍କଣ୍ଠା ଲାଗି ରହିଛି। ଏପରିସ୍ଥିତିରେ ବୋର୍ଡର ଏହି ବଡ଼ ନିଷ୍ପତ୍ତିକୁ ଛାତ୍ରୀଛାତ୍ରମାନେ ସ୍ୱାଗତ କରିଛନ୍ତି। ନିଷ୍ପତ୍ତି ଅନୁସାରେ, ଛାତ୍ରୀଛାତ୍ର ପ୍ରଥମେ ସେମାନଙ୍କ ପରୀକ୍ଷା ଉତ୍ତରପତ୍ରର ଫଟୋକପି ଦେଖିପାରିବେ ଏବଂ ତା'ପରେ ହିଁ ସେମାନେ ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିପାରିବେ। ଏହାଦ୍ୱାରା ଛାତ୍ରୀଛାତ୍ର କେଉଁ ଉତ୍ତର ପାଇଁ କେତେ ମାର୍କ ମିଳିଛି ଏବଂ କେଉଁ ପ୍ରଶ୍ନ ପାଇଁ କେତେ କଟାଯାଇଛି ତାହା ଜାଣିପାରିବେ। ଏହା ମାର୍କ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ପାଇଁ ଆବେଦନ କରିବାକୁ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ ବୋଲି ସିବିଏସ୍‌ଇ ପକ୍ଷରୁ କୁହାଯାଇଛି।

# ବ୍ରିଜ୍ ସ୍ଲାବ୍ ଖସିପଡ଼ି ୩ ମୃତ

**କଟକର କାଠଯୋଡ଼ି ନଦୀ ଉପରେ ନିର୍ମାଣାଧୀନ ବ୍ରିଜ୍‌ର ସ୍ଲାବ୍ ଖସିପଡ଼ିବାରୁ ଜଣେ ଇଞ୍ଜିନିୟରଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଖାନ୍‌ନଗରରେ ଶନିବାର ସନ୍ଧ୍ୟାରେ ଉକ୍ତ ବ୍ରିଜ୍ ନିର୍ମାଣ ପାଇଁ କ୍ରେନ୍‌ରେ ରେଡିମେଡ୍ ସ୍ଲାବ୍ ଉଠାଯାଉଥିଲା। କ୍ରେନ୍ ଛିଣ୍ଡିଯିବାରୁ ସ୍ଲାବ୍‌ଟି ହଠାତ୍ ଭୁଶୁଡ଼ିପଡ଼ିଥିଲା। ଫଳରେ ଏହା ତଳେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ୫ ଜଣ ଚାପିହୋଇ ଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଛନ୍ତି। ୨ ଶ୍ରମିକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଏହି ଦୁର୍ଘଟଣା ରାଜ୍ୟର ନିର୍ମାଣସ୍ଥଳଗୁଡ଼ିକରେ ଶ୍ରମିକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପ୍ରୋଟୋକଲ ଉପରେ ପ୍ରଶ୍ନବାଚୀ ଉଠାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ତଦନ୍ତ ନିର୍ଦ୍ଦେଶ ଦେବା ସହ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ସକାଶେ ଘୋଷଣା କରିଛନ୍ତି।**

କଟକ/ଭୁବନେଶ୍ୱର,
(କାର୍ତ୍ତିକ ସାହୁ/ସୁନିତ୍ ମିଶ୍ର)

କଟକର ଖାନନଗର ରିଂବନ୍ଧ ସମ୍ପ୍ରସାରଣ ପାଇଁ କାଠଯୋଡ଼ି ନଦୀ ଭିତରେ ବ୍ରିଜ୍ ନିର୍ମାଣ ବେଳେ ଶନିବାର ସନ୍ଧ୍ୟାରେ ବଡ଼ ଅଘଟଣ ଘଟିଛି। ନୂଆ ବ୍ରିଜ କାମ ଚାଲିଥିବା ସମୟରେ ସ୍ଲାବ୍ ଖସିପଡ଼ିବାରୁ ସାଇଟ୍ ଇଞ୍ଜିନିୟର ସୌମ୍ୟରଞ୍ଜନ ମଲ୍ଲିକ ଏବଂ ଶ୍ରମିକ ଶିବଶଙ୍କର ପଟ୍ଟନାୟକ ଓ ସୁବାସ ଚନ୍ଦ୍ର ଭକ୍ତଙ୍କ ମୃତ୍ୟୁ ଘଟିଛି। ଏଥିରେ ବିକଳ ଜେନା ଓ ଅରୁଣ ବାରିକ ଗୁରୁତର ହୋଇ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ଏଲ୍‌ଆଣ୍ଡଟି ଅଧୀନରେ ଆର୍‌କେଡି କନ୍‌ଷ୍ଟ୍ରକ୍‌ସନ୍ ୪୦ରୁ ୫୦ ଶ୍ରମିକଙ୍କୁ ନେଇ ବ୍ରିଜ୍ ନିର୍ମାଣ କରୁଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ବ୍ରିଜ ଉପରେ କେତେଜଣ ଶ୍ରମିକ କାମ କରୁଥିବାବେଳେ ଅନ୍ୟମାନେ ତଳେ ଥିଲେ। ଦୁଇ ପିଲାରକୁ ସଂଯୋଗ କରିବା ପାଇଁ ଉଦ୍ଦିଷ୍ଟ ବଡ଼ ସ୍ଲାବ୍‌କୁ କ୍ରେନ୍ ସାହାଯ୍ୟରେ ଉଠାଯାଉଥିବାବେଳେ ତାହା ଭାଙ୍ଗିପଡ଼ିଥିଲା। ଫଳରେ ସ୍ଲାବ୍ ତଳେ ଥିବା ଶ୍ରମିକଙ୍କ ଉପରେ ପଡ଼ିଥିଲା। ସେମାନଙ୍କୁ ଆଉ ଏକ କ୍ରେନ୍ ସାହାଯ୍ୟରେ ବାହାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ୩ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ମେୟର ସୁବାସ ସିଂହ ଦୁର୍ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଆହତଙ୍କ ପାଇଁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇଦେବା ସାଙ୍ଗକୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମୃତକଙ୍କ ସମ୍ପର୍କୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ତଦନ୍ତ ପାଇଁ ସ୍ୱତନ୍ତ୍ର ସଚିବ କମ୍ ଇଆଇସି ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ନେତୃତ୍ୱରେ ମୁଖ୍ୟଯନ୍ତ୍ରୀ ଏବଂ ଜଣେ ଏଡିଏମ୍‌ଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ ହୋଇଛି। ୧୫ ଦିନ ମଧ୍ୟରେ ଘଟଣାର ଟେକ୍ନିକାଲ ତଦନ୍ତକରି ରିପୋର୍ଟ ଦେବାକୁ କୁହାଯାଇଛି। ଜିଲାପାଳ ମଧ୍ୟ ଉପଜିଲାପାଳ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇସାରିଛନ୍ତି।

## ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କଲା ପାକିସ୍ତାନ



ଇସଲାମାବାଦ,୩।୫

ପହଲଗାମ୍ ଆକ୍ରମଣ ପରେ ସୀମାରେ ଉତ୍ତେଜନା ବଢ଼ିଥିବାବେଳେ ପାକିସ୍ତାନ ଶନିବାର ୪୫୦ କିଲୋମିଟର ଲକ୍ଷ୍ୟଭେଦ କ୍ଷମତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରିଥିବା ଦାବି କରିଛି। ସ୍ଥଳରୁ ସ୍ଥଳଭାଗକୁ ନିକ୍ଷେପ କରାଯାଇପାରୁଥିବା ଏହି ଆବଦଲି ୱେପନ୍ ସିଷ୍ଟମ୍‌କୁ ଏକ ସମରାଭ୍ୟାସ ବେଳେ ପରୀକ୍ଷା କରାଯାଇଥିବା ଇସ୍‌ଲାମାବାଦ କହିଛି। ପଡ଼ୋଶୀ ଦେଶ ଦ୍ୱାରା ଯେକୌଣସି ପ୍ରକାର ମିଶାଇଲ୍ ପରୀକ୍ଷାକୁ ଭାରତ ଗମ୍ଭୀର ଉତ୍ତେଜନା ସୃଷ୍ଟିକାରୀ ଭାବେ ଦେଖୁଥିବା ଏକ ସୂତ୍ରରୁ କୁହାଯାଇଛି। ସୈନ୍ୟମାନଙ୍କ ଆକ୍ରମଣ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ଏବଂ ପ୍ରମୁଖ ବୈଷୟିକ ମାପଦଣ୍ଡର ସତ୍ୟାସତ୍ୟ ଦର୍ଶାଇବା ଲକ୍ଷ୍ୟରେ ଏହି କ୍ଷେପଣାସ୍ତ୍ର ପରୀକ୍ଷା କରାଯାଇଥିବା ପାକ୍ ସରକାର କହିଛନ୍ତି। ସୂଚନାଯୋଗ୍ୟ, ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନ ନିୟନ୍ତ୍ରଣ ରେଖା ଓ ଅନ୍ତର୍ଜାତୀୟ ସୀମାରେଖାରେ ନିୟମିତ ଭାବେ ଅସ୍ତ୍ରବିରତି ଉଲ୍ଲଂଘନ କରି ଭାରତକୁ ଉସୁକାଇବାକୁ ଉଦ୍ୟମ କରିଆସୁଛି। ଭାରତ ପକ୍ଷରୁ ଏହାର ଠିକଣା ଜବାବ ଦିଆଯାଉଛି।

## ସ୍ୱଦେଶୀ କ୍ରୀଡ଼ାକୁ ବିଶ୍ୱସ୍ତରୀୟ ମାନ୍ୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ମୁମ୍ବାଇ,୩।୫

ଜିଓ ୱାର୍ଲ୍ଡ ସେଣ୍ଟରରେ ଆୟୋଜିତ ୱାର୍ଲ୍ଡ ଅଡିଓ ଭିଜୁଆଲ ଓ ଏଣ୍ଟରଟେନମେଣ୍ଟ ସମିଟ୍ (ୱେଭ୍ସ) ୨୦୨୫ରେ ଶନିବାର 'ସ୍ୱଦେଶୀ କ୍ରୀଡ଼ା-ଭାରତରୁ ବିଶ୍ୱସ୍ତର' ଶୀର୍ଷକ ଉପରେ ଆଲୋଚନା ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ସ୍ୱଦେଶୀ କ୍ରୀଡ଼ାକୁ ବିଶ୍ୱସ୍ତରୀୟ ମାନ୍ୟତା ଦିଗରେ ଆଗେଇ ନେବା ଲାଗି ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସେ ସ୍ୱଦେଶୀ କ୍ରୀଡ଼ାର ବିକାଶ ଉପରେ ଆଲୋକପାତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ସ୍ୱଦେଶୀ କ୍ରୀଡ଼ା କେବଳ ଖେଳ ନୁହେଁ, ସେଗୁଡ଼ିକ ଟିମ୍‌ୱାର୍କ, ଧୈର୍ଯ୍ୟ ଓ ଆମ ସମ୍ପ୍ରଦାୟ ମାଟିର ପରିଚୟକୁ ପ୍ରକାଶ କରେ। ଖେଳରେ ସଂସ୍କୃତି ଅଛି, ସଂସ୍କୃତିରେ ଅସ୍ମିତା ଅଛି। ବିଶ୍ୱସ୍ତରରେ ଆମ ସ୍ୱଦେଶୀ କ୍ରୀଡ଼ାକୁ ତା'ର ଉପଯୁକ୍ତ ଅଧିକାର ଦେବା ଲାଗି ଆମେ ଭାରତ ସରକାର ଓ ବିଶ୍ୱ ଫେଡେରେଶନ ସହିତ କାମ କରିବା ଜାରି ରଖିବୁ ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି। ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ଭାବେ ଖୋ ଖୋ ଭଳି ସ୍ୱଦେଶୀ କ୍ରୀଡ଼ା ଲାଗି ହାଇ-ପରଫର୍ମାନ୍ସ ସେଣ୍ଟର ନିର୍ମାଣ କରିଛି। ଏହି ଉଲ୍ଲେଖନୀୟ ପଦକ୍ଷେପ ପାରମ୍ପରିକ କ୍ରୀଡ଼ା ପ୍ରତି ଲୋକଙ୍କ ଚିନ୍ତାଧାରା ବଦଳାଇଛି। ଉପଯୁକ୍ତ ପ୍ରଶିକ୍ଷଣ, ଭିତ୍ତିଭୂମି ଓ ନୂତନତ୍ୱ ମାଧ୍ୟମରେ ପାରମ୍ପରିକ କ୍ରୀଡ଼ାକୁ ପେସାଦାର କ୍ରୀଡ଼ା ଭଳି ଲୋକପ୍ରିୟ କରିହେବ। ଓଡ଼ିଶା ଜଗରନଟ୍ସ ରାଜ୍ୟ ସରକାରଙ୍କ ମାଲିକାନାରେ ଥିବା ଏକମାତ୍ର ଫ୍ରାଞ୍ଚାଇଜ, ଯାହାକି ଅଲ୍ଟିମେଟ ଖୋ ଖୋ ଲିଗ୍‌ରେ ଚାମ୍ପିୟନ ହୋଇଛି। ଏହା ଦର୍ଶାଉଛି ଯେ, ନିରନ୍ତର ସମର୍ଥନ ଓ ସୁଚିନ୍ତିତ ନିବେଶ ମାଧ୍ୟମରେ କିଛି ବି ହାସଲ କରାଯାଇପାରେ ବୋଲି ସେ କହିଛନ୍ତି। ୱେଭ୍ସ ୨୦୨୫ ସମ୍ମାନିତ ବକ୍ତାଙ୍କ ପ୍ୟାନେଲରେ ପ୍ରୋ କବାଡ଼ି ଲିଗ କମିଶନର ଅନୁପମ ଗୋସ୍ୱାମୀ, ଗ୍ଲୋବାଲ କବାଡି ଆଇକନ ଫାଜେଲ ଅତ୍ରାଚାଲି ଓ ଖୋ ଖୋ ଫେଡେରେଶନ ଅଫ ଇଣ୍ଡିଆ ସଭାପତି ସୁଧାଂଶୁ ମିତ୍ତଲ ସ୍ଥାନ ପାଇଥିଲେ। ସେମାନେ ସରକାର, ଫେଡେରେଶନ, ଗଣମାଧ୍ୟମ ଓ ଆଥ୍‌ଲେଟଙ୍କ ସମର୍ଥନରେ ଭାରତର ପାରମ୍ପରିକ କ୍ରୀଡ଼ାକୁ କେଉଁଭଳି ଅଲିମ୍ପିକ୍ସ ଭଳି ଅନ୍ତର୍ଜାତୀୟ ପ୍ଲାଟଫର୍ମକୁ ନିଆଯାଇପାରିବ, ତାହା ଉପରେ ଆଲୋଚନା କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଆଜିର ସମ୍ପାଦକୀୟ
ଏବକାର ଭାରତ-ପାକିସ୍ତାନ

**ସୂଚନା:** ଅନିବାର୍ଯ୍ୟ କାରଣରୁ 'ଆଗାମୀ ଆଶା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।




ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା
No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେତୁ ଆସନ୍ତା ସୋମବାର, ଇଂରାଜୀ ତା05.05.2025ରିଖ ଦିନ, ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ମୁଖ୍ୟମନ୍ତ୍ରୀଙ୍କ **ଅଭିଯୋଗ ଶୁଣାଣି ବନ୍ଦ ରହିବ।** ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ
ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0097/2526

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୦୫।୦୫।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୨।୦୫।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହୋଇଛି। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ **(https://janasunani.odisha.gov.in/)** ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ୍ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ରଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।
ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0098/2526

**ଆଜିର ମନ୍ତବ୍ୟ**

"ମଣିପୁରରେ ୨ ବର୍ଷ ହେଲା ହିଂସାକାଣ୍ଡ ଲାଗି ରହିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାକୁ ନ ଯାଇ ରାଜଧର୍ମ ପାଳନରେ ବିଫଳ ହୋଇଛନ୍ତି। **–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**"

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଯାତ୍ରା ସଂସ୍କୃତି ସୁରକ୍ଷା ମଞ୍ଚ ଚାରିଟେବୁଲ ଟ୍ରଷ୍ଟ, କଟକର ପ୍ରଥମ ବାର୍ଷିକୋତ୍ସବ, ସ୍ଥାନ: ଉତ୍କଳ ରଙ୍ଗମଞ୍ଚ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିନ୍ଦୁ ସାହିତ୍ୟ ସମାଜର ଦଶମ ବାର୍ଷିକୋତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ନ୍ୟାଶନାଲ ଓମେନ୍ସ ବିଜିନେସ ମେଳା ୨.୦ର ଉଦ୍‌ଯାପନୀ, ସ୍ଥାନ: ଇଡ୍‌କୋ ଏକ୍ସିବିଶନ, ସମୟ: ଅପରାହ୍ନ ୪ଟା।
- ଗୁରୁ ଦେବପ୍ରସାଦ ଦାଶ ସମ୍ମାନ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ମଧ୍ୟାହ୍ନ ୬ଟା ୩୦।

## କଟକ

- ଶ୍ରୀ ଶ୍ରୀ ପଞ୍ଚାନନେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପାଞ୍ଚଗାଁ, ତିଗିରିଆ, ସମୟ: ସକାଳ ୭ଟା।
- ପ୍ରକାଶକ ଓ ସାରସ୍ୱତ ସାଧକ ପୀତାମ୍ବର ମିଶ୍ରଙ୍କ ସ୍ମୃତି ଉତ୍ସବ, ସ୍ଥାନ: ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ପ୍ରାକ୍ ବାଲ୍ୟକାଳରେ ଯତ୍ନ ଓ ଶିକ୍ଷା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଓଷ୍ଟା ସମ୍ମିଳନୀ କକ୍ଷ, ନୟାସଡ଼କ, ସମୟ: ପୂର୍ବାହ୍ନ ୧୧ଟା।
- ଶିକ୍ଷାବିତ୍ ପ୍ରଭାତ କୁମାର କରଙ୍କ ଲିଖିତ ପୁସ୍ତକ ଦଦରା ନାଆରେ ବୁଢା ନାଉରୀ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ପିପିଲି ଟୋଲ ଗେଟ୍ ନିକଟସ୍ଥ, ସମୟ: ସକାଳ ୭ଟା।
- ଦୀଘା ଜଗନ୍ନାଥ ମନ୍ଦିର ବିବାଦ ନେଇ ଜଗନ୍ନାଥ ସେନା ପକ୍ଷରୁ ଏତଲା, ସ୍ଥାନ: ସିଂହଦ୍ୱାର ଥାନା, ସମୟ: ସକାଳ ୯ଟା।
- ନୀଳାଦ୍ରି ମହୋଦୟ ଅଷ୍ଟମୀ ଓ ଶ୍ରୀ ଜଗନ୍ନାଥ ସମ୍ପର୍କିତ ଆଲୋଚନା ଚକ୍ର, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ ପକ୍ଷରୁ ଆଲୋଚନା ଚକ୍ର, ସାଧାରଣ ସଭା, ସ୍ଥାନ: ଜଗନ୍ନାଥ ବଲ୍ଲଭ, ସମୟ: ପୂର୍ବାହ୍ନ ୧୧ଟା।
- ଆଦିଶଙ୍କର ଜୟନ୍ତୀ ଉତ୍ସବ, ସ୍ଥାନ: ଜୟଦେବ ପ୍ରେକ୍ଷାଳୟ, ସଦାଶିବ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## ଖୋର୍ଦ୍ଧା

- ସାରସ୍ୱତ ସମାବେଶ, ସ୍ଥାନ: ଟାଉନ ହଲ୍, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ଜଗନ୍ନାଥ ସେବା ସଙ୍ଗଠନର ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପ, ପାରୁଳିଆ ଛକ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ଆଙ୍କୋ ଚନ୍ଦନ ପଡ଼ିଆ, ରୁପସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ପଧାନପଡ଼ା ପଞ୍ଚାୟତ ହାଇସ୍କୁଲ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କୀର୍ତ୍ତନ ବିହାରୀ ଲକ୍ଷ୍ମୀଦେବୀ ମେମୋରିଆଲ ଟ୍ରଷ୍ଟର ୩ୟ ବାର୍ଷିକ ସମାରୋହ, ସ୍ଥାନ: ଉପର ବାଗୁରାଇସ୍ଥିତ ମା' ଦୁର୍ଗା ପାଲେସ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବର ୧୦ମ ସନ୍ଧ୍ୟା, ସ୍ଥାନ: ବାଲିନଗର ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ବିପ୍ଳବୀ ଧରଣୀଧର ନାଏକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଦରବାରହଲ, ସମୟ: ମଧ୍ୟାହ୍ନ ୧୨ଟା।

## ମୟୂରଭଞ୍ଜ

- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ସକାଳ ୯ଟା।

## ବ୍ରହ୍ମପୁର

- ବିଶ୍ୱ ହସ ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ମା' ଖମ୍ବେଶ୍ୱରୀଙ୍କ ବୈଶାଖୀ ଯାତ୍ରା, ସ୍ଥାନ: ଖମ୍ବେଶ୍ୱରୀ ପାଟଣା ଆସିକା, ସମୟ: ସକାଳ ୯ଟାଠାରୁ ଆରମ୍ଭ।
- ୱାଟର ପାର୍କ, ଫୁଡ ପାର୍କ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ, ସମୟ: ପୂର୍ବାହ୍ନ ୧୦ ଟା ।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଭଞ୍ଜନଗର କେଏସ୍‌ୟୁବି କଲେଜ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ହନୁମାନ ଜୀଉଙ୍କ ୧୭ତମ ଜନ୍ମବାର୍ଷିକ ଉତ୍ସବ, ସ୍ଥାନ: ଢେଙ୍କାନାଳ ଦୁର୍ଗାବଜାର ହନୁମାନ ବାଟିକା, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର

- ଶାନ୍ତିକୁଞ୍ଜ ହରିଦ୍ୱାର କଳସରଥର ପାରାଦୀପ ସହର ପରିକ୍ରମା, ସ୍ଥାନ: ବିଜୟଚନ୍ଦ୍ରପୁର ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ: ସକାଳ ୬ଟା।
- ଜିଲା ପୋଲିସ ପ୍ରଶାସନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସଦର ପୋଲିସ ଥାନା, ଶ୍ୟାମସୁନ୍ଦରପୁର, କେନ୍ଦ୍ରାପଡା, ସମୟ: ସକାଳ ୮ଟା।

## ରାୟଗଡ଼ା

- ନୀଳକଣ୍ଠେଶ୍ୱର ଦେବାଳୟ ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଅଙ୍କୁରାରୋପଣ, ଗଙ୍ଗା ଯାତ୍ରା, ସ୍ଥାନ: ରିଜର୍ଭ ପୋଲିସ ଅଫିସ, ଜେକେପୁର, ସମୟ: ସକାଳ ୯ଟା।
- ମା ମୁତ୍ୟାଲାମା ମନ୍ଦିର ପ୍ରତିଷ୍ଠା, ସାଂସ୍କୃତିକ କାର୍ଯ୍ୟକ୍ରମ ରାଧାକ୍ରିଷ୍ଣା ପ୍ରେମ ଲୀଳା, ସ୍ଥାନ: କୋଳନରା, ସମୟ: ସକାଳ ୯ ଟାରୁ ଆରମ୍ଭ।

## କୋରାପୁଟ

- ୱାନ ନେଶନ ୱାନ ଇଲେକ୍ସନ ନେଇ ଆଲୋଚନା ଚକ୍ର, ସ୍ଥାନ: ଦକ୍ଷତା ବୃଦ୍ଧି କେନ୍ଦ୍ର, କୋରାପୁଟ, ସମୟ:ପୂର୍ବାହ୍ନ ୧୦ଟା ୩୦।
- ୱାନ ନେଶନ ୱାନ ଇଲେକ୍ସନ ସଚେତନତା ପଦଯାତ୍ରା, ସ୍ଥାନ: କୋରାପୁଟ ବସ୍‌ଷ୍ଟାଣ୍ଡ,ସମୟ: ପୂର୍ବାହ୍ନ ୧୦ଟା ୩୦।

## ମାଲକାନଗିରି

- ପ୍ରମୋଦ ସାହୁ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଫାଇନାଲ, ସ୍ଥାନ: ବାଲିମେଳା ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ: ୧୧ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା ।
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ : ଖରିଆପାଲି ଗ୍ରାମ, ସମୟ : ସକାଳ ୮ଟା ।
- ଶ୍ରୀଶ୍ରୀ ସୌରୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ନୂଆଁବାରପାଲି ଗ୍ରାମ, ସମୟ : ସକାଳ ୮ଟା ।
- .ଓଡ଼ିଶା ଯାଦବ ଟ୍ରଷ୍ଟ ବୋର୍ଡର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୪ଟା ।
- ଓଡ଼ିଶା ସାଂସ୍କୃତିକ ସମାଜ ଏବଂ ସାହିତ୍ୟ ସାଧକ ଡ. ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ଜୟନ୍ତୀ ସଭା, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା ।

## ବଲାଙ୍ଗୀର

- ଅସୀ ଚାଳନା ର୍ୟାଙ୍କିଙ୍ଗ୍ ପ୍ରତିଯୋଗିତା ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର ସମୟ: ସକାଳ ୬ଟା ।

## ରାଉରକେଲା

- ଉତ୍କଳ ଗୀତିକବି ସମାଜର ଜୟଦେବ ଜୟନ୍ତୀ ସମାରୋହ, ସ୍ଥାନ: ଜଗଦା ସାଂସ୍କୃତିକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ।
- ବୈଶାଖି ସାହିତ୍ୟ ସଂସଦର ୩୫ତମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ କଲୋନି, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ମାର୍ଟସିଟି ବିକାଶ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ମଧୁସୂଦନପାଲୀ, ସମୟ: ପୂର୍ବାହ୍ନ ୧୧ଟା ।
- ଅନ୍ୱେଷା ପକ୍ଷରୁ ମାଗଣା ହାଟ, ସ୍ଥାନ: କୃଷ୍ଣ କଲୋନି, ସେକ୍ଟର–୬, ସମୟ: ପୂର୍ବାହ୍ନ ୧୧ଟା ।
- ସୋଟୋକାନ୍ କରାଟେ ବେଲ୍ଟ ଆୱାର୍ଡ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର–୧୯ ଉଦ୍ୟାନ, ସମୟ: ଅପରାହ୍ନ ୫ଟା ।
- ଓଡ଼ିଆ ଭାଷା ସାହିତ୍ୟକୁ ନେଇ ଆଲୋଚନାଚକ୍ର, ସ୍ଥାନ: ଗୋପବନ୍ଧୁ ପାଠାଗାର, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦ ।

## ବରଗଡ଼

- ଷୋହଳ ପ୍ରହରୀ ନାମଯଜ୍ଞ କଳସ ଅଧିବାସ, ସ୍ଥାନ: କୋକନରା, ପାଇକମାଳ,ସମୟ: ସକାଳ ୮ଟା ।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମାରୋହ,ସ୍ଥାନ: ଲୋହରସିଂ, ଝାରବନ୍ଧ,ସମୟ:ସକାଳ: ୮ଟା ।
- ସ୍ୱର୍ଗତ ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ୯୦ ଜୟନ୍ତୀ ଉତ୍ସବ , ସ୍ଥାନ: ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ, ବରଗଡ଼,ସମୟ: ସକାଳ ୯ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଅଡଗାଁ ସେବା ସମବାୟ ସମିତି, ବରଗଡ଼,ସମୟ: ସକାଳ ୯ଟା ।
- ଶୀତଳଷଷ୍ଠୀ ଯାତ୍ରା ପ୍ରସ୍ତୁତି ବୈଠକ,ସ୍ଥାନ : ବ୍ଲକ ସମ୍ମିଳନୀ କକ୍ଷ, ବରପାଲି, ସମୟ: ପୂର୍ବାହ୍ନ ୧୦ଟା ।

## କଳାହାଣ୍ଡି

- ଜିଲାସ୍ତରୀୟ ଜୁନିୟର ଆନ୍ତଃ କ୍ଲବ କ୍ରିକେଟ ଉଦ୍‌ଯାପିତ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ।
- ପଣ୍ଡରାମାଲି ସମାଜର ସମାବେଶ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ ଧାନମଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ।

## ଦେବଗଡ଼

- ସତ୍ୟ ସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ:ଦେବଗଡ ସହର, ସମୟ: ପାନ୍ତଃ ୪ଟା ।
- ଅଷ୍ଟ ପ୍ରହରୀ ନାମ ଯଜ୍ଞ, ସ୍ଥାନ: ବଣିଆ ସାହି, ଦେବଗଡ,ସମୟ:ସକାଳ ୬ଟା ।
- ବିଧାୟକଙ୍କ ଅଭିଯୋଗ ଶୁଣାଣି ,ସ୍ଥାନ: ବାରକୋଟ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।

## ସୁବର୍ଣ୍ଣପୁର

- ତରଭା ଅନ୍ତର୍ଡାରେ କୀର୍ତ୍ତନ୍ୟ ମଣ୍ଡପ ପ୍ରତିଷ୍ଠା, ହରିନାମ ଓ ରାମାୟଣ ପୁରାଣ ପଠନ କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି, ସ୍ଥାନ: ଗ୍ରାମସ୍ଥିତ କୀର୍ତ୍ତନ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ ଜଟଗଡ ପଞ୍ଚାୟତ ସୋରୀପଡା ଗାଁ, ସମୟ: ପ୍ରାତଃ ୫ଟା ୧୫ ।

## ଝାରସୁଗୁଡ଼ା

- ହନୁମାନ ମନ୍ଦିରରେ ପଞ୍ଚ ଉପଚାର ପୂଜା ଓ ହନୁମାନ ଚାଳିଶା ପଠନ, ସ୍ଥାନ :ସାହାପଡ଼ା ହନୁମାନ ମନ୍ଦିର, ସମୟ:ସକାଳ ୮ଟା ।
- ଦୁର୍ଗା ମନ୍ଦିରରେ ଦୁର୍ଗା ସହସ୍ର ନାମ ପଠନ, ସ୍ଥାନ:ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୯ଟା ।

# ଟାଙ୍ଗିଆରେ ହାଣି ପଡ଼ୋଶୀଙ୍କୁ ହତ୍ୟା

**ଗୁଣପୁର,୩।୫(ପ୍ରଦୀପ କୁମାର ପାଢ଼ୀ)**

ରାୟଗଡା ଜିଲା ପଦ୍ମପୁର ଥାନା ଅଧୀନ ଗୁଣପୁର ବ୍ଲକ ଡମ୍ବସରା ପଞ୍ଚାୟତ ସୌରା ବିକ୍ରମପୁର ଗ୍ରାମରେ ଜଣେ ବ୍ୟକ୍ତି ଶୁକ୍ରବାର ରାତିରେ ଟାଙ୍ଗିଆରେ ହାଣି ତାଙ୍କ ପଡ଼ୋଶୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ଚୈତନ୍ୟ ଶବର (୪୮)। ଶନିବାର ସକାଳେ ଅଭିଯୁକ୍ତ ପଣ୍ଡା ଶବର ପଦ୍ମପୁର ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକଙ୍କ ସ୍ତ୍ରୀ ମେଲୁଣିଙ୍କ କହିବାନୁଯାୟୀ, ଚୈତନ୍ୟ ଓ ପଣ୍ଡାଙ୍କ ମଧ୍ୟରେ କୌଣସି କଥାକୁ ନେଇ ପୂର୍ବରୁ ଶତ୍ରୁତା ଥିଲା। ଶୁକ୍ରବାର ଚୈତନ୍ୟ ଘରେ ଖାଉଥିବା ସମୟରେ ପଣ୍ଡା ଓ ତାଙ୍କ ପୁଅ ଦୁହେଁ ଘର ଭିତରକୁ ଆସି ହଠାତ୍ ତାଙ୍କ ଉପରେ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଚୈତନ୍ୟଙ୍କ ମୃତ୍ୟୁ ହୋଇଯାଇଥିଲା। ଚୈତନ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ ପଦ୍ମପୁର ଥାନାରେ ତାଙ୍କ ଝିଅ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ପୋଲିସ୍ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ପଦ୍ମପୁର ଥାନାଧିକାରି ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦୋଳ ବାସି, ଜଳ ବାସି, ଅଗି ବାସି**
**କି କରିବ ଖଡ଼ି ଘଷି**

ଦୋଳ ପୂର୍ଣ୍ଣିମା, ସ୍ନାନ ପୂର୍ଣ୍ଣିମା ଏବଂ ଅଗ୍ନି ପୂର୍ଣ୍ଣିମା ପରେ କିଆରିକୁ ପ୍ରଥମେ ଚାଷ କରିବା ଭଳି ଅନେକ ଶୁଭ କାର୍ଯ୍ୟମାନ ଆରମ୍ଭ କରାଯାଇଥାଏ। ଏଥିପାଇଁ ଗଣନା ଅନାବଶ୍ୟକ ବୋଲି ଏଠାରେ ସୂଚିତ କରାଯାଇଛି।

**ଦାନ ଦିଆ ଗାଈର କି ଦାନ୍ତ ଦେଖା?**

ଦାନ୍ତ ଦେଖି ଗାଈ ବଳଦ ଭଲ କି ଖରାପ ତାହା ଜଣାପଡ଼ିଯାଇଥାଏ। ତେବେ ଦାନ ସୂତ୍ରରେ ମିଳିଥିବା ବସ୍ତୁଟି ଭଲ ହେଉ ବା ମନ୍ଦ ହେଉ ତାହା ବିଚାର କରିବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଶ୍ରମିକଙ୍କ ସହ ମାଟି ଖୋଳିଲେ ବିଡିଓ

**ପାଟଣା,୩।୫**
**(ବୀର କିଶୋର ଦାଶ)**

ପ୍ରାୟତଃ ଅଫିସରମାନେ ତୃଣମୂଳସ୍ତରକୁ ଯାଆନ୍ତିନାହିଁ। କାର୍ଯ୍ୟାଳୟରେ ଶୀତତାପ ନିୟନ୍ତ୍ରଣ କୋଠରିରେ ବସି କାର୍ଯ୍ୟର ସମୀକ୍ଷା କରୁଥିବା ଅଭିଯୋଗ ହୋଇଥାଏ। ମାତ୍ର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବିଡିଓ ମାନସ କୁମାର ଦଣ୍ଡପାଟଙ୍କ କାର୍ଯ୍ୟଶୈଳୀ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଶନିବାର ପାଟଣା ବିଡିଓ ପାଲାଣଘାଟି ପଞ୍ଚାୟତ କୁମୁଳାବାହାଲି ସୋସା ସାହିଠାରେ ଚାଲିଥିବା ମନରେଗା ଯୋଜନାରେ ପୋଖରୀ କାମ ତଦାରଖ କରିବାକୁ ଯାଇଥିଲେ। ଏହି ସମୟରେ ଶ୍ରମିକଙ୍କ ସହ ନିଜେ ଖରାରେ ମାଟି ଖୋଳି ଶ୍ରମିକଙ୍କୁ ଉତ୍ସାହିତ କରିଛନ୍ତି। ହାତରେ ଗଇଁତି ଧରି ମାଟି ଖୋଳି ଶ୍ରମିକଙ୍କ ସହ କିଛି ସମୟ ବିତାଇଥିଲେ। ବିଡିଓଙ୍କ ଏଭଳି ପ୍ରେରଣାଦାୟୀ କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



ବିଡିଓ ମାନସ କୁମାର ଦଣ୍ଡପାଟ ଗଇଁତି ଧରି ମାଟି ଖୋଳୁଛନ୍ତି।

# ସରକାରଙ୍କ ବର୍ଷକର ସଫଳତାର ବିବରଣୀ ପାଇବେ ଜନସାଧାରଣ

**ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉତ୍ସବକୁ ସ୍ୱତନ୍ତ୍ର ଭାବେ ପାଳନ କରିବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତି ଉଦ୍ଦେଶ୍ୟରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରି ଉତ୍ସବକୁ ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତୀକରଣ ଓ ପ୍ରଭାବଶାଳୀ ଭାବେ ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ସରକାରଙ୍କ ଏକବର୍ଷର ସଫଳତାର ବିବରଣୀ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ। ସମସ୍ତ ୧୧୫ଟି ପୌରାଞ୍ଚଳ (ୟୁଏଲ୍‌ବି), ଆର୍‌ଟିଓ ଅଞ୍ଚଳ ଓ ବନ୍ଦର କ୍ଷେତ୍ରରେ ଉନ୍ନତି ଉପଲବ୍ଧି ବିଷୟରେ ଅବଗତ କରିବା, ପ୍ରଦର୍ଶନୀ ଓ ମଲ୍ଟିମିଡିଆ ଅଭିଯାନ ମାଧ୍ୟମରେ ସଫଳ କାହାଣୀ ଓ ନବଚେତନାତ୍ମକ ପ୍ରୟାସଗୁଡିକୁ ଦେଖାଇବା, କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡିକର ଲୋକାର୍ପଣ ଓ ଶିଳାନ୍ୟାସ, ଭିଜୁଆଲ ଓ ଡକ୍ୟୁମେଣ୍ଟେଶନ ପ୍ରସ୍ତୁତି, ବିଭାଗୀୟ ସଫଳତା ବିବରଣୀ ଉପସ୍ଥାପନ ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ନାଗରିକ ଭାଗୀଦାରିତା ଭାବେ ଘର, ସ୍ୱଚ୍ଛତା, ପରିବହନ ଓ ସହରାଞ୍ଚଳ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିଭାଗ ଅନୁଯାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ସମସ୍ତ କାର୍ଯ୍ୟକ୍ରମରେ ସର୍ବାଧିକ ଜନସାଧାରଣ ଭାଗୀଦାରି ସୁନିଶ୍ଚିତ କରିବାକୁ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏହି ଉତ୍ସବ ଏକ ନାଗରିକ କୈନ୍ଦ୍ରିକ ଏବଂ ଗଣତାନ୍ତ୍ରିକ ଶାସନର ପ୍ରତିବିମ୍ବ ଭାବେ ଆୟୋଜିତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜଧାନୀରେ ବାଲେଶ୍ୱରର ସ୍ୱାର୍ଥ ପାଇଁ ଲଢ଼ିବ 'ଏକତ୍ର ବାଲେଶ୍ୱର'

**ଭୁବନେଶ୍ୱର,୩।୫(ସୁନିତ୍ ମିଶ୍ର)**

ବାଲେଶ୍ୱରରେ ସରକାରୀ ଇଞ୍ଜିନିୟରିଂ କଲେଜ ଓ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ଏଜୁକେଶନ୍ ଆଣ୍ଡ ରିସର୍ଚ୍ଚ ପ୍ରତିଷ୍ଠା ନେଇ ଦାବି କରାଯିବ। ମୟୂରଭଞ୍ଜ ଓ ଭଦ୍ରକର ମଧ୍ୟସ୍ଥଳୀ ହୋଇଥିବାରୁ ବାଲେଶ୍ୱରରେ ଏକ ସରକାରୀ ଇଞ୍ଜିନିୟରିଂ କଲେଜ ଏବଂ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ଦାବି କରାଯିବ। ଜିଲାର ବିଭିନ୍ନ ଦାବିଗୁଡିକ ପାଇଁ ରାଜଧାନୀରେ ଲଢ଼େଇ କରିବ 'ଏକତ୍ର ବାଲେଶ୍ୱର'। ଏଥିସହ ଆଗାମୀ ଦିନରେ ଏକ ମିଳନ ମେଳା କରାଯିବ ବୋଲି 'ଏକତ୍ର ବାଲେଶ୍ୱର' ଆବାହକ ତଥା ରୋଟାରିଆନ୍ ସରୋଜ କୁମାର ଦାଶ ଶନିବାର ରାଜଧାନୀର ଏକ ହୋଟେଲରେ ଆୟୋଜିତ ବୈଠକରେ କହିଛନ୍ତି। ବୈଠକରେ ଅନୁଷ୍ଠାନର ପରିଚାଳନା କମିଟି, ଅଭ୍ୟର୍ଥନା କମିଟି, ଅର୍ଥ କମିଟି ଓ ସାଂସ୍କୃତିକ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ପ୍ରଫେସର ଅଦ୍ୱୈତ ପାତ୍ର, ଅଭିନେତା ପ୍ରେମାଞ୍ଜନ ପରିଡ଼ା, ଚିତ୍ରଶିଳ୍ପୀ କେଶୁ ଦାସ, ପଞ୍ଚାନନ ସାମଲ, ଶିକ୍ଷାବିତ୍ ବିନୋଦିନୀ ପାତ୍ର, ନିରଞ୍ଜନ ଚନ୍ଦ୍ର ପଣ୍ଡା, ଗୌରୀଶଙ୍କର ପଣ୍ଡା, ବିଶ୍ୱନାଥ ମହାନ୍ତି, ଜୟନ୍ତ କୁମାର ଦାସ, ବିରୋଜ କୁମାର ରାଉତ, ସ୍ନିଗ୍ଧା ବେହେରା, ଶ୍ୱାତୀ ବିଶ୍ୱାଳ, ମେଘାଦୀପ୍ତି ମହାପାତ୍ର, ପ୍ରଭଞ୍ଜନ ମହାନ୍ତି ଯୋଗଦେଇଥିଲେ।

# ସମ୍ପ୍ରସାରଣ ହେବ ଏମ୍ସ ଭୁବନେଶ୍ୱର

## ଜମି ଯୋଗାଣ ସହ ବିଭିନ୍ନ ପ୍ରସଙ୍ଗ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ)**

ସମ୍ପ୍ରସାରଣ ହେବ ଏମ୍ସ ଭୁବନେଶ୍ୱର। ଏଥିସହ ଚିକିତ୍ସା ସେବାରେ ଆହୁରି ଉନ୍ନତି ଆସିବ। ଏନେଇ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ଅଧ୍ୟକ୍ଷ ଡା. ଶୈଳେଶ କୁମାର ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କ ସହିତ ରୋଗୀ ସେବା, ଚିକିତ୍ସା ବିଜ୍ଞାନ ଏବଂ ପ୍ରତିଷ୍ଠାନର ସମ୍ପ୍ରସାରଣ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିକାଶମୂଳକ ପ୍ରସ୍ତାବ ଓ ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ବର୍ଦ୍ଧିତ ସ୍ୱାସ୍ଥ୍ୟସେବା ଚାହିଦା ପୂରଣ ପାଇଁ ଏମ୍ସ ଭୁବନେଶ୍ୱରର ସମ୍ପ୍ରସାରଣ ଜରୁରୀ। ଏଥିଲାଗି ଅତିରିକ୍ତ ଜମି ଯୋଗାଇବା ଆଲୋଚନାର ପ୍ରମୁଖ ପ୍ରସଙ୍ଗ ଥିଲା। ଉନ୍ନତ ସହରାଞ୍ଚଳ ସେବା ଏବଂ ନାଗରିକ ସହାୟତା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଧୀନରେ ଏମ୍ସ ଭୁବନେଶ୍ୱରକୁ ସାମିଲ କରିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ପ୍ରତିଷ୍ଠାନର ପ୍ରୟାସକୁ ପ୍ରଶଂସା କରିବା ସହ ଏହାର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ପ୍ରତିଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ୱୀକାର କରିବା ସହ ସ୍ୱାସ୍ଥ୍ୟସେବା ପ୍ରକ୍ରିୟାରେ କେତେକ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦେଇଥିଲେ। ପରେ ଡା. ବିଶ୍ୱାସ ରାଜ୍ୟ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍‌ଙ୍କୁ ଭେଟି ଏହି ଜାତୀୟ ପ୍ରତିଷ୍ଠାନର ବ୍ୟାପକ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି କାମ ହାସଲ ସକାଶେ ବିଜାତୀୟ ବ୍ୟକ୍ତିଙ୍କ ସହ ଯୋଗସୂତ୍ର ସ୍ଥାପନ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସଭାସମିତି କିମ୍ବା ଆନୁଷ୍ଠାନିକ କାମରେ ଯୋଗଦେବେ। ସହକର୍ମୀଙ୍କ ବିବାଦୀୟ ଆଲୋଚନାରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରିନେବେ। ବ୍ୟବସାୟ ଓ ପରିବହନ ତଥା ପାରିବାରିକ କ୍ଷେତ୍ର ବୁଝାମଣା ଶୃଙ୍ଖଳିତ ରହିବ।

**ବୃଷ**
ମାନସିକ ଅସ୍ଥିରତାଜନିତ ସବୁ ସୁବିଧା ଥାଇ ମଧ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସାଧନରେ ଅସମର୍ଥ ହେବେ। ନିଜ ଲୋକଙ୍କ ଉପରେ ଭରସା କରି ସୁଫଳ ପାଇବେ ନାହିଁ। କଳା, କ୍ରୀଡ଼ା ଓ ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ମାଲିମକଦ୍ଦମା ପ୍ରଭୃତିରେ ସଫଳତା ପାଇବେ।

**ମିଥୁନ**
ଦୈହିକ ଅସୁସ୍ଥତାକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ସହ ପାରିବାରିକ ସମ୍ପର୍କର ପୂର୍ବାବସ୍ଥାକୁ ବଜାୟ ରଖିପାରିବେ। କର୍ମକ୍ଷେତ୍ର ପ୍ରତି ଉଦାସୀନତା ସମସ୍ୟା ସୃଷ୍ଟି କରିପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। ପାରିବାରିକ ସ୍ଥିତି, ବ୍ୟବସାୟିକ ଉତ୍କର୍ଷ, ନୂତନ ବନ୍ଧୁସମ୍ପର୍କ ଯୋଗୁ ଦିନଟି ପୁନର୍ବସୁ ପାଇଁ ଭଲ ରହିବ।

**କର୍କଟ**
ଅର୍ଥନୈତିକ ଅବରୋଧ ଦୂର ହେବା ସହିତ କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ଓ ବନ୍ଧୁବର୍ଗଙ୍କ ସହଯୋଗ ପାଇବେ। କିନ୍ତୁ କର୍ମକ୍ଷେତ୍ର ଜଞ୍ଜାଳର ବହୁଳତାଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ବନ୍ଧୁଙ୍କ ସହ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହର ଆଶଙ୍କା ରହିଛି। ପାରିବାରିକ କ୍ଷେତ୍ରରେ ଶାନ୍ତି ଓ ସ୍ଥିରତା ଫେରିଆସିପାରେ।

**ସିଂହ**
ବନ୍ଧୁଙ୍କ ସହ ଗତକାଲିର ଅସମାପ୍ତ ଆଲୋଚନା ଆଜି ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିପାରିବ। ଶିକ୍ଷା, ପରୀକ୍ଷା, ସନ୍ତାନ ହେତୁକ ସମସ୍ୟା ସମାଧାନ ହେବାର ଆଶା ରହିଛି। କର୍ମକ୍ଷେତ୍ରରେ ପିଠି ଥାପୁଡ଼େଇ, ମିଠାକଥା କହି କାମ ହାସଲ କରିବାରେ ସମର୍ଥ ହେବେ। ସ୍ୱାସ୍ଥ୍ୟ ଭଲ ରହିବା ସହ ପ୍ରିୟଜନଙ୍କ ସାନ୍ନିଧ୍ୟରୁ ସାମୟିକ ଉପକୃତ ହୋଇପାରନ୍ତି।

**କନ୍ୟା**
ଯେତେ ଚେଷ୍ଟା କଲେ ମଧ୍ୟ କେତେକ କାମ ଅଧୁରା ରହିଯିବାର ସୂଚନା ରହିଛି। ଆପଣଙ୍କ ସଯୌକ୍ତିକ କଥାକୁ ବିରୋଧ କରୁଥିବା ବ୍ୟକ୍ତି ମଧ୍ୟ ସମର୍ଥନ ଜଣାଇବ। ପୂର୍ବର ଋଣ ଏବଂ ପାରିବାରିକ ସମସ୍ୟା ମନକୁ ଆନ୍ଦୋଳିତ କରିପାରେ। ବାଣିଜ୍ୟ, ଆନୁଷ୍ଠାନିକ କାମ, ଅଧ୍ୟୟନ, ଅଧ୍ୟାପନା, ଲେଖାପଢ଼ା କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା**
ସ୍ୱାସ୍ଥ୍ୟହାନି, ଶତ୍ରୁତା ଏବଂ ଅର୍ଥର ଅଭାବ ଯୋଗୁ ଚିନ୍ତିତ ରହିପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇ ନିଜ କାମ ପ୍ରତି ଅନୁରକ୍ତି ପ୍ରକାଶ କରିବା ଭଲ। ଆଜିର ବ୍ୟବସାୟିକ ସ୍ଥିତି ମାନ୍ଦା ହେବ ନାହିଁ ଏବଂ ଦୀର୍ଘଦିନର ବକେୟା ଅର୍ଥ ପାଇ ଖୁସି ହେବେ। ବନ୍ଧୁଙ୍କ ସାମ୍ନାରେ ସମସ୍ୟାଟିକୁ ପ୍ରକାଶ କରିବାରେ ପଛେଇ ଯାଇପାରନ୍ତି।

**ବିଛା**
ପ୍ରତ୍ୟେକ କାମ ସକାଶେ ପ୍ରତୀକ୍ଷା ମାନସିକ ଅଶାନ୍ତିର କାରଣ ହେବ। ସମୟ ସ୍ରୋତରେ ଅତି ଭଲ ସମ୍ପର୍କ ଥିବା ବ୍ୟକ୍ତିଙ୍କ ସହ ବୈରତା ସୃଷ୍ଟିର ଆଶଙ୍କା ରହିଛି। ଆଜି ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ଓ ତଦନୁସାରେ କାମରେ ସାହାଯ୍ୟ ମଧ୍ୟ କରିବେ । ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି ପ୍ରାୟତଃ ସନ୍ତୋଷଜନକ ରହିବ।

**ଧନୁ**
ବିଭିନ୍ନ କାରଣକୁ ନେଇ ପରିସ୍ଥିତି ଜଟିଳ ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ଆର୍ଥିକ ଅଭିବୃଦ୍ଧି ସହିତ ବନ୍ଧୁ ସମ୍ପର୍କ, ଆରମ୍ଭ କରିଥିବା କାମ, ଦୂରଯାତ୍ରା ଓ ଆଲୋଚନାରେ ସଫଳତା ମିଳିବ। ସଭାସମିତି, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଚାପଗ୍ରସ୍ତ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର**
ଲୋକ ସମ୍ପର୍କ ଓ ବଳିଷ୍ଠ ପାରିବାରିକ ସ୍ଥିତି କାରଣରୁ ସାଧାରଣ ସମସ୍ୟା ଓ ମାନସିକ ଚିନ୍ତାରୁ ମୁକ୍ତ ରହିବେ। ଅଟକି ରହିଥିବା ଯାତ୍ରା, ସ୍ଥଗିତ କାର୍ଯ୍ୟ, ବ୍ୟବସାୟ ଓ ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ। ଅର୍ଥ ସଂକଟ, ମାଲିମକଦ୍ଦମା, ପରୋକ୍ଷ ଶତ୍ରୁତା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କୁମ୍ଭ**
ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଆଜି ଭଲ ସମ୍ପର୍କ ନ ଥିବା ବ୍ୟକ୍ତି ମଧ୍ୟ ଆପଣଙ୍କ କାମରେ ହସ୍ତକ୍ଷେପ କରିବ ନାହିଁ। ସାଧାରଣ କଥାକୁ କେନ୍ଦ୍ର କରି ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାର ଆଶଙ୍କା ଦେଖାଦେବ।

**ମୀନ**
ବିଶିଷ୍ଟ ବ୍ୟକ୍ତିଙ୍କ ସହୃଦୟତା ଆପଣଙ୍କ ପାଇଁ ସହାୟ ହେବ। ପରିସ୍ଥିତି ପ୍ରତି ସଜାଗ ରହି କାମ କରି ଚାଲିଲେ ପ୍ରତିବନ୍ଧକ ବେଶୀ ସମୟ ଅଟକାଇ ପାରିବ ନାହିଁ। ଦୃଢ଼ ଇଚ୍ଛାଶକ୍ତି ବଳରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିପାରିବେ। ଆର୍ଥିକ ସ୍ଥିତି, ସାମାଜିକ ପ୍ରଗତି, ପୂର୍ବପରି ଅକ୍ଷୁଣ୍ଣ ରହିବା ଯୋଗୁ ଖୁସି ଅନୁଭବ କରିବେ।

ଆଜି ମେ ୪ ତାରିଖ, ବିଶ୍ୱ ହାସ୍ୟ ଦିବସ, (ମେ ପ୍ରଥମ ରବିବାର, ବୈଶାଖ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ରବିବାର। ରାଶିନକ୍ଷତ୍ର– ଦିବା ଘ.୧୨।୫୪ମି. ପର୍ଯ୍ୟନ୍ତ ପୁଷ୍ୟା/କର୍କଟ, ତାପରେ ଅଶ୍ଳେଷା ନକ୍ଷତ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୧୯ ଗତେ ଘ.୦୯।୩୫ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪।୩୧ ଗତେ ଘ.୦୬।୦୭ ମଧ୍ୟେ ରାହୁକାଳ।

# ସବୁ ବିଷୟରେ ପାସ୍, ମାର୍କଶିଟ୍‌ରେ ଫେଲ୍

## ମାଟ୍ରିକ ପରୀକ୍ଷାଫଳରେ ତ୍ରୁଟି

ଏରସମା,୩।୫ (ଦୀପ୍ତି ଖଣ୍ଡୁଆଳ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଗଡ଼ହରିଶପୁର ପଞ୍ଚାୟତସ୍ଥିତ ମାର୍କଣ୍ଡ ବିଦ୍ୟାମନ୍ଦିରରେ ମାଟ୍ରିକ ପରୀକ୍ଷା ଫଳାଫଳରେ ତ୍ରୁଟି ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟର ୫ ଜଣ ଛାତ୍ର ସବୁ ବିଷୟରେ କୃତକାର୍ଯ୍ୟ ହୋଇଥିଲେ ମଧ୍ୟ ମୋଟ ଫଳାଫଳରେ ଫେଲ୍ ବୋଲି ଦର୍ଶାଯାଇଛି। ଏପରିକି ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ୍ ଓ ମାଟ୍ରିକ ଫରୀକ୍ଷାଫଳ ପ୍ରକାଶିତ ବହିରେ ମଧ୍ୟ ଫେଲ୍ ବୋଲି ଉଲ୍ଲେଖ ରହିଛି। ଏନେଇ ସେମାନେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଛନ୍ତି। ଛାତ୍ର ଶକ୍ତିପ୍ରସାଦ ବିଶ୍ୱାଳଙ୍କ କହିବାନୁଯାୟୀ, ସେ ଓଡ଼ିଆରେ ୪୬, ଇଂଲିଶ୍ ୩୭, ଭୋକେଶନାଲ ( ଅଟୋମୋଟିଭ )୬୭, ଗଣିତ ୩୪, ବିଜ୍ଞାନ ୩୪, ସାମାଜିକ ବିଜ୍ଞାନରେ ୩୨ ଏହିପରି ମୋଟ୍ ୨୫୦ ନମ୍ବର ରଖି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ନିୟମ ଅନୁସାରେ ସବୁ ବିଷୟରେ ୩୦ କିମ୍ବା ତା'ଠାରୁ ଅଧିକ ମାର୍କ ରଖିଲେ ଜଣେ ପରୀକ୍ଷାର୍ଥୀ ପାସ୍ କରିବା କଥା। ଏହି ଅନୁସାରେ ଶକ୍ତିପ୍ରସାଦଙ୍କୁ ଡି ଗ୍ରେଡ୍ ମିଳିବା କଥା। ମାତ୍ର ମାର୍କଶିଟ୍‌ରେ ଏଫ୍ ଗ୍ରେଡ୍ ଲେଖା ହୋଇଥିବାରୁ ସେ ପରୀକ୍ଷାରେ ପାସ୍ କରି ପାରି ନ ଥିବା ଜଣାପଡ଼ିଛି। ତାଙ୍କ ପରି ଅନ୍ୟ ୪ ଜଣ ଛାତ୍ରଙ୍କ ପରୀକ୍ଷାଫଳରେ ତ୍ରୁଟି ପରିଲକ୍ଷିତ ହୋଇଛି। ଏନେଇ ସମ୍ପୃକ୍ତ ଛାତ୍ରଙ୍କ ଅଭିଭାବକମାନେ ଶନିବାର ବିଦ୍ୟାଳୟକୁ ଆସି ପ୍ରଧାନଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସମ୍ପର୍କରେ ସ୍ୱାଇଁ କହିଛନ୍ତି, ୫ ଜଣ ଛାତ୍ରଙ୍କ ମାର୍କଶିଟ୍‌ରୁ ଏଫ୍ ଗ୍ରେଡ୍ ହଟାଇବା ପାଇଁ ବୋର୍ଡ କର୍ତ୍ତୃପକ୍ଷଙ୍କୁ ଅବଗତ କରିଛୁ। ଖୁବ୍‌ଶୀଘ୍ର ଏହା ଠିକ୍ ହୋଇଯିବ ବୋଲି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି।



PERSONAL DETAILS

| | |
|---|---|
| Roll No. | 028AB0103 |
| Candidate Name | SHAKTIPRASAD BISWAL |
| Father's Name | PRABIN BISWAL |
| Mother's Name | LILI BISWAL |
| Date Of Birth | 02/02/2010 |
| Name of the School | MARKANDA VIDYAMANDIR, GADAHARISHPUR |

MARKS AWARDED

| Subject Code | Subject Name | Maximum Marks | Marks Secured |
|---|---|---|---|
| FLO | FIRST LANGUAGE ODIA | 100 | 46 |
| SLE | SECOND LANGUAGE ENGLISH | 100 | 37 |
| AM | AUTOMOTIVE | 100 | 67 |
| MTH | MATHEMATICS | 100 | 34 |
| GSC | GENERAL SCIENCE | 100 | 34 |
| SSC | SOCIAL SCIENCE | 100 | 32 |

FINAL RESULT

| | |
|---|---|
| Grand Total | 250 |
| Result Grade | F |

ଶକ୍ତିପ୍ରସାଦ ବିଶ୍ୱାଳଙ୍କ ମାର୍କଶିଟ୍

ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ଶନିବାର 'ରେଭେନ୍‌ଶା ରେଡିଓ' ପକ୍ଷରୁ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଦୈନିକ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଯୋଗଦେଇ ଗଣମାଧ୍ୟମ ଓ ଏହାର ଉତ୍ତରଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଛନ୍ତି। ଆର୍‌ଜେ ସୌରଭ ଓ ବିବେକଙ୍କ ସହ କଥୋପକଥନ ବେଳେ କାର୍ଯ୍ୟକ୍ଷେତ୍ରରେ ମହିଳାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ଦିଗରେ ଆଦ୍ୟାଶା ଉପାଦେୟ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସେ ଷ୍ଟେଶନ ଇନ୍‌ଚାର୍ଜ ଦୁଷ୍ମନ୍ତ କୁମାର ଦାସ, ପ୍ରଡକ୍ସନ ମୁଖ୍ୟ ସ୍ମିତିପ୍ରଜ୍ଞା ନାୟକ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ।





# ରେଳ ମନ୍ତ୍ରାଳୟ

## [ଦକ୍ଷିଣ ପୂର୍ବ ରେଳପଥ (ନିର୍ମାଣ ସଂଗଠନ)]

### ବିଜ୍ଞପ୍ତି

**କୋଲକାତା, 11 ଅପ୍ରେଲ, 2025**

**ଏସ୍.ଓ. 1698 (ଇ).-** ଯେହେତୁ, ରେଳୱେ ଅଧିନିୟମ, 1989 (1989ର 24) (ଯାହା ପରବର୍ତ୍ତୀ ସମୟରେ ଉକ୍ତ ଅଧିନିୟମ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଉପଧାରା (1) ଅନୁସାରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ-II, ଧାରା 3, ଉପଧାରା (ii) (ଯାହା ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ରେ ପ୍ରକାଶିତ, ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ (ଦକ୍ଷିଣ ପୂର୍ବ ରେଳପଥ / ନିର୍ମାଣ ସଂଗଠନ) ର ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ), ତାରିଖ 11 ଡିସେମ୍ବର, 2023 ଦ୍ୱାରା, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଜିଲ୍ଲାରେ ଝାରସୁଗୁଡ଼ା ୟାର୍ଡ ରୁପାନ୍ତିକରଣ (26 କିଲୋମିଟର) ସମେତ ଦୋହରୀ ଲାଇନ ଫ୍ଲାଏ ଓଭର ପରି ସ୍ୱତନ୍ତ୍ର ରେଳ ପ୍ରକଳ୍ପର ନିଷ୍ପାଦନ, ରକ୍ଷଣାବେକ୍ଷଣ, ପରିଚାଳନା ଏବଂ କାର୍ଯ୍ୟକାରିତା ପାଇଁ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବା ଅନୁଯାୟୀ ଏହି ଅଧିସୂଚନା ଜାରି କରାଯାଉଛି ।ଏବଂ, ଯେହେତୁ, 11 ଡିସେମ୍ବର, 2023 ତାରିଖରେ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ) ର ସାରାଂଶ 6 ମାର୍ଚ୍ଚ, 2024 ତାରିଖରେ ଉକ୍ତ ଆଇନର ଧାରା 20ଏ ର ଉପ-ଧାରା (4) ଅନ୍ତର୍ଗତ; ଦୈନିକ ଖବରକାଗଜଗୁଡ଼ିକରେ ପ୍ରକାଶିତ ହୋଇଥିଲା, ଯଥା 'ପ୍ରମେୟ' (ଓଡ଼ିଆ ସଂସ୍କରଣ), 'ସମ୍ବାଦ' (ଓଡ଼ିଆ ସଂସ୍କରଣ), 'ଦୈନିକ ଜାଗରଣ' (ହିନ୍ଦୀ ସଂସ୍କରଣ) ଏବଂ 'ଟାଇମ୍ସ ଅଫ୍ ଇଣ୍ଡିଆ' (ଇଂରାଜୀ ସଂସ୍କରଣ)। ଏବଂ, ଯେହେତୁ, 11 ଡିସେମ୍ବର, 2023 ତାରିଖରେ ବିଜ୍ଞପ୍ତି ସଂଖ୍ୟା ଏସ୍.ଓ. 5322 (ଇ) ବିରୁଦ୍ଧରେ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ଆପତ୍ତି ଗ୍ରହଣ କରାଯାଇନାହିଁ; ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ଏବେ, ଯେହେତୁ, ଦକ୍ଷ ଅଧିକାରୀଙ୍କ ଉପରୋକ୍ତ ରିପୋର୍ଟ ପ୍ରାପ୍ତ ହୋଇଛି, ଉକ୍ତ ଅଧିନିୟମ ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଜମି ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଡି ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ, ସରକାରୀ ଗେଜେଟରେ ଏହି ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ କେନ୍ଦ୍ର ସରକାରଙ୍କର ହେବ, ସମସ୍ତ ଜବରଦଖଲରୁ ମୁକ୍ତ।

ଏହି ପରିପ୍ରେକ୍ଷୀରେ, ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ଥାନା/ଜିଲ୍ଲା: ଝାରସୁଗୁଡାର ଖାତା ସଂଖ୍ୟା 747/5243 ର ବ୍ୟକ୍ତିଗତ ପ୍ଲଟ୍ ସଂଖ୍ୟା 5621/10935, ଯାହାର କ୍ଷେତ୍ରଫଳ 0.060 ଏକର, ଯାହାକୁ ଅସାବଧାନତାବଶତଃ ରେଳବାଇ ଆଇନ, 1989 (1989 ର 24) ର ଧାରା 20E ଅନୁଯାୟୀ ଗେଜେଟ୍ ବିଜ୍ଞପ୍ତି ନମ୍ବର 1631, ଏସ୍.ଓ. 1710(ଇ), ତାରିଖ 12.04.2023 ରେ ନ୍ୟସ୍ତ କରାଯାଇଥିବା ଘୋଷଣା କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରାଯାଉଛି।

### ଅନୁସୂଚୀ

ଓଡ଼ିଶା ରାଜ୍ୟର ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଜିଲ୍ଲାରେ **'ଦୋହରୀ ଲାଇନ ଫ୍ଲାଏଓଭର ଝାରସୁଗୁଡ଼ା ୟାର୍ଡ ରୁପାନ୍ତିକରଣ (26 କିଲୋମିଟର)** ସହିତ ଏବଂ **'ବରପାଲି ଲୋଡିଂ ବଲ୍ବ'** ପାଇଁ ନିର୍ମାଣ ଅନ୍ତର୍ଭୁକ୍ତ କିମ୍ବା ବିନା ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା।

କ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା।

| କ୍ର. ସଂ | ଖାତା ସଂଖ୍ୟା | ପ୍ଲଟ୍ ସଂଖ୍ୟା | କିସମ | 20ଇ ପ୍ରସ୍ତାବିତ କ୍ଷେତ୍ର (ଏକରରେ) | ପଞ୍ଜୀକୃତ ଭଡ଼ାଟିଆ (ଓଡ଼ିଆ ରେ) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| **କ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 32 | 1441 | ଆ. ସା. | 0.010 | ମହମ୍ମଦ ଇସାକ, ମହମ୍ମଦ ରହମଦତୁଲ୍ଲା ପି: ମହମ୍ମଦ ଇନାୟତ ଜା: ମୁସଲମାନ ବା: ନିଜଗାଁ |
| 2 | | 1427 | ବେ. ପା. | 0.200 | |
| 3 | 70 | 1416 | ମା. ସା. | 0.050 | ସତ୍ୟବତି କିସାନ, ଭାରତୀ କିସାନ, ଅନ୍ନବତୀ କିସାନ ପି- ଗଣ୍ଡା କିସାନ, ମନଚ୍ଚନ ମାଝୀ, ବିରଞ୍ଚି କୁମାର ମାଝୀ ପି: ଦୁର୍ଯ୍ୟୋଧନ ମାଝୀ, ଶୁକୁ କିସାନ, ପ୍ରସାଦୀ କିସାନ, ସୁମିତ୍ରା କିସାନ ପି: ଖୁଚୁଲା କିସାନ, କୁମର କିସାନ, ବନମାଳୀ କିସାନ, ସରୋଜିନୀ କିସାନ, କିଆ କିସାନ, ଗଦେ କିସାନ, ପାର୍ବତୀ କିସାନ ପି: ଶିବା କିସାନ, ଉଦ୍ଧବ କିସାନ, ନିର କିସାନ, ଅନୁପମା କିସାନ ପି: ଆଷାଢୁ କିସାନ, ବିଷ୍ଣୁ କିସାନ ପି: ଜେଠୁ କିସାନ, ସୁନିଲ କିସାନ, ଦୈତାରି କିସାନ, ଦୟା କିସାନ, ବାସନ୍ତି କିସାନ, ଜୟସିନୀ କିସାନ ପି: ଖେଡୁ କିସାନ, ବୃନ୍ଦାବତୀ କିସାନ ସ୍ୱା ଖେଡୁ କିସାନ, ରୁକ୍ମଣୀ କିସାନ ପି: ଚକ୍ର କିସାନ, ଚନ୍ଦ୍ରକାନ୍ତ କିସାନ, ଅଞ୍ଜଲି କିସାନ, ଗୀତାଞ୍ଜଲି କିସାନ, ପୁଷ୍ପାଞ୍ଜଲି କିସାନ ପି: ଯୁଧିଷ୍ଠିର କିସାନ, ସରୋଜିନି କେଛୋ, ବୁନ୍ଦେ କିସାନ ପି: ମଙ୍ଗଲା କିସାନ, ସମିର କିସାନ ପି- ବବୁଲୁ କିସାନ, ସୀତା କିସାନ ସ୍ୱା: ବବୁଲୁ କିସାନ, ମିନକେତନ କିସାନ, ରମେଶ କିସାନ, ସଂଞ୍ଜୁ କିସାନ, ରଞ୍ଜୁ କିସାନ ପି: ଭୁବନ କିସାନ, ସବିତା କିସାନ ସ୍ୱା: ଭୁବନ କିସାନ, ସୁକେଶି କିସାନ ପି: ପିଛାଲୁ କିସାନ ଜା: କିସାନ ବା: ନିଜଗାଁ ପଡା: ବାଲିଯୋରି |
| 4 | 78 | 5818 | ଆ. ସା. | 1.050 | ରାଜବର୍ଦ୍ଧନ ଅଗସ୍ତି, ହର୍ଷବର୍ଦ୍ଧନ ଅଗସ୍ତି, ଅନୁପ ଅଗସ୍ତି,ସର୍ବେଶ ଅଗସ୍ତି, ଶୈଲେଶ ଅଗସ୍ତି,ସୀମା ଅଗସ୍ତି, ସନ୍ଧ୍ୟା ଅଗସ୍ତି ପି: କୃପାଶଙ୍କର ଅଗସ୍ତି, ଅଞ୍ଚଳ ଅଗସ୍ତି ,ପଙ୍କଜ ଅଗସ୍ତି , ମିତା ମିଶ୍ରା ପି: ପ୍ରଭୁଶଙ୍କର ଅଗସ୍ତି, ରୋଲି ମିଶ୍ରା ଉର୍ଫ ଶୁକ୍ଳା ମା-ରକ୍ଷା ମିଶ୍ରା ଉର୍ଫ ଶୁକ୍ଳା, ଭରତ ଅଗସ୍ତି ,ସରିତା ତିୱାରୀ ,ସୁଷମା ତିୱାରୀ, ରତ୍ନା ତିୱାରୀ ପି: ରମଶଙ୍କର ଅଗସ୍ତି, ଆଶୀଷ ଶୁକ୍ଳା ପି: ଗାନ୍ଧୀ ଶୁକ୍ଳା, ନୀରଜା ମିଶ୍ରା ପି: ଗଣେଶ ମିଶ୍ରା, ନିତା ତିବାରୀ , ସୁକନ୍ୟା ଶୁକ୍ଳା, ଜୟଶଙ୍କର ଅଗସ୍ତି ପି: ସିଉମଙ୍ଗଳ ଅଗସ୍ତି, ହରିଶଙ୍କର ଅଗସ୍ତି, ଶିଉଶଙ୍କର ଅଗସ୍ତି, ରବିଶଙ୍କର ଅଗସ୍ତି, ବିଜୟ ଶଙ୍କର ଅଗସ୍ତି ପି: ଉମାଶଙ୍କର ଅଗସ୍ତି, କଳାବତୀ ଅଗସ୍ତି ସ୍ୱା: ଉମାଶଙ୍କର ଅଗସ୍ତି ଜା: ବ୍ରାହ୍ମଣ ବା: ନିଜଗାଁ |
| 5 | 189 | 5658 | ବା. ସା. | 0.050 | ଝାଡି ଉରାମ ପିତା ରାଇଲୋ ଉରାମ ମଙ୍ଗରା ଉରାମ ପିତା :, ଡିବା ଉରାମ ମୁନିଆଁ ଉରାମ ପିତା ମାହାତ ଉରାମ ଜାତି :, ଉରାମ ବାସସ୍ଥାନ ନିଜଗାଁ ପଡା ବାଲିଯୋରି । |
| 6 | | 5626 | ମା. ସା. | 0.050 | |
| 7 | 246 | 1485 | ଆ. ସା. | 0.020 | ଧନନ୍ତରୀ ପଟେଲ ପି: ବଳଦେବ ପଟେଲ, ଦୟା ସାଗର ପଟେଲ ପି: ଚିନ୍ତାମଣି ପଟେଲ ଜା: ଅଘରିଆ ବା: ନିଜଗାଁ ପଡା ବାଲିଯୋରି |
| 8 | 344 | 1495/ 6143 | ଆ. ସା. | 0.140 | ନରେଶ କୁମାର ମେହେର, ରାଜେଶ କୁମାର ମେହେର ପି. ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର ସ୍ୱା:ପୁରନ୍ଦର ମେହେର ଜା: ଭୁଲିଆ ବା: ନିଜଗାଁ ପଡା ପୁରୁଣାବସ୍ତି |
| 9 | 349 | 1443 | ଆ. ସା. | 0.010 | ବେଦମତୀ ପଟେଲ ସ୍ୱା: ଦଶରଥ ପଟେଲ, ବିଦ୍ୟାଧର ପଟେଲ, କେଶରୀ ପଟେଲ, ପ୍ରଶାନ୍ତ ପଟେଲ, ଉଦିତ ପଟେଲ, ଟିକେଶ୍ୱରୀ ନାଏକ, ଜାହ୍ନବୀ ପଟେଲ,ମନୋରମା ପଟେଲ ପି: ଦଶରଥ ପଟେଲ, ସ୍ନେହଲତା ପଟେଲ ସ୍ୱା: ଧନ୍ୱନ୍ତରୀ ପଟେଲ, ରଞ୍ଜନ ପଟେଲ, ମଙ୍ଗଳ ପ୍ରସାଦ ପଟେଲ, ଆରତୀ ପଟେଲ, ବିନତୀ ନାଏକ ପି: ଧନ୍ୱନ୍ତରୀ ପଟେଲ, କେଦାରନାଥ ପଟେଲ,ଶାନ୍ତି ପଟେଲ,ସୁକାନ୍ତି ପଟେଲ, ଲବଙ୍ଗଲତା ନାଏକ, ଝରଣା ପଟେଲ ପି: ଦୟାସଗର ପଟେଲ ଜା: ଅଘରିଆ ବା: ନିଜଗାଁ ପଡା ବାଲିଯୋରୀ |
| 10 | 423 | 1440 | ବୀ. ପା. | 0.050 | ମହମ୍ମଦ ମଜହର ପି: ମହମ୍ମଦ ସୁଜାଏତ, ରହିମାନ ବିବି ସ୍ୱା: ମହମ୍ମଦ ସୁଜାଏତ ଜା: ମୁସଲମାନ ବା: ନିଜଗାଁ |
| 11 | | 1414 | ମା. ସା. | 0.050 | |
| 12 | | 1415 | ମା. ସା. | 0.050 | |
| 13 | | 1425 | ମା. ସା. | 0.040 | |
| 14 | | 1442 | ଆ. ସା. | 0.010 | |
| 15 | 426 | 1421 | ବା. ସା. | 0.070 | ମଜିଦୁନ ବିବି ସ୍ୱା:ନବି ଖାଁ ଜା: ମୁସଲମାନ ବା: ସୁନ୍ଦରଗଡ ଜିଲ୍ଲା ସୁନ୍ଦରଗଡ |
| 16 | | 5660 | ବା. ସା. | 0.010 | |
| 17 | 450 | 5825-A | ଆ. ସା. | 0.052 | ଜସବିର ସୋରେଙ୍ଗ ପି: ଅନୁଗ୍ରହ ପ୍ରସାଦ ସୋରେଙ୍ଗ ଜା: ଖରିଆ ବା: ବାଲିଯୋରୀ, ଝାରସୁଗୁଡ଼ା |
| 18 | | 5825-B | ବା. ସା. | 0.028 | |
| 19 | 461 | 1679/ 6103 | ଆ. ସା. | 0.800 | ପିଙ୍କି ଓରାମ, ରିଙ୍କି ଓରାମ, ଜଗନ୍ନାଥ ଓରାମ, ରିମି ଓରାମ, ଆକାଶ ଓରାମ ପି: ଟିନ ଓରାମ, ଝିମି ଓରାମ ପି: ଜୟସିଂହ ଓରାମ, ରାଜେଶ ଓରାମ ଓରଫ ଲାକଡ଼ା ପି: ମାଲୁ ଓରାମ, ରମେଶ ଲାକଡା, ମହେଶ ଲାକଡା, ଶୁବମ ଲାକଡା, ଲକ୍ଷ୍ମୀ ମିଂଜ୍, ଦ୍ୟୁତି ବାରଲା, ରାଇବାରୀ ବାଗ ପି: ସନିଚ୍ଚର ଓରାମ, ଗଣପତି ଲାକଡ଼ା ପି: ଭୀମସେନ ଲାକଡ଼ା, ଦ୍ରୌପଦୀ ଲାକଡ଼ା ସ୍ୱା: ଭୀମସେନ ଲାକଡ଼ା ଜା: ଉରାମ ବା: ନିଜଗାଁ |
| 20 | 463 | 5679 | ଆ. ସା. | 0.310 | ମଜନି ଓରାମ, ଶିବ ଓରାମ, ନିଳାମ୍ବର ଓରାମ, ରାଜେନ୍ଦ୍ର ଓରାମ, ଶାନ୍ତି ଓରାମ, ଲୋଭା ଓରାମ ପି: ଜେନା ଉରାମ, ପାର୍ବତୀ ଓରାମ ସ୍ୱା: ଜେନା ଉରାମ ଜା: ଓରାମ ବା: ନିଜଗାଁ |
| 21 | | 5680 | ବେ. ସା. | 0.040 | |
| 22 | 611 | 5822 | ଆ. ସା. | 0.250 | ସୁକାନ୍ତି ଗର୍ଡ଼ିଆ, ପୂଜା ଗର୍ଡ଼ିଆ, ଡ଼ୋଲାମଣି ଗର୍ଡ଼ିଆ, ଲିଜା ଗର୍ଡ଼ିଆ ପି: ରାଜେନ୍ଦ୍ର ଗର୍ଡ଼ିଆ, ଲୋଚନି ଗର୍ଡିଆ @ ମହାନନ୍ଦ ପି: ଶ୍ରୀରାମ ଗର୍ଡ଼ିଆ, ଲୁପାମୁଦ୍ରା ଚୌହାନ ,ବିଶ୍ୱବଳା @ ପୁଟୁଲି ତାଣ୍ଡିଆ ,ଦେବସିଂହ ତାଣ୍ଡିଆ ,ଜନସିଂହ ତାଣ୍ଡିଆ ,ସରସ୍ୱତୀ ବଙ୍କରା ପି: ମାଣିକରାମ ଗର୍ଡ଼ିଆ, ଭୁଜପତି ଗର୍ଡ଼ିଆ ପି: ମୁକ୍ତିରାମ ଗର୍ଡ଼ିଆ, ମହେଶ ଗର୍ଡ଼ିଆ, କବିତା ଗର୍ଡ଼ିଆ ପି: କୁଞ୍ଜବିହାରୀ ଗର୍ଡ଼ିଆ, ଭାରତୀ ଗର୍ଡ଼ିଆ ,ସୁନିତା ଗର୍ଡ଼ିଆ ପି: ଜୟଶଙ୍କର ଗର୍ଡ଼ିଆ, ତିଳୋତମା ଗର୍ଡ଼ିଆ ସ୍ୱା: ଜୟଶଙ୍କର ଗର୍ଡ଼ିଆ, ବେଦପଦ ଗର୍ଡ଼ିଆ ପି: ବୁଧୁରାମ ଗର୍ଡ଼ିଆ ଜା: ଗଣ୍ଡା ବା: ନିଜଗାଁ |
| 23 | 747/ 239 | 1482 | ମା. ସା. | 0.030 | ଜୟ ଘାସି, ଭୟ ଘାସି ପି:ହରି ଘାସି ଜା: ଘାସି ବା: ଓ.ଏମ୍.ପି କଲୋନୀ ଭୂୟାଁପଡା ଝାରସୁଗୁଡ଼ା |
| 24 | | 1483/6581 | ମା. ସା. | 0.030 | |
| 25 | | 1484/6582 | ମା. ସା. | 0.025 | |
| 26 | 747/ 1157 | 5682/ 7623 | ବେ. ସା. | 0.020 | ଧିନ୍ଦା ବାଡା ପି: ରାଜୁ ବାଡା, ତରଣୀ ବାଡା, ହେମନ୍ତ ବାଡା, ଦିପକ ବାଡା ପି: ଧିନ୍ଦା ବାଡା ଜା: ଓରାମ ବା: ଝାରସୁଗୁଡ଼ା ବାଲିଯୋରୀ |
| 27 | 747/ 2449 | 5783/ 9139 | ଘରବାରି | 0.010 | ସନ୍ତୋଷ କୁମାର ପଟେଲ ପି:ପଦ୍ମଲୋଚ୍ଚନ ପଟେଲ ଜା: ଅଘରିଆ ବା: ସାଗରପାଲି, ଥା: ଭଷ୍ମା, ଜି: ସୁନ୍ଦରଗଡ଼ |
| 28 | 747/ 2606 | 1448/ 9316 | ମା. ସା. | 0.090 | ଚ୍ଚନନ୍ଦ ଘୋଷ ପି:ରଖହରି ଘୋଷ ଜା: କାୟସ୍ଥ ବା: ଆଇ. ଟି କଲୋନୀ, ରାଜଗଙ୍ଗପୁର, ଜି: ସୁନ୍ଦରଗଡ଼ |
| 29 | 747/ 2888 | 5783/ 9626 | ଆ. ସା. | 0.150 | ସୁଜିତ କୁମାର ଦାଶ ପି:ଡ଼ା. କିଶୋର ଚନ୍ଦ୍ର ଦାଶ ଜା: ବ୍ରାହ୍ମଣ ବା: ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କଲୋନୀ, ଝାରସୁଗୁଡ଼ା |
| 30 | 747/ 2919 | 5825/ 9656 | ଆ. ସା. | 0.070 | ସରିତା ଡୁଙ୍ଗଡୁଙ୍ଗ ପି:ଜୋନାସ ଡୁଙ୍ଗଡୁଙ୍ଗ ଜା: ଖଡିଆ ବା: କଲ୍ପ କଲୋନୀ, ଝାରସୁଗୁଡ଼ା |
| 31 | 747/ 3261 | 1504/ 10058 | ଆ. ସା. | 0.275 | ହରିଚନ୍ଦନ ନାଏକ ପି:ନିଳାଦ୍ରି ନାଏକ ଜା: ଅଘରିଆ ବା: ବାଲିଯୋରୀ, ଥା: ତ: ଜି: ଝାରସୁଗୁଡ଼ା |
| 32 | 747/ 3327 | 5815/ 10175 | ଆ. ସା. | 0.010 | ମାଳିକା ପଟେଲ ସ୍ୱା:ଜନ୍ମଜୟ ପଟେଲ ଜା: ଅଘରିଆ ବା: କଙ୍କରାମୁଣ୍ଡା, ଥା: ଲଇକେରା |
| 33 | 747/ 3874 | 1448/ 10753 | ମା. ସା. | 0.010 | ସରସ୍ୱତୀ ଦେବୀ ଛେତ୍ରୀ ସ୍ୱା:ବିନୟ କୁମାର ଛେତ୍ରୀ, ଜା: ଛେତ୍ରୀ ବା: ଓ. ଏସ୍. ଏ. ପି. ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡ଼ା |
| 34 | 747/ 3979 | 5816/ 10862 | ଆ. ସା. | 0.020 | କ୍ଷୀର ସାଗର ମୁଣ୍ଡା ପି:ସୁଦାମ ମୁଣ୍ଡା ଜା: ମୁଣ୍ଡା ବା: ଅଭୟପୁର, ମୁଣ୍ଡାପଡ଼ା, ଥା: ବ୍ରଜରାଜନଗର |
| 35 | 747/ 4002 | 5622/ 10888 | ଘରବାରି | 0.030 | ଶ୍ୟାମ ବାହାଦୁର ରଣା ପି:ପ୍ରେମ ବାହାଦୁର ରଣା ଜା: ରାଜପୁତ ବା: ଓ. ଏସ୍. ଏ. ପି, ଝାରସୁଗୁଡ଼ା |
| 36 | 747/ 4012 | 5622/ 10898 | ଘରବାରି | 0.020 | ରାଜୁ ବାହାଦୂର ଥାପା ପି:ସରତ ବାହାଦୂର ଥାପା ଜା: ରାଜପୁତ ବା: ସେକ୍ଟର - 21, ରାଉରକେଲା, ଜି: ସୁନ୍ଦରଗଡ଼ |
| 37 | 747/ 4033 | 5622/ 10917 | ଘରବାରି | 0.080 | କେ ପଦ୍ମା ଦୋରା ସ୍ୱା:କେ ମୋହନ ରାଓ ଦୋରା ଜା: ତେଲେଙ୍ଗା ବା: ବେହେରାମାଲ, ଝାରସୁଗୁଡ଼ା |
| 38 | 747/ 4804 | 5622/ 11587 | ଘରବାରି | 0.050 | ସଂଜୁକ୍ତା ମେହେର ସ୍ୱା:ଡମ୍ବରୁଧର ମେହେର ଜା: ଭୁଲିଆ ବା: ତାଲମାଲ,ଝାରସୁଗୁଡ଼ା |
| 39 | 747/ 4805 | 5622/ 11588 | ମା. ସା. | 0.050 | ପ୍ରିୟବ୍ରତ ବାରିକ ପି:ହୁକୁମ ବାରିକ ଜା: କୁଲତା ବା: କଣ୍ଡେଇକେଲା,ଥା-ରେଙ୍ଗାଲି,ଜି-ଝାରସୁଗୁଡ଼ା |
| 40 | 747/ 5425 | 5620/ 12074 | ଆ. ସା. | 0.040 | ଜୟଶ୍ରୀ ସାହୁ ସ୍ୱା:ବୁଦ୍ଧଦେବ ସାହୁ ଜା: ଖଣ୍ଡାୟତ ବା: ଅର୍ଡା, ଥା:ଲଇକେରା, ଜି:ଝାରସୁଗୁଡ଼ା |
| 41 | 747/ 5739 | 5622/ 12331 | ଘରବାରି | 0.035 | ବିନୟ କୁମାର ପାଣ୍ଡେ ପି:ରାଜେନ୍ଦ୍ର କୁମାର ପାଣ୍ଡେ ଜା: ଅଘରିଆ ବା: ଦେବାଡ଼ିହି, ଝାରମୁଣ୍ଡା ପଡ଼ା, ଝାରସୁଗୁଡ଼ା |
| 42 | 747/ 5740 | 5622/ 10913 | ଘରବାରି | 0.035 | ଉଦୟ କୁମାର ପାଣ୍ଡେ ପି:ରାଜେନ୍ଦ୍ର କୁମାର ପାଣ୍ଡେ ଜା: ଅଘରିଆ ବା: ଦେବାଡ଼ିହି, ଝାରସୁଗୁଡ଼ା |
| 43 | 747/ 5858 | 5623/ 12433 | ଘରବାରି | 0.026 | ସସ୍ମିତା ପ୍ରଧାନ ସ୍ୱା:ବିରେନ କୁମାର ଗଡନାୟକ ଜା: ଚଷା ବା: ଝଟିକିପାସି, ଥା/ଜି-ଦେବଗଡ଼, ହା.ନି. ବେହେରାମାଲ, ଝାରସୁଗୁଡ଼ା |
| 44 | | 5624/ 12432 | ଘରବାରି | 0.030 | |
| 45 | 747/ 5896 | 1489/ 12477 | ଆ. ସା. | 0.040 | ଅକ୍ଷୟ କୁମାର ନାଏକ ପି:ରତନ କୁମାର ନାଏକ ଜା: ଅଘରିଆ ବା: କୁରେବଗା, ଥା-ବଡ଼ମାଲ, ଝାରସୁଗୁଡ଼ା |
| 46 | 747/ 5911 | 5624/ 12485 | ଘରବାରି | 0.071 | ମିଲିନାମୟୀ ଧଳ ସ୍ୱା:ଆଲୋକ କୁମାର ଧଳ ଜା: ଖଣ୍ଡାୟତ ବା: କୋଳିଡ଼ିହ, ଜି-କେନ୍ଦ୍ରାପଡ଼ା, ହା.ନି. ବମ୍ଲେଛକ, ଝାରସୁଗୁଡ଼ା |
| 47 | 747/ 6034 | 1489/ 9752 | ଆ. ସା. | 0.025 | ସହଦେବ ନାଏକ ପି:ନାରାୟଣ ନାଏକ ଜା: ଅଘରିଆ ବା: କୁରେବଗା, ଝାରସୁଗୁଡ଼ା |
| 48 | 747/ 6317 | 5616/ 12781 | ମା. ସା. | 0.030 | ତ୍ରିବିକ୍ରମ ସିଂହ ପି:ଗର୍ଜନ ସିଂହ ଜା: ଗଣ୍ଡା ବା: ପାନପାଲି, ଥା-ଲଇକେରା, ଝାରସୁଗୁଡ଼ା |
| 49 | 747/ 6453 | 5621/ 11086 | ଆ. ସା. | 0.040 | ଟୁଲ ବାହାଦୁର ବରଘରେ ପି:ଟିକାରମ ବରଘରେ ଜା: ନେପାଳୀ ବା: ଓ ଅସ ଏପି 2ୟ ବାଟାଲିୟନ, ଝାରସୁଗୁଡ଼ା |
| 50 | 747/ 6694 | 5681 | ବେ. ସା. | 0.010 | ଗୁଣନିଧି କିସାନ ପି:ବିଷ୍ଣୁ କିସାନ ଜା: କିସାନ ବା: ବାଲିଯୋରୀ, ଛତ୍ରିଆକଟା, ଝାରସୁଗୁଡ଼ା |
| **ଖ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 3, ଦେବାଡିହି , ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 87 | 3292/ 4073 | ଆ. ସା. | 0.020 | ଗୋବିନ୍ଦ ରାମ ଗଣ୍ଡା, ମଧୁକର ଗଣ୍ଡା, ମେଘୁ ଗଣ୍ଡା ପି: ଗରିବ ଗଣ୍ଡା ଜା: ଗଣ୍ଡା ବା: ବାଲିଯୋରୀ |
| 2 | 169 | 2862 | ବେ. ସା. | 0.010 | ସଂଜୟ ଦଣ୍ଡସେନା , ଶଙ୍କର ଦଣ୍ଡସେନା , ହେମଲତା ଦଣ୍ଡସେନା, ସାବିତ୍ରି ପ୍ରଧାନ ପି- ତ୍ରିନାଥ ଦଣ୍ଡସେନା, ପୂର୍ଣ୍ଣମୀ ଦଣ୍ଡସେନା ସ୍ୱା: ତ୍ରିନାଥ ଦଣ୍ଡସେନା, କୁନ୍ତଲା କିସାନ, ଗୋଲାପ ବାଗ, ଡିଲେଶ୍ୱରୀ ପିଙ୍ଗ, ମଧୁସୁଦନ ବାଗ, ଚିତ୍ତରଞ୍ଜନ ବାଗ ପି: ହୀରା ବାଗ, ଦ୍ରୌପଦୀ ମାଝୀ,ସନାତନ ଦଣ୍ଡସେନା, ଯଶୋଦା ମାଝି, ଚର୍ତୁଭୁଜ ଦଣ୍ଡସେନା, କୌଶଲ୍ୟା ପ୍ରଧାନ , ଦେବକୀ କିସାନ ପି: ହେମସାଗର ଦଣ୍ଡସେନା, ଜମ୍ବୋବତୀ କିସାନ,ବିନୋଦ ଦଣ୍ଡସେନା ପି: ପୁରନ୍ଦର ଦଣ୍ଡସେନା, ଯୋଗେନ୍ଦ୍ର ପ୍ରଧାନ ପି: ମହେଶ ପ୍ରଧାନ, କିଶୋରୀ ଦଣ୍ଡସେନା, ମିନା ଦଣ୍ଡସେନା, ବିଘ୍ନେଶ୍ୱର ଦ ଦଣ୍ଡସେନା ପି: କାନ୍ତି ଦଣ୍ଡସେନା, ଧରମୁ ଦଣ୍ଡସେନା ,ସନୁର୍ଯ୍ୟ ଦଣ୍ଡସେନା , ଭଗବାନ ଦଣ୍ଡସେନା ,ଶୁଖ ଦଣ୍ଡସେନା ଉର୍ଫ ପ୍ରଧାନ ପି: ବାଲମକୁନ୍ଦ ଦଣ୍ଡସେନା ଜା: କିସାନ ବା: ନିଜଗାଁ |
| 3 | | 2864 | ବା. ସା. | 0.410 | |
| 4 | | 3196 | ମା. ସା. | 0.020 | |
| 5 | | 3446 | ମା. ସା. | 0.005 | |
| 6 | | 3447 | ମା. ସା. | 0.005 | |
| 7 | | 3458 | ମା. ସା. | 0.020 | |
| 8 | | 3470 | ଆ. ସା. | 0.015 | |
| 9 | 170 | 3449 | ମା. ସା. | 0.020 | ତ୍ରିନାଥ ଦଣ୍ଡସେନା ପି: ଘନଶ୍ୟାମ ଦଣ୍ଡସେନା ଜା: କିସାନ ବା: ନିଜଗାଁ, ରମ୍ଭାବତୀ ବାଗ ପି: ମହେଶ୍ୱର ଦଣ୍ଡସେନା ଜା: କିସାନ ବା: ବାଙ୍କି ଲଏକେରା |
| 10 | | 3463 | ଆ. ସା. | 0.010 | |
| 11 | 180 | 3189/ 4051 | ଆ. ସା. | 0.030 | ତ୍ରିନାଥ ଦଣ୍ଡସେନା, ହିରା ବାଗ, ପିତା: ଘନଶ୍ୟାମ ଦଣ୍ଡସେନା, :,ହେମ ସାଗର ଦଣ୍ଡସେନା, ପିତା: ଶୁଖି ଦଣ୍ଡସେନା, :,ପୁରନ୍ଦର ଦଣ୍ଡସେନା, ପିତା ବୁଡା ଦଣ୍ଡସେନା ପଦ୍ମା ଦଣ୍ଡସେନା :, ପିତା: ଭୁଲା ଦଣ୍ଡସେନା, କସ୍ତୁରୀ ଦଣ୍ଡ୍ରସେନା ସ୍ୱାମି ଭୁଲା :,ଦଣ୍ଡସେନା କାନ୍ତି ଦଣ୍ଡସେନା ପିତା ଭୁଲା ଦଣ୍ଡସେନା ବାଲମକୁନ୍ଦ :,ଦଣ୍ଡସେନା ପିତା ଲିମ୍ବ ଦଣ୍ଡ୍ରସେନା ଜାତି କିସାନ ବାସସ୍ଥାନ :,ଝାରସୁଗୁଡ଼ା ଟାଉନ ପଡା ଦେବାଡିହି ବେଆଇନ ଖରିଦ ସୁତ୍ରେ :, ଦଖଲ ରମେନ୍ଦ୍ରନାଥ ମୁଖାର୍ଜୀ ପିତା ବିଶେଶ୍ୱର ମୁଖାର୍ଜୀ :,ଜାତି ବ୍ରାହ୍ମଣ ବାସସ୍ଥାନ ନିଜଗାଁ ପଡା କାଳିମନ୍ଦିର :,ରେଜିଷ୍ଟ୍ରି ଦଲିଲ ନମ୍ବର 1404 ତାରିଖ 21.7.67 ଜର ସମନ :,ଟଙ୍କା 100.00 । ବା: |
| 12 | 194 | 3536 | ବା. ପା. | 0.020 | ଧ୍ରୁବ ଚରଣ ପାଣ୍ଡେ, କଳ୍ପନା ନାଏକ, ଅଞ୍ଜନା ପଟେଲ , ହରିଶ୍ଚନ୍ଦ୍ର ପାଣ୍ଡେ ପି: ଦୀନମଣି ପାଣ୍ଡେ, କଳ୍ପନା ପାଣ୍ଡେ ସ୍ୱା: ପ୍ରହଲ୍ଲାଦ ପାଣ୍ଡେ, ଆଲିସା ପାଣ୍ଡେ, ଅଲିଭା ପାଣ୍ଡେ, ଆକୃତୀ ପାଣ୍ଡେ ପି: ପ୍ରହଲ୍ଲାଦ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 13 | 206 | 3226 | ବା. ସା. | 0.250 | ଦେବେନ୍ଦ୍ର ପ୍ରସାଦ ପାଣ୍ଡେ ପି:ଭୀଷ୍ମଦେବ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 14 | 263 | 3263 | ବା. ସା. | 0.010 | ପୁରନ୍ଦର ମେହେର ପି:ମୁନୁ ମେହେର ଜା: ଭୁଲିଆ ବା: ଝାରସୁଗୁଡ଼ା ପଡା: ପୁରୁଣାବସ୍ତି |
| 15 | | 3264 | ବେ. ସା. | 0.005 | |
| 16 | 268 | 3222 | ବା. ସା. | 0.080 | ବୁଧବାରି ପ୍ରଧାନ ସ୍ୱା: ଫଗୁ ପ୍ରଧାନ, ମାଲତୀ ପ୍ରଧାନ, ଗୋପବନ୍ଧୁ ପ୍ରଧାନ, ହିରାବତୀ ପ୍ରଧାନ, ଗୋବର୍ଦ୍ଧନ ପ୍ରଧାନ, କ୍ଷୀରବତୀ ପ୍ରଧାନ, ଗୋଲବଦନ ପ୍ରଧାନ, ଗଣେଶ୍ୱର ପ୍ରଧାନ, କୁନ୍ତି ପ୍ରଧାନ ପି: ଫଗୁ ପ୍ରଧାନ ଜା: କିସାନ ବା: ନିଜଗାଁ |
| 17 | | 3223 | ବା. ସା. | 0.050 | |
| 18 | 332 | 3407 | ଆ. ସା. | 0.010 | ନିରଞ୍ଜନ ପ୍ରଧାନ, ଶ୍ରୀପ୍ରସାଦ ପ୍ରଧାନ ପି: ଭୀମ ପ୍ରଧାନ ଜା: କିସାନ ବା: ନିଜଗାଁ |
| 19 | 347 | 3226/ 4170 | ବା. ସା. | 0.115 | ବାସୁଦେବ ପାଣ୍ଡେ, ପାର୍ବତୀ ପାଣ୍ଡେ ପି: ମହେନ୍ଦ୍ର ପ୍ରସାଦ ପାଣ୍ଡେ, ତପସ୍ୱିନୀ ପାଣ୍ଡେ ସ୍ୱା: ମହେନ୍ଦ୍ର ପ୍ରସାଦ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 20 | 389 | 3494 | ବା. ପା. | 0.010 | ରୋହିତକୁମାର ପାଣ୍ଡେ ପି:ଜଗନ୍ନାଥ ପାଣ୍ଡେ ଜା: ଅଘରିଆ ବା: ନିଜଗାଁ |
| 21 | 409 | 3254 | ଆ. ସା. | 0.020 | ଲକ୍ଷ୍ମିଧର ମେହେର, ଗୋବିନ୍ଦ ମେହେର ପି: ଛାଲଖାଇ ମେହେର, ଶ୍ରୀଆ ମେହେର, ବେଲମତୀ ମେହେର ପି: ଚୁଡାମଣି ମେହେର, ବିଦ୍ୟାଧର ମେହେର, ଚିନ୍ତାମଣୀ ମେହେର ପି: ବିଟ ମେହେର, ନରେଶ କୁମାର ମେହେର, ରାଜେଶ କୁମାର ମେହେର ପି. ପୁରନ୍ଦର ମେହେର, ଲକ୍ଷ୍ମୀ ମେହେର ସ୍ୱା: ପୁରନ୍ଦର ମେହେର, ନାରାୟଣ ମେହେର ପି: ମଙ୍ଗତା ମେହେର ଜା: ଭୁଲିଆ ବା: ଝାରସୁଗୁଡ଼ା ପୁରୁଣାବସ୍ତି |
| 22 | 453 | 3233 | ଆଡ଼ି | 0.020 | ତପସ୍ୱିନି ମାଝୀ ପି:ଶିବ ମାଝୀ ଜା: କିସାନ ବା: ନିଜଗାଁ |
| 23 | | 3235 | ଆଡ଼ି | 0.020 | |
| 24 | | 3238 | ମୁଣ୍ଡା | 0.035 | |
| 25 | 536/ 1952 | 3467 | ମା. ସା. | 0.015 | ବୁଧୁବାରୀ ପ୍ରଧାନ ସ୍ୱା: ଫଗୁ ପ୍ରଧାନ, ମାଲତୀ ପ୍ରଧାନ , ଗୋପବନ୍ଧୁ ପ୍ରଧାନ , ହୀରାବତୀ ପ୍ରଧାନ , ଗୋବର୍ଦ୍ଧନ ପ୍ରଧାନ, ଖିରାବତୀ ପ୍ରଧାନ, ଗୋଲବଦନ ପ୍ରଧାନ, ଗଣେଶ୍ୱର ପ୍ରଧାନ, କୁନ୍ତୀ ପ୍ରଧାନ ପି: ଫଗୁ ପ୍ରଧାନ ଜା: କିସାନ ବା: ନିଜଗାଁ |
| 26 | 536/ 1953 | 3193 | ମା. ସା. | 0.010 | ସଦା ଦଣ୍ଡସେନା ପି:ଚମ୍ପା ଦଣ୍ଡସେନା ଜା: କିସାନ ବା: ନିଜଗାଁ |
| 27 | | 3194 | ମା. ସା. | 0.010 | |
| 28 | | 3448 | ମା. ସା. | 0.005 | |
| **ଗ) ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 8, ମାଲିମୁଣ୍ଡା, ତହସିଲ: ଝାରସୁଗୁଡ଼ା, ଥାନା: ଝାରସୁଗୁଡ଼ା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 47 | 2111 | ଆ. ସା. | 0.090 | ଗୌରୀ ଶଙ୍କର ନାଏକ, ଜନକ ପଟେଲ, ସ୍ନେହଲତା ପଟେଲ, ପ୍ରେମ ପଟେଲ, ପୁଷ୍ପ ପଟେଲ ପି: ବୈକୁଣ୍ଠ ନାଏକ, ଲଳିତା ନାଏକ ସ୍ୱା: ବୈକୁଣ୍ଠ ନାଏକ, ଗୋକୁଳ ବିହାରି ନାଏକ, ମଣି ପଟେଲ ପି: ହିରାଧର ନାଏକ, ନିଳାବତୀ ନାଏକ ସ୍ୱା: ହିରାଧର ନାଏକ, ହେମାଦ୍ରୀ ନାଏକ, ଭବାନୀ ଶଙ୍କର ନାଏକ, ନୃପ କିଶୋର ନାଏକ, ସାବିତ୍ରୀ ପଟେଲ, ମିରା ନାଏକ, କିନୀ ଚୌଧୁରୀ ପି: ଯୋଗେନ୍ଦ୍ର ନାଏକ, ସୁଲଚନା ନାଏକ ସ୍ୱା: ଯୋଗେନ୍ଦ୍ର ନାଏକ, ବିଜୟକୁମାର ନାଏକ, ପ୍ରଫୁଲ୍ଲ କୁମାର ନାଏକ, ଗିରିଧାରି ନାଏକ ପି: ଚନ୍ଦ୍ର ଶେଖର ନାଏକ ଜା: ଅଘରିଆ ବା: ନିଜଗାଁ |
| 2 | | 2112 | ଆ. ସା. | 0.230 | |
| **ଘ) ମୌଜା: ଧୂତରା, ତହସଲି: କରିମିରା, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 28 | 1329 | ମା. ସା. | 0.010 | କୁମର କିସାନ ପି:କେନ୍ଦି କିସାନ ଜା: କିସାନ ବା: ନିଜଗାଁ |
| 2 | 52 | 1284 | ମା. ସା. | 0.010 | ଘସିଆ ଗଣ୍ଡା ପି:ବଳ ଗଣ୍ଡା ଜା: ଗଣ୍ଡା ବା: ନିଜଗାଁ |
| 3 | | 1297 | ମା. ସା. | 0.020 | |
| 4 | | 1298 | ମା. ସା. | 0.170 | |
| 5 | 67 | 1281 | ମା. ସା. | 0.010 | ଜଳନ୍ଧର ପାନ, ନିରନ୍ଧର ପାନ, ଜଗତ ପାନ, ହରିଲାଲ ପାନ, ଜଳନି ପାନ ପି: ଲାଲ ପାନ, ବସନ୍ତ ପାନ ପି: କୁତୁନୁ ପାନ ଜା: ପାଣ ବା: ନିଜଗାଁ |
| 6 | | 1285/ 1675 | ଆ. ସା. | 0.200 | |
| 7 | 104 | 1285 | ମା. ସା. | 0.120 | ପୂର୍ଣ୍ଣଚନ୍ଦ୍ର ପାନ, ନାରାୟଣ ପାନ, ନବିନ ପାନ, ଟିକେଶ୍ୱର ପାନ, ଶୁଶିଲା ପାନ, ସୁବିଧା ପାନ, ସୁଦେଷ୍ଣା ପାନ ପି: ରାମଚନ୍ଦ୍ର ପାନ, ବଚନି ପାନ ସ୍ୱା: ରାମଚନ୍ଦ୍ର ପାନ, ଶ୍ୟାମସୁନ୍ଦର ପାନ ପି: ଦୁସମନ ପାନ ଜା: ପାନ ବା: ନିଜଗାଁ |
| 8 | | 1285/ 1550 | ମା. ସା. | 0.120 | |
| 9 | 105 | 1274 | ଆ. ସା. | 0.690 | ପୂର୍ଣ୍ଣଚନ୍ଦ୍ର ମାଙ୍କର, ସରଜିନି ମାଙ୍କର ପି: ଆନନ୍ଦ ମାଙ୍କର, ଉଷାବତୀ ମାଙ୍କର ସ୍ୱା: ଦଶରଥ ମାଙ୍କର, ସୁମିତ୍ରା ମାଙ୍କର ସ୍ୱା: ଆନନ୍ଦ ମାଙ୍କର ଜା: ଗଉଡ଼ ବା: ସାରସମାଲ |
| 10 | 171 | 1326 | ମା. ସା. | 0.010 | ହୃଦା ଗର୍ଡିଆ ପି: କୁଲ ଗର୍ଡିଆ, କର ଗର୍ଡିଆ ପି: ଭୁଲା ଗର୍ଡିଆ, ଜିତେନ ଗର୍ଡିଆ ପି: କୁଲ ଗର୍ଡିଆ, ତେଜବତୀ ଗର୍ଡିଆ ସ୍ୱା: ବେଣୁଧର ଗର୍ଡିଆ, ରାଜାରାମ ଗର୍ଡିଆ, ରାଧେଶ୍ୟାମ ଗର୍ଡିଆ, ପାର୍ବତୀ ଗର୍ଡିଆ ପି: କେଶବ ଗର୍ଡିଆ , ନବୀନ ଚନ୍ଦ୍ର ଗର୍ଡିଆ, ସୁକାନ୍ତି ଗର୍ଡିଆ, ଶକୁନ୍ତଳା ଗର୍ଡିଆ ପି- ଚେରୁ ଗର୍ଡିଆ :, ନିରୁପମା ଗର୍ଡିଆ, ସ୍ୱା-ନବଘନ ଗର୍ଡିଆ :, ଆଲୋକ ଗର୍ଡିଆ ପି- ନବଘନ ଗର୍ଡିଆ :, ମଲ୍ଲି ଗର୍ଡିଆ, ସ୍ୱା- ରୂମଣି ଗର୍ଡିଆ :, ରୋହନ ଗର୍ଡିଆ , ଦର୍ଶନ ଗର୍ଡିଆ , ଜଗନ୍ନାଥ ଗର୍ଡିଆ ପି- ସତ୍ୟ ନାରାୟଣ ଗର୍ଡିଆ :, ରାଜକୁମାରୀ ଗର୍ଡିଆ ସ୍ୱ- ସତ୍ୟ ନାରାୟଣ ଗର୍ଡିଆ :, ରତ୍ନାକର ଗର୍ଡିଆ ବିଳାସିନୀ ଗର୍ଡିଆ, ସନ୍ତୋଷିନୀ ଗର୍ଡିଆ, ଦେବସିନୀ ଗର୍ଡିଆ ପି- ରୂମଣି ଗର୍ଡିଆ ଜା: ଗଣ୍ଡା ବା: ନିଜଗାଁ |
| 11 | | 1331 | ମା. ସା. | 0.010 | |
| 12 | 186 | 1341 | ବଗାୟତ-2 | 0.010 | କସ୍ତୁ ବାଗ ପି: କଲିଆ ବାଗ, କାଡିଆ ବାଗ ପି: ବୁଧୁ ବାଗ, ବଲିଆର ବାଗ ପି: ଭୃଦୁ ବାଗ, ମହେନ୍ଦ୍ର ବାଗ,ଭୀଷ୍ମ ବାଗ, ବିପିନ ବାଗ ପି: କସ୍ତୁ ବାଗ ଜା: କିସାନ ବା: ନିଜଗାଁ, କୁଂଜଲତା ବାଗ ସ୍ୱା: ଅଧିବାସ ବାଗ, ସୁକୁନ ପ୍ରଧାନ, ସରୋଜିନୀ କିସାନ, ସରସ୍ୱତୀ ମାଝୀ, ଫୁଲମଣୀ ମିର୍ଧା, ସବିତା ଶେଉଳ ପି:ସୁଜନ ବାଗ :, ଜୟସିଂ ବାଗ, ପଦ୍ମିନୀ ଛତ୍ରିଆ, ଚିତ୍ତ ବାଗ, ଚିତ୍ର ବାଗ, ସୁନୀଲ ବାଗ ପି:ସହଦେବ ବାଗ, ସାଇବନି ବାଗ ସ୍ୱା:ଦୁର୍ଗାଚରଣ ବାଗ :, ପୁସ୍ତମା ପ୍ରଧାନ, ଉର୍ବଶୀନି ପ୍ରଧାନ, ଜୟକିଶୋର ବାଗ, ଯଶୋଦା ପ୍ରଧାନ, ଜଗଦୀଶ ବାଗ, ବିଶାଖା ମିର୍ଧା, ଜନନୀ ମାଝୀ ପି: ଫକୀର ମୋହନ ବାଗ, ଫେଦେଇ ବାଗ ସ୍ୱା: ଶ୍ରୀମଙ୍ଗଳ ବାଗ |
| 13 | | 1350/ 1554 | ମା. ସା. | 1.350 | |
| 14 | | 1287 | ପଡିତ | 0.080 | |
| 15 | | 1294 | ମା. ସା. | 0.150 | |
| 16 | | 1295 | ଆ. ସା. | 0.130 | |
| 17 | 200/ 149 | 1285/ 1878 | ଆ. ସା. | 0.220 | ସଂଜୟ କୁମାର ବଖରା ପି:ଛବିଲ ବଖରା ଜା: ଗଣ୍ଡା ବା: ଅର୍ଡା ( ଜାମକାନି ) |
| 18 | 200/ 150 | 1285/ 1879 | ଆ. ସା. | 0.100 | ଖେଦାରୀ ବଖରା ପି:ଅଖିଳଚରଣ ବଖରା ଜା: ଗଣ୍ଡା ବା: ଅର୍ଡା, ଜାମକାନି |
| 19 | 200/ 195 | 1235 | ବା. ସା. | 0.120 | ପ୍ରମୋଦ କୁମାର ମହାପାତ୍ର ପି:ରମେଶ ଚନ୍ଦ୍ର ମହାପାତ୍ର ଜା: ବ୍ରାହ୍ମଣ ବା: ଲେକଚର କଲୋନୀ ବେହେରାମାଳ , ଜିଲ୍ଲା - ଝାରସୁଗୁଡ଼ା |
| **ଙ) ମୌଜା: ସରସପଲ୍ଲୀ, ତହସଲି: କରିମିରା, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 1 | 143 | ବେ. ସା. | 0.050 | ଆନନ୍ଦ ମାଙ୍କର ପି: ଦଶରଥ ମାଙ୍କର, ଉଷାବତୀ ମାଙ୍କର ସ୍ୱା: ଦଶରଥ ମାଙ୍କର, ଯୁଗେଶ୍ୱର ମାଙ୍କର, ପୂର୍ଣ୍ଣମାସୀ ମାଙ୍କର, ପାନିବୁଡ଼ୀ ମାଙ୍କର, ଶୁଶୀଳା ମାଙ୍କର, ସାବିତ୍ରୀ ମାଙ୍କର ପି: ବନମାଳୀ ମାଙ୍କର, ନିରାସୀ ମାଙ୍କର ସ୍ୱା: ବନମାଳୀ ମାଙ୍କର, ବ୍ରଜ ମାଙ୍କର ପି: ଉଷତ ମାଙ୍କର ଜା: ଗୌଡ଼ ବା: ନିଜଗାଁ |
| 2 | | 144 | ଆ. ସା. | 0.100 | |
| 3 | | 145 | ବେ. ସା. | 0.110 | |
| 4 | 10 | 9 | ଆ. ସା. | 0.020 | କ୍ଷେତ୍ର ମାଝୀ, ନିଳାମ୍ବର ମାଝୀ ପି: କାନ୍ତାଲୁ ମାଝୀ ଜା: ଗଣ୍ଡ ବା: ନିଜଗାଁ |
| 5 | 61 | 1 | ଆ. ସା. | 0.180 | କରୁଣାକର ପଟେଲ ପି- ଭାଗୀରଥି ପଟେଲ :, ନେତ୍ର ପଟେଲ, ସୁରେନ୍ଦ୍ର ପଟେଲ, କୃଷ୍ଣ ପଟେଲ, ପାର୍ବତୀ ପଟେଲ ମାତା- ଯଜ୍ଞସେନୀ ପଟେଲ ଜା: ମାଲି ବା: ନିଜଗାଁ |
| 6 | | 11 | ମା. ସା. | 0.010 | |
| **ଚ) ମୌଜା: କୁଶରା, ତହସଲି/ଥାନା: ହେମଗିରୀ, ଜିଲ୍ଲା: ସୁନ୍ଦରଗଡ଼** | | | | | |
| 1 | 61/77 | 90/1048 | ବେ. ସା. | 0.410 | ଭୋପାଲ ଚନ୍ଦ୍ର ପଟେଲ ପି:ବୈକୁଣ୍ଠ ପଟେଲ ଜା: ଅଘ୍ରିଆ ବା: ନିଜଗାଁ |
| **ଛ) ରେଲୱେ ଅଧିନିୟମ 1989 (1989 ର 24) ର ଧାରା 20E ଅନୁଯାୟୀ ଗେଜେଟ୍ ବିଜ୍ଞପ୍ତି ନମ୍ବର 1631, ଏସ୍.ଓ. 1710(ଇ), ତାରିଖ 12.04.2023 ରେ ନ୍ୟସ୍ତ କରାଯାଇଥିବା ଘୋଷଣା କରାଯାଇଥିଲା, ତାହାକୁ ପ୍ରତ୍ୟାହାର କରାଯାଉଛି। ମୌଜା: ଝାରସୁଗୁଡ଼ା ଟାଉନ୍ ୟୁନିଟ୍ ନମ୍ବର 2, ବାଲିଜୋରି, ତହସିଲ: ଝାରସୁଗୁଡ଼ା, ଥାନା / ଜିଲ୍ଲା: ଝାରସୁଗୁଡ଼ା** | | | | | |
| 1 | 747/ 5243 | 5621/ 10935 | ଘରବାରି | 0.060 | ସୁଜିତ କୁମାର ମହାପାତ୍ର ପି:ବଲରାମ ମହାପାତ୍ର ଜା: ବ୍ରାହ୍ମଣ ବା: ବେହେରାମାଲ, ଝାରସୁଗୁଡ଼ା |

SIBA PRASAD TRIPATHY Digitally signed by SIBA PRASAD TRIPATHY Date: 2025.04.29 13:22:35 +05'30'

[ଫାଇଲ୍ ନଂ. ଦପୂରେ/ନିର୍ମାଣ-ସଂଗଠନ/ମୁଖ୍ୟାଳୟ/ଭୂମି/ଡିସିଇ/ସି/ଝାରସୁଗୁଡ଼ା/ଏଲ୍.ଏ/ଏମସିଏଲ ଦୋହରିକରଣ-7]

(PR-77) ରାଜୀବ ଶ୍ରୀବାସ୍ତବ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହ ଆମେ ସେବାରତ

କୁତ୍ସିତ ଓ କଦର୍ଯ୍ୟ ମଧ୍ୟରେ– ଅମଙ୍ଗଳ ମଧ୍ୟରେ ରହିଛନ୍ତି ଯେଉଁ ସୌନ୍ଦର୍ଯ୍ୟମୟ ଭଗବାନ– ତାଙ୍କୁ ଭଲପାଇବା ଓ ଅନୁଭବ କରିବା ସଙ୍ଗେ ସଙ୍ଗେ କୁତ୍ସିତ, କଦର୍ଯ୍ୟ ଓ ଅମଙ୍ଗଳକୁ ନିରାମୟ କରିବା ପାଇଁ ପୂର୍ଣ୍ଣପ୍ରେମରେ ବ୍ୟାକୁଳ ହେବା– ଏହା ହିଁ ଯଥାର୍ଥ ଧର୍ମ ଓ ନୀତି। –ଶ୍ରୀଅରବିନ୍ଦ

# ଏବକାର ଭାରତ-ପାକିସ୍ତାନ



ଆକାର ପଟେଲ

୧୯୯୦ ଦଶକରୁ ଆରମ୍ଭ କରି ଏଇ ବିଗତ କିଛିବର୍ଷ ପର୍ଯ୍ୟନ୍ତ ଭାରତ ହାଇଫେନ୍ ଦୂରୀକରଣ (ଅର୍ଥାତ୍ ନିଜକୁ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରିବା) ଉପରେ ଗୁରୁତ୍ୱ ଦେଇ ଆସୁଛି। ଏହି ଆଲୋଚ୍ୟ ହାଇଫେନ୍‌ଟି ବିଶେଷକରି 'ଇଣ୍ଡୋ-ପାକ୍' ବା 'ଭାରତ-ପାକିସ୍ତାନ' ଭିତରେ ଥିବା ହାଇଫେନ୍‌କୁ ସୂଚିତ କରୁଛି (ଅର୍ଥାତ୍ ଭାରତ ଓ ପାକିସ୍ତାନକୁ ଏକାଠି କରି ଦେଖାଯାଉଛି)। ଏହି ଦୁଇଟିଯାକ ଦେଶ ଭିତରୁ କୋଉ ଗୋଟିକୁ ବି ଅନ୍ୟର ଛାୟାଠାରୁ ଅଲଗା କରି ବିଶ୍ୱର କୌଣସି ଦେଶ ଦେଖନ୍ତି ନାହିଁ। ଏହି ବିଚାରଧାରା ଦୃଷ୍ଟିରୁ କ୍ଲିଣ୍ଟନ ପ୍ରଶାସନର ଜଣେ ଗୁରୁତ୍ୱପୂର୍ଣ୍ଣ ପଦାଧିକାରୀ ରବିନ ରାଫେଲଙ୍କ ସମେତ ଅନ୍ୟ ଆମେରିକୀୟ କୂଟନୀତିଜ୍ଞମାନେ ଭାରତ ଗସ୍ତରେ ଆସୁଥିବାବେଳେ ପାକିସ୍ତାନ ଗସ୍ତରେ ଯାଇଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କରେ 'ସନ୍ତୁଳନ' ରକ୍ଷା କରିବା ପାଇଁ ସେମାନେ ଏଭଳି ବାର୍ତ୍ତା ଦେବାକୁ ଚାହାନ୍ତି। ଏପରି କି ୨୦୦୦ରେ ରାଷ୍ଟ୍ରପତି କ୍ଲିଣ୍ଟନ ଭାରତ ଗସ୍ତରେ ଆସି ଫେରିବା ବାଟରେ ପାକିସ୍ତାନରେ କିଛି ଘଣ୍ଟା ରହିଥିଲେ।

ଭାରତ ତାହାର ପଡ଼ୋଶୀ ତଥା ସନ୍ତ୍ରାସବାଦକୁ ପ୍ରୋତ୍ସାହନ ଦେଉଥିବା ଦେଶକୁ ବିରୋଧ କରୁଥିବାରୁ ଏବଂ ନିଜକୁ ବୃହତ୍ ଶକ୍ତି, ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର ଭାବୁଥିବାରୁ ହାଇଫେନ୍ ବିଚାରକୁ ଭଲ ପାଏନାହିଁ, ଅର୍ଥାତ୍ ନିଜକୁ ପୃଥକ୍ ଭାବେ ଦେଖିବାକୁ ଚାହେଁ। ୧୯୯୮ରେ ଭାରତ-ପାକିସ୍ତାନ ମଧ୍ୟରେ ବୈଦେଶିକ ସମ୍ପର୍କ ଛିନ୍ନ ହୋଇଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଭାରତ ମେ' ମଧ୍ୟଭାଗରେ ପରମାଣୁ ଅସ୍ତ୍ର ପରୀକ୍ଷଣ କରିବା ପରେ ନୱାଜ ସରିଫଙ୍କ ନେତୃତ୍ୱାଧୀନ ପାକିସ୍ତାନ ୨୮ ମେ'ରେ ସମାନ କାର୍ଯ୍ୟ କରିଥିଲା। ୧୯୯୯ରେ କାର୍‌ଗିଲ ଯୁଦ୍ଧ ହୋଇଥିଲା। ପରମାଣୁ ଅସ୍ତ୍ରଧାରୀ ଦୁଇ ଦେଶ ପାରମ୍ପରିକ ଧାରାରେ ଲଢ଼ିଥିବା ବିଶ୍ୱ ଦେଖିଥିଲା। କ୍ଲିଣ୍ଟନ ଏ କ୍ଷେତ୍ରରେ ଆଗକୁ ଆସି ପାକିସ୍ତାନକୁ କାର୍‌ଗିଲରୁ ସେନା ପ୍ରତ୍ୟାହାର କରିବା ପାଇଁ ଚାପ ପକାଇଥିଲେ। ଏହା ପରେ ଦୁଇଟି ଘଟଣା ଘଟିଥିଲା, ଯାହା ହାଇଫେନ୍‌କୁ ଦୂର କରିଥିଲା, ଅର୍ଥାତ୍ ଦୁଇ ଦେଶକୁ ଅଲଗା ଭାବେ ଦେଖାଯାଇଥିଲା। ପ୍ରଥମଟି ହେଲା ୧୧ ସେପ୍ଟେମ୍ବର ୨୦୦୧ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ ପରେ ଆମେରିକା ସନ୍ତ୍ରାସବାଦ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା। ତାଲିବାନ ନିୟନ୍ତ୍ରିତ ଆଫଗାନିସ୍ତାନ ଉପରେ ଆକ୍ରମଣ କରିବା ପାଇଁ ପାକିସ୍ତାନର ଆବଶ୍ୟକତା ଥିଲା । ଆମେରିକା / ନାଟୋ ମିଲିଟାରି ପାଇଁ ସମସ୍ତ ଇନ୍ଧନ ଓ ଅସ୍ତ୍ରଶସ୍ତ୍ର ସମୁଦ୍ରପଥରେ ପାକିସ୍ତାନ ଦେଇଯାଇଥିଲା। ଜେନେରାଲ ପରଭେଜ ମୁଶରଫ୍ ଏହାକୁ ଗ୍ରହଣ କରିଥିଲେ ଏବଂ ନୱାଜ ସରିଫଙ୍କୁ ବିରୋଧକରି ଶାସନ ଦଖଲ କରିବା କାର୍ଯ୍ୟକୁ ଅଣଦେଖା କରାଯାଇଥିଲା। ବୈଶ୍ୱିକ ସ୍ତରରେ ମୁଶରଫ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଭାରତ ଈର୍ଷାଳୁ ହୋଇପଡ଼ିଥିଲା। କିନ୍ତୁ ବାଜପେୟୀ ଏଭଳି ଘଟଣାରୁ ନିଜକୁ ଦୂରେଇ ରଖିଥିଲେ। ପରେ ଆମେରିକୀୟମାନେ ପ୍ରଥମ ଥର ପାଇଁ 'ଆଫ୍-ପାକ୍' ଶବ୍ଦ କହିବାକୁ ଲାଗିଲେ। ଫଳରେ 'ଭାରତ-ପାକିସ୍ତାନ' ହାଇଫେନ୍ ଫିକା ପଡ଼ିଗଲା। ଦ୍ୱିତୀୟ କାରଣର ସବୁଠୁ ଭଲ ଉଦାହରଣ ହେଲା 'ଭାରତ ଉଦୟ' ଶବ୍ଦ। ଏହି କ୍ରମରେ ଆର୍ଥିକ ଅଭିବୃଦ୍ଧି ପରିପ୍ରେକ୍ଷୀରେ ଭାରତ ଚାଇନା ସହ ସମାନ ହୋଇଗଲା ବୋଲି ବିଜ୍ଞାପନ ଅଭିଯାନ ଆରମ୍ଭ ହୋଇଥିଲା। ୨୦୦୪ରେ ଉପା ସରକାରର ମନ୍ତ୍ରୀ ଜୟରାମ ରମେଶ 'ଚିଣ୍ଡିଆ' (ଚାଇନା-ଇଣ୍ଡିଆ) ଶବ୍ଦ ଆଣିଥିଲେ ଏବଂ ଆଶା ଥିଲା, ଭବିଷ୍ୟତରେ ଆହ୍ୱାନଗୁଡ଼ିକୁ ସାମ୍ନା କରିବା ପାଇଁ ଚାଇନା ଓ ଭାରତ ସହଯୋଗଭିତ୍ତିରେ ଏକାଠି କାମ କରିପାରିବେ। ଦୁର୍ଭାଗ୍ୟବଶତଃ 'ଚିଣ୍ଡିଆ' ବେଶିଦିନ ଶବ୍ଦ ରହିଲା ନାହିଁ। ଭାରତ କେବଳ କିଛି ପ୍ରତିଶ୍ରୁତି ଦେଇଥିଲା ଏବଂ ତାହା ଲୋକଦେଖାଣିଆ ଥିଲା। ସତ କହିବାକୁ ଗଲେ 'ଚିଣ୍ଡିଆ' ଶବ୍ଦ ପୂରା ଖରାପ ନ ଥିଲା। ଦେଖନ୍ତୁ, ପାକିସ୍ତାନ ସହ ଭାରତ ରହିବାକୁ ଅରାଜି ହେବା ପଛରେ ସ୍ପଷ୍ଟତଃ ଅସନ୍ତୋଷ ରହିଥିଲା। ଆମେ ନିଜକୁ ଶ୍ରେଷ୍ଠ ଭାବେ ଦେଖିବାକୁ ଚାହିଁଲୁ ଏବଂ ତା' ସହ ସମ୍ପର୍କ ରଖିଲୁ ନାହିଁ। ବାସ୍ତବତା ହେଉଛି ସେତେବେଳେ ଭାରତ ସୁବିଧାରେ ଥିଲା ଏବଂ ଏବେ ବି ସେହି ସ୍ଥିତିରେ ଅଛି।

ଜାତିସଂଘର ଆଲୋଚନା ମଞ୍ଚରେ ଭାରତ ତାହାର ମନୋଭାବ ପ୍ରକାଶ କରିଛି ଏବଂ ଆମ କୂଟନୀତିଜ୍ଞମାନେ ପାକିସ୍ତାନ ଉପରେ କହୁଥିବାବେଳେ ସେଭଳି ଭାବନା ଅନ୍ୟ ଦେଶଗୁଡ଼ିକ କ୍ଷେତ୍ରରେ ପ୍ରଦର୍ଶନ କରିନାହାନ୍ତି। ପାକିସ୍ତାନକୁ ବିରୋଧ କରିବା ବା ମୁକାବିଲା କରିବା ସବୁଠୁ ସନ୍ତୋଷଜନକ ସ୍ଥିତି ; ଯେଉଁଥିରେ ଭାରତୀୟ ବ୍ୟବସ୍ଥା ନିଜକୁ ସବୁଠୁ ସୁବିଧାଜନକ ମଣିଥାଏ। ବିଶେଷକରି ଏହା ଭାଜପା ନେତୃତ୍ୱାଧୀନ ଭାରତ ପାଇଁ ସତ। ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ସମେତ ରଣନୀତି ବ୍ୟାପାର ସହ ଜଡ଼ିତ ଗୋଷ୍ଠୀ ପାକିସ୍ତାନ ବିରୋଧରେ ଯୁଦ୍ଧ ପାଇଁ ଉତ୍ସାହୀ ଥିବା ଲକ୍ଷ୍ୟ କରିପାରିବା। ସାମାଜିକ ଗଣମାଧ୍ୟମ ବା ସୋସିଆଲ ମିଡିଆରେ ସେମାନଙ୍କର ବିଭ୍ରାନ୍ତିକର ମତ ଏବଂ ଟିଭିରେ ବିତର୍କସବୁ ସାମ୍ନାକୁ ଆସୁଛି। ଏପରି କି ପାକିସ୍ତାନ ବିରୋଧୀ ଅଭିଯାନରେ ଭାରତୀୟ ନାଗରିକମାନେ ଅଧିକ ଭାଗ ନେଉଛନ୍ତି। ସମ୍ଭବତଃ ବିଶ୍ୱ ଭାରତ-ପାକିସ୍ତାନକୁ ଏକାଠି ଦେଖୁ ବୋଲି ଆମେ ନ ଚାହିଁ ସେଥିରୁ ଆନନ୍ଦ ଅନୁଭବ କରିବାକୁ ଚାହୁଁଛୁ। କିନ୍ତୁ ଏହା ଭାରତ-ପାକିସ୍ତାନ ହାଇଫେନ୍ ଦୂରୀକରଣର ବିରୋଧାଭାସ। ପାକିସ୍ତାନ ସହ ଏକାଠି ରହିବା ଆମେ ଚାହିଁବା ଦରକାର ଓ ଏହା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏଦିଗରେ ଶିକ୍ଷାବିତ୍ ଷ୍ଟିଫେନ୍ କୋହେନଙ୍କ ଦୃଷ୍ଟିକୋଣ ହେଉଛି, ''ବ୍ୟବସ୍ଥାଗତ ଦୃଷ୍ଟିରୁ ଭାରତ-ପାକିସ୍ତାନ ସମ୍ପର୍କ କ୍ଷତିକାରକ। ଏହା ହେଉଛି ଏକ ବିଶେଷ ଘଟଣା, ଯାହାକୁ ମୁଁ ଯୁଗ୍ମ ସଂଖ୍ୟାଲଘୁ ସଂଘର୍ଷ ବୋଲି କୁହେ। ଏହି ସବୁ ପରିସ୍ଥିତିରେ ଉଭୟ ପକ୍ଷ ନିଜକୁ ସୁରକ୍ଷିତ, ସଙ୍କଟଗ୍ରସ୍ତ, ସୀମିତ ଏବଂ ବିପଦଗ୍ରସ୍ତ ମଣନ୍ତି। ସେମାନଙ୍କର କ୍ଷମତା ପରିସର କ୍ଷୁଦ୍ର, ଅର୍ଥାତ୍ ପାରମ୍ପରିକ ନୈତିକତା ସେମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ୨୦୧୯ରୁ କୋହେନଙ୍କ ଦେହାନ୍ତ ଘଟିଲାଣି ଏବଂ ବିଶ୍ୱ ଅନେକ ବର୍ଷ ହେଲା ହାଇଫେନ୍‌କୁ ବ୍ୟବହାର କରିନାହିଁ। କିନ୍ତୁ ବେଳେବେଳେ ଘଟଣାଗୁଡ଼ିକ ଆମକୁ ଏଥିସହିତ ଯୋଡ଼ିବାକୁ ସୁଯୋଗ ଦିଏ।

Email:aakar.patel@gmail.com

# କି ଅଦ୍ଭୁତ ମାନସିକତା



ଅକ୍ଷୟ କୁମାର ମିଶ୍ର

ଏହି ଆଲେଖ୍ୟଟି ଏକ ସତ୍ୟ ଘଟଣା, ଯାହାର ପ୍ରତ୍ୟକ୍ଷଦର୍ଶୀ ମୁଁ ନିଜେ, ତାହାକୁ ଉପକ୍ରମ ହିସାବରେ ନେଇ ଆରମ୍ଭ କରିବାକୁ ଯାଉଛି। କଟକର ଏକ ଘରୋଇ ହସ୍ପିଟାଲରେ ମୋର ସହଧର୍ମିଣୀ ଚିକିତ୍ସାଧୀନ ଥିଲେ। ସେଦିନ ଅପରେଶନ ପାଇଁ ତାଙ୍କୁ ଓଟି ଭିତରକୁ ନିଆ ଯାଇଥାଏ। ମୁଁ ବାହାରେ ଅପେକ୍ଷା କରିଥାଏ। ସମାନ ଭାବେ ଆଉ କିଛି ଲୋକ ମଧ୍ୟ ମୋ ଭଳି ସେମାନଙ୍କର ଆତ୍ମୀୟଙ୍କୁ ଅପେକ୍ଷା କରି ବସିଥାନ୍ତି। ଏହି ସମୟରେ ଜଣେ ମହିଳା ଓଟିର କବାଟ ଫାଙ୍କରେ ଭିତରେ ଥିବା ନର୍ସଙ୍କୁ ଧୀର ସ୍ୱରରେ ପଚାରିଲେ ''ବେଟା ନା ବେଟୀ ?'' ନର୍ସ କ'ଣ କହିଲେ ଆମକୁ ଶୁଣାଗଲା ନାହିଁ। କିନ୍ତୁ ବାହାରେ ଥିବା ସମସ୍ତ ଲୋକ ନର୍ସଙ୍କ ଉତ୍ତର ସମ୍ପର୍କରେ ଅବଗତ ହୋଇଗଲେ। ମହିଳାଙ୍କର ଆତ୍ମୀୟସ୍ୱଜନଙ୍କ ଭିତରେ ଆନନ୍ଦର ଲହରି ଦେଖିବାକୁ ମିଳିଲା। ଆନନ୍ଦର ବିଷୟବସ୍ତୁଟିକୁ ମୋବାଇଲ ମାଧ୍ୟମରେ ଅନ୍ୟ ଲୋକଙ୍କୁ ପ୍ରେରଣ କରୁଥାନ୍ତି। ଓଟି ଭିତରେ ଜଣେ ଗର୍ଭବତୀ ମହିଳା ଯେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି ଏହି ବାର୍ତ୍ତାଟି ବିଦ୍ୟୁତ୍ ବେଗରେ ଖେଳେଇ ହୋଇଗଲା। ମନେହେଲା ସତେ ଯେମିତି ସେମାନେ ଏକ ଆଶଙ୍କା ଭିତରେ ଥିଲେ। ନର୍ସଙ୍କ ଉତ୍ତର ସେମାନଙ୍କୁ ଆଶ୍ୱସ୍ତ କଲା। ସେମାନଙ୍କର ଇଚ୍ଛା ପୂରଣ ହେଲା। ''ବେଟା ହୋଇଛି'' ଏହି ଦୁଇଟି ଶବ୍ଦ ସହିତ ମିଠେଇ ବଣ୍ଟନରୁ ସବୁକିଛି ସ୍ପଷ୍ଟ ହେଉଥିଲା। ମାନସିକ ଚାପ ଭିତରେ ଥିଲେ ମଧ୍ୟ କ୍ଷଣିକ ପାଇଁ ନିଜ ଭିତରେ ଏକ ଅଭିନବ ପୁଲକ ଅନୁଭବ କଲି, ଜଣେ ନବାଗତଙ୍କ ଆଗମନ ବାର୍ତ୍ତାରେ ସତ କିନ୍ତୁ ସ୍ୱତଃ ମୁହଁରୁ ବାହାରି ଆସିଲା– କି ବିଚିତ୍ର ଆମ ସମାଜ, କି ଅଦ୍ଭୁତ ମାନସିକତା !

ଏହାର ପରବର୍ତ୍ତୀ ଘଟଣା ଥିଲା ଆହୁରି ବେଦନାଦାୟକ। ଜଣେ ନବଜାତ ଶିଶୁ ପୁତ୍ରକୁ ଓଟି ଭିତରୁ ଆଣି ବାହାରେ ଥିବା ଜଣେ ମହିଳାଙ୍କ କୋଳରେ ହସ୍ତାନ୍ତର କଲା ପରେ ଖୁସିର ମାହୋଲ ଦ୍ୱିଗୁଣିତ ହୋଇଗଲା। ସଭିଏ ସନ୍ତାନକୁ ଧରି ଫଟୋ ଉଠାଇବାରେ ବ୍ୟସ୍ତ। ଥେଇଥେଇ ହୋଇ କେହି ନାଚୁଥିଲେ ସିନା, କିନ୍ତୁ ପରିବେଶଟା ସେମିତି ଧରଣର ଥିଲା। ଅଥଚ କେହି ପଚାରୁ ନ ଥିଲେ ଯିଏ ଦଶମାସ ଧରି ନିଜ ଗର୍ଭରେ ସ୍ଥାନ ଦେଇ ଅସୀମ ଯନ୍ତ୍ରଣା ସହ୍ୟ କରି ଆଜି ଏତେବଡ଼ ଖୁସି ଖବରଟି ପରିବାର ପାଇଁ ଆଣିଦେଇଛନ୍ତି ତା'ର ଅବସ୍ଥା କ'ଣ ? ସେ କେମିତି ଅଛି, ତା'ର ସଂଜ୍ଞା ଫେରିଲା କି ନାହିଁ, ଏକଥା ଜାଣିବାକୁ କେହି ଚେଷ୍ଟା କରୁ ନ ଥିଲେ। ପୁଣି ଥରେ ସେହି ସମାନ କଥାଟି ମନକୁ ଆସିଲା। କି ବିଚିତ୍ର ସମାଜ, କି ଅଦ୍ଭୁତ ଆମ ଲୋକଙ୍କ ମାନସିକତା !

ଆମେ ଯେତେ ଡିଣ୍ଡିମ ପିଟି କହିଲେ ମଧ୍ୟ ଆମେ ଶିକ୍ଷିତ, ପ୍ରକୃତରେ ଆମ ଭିତରେ ଅନ୍ଧବିଶ୍ୱାସ ଏ ଯାଏ ଦୂରୀଭୂତ ହୋଇ ନାହିଁ। ଏଠାରେ ଯେତେ ଚିତ୍କାର କରି କହିଲେ ବି ନାରୀ ପୁରୁଷ ସମାନ ବୋଲି ବାସ୍ତବରେ ତାହା ନୁହେଁ। ନାରୀ ପ୍ରତି ସମାଜର ଦୃଷ୍ଟିଭଙ୍ଗୀ ଭିନ୍ନ। ତା'ର ସ୍ୱାଧୀନତାକୁ ସ୍ୱେଚ୍ଛାଚାରିତାର ଆଖ୍ୟା ଦିଆଯାଏ। ତା'ର ବିରୋଧିତାକୁ ବିଶୃଙ୍ଖଳା କୁହାଯାଏ। ତା'ର ପ୍ରତିବାଦକୁ ପରମ୍ପରା ବିରୋଧୀ ବୋଲି ଚିତ୍ରଣ କରାଯାଏ। ଯେତେବେଳେ ନାରୀଟିଏ ବଳାତ୍କାରର ଶିକାର ହୁଏ କୌଣସି ଦୋଷ ନ ଥାଇ ମଧ୍ୟ ସେ ସମାଜରେ ଉପହସିତ ହୁଏ। ପରବର୍ତ୍ତୀ ସମୟରେ ବିଭିନ୍ନ ପ୍ରକାର ମାନସିକ ଯନ୍ତ୍ରଣା ତାକୁ ସହିବାକୁ ପଡ଼େ।



ଏବେବି ଆମେ ଧରିନେଇଛୁ ପୁଅଟିଏ ନ ହେଲେ ବଂଶ ରକ୍ଷା ହେବ ନାହିଁ। କୁଳ ବୁଡ଼ିଯିବ। ମା' ବାପାର ମୃତ୍ୟୁ ପରେ ମଶାଣିକୁ ନେବ କିଏ ? ନିଆଁ ବା ସମାଧି ବା କବର ଦେବ କିଏ ? ଶ୍ରାଦ୍ଧ କରିବ କିଏ ? ଏ ସବୁର ଅଧିକାର ଝିଅର ନାହିଁ। ବାହାଘର ପରେ ତା'ର ଗୋତ୍ର ବଦଳି ଯିବ। ସେ ପିଣ୍ଡ ଦେଲେ ଆତ୍ମା କୁଆଡ଼େ ଶାନ୍ତି ପାଇବ ନାହିଁ। ପୁଅଟିଏ ପାଇଁ ଏବେବି ମା'ବାପାମାନେ କେତେ କେତେ ମାନସିକ ରଖୁଥିବା ଶୁଣିବାକୁ ମିଳେ। ଲୋକଙ୍କର ଏହି ମାନସିକତାକୁ ଲକ୍ଷ୍ୟ କରି ଭ୍ରୂଣର ଲିଙ୍ଗ ଚିହ୍ନଟକୁ ବେଆଇନ ଘୋଷଣା କରାଯାଇଛି। ଏହା ସତ୍ତ୍ୱେ କନ୍ୟା ଭ୍ରୂଣ କ'ଣ ହତ୍ୟା ହେଉନାହିଁ ଏକଥା କୁହାଯାଇ ପାରିବ ନାହିଁ।

ଏତିକିରେ ବଦଳିଯାଏ ନାହିଁ ଲୋକଙ୍କର ମାନସିକତା। ଅଳ୍ପ କିଛି ପରିବାରକୁ ଛାଡ଼ିଦେଲେ ଅଧିକାଂଶ ପରିବାରରେ ସମାନ ଘଟଣା ଘଟେ । ଝିଅଟେ ଜନ୍ମ ହେଲେ ଧରି ନିଆଯାଏ ପରିବାର ଉପରକୁ ଏକ ବୋଝ ଆସିଗଲା। ଅଥଚ ପୁଅ ହେଲେ ଶୁଭର ସଙ୍କେତ ସ୍ୱରୂପ ଶଙ୍ଖ ଧ୍ୱନି କରାଯାଏ। ପୁଅ ହେଲେ ସମସ୍ତେ ଖୁସି ମନାନ୍ତି, ମାତ୍ର ଝିଅକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ପୁନଶ୍ଚ କିଛି କିଛି ପରିବାରରେ ଝିଅ ଜନ୍ମ ପାଇଁ ମା'କୁ ଦାୟୀ ମଧ୍ୟ କରାଯାଏ ଯଦିଓ ଏହା ସମ୍ପୂର୍ଣ୍ଣ ଭାବେ ପୁରୁଷର ଶୁକ୍ରାଣୁରେ ଥିବା କ୍ରୋମୋଜମ୍ ଉପରେ ନିର୍ଭର କରେ। କେତେକ କ୍ଷେତ୍ରରେ ଏମିତି ଦୃଷ୍ଟାନ୍ତ ଦେଖିବାକୁ ମିଳେ ପୁଅଟିଏ ପାଇବା ପାଇଁ ପୁରୁଷଟି ଦ୍ୱିତୀୟ ବିବାହ କରୁଥିବାର। ଏଇଥିରୁ ଅନୁମାନ କରାଯାଇପାରେ ପୁଅଟିଏ ପାଇଁ ଆମେ କେତେ ଲାଳାୟିତ।

ସବୁଠାରୁ କରୁଣ କାହାଣୀ ହେଲା ଅଳ୍ପ କେତୋଟି ଶିକ୍ଷିତ ତଥା ପ୍ରଗତିଶୀଳ ପରିବାରକୁ ଛାଡ଼ିଦେଲେ ସବୁଠି ଝିଅ ପୁଅ ଭିତରେ ଖାଦ୍ୟ, ପୋଷାକ, ଶିକ୍ଷାକୁ ନେଇ ବାଛବିଚାରର ଅନ୍ତ ଘଟି ନାହିଁ। ଝିଅଟିଏ ହୋଇଥିଲେ ଯାହା ଖାଉଛି ଖାଉ, ଯେମିତି ପଢୁଛି ପଢୁ। ଷୋହଳ ବର୍ଷ ହୋଇଗଲେ ବର ଖୋଜି ବାହାଘର କାମଟି ସାରିଦେଲେ କନ୍ୟାଦାୟରୁ ମୁକ୍ତି। ଭାଗ୍ୟକୁ ଆଦରି ସେ ତା' ଶାଶୁଘରକୁ ନେଇ ବଞ୍ଚିବ। ପୁଅଟିଏ ହୋଇଥିଲେ ଭଲ ବିଦ୍ୟାଳୟ ଖୋଜା ହେବ। ଭଲ ଟ୍ୟୁସନ୍ ମାଷ୍ଟର ଯୋଗାଡ଼ ହେବ। କୌଣସି ଥିରେ ତା'ର ଅଭାବ ରଖାଯାଏ ନାହିଁ। ଯେମିତି ହେଉ ସେ ଭଲ ପଢ଼ିବା ଦରକାର। କାରଣ ସେ ପରିବାର ସମ୍ଭାଳିବ। ବାପା ବୋଉକୁ ପୋଷିବ।

ଏହି ସବୁ ବୈଷମ୍ୟ କ'ଣ ସହଜରେ ହଟିଯିବ ? ମୋର ମନେହୁଏ ସାମାଜିକ ବ୍ୟବସ୍ଥାରେ ପରିବର୍ତ୍ତନ ନ ହେବା ଯାଏ ଏହି ପାର୍ଥକ୍ୟ ଥିବ ହିଁ ଥିବ। ଆମ ବ୍ୟବସ୍ଥାରେ ନାରୀର ପୋଷାକ, ଖାଦ୍ୟ, ଚାଲିଚଳଣି, ଚରିତ୍ର, ସ୍ୱାଧୀନତାକୁ ନେଇ ବିତର୍କ ହୁଏ। ନାରୀକୁ ସତୀତ୍ୱର ପରୀକ୍ଷା ଦେବାକୁ ପଡ଼େ, ଯେମିତି ସୀତାଙ୍କୁ ଅଗ୍ନି ପରୀକ୍ଷା ଦେବାକୁ ପଡ଼ିଥିଲା। ସତୀଦାହ ପ୍ରଥାର ଉଚ୍ଛେଦ ହୋଇଛି ସତ କିନ୍ତୁ ଜୀବନ ତମାମ୍ ସ୍ୱାମୀର ଅନୁଗାମୀ ହୋଇ ରହିବାକୁ ପଡ଼େ ନିଜ ଭିତରେ ଥିବା ସମସ୍ତ ଇଚ୍ଛାକୁ ଦାହ କରି। ପୁରୁଷର ଦ୍ୱିତୀୟ ବିବାହ ସମାଜ ଆଖିରେ ଦୋଷାବହ ନୁହଁ। କିନ୍ତୁ ଏବେବି ବିଧବା ବିବାହ ସହଜରେ ଗ୍ରହଣୀୟ ହୁଏ ନାହିଁ। ଏଠାରେ କନ୍ୟାଦାନ ମହାପୁଣ୍ୟ ବୋଲି ବିଚାର ହୁଏ। ସେଇଥିପାଇଁ ତ ଦାନର ଦକ୍ଷିଣା ସ୍ୱରୂପ ଯୌତୁକ ପ୍ରଥାର ପ୍ରଚଳନ କାହିଁ କେଉଁ କାଳରୁ। ଯଦିଓ ଏହା ଆଇନଗତ ଭାବେ ଅସିଦ୍ଧ। କିନ୍ତୁ ସମାଜରୁ ଏହା କ'ଣ ଉଚ୍ଛେଦ ହେଲାଣି ? ନାରୀ ଯେତେବେଳେ ପୁରୁଷର ସହଯୋଗ ଚାହେଁ ତାହା ତା'ର ଦୁର୍ବଳତା ବୋଲି ବିଚାର କରାଯାଏ। ସେଇଥିପାଇଁ ନାରୀ ଦୁର୍ବଳା ବୋଲି ସମାଜ କହେ। କେବଳ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରରେ ମା'ର ନାମ ଉଲ୍ଲେଖ କରାଯାଏ ସିନା ଅନ୍ୟ କୌଣସି ପ୍ରମାଣ ପତ୍ରରେ ମା'ର ନାମ ଦେଖିବାକୁ ମିଳେ ନାହିଁ। କାହାର ପରିଚୟ ପଚାରିବା ବେଳେ ବାପାର ନାମ ଲୋକେ ପଚାରନ୍ତି। କିନ୍ତୁ ମା' କିଏ ବୋଲି କେହି ପଚାରିବା ବୋଧହୁଏ ଶୁଣିବାକୁ ମିଳେ ନାହିଁ।

ଏହା ହିଁ ଆମ ମାନସିକତା, ଆମ ସମାଜର ଆଭିମୁଖ୍ୟ। ଯଦି ନାରୀ ଓ ପୁରୁଷ ବିହୁନେ ସୃଷ୍ଟି ଅସମ୍ଭବ ତେବେ ଉଭୟଙ୍କୁ ସମାନ ଚକ୍ଷୁରେ ଦେଖିବା ଆବଶ୍ୟକ। ଉଭୟଙ୍କୁ ସମାଜରେ ସମାନ ଗୁରୁତ୍ୱ ମିଳିବା ଜରୁରୀ। ଉଭୟ ନାରୀ ଓ ପୁରୁଷ ଭିତରେ ସହଯୋଗ, ସହଭାଗିତା, ସମର୍ଥନ ଓ ସମର୍ପଣ ଭାବନା ରହିଲେ ସଂସାରରେ ଶାନ୍ତି ବିରାଜମାନ ହେବ ଯାହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ସାଜିବ।

ସଭାପତି, ଓଷ୍ଟା
ମୋ: ୯୯୩୮୭୬୩୨୩୭

# ଦେହ ଦେଉଳରେ ଦିଅଁ ଦର୍ଶନ



ଡ. ସାରଦା ପ୍ରସାଦ କର

ସଂସ୍କୃତରେ ଉକ୍ତିଟିଏ ଅଛି 'ଦେହୋ ଦେବାଳୟ ପ୍ରୋକ୍ତୋ ଜୀବଃ ପ୍ରୋକ୍ତୋ ସନାତନଃ' ଅର୍ଥାତ୍ ଏ ଦେହ ହେଉଛି ଏକ ଦେବାଳୟ, ଯାହା ଭିତରେ ପରମାତ୍ମା ସୂକ୍ଷ୍ମ ରୂପରେ ଥାଆନ୍ତି। କିନ୍ତୁ ମନରେ ପ୍ରଶ୍ନ ଆସେ ଦେହକୁ ସିନା ଦେଉଳ ସହ ତୁଳନା କରାଯାଇଛି ହେଲେ ଦେଉଳରେ ଯେଉଁ ପବିତ୍ରତା, ନୀତି ନିୟମ ପାଳିତ ହୁଏ ତାହା ଆମ ଦେହ ଦେଉଳରେ ଅନୁସୃତ ହେଉଛି ତ? ଆମେ ଜାଣୁ ମଣିଷ ଦ୍ୱାରା ନିର୍ମିତ ମନ୍ଦିରରେ ଧୂମପାନ, ମଦ୍ୟପାନ, ମନ୍ଦ ଆଚରଣ, ଆମିଷ ଭକ୍ଷଣ ନିଷେଧ ଓ ପରିବେଶକୁ ଶୁଦ୍ଧ ରଖିବାପାଇଁ ବିଭିନ୍ନ ନିର୍ଦ୍ଦେଶାବଳୀ ଜାରି କରାଯାଇଥାଏ। କିନ୍ତୁ ଥରେ ବିଚାରକଲେ! ମଣିଷ ତିଆରି କରିଥିବା ମନ୍ଦିରକୁ ସ୍ୱଚ୍ଛ, ପରିଷ୍କାର ରଖିବାକୁ ଆମେ ଏତେ ତତ୍ପର କିନ୍ତୁ ସ୍ୱୟଂ ଈଶ୍ୱରଙ୍କ ଦ୍ୱାରା ନିର୍ମିତ ଆମର ଏ ଦେହ ଦେଉଳ ନିଶାସେବନ, ପାପାଚରଣ, ଅଭକ୍ଷଭକ୍ଷଣରେ ଏତେ କଳୁଷିତ ଆଉ କଳଙ୍କିତ କାହିଁକି?

ଗୀତାରେ ଅର୍ଜୁନକୁ ବୁଝାଇବାକୁ ଯାଇ ଶ୍ରୀକୃଷ୍ଣ କହିଲେ: 'ଈଶ୍ୱର ସର୍ବଭୂତାନାଂ ହୃଦ୍ଦେଶେ ଅର୍ଜୁନ ତିଷ୍ଠତି'– ଦେହ ଯଦି ଦେଉଳ ହୁଏ ତେବେ ତା'ର ମସ୍ତକ ହେଉଛି ଦଧିନଉତି, ଶିଖା ହେଉଛି ଦେଉଳର ଧ୍ୱଜା ଓ ହୃଦୟ ହେଉଛି ଗର୍ଭଗୃହ ; ଯେଉଁଠି ଈଶ୍ୱର ବିରାଜମାନ କରନ୍ତି। ପ୍ରଭୁ ଧାରଣକରିଥିବା ଶଙ୍ଖ, ଚକ୍ର, ଗଦା, ପଦ୍ମ ହେଉଛନ୍ତି ଆମ ଅନ୍ତଃକରଣ ଚତୁଷ୍ଟୟର ପ୍ରତୀକ ମନ, ବୁଦ୍ଧି, ଚିତ୍ତ ଓ ଅହଙ୍କାର। କିନ୍ତୁ ଏଠାରେ ପୂଜା ମନ୍ତ୍ରପାଠ ପରିବର୍ତ୍ତେ ଯଦି ଅତ୍ୟାଚାର ଓ ବ୍ୟଭିଚାର ଚାଲେ ତେବେ ଦେହ ଦେଉଳରେ ଦିଅଁ ଦର୍ଶନ ସମ୍ଭବ ହେବ କିପରି? ପ୍ରତିଟି ଶରୀରରେ ଈଶ୍ୱର ସୂକ୍ଷ୍ମ ରୂପରେ ଅଛନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଅଜ୍ଞାତସାରରେ ମଧ୍ୟ କାହା ଦେହରେ ଗୋଡ଼ ବାଜିଗଲେ ତୁରନ୍ତ ଆମ ପାଟିରୁ ବାହାରି ଆସେ 'ବିଷ୍ଣୁ'। ହେଲେ ବିଡ଼ମ୍ବନାର ବିଷୟ ଗୋଡ଼ ବାଜିଗଲେ ବିଷ୍ଣୁ କହୁଥିବା ମଣିଷ ନିଜର ସ୍ୱାର୍ଥ ଚରିତାର୍ଥ ପାଇଁ ଆଜି ଅନ୍ୟକୁ ଲହୁଲୁହାଣ କରି ତା'ର ଆଖିରୁ ନିଗିଡ଼ି ପଡୁଥିବା ଲୁହକୁ ନିର୍ଦ୍ଦୟ ଭାବେ ପିଇଯାଉଛି। ସାନ୍ତ୍ୱନାର ସଜଳ ଶ୍ରାବଣ ବୁନ୍ଦେ ବି ବାଢ଼ିଦେବାକୁ ମଣିଷର ମନ କହୁନି।

ଏବେ ସମାଜରେ ନିତିପ୍ରତି ଘଟୁଥିବା ନାବାଳିକା ବଳାତ୍କାର, ଶିଶୁ ଅପହରଣ, ପତିପତ୍ନୀ ମଧ୍ୟରେ ପ୍ରତାରଣାର ବିସ୍ଫୋରଣ ଏହାର ଗୋଟିଏ ଗୋଟିଏ ନମୁନା ନୁହେଁ କି? ସମାଜରେ କେହି ବ୍ୟକ୍ତି ଆମର ଦେଖାହୋଇଗଲେ ଆମେ ତାଙ୍କୁ 'ରାମ ରାମ' କହି ତାଙ୍କୁ ସ୍ୱାଗତ କରୁ। ହେଲେ ଉପରକୁ ଆମେ ରାମ ରାମ କହିଲେ ମଧ୍ୟ ଜୀବନରେ ରାମଙ୍କୁ ଅନୁସରଣ ନ କରି ଶାସ୍ତ୍ର ବିରୁଦ୍ଧ କର୍ମ ପଛରେ ସବୁବେଳେ ଧାଉଁଛେ। ଏପରି ବାହ୍ୟାଚାରରେ କି ଲାଭ? ରାମାୟଣରେ ଶ୍ରୀରାମଙ୍କ ପଛେ ପଛେ ମା' ସୀତା ଓ ଲକ୍ଷ୍ମଣ ଅନୁଧାବନ କରିଥିଲେ ବୋଲି ସେମାନଙ୍କ ଜୀବନ ଜୟଯୁକ୍ତ ହୋଇଥିଲା । ମହାଭାରତରେ ଶ୍ରୀକୃଷ୍ଣଙ୍କ ପଛେ ପଛେ ପାଣ୍ଡବ ଅନୁସରଣ କରିଥିଲେ ବୋଲି ସେମାନଙ୍କର ଜୀବନ ସୁରକ୍ଷିତ ହୋଇଥିଲା । କିନ୍ତୁ ସମ୍ପ୍ରତି ମଣିଷର ଦେହ ଦେଉଳ କାମ, କ୍ରୋଧ, ଲୋଭ, ମୋହ, କପଟତା ଆଦି ଗନ୍ଧରେ ଅବରୁଦ୍ଧ ହୋଇଥିବାରୁ ଗୀତାର ଅମୃତ ବାଣୀ 'ମାମେକଂ ଶରଣଂ ବ୍ରଜ' ହୋଇଯାଇଛି ନିରୁଦ୍ଦିଷ୍ଟ। ତେଣୁ ଆମର ବାହ୍ୟ ଧର୍ମ ଦିନକୁ ଦିନ ସିନା ବଢୁଛି କିନ୍ତୁ ବ୍ୟକ୍ତିର ବିକାଶ ଓ ଚାରିତ୍ରିକ ଶୁଦ୍ଧତା କ୍ଷୀଣ ହେବାରେ ଲାଗିଛି। ତେବେ ପ୍ରଶ୍ନ ଆସେ ଦେହ ଦେଉଳରେ ଦିଅଁ ଦର୍ଶନ ସମ୍ଭବ କିପରି ହେବ? ଗୌତମ ବୁଦ୍ଧଙ୍କ ଜୀବନୀରୁ କରୁଣାକୁ ଜାଣିପାରିଲେ, ମହାବୀରଙ୍କ ଚରିତ୍ରରୁ ଅହିଂସାକୁ ଆଣିପାରିଲେ, ଯିଶୁଙ୍କ ଜୀବନୀରୁ ପ୍ରେମକୁ ପଢ଼ି ପାରିଲେ ଓ ଶ୍ରୀରାମଙ୍କ ମର୍ଯ୍ୟାଦାରେ ନିଜକୁ ଗଢ଼ିପାରିଲେ ତାହା ହିଁ ହେବ ଦେହ ଦେଉଳର ପ୍ରକୃତ ରୂପରେଖ। ଏହା ସତ୍ୟ ଯେ ଦେଉଳ ତୋଳିବାକୁ ହେଲେ ସଦ୍‌ଭାବର ଭୂମି ଲୋଡ଼ା। ତେଣୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ବ୍ୟକ୍ତି ନିଜକୁ ପ୍ରଥମେ ସୁନ୍ଦର ମଣିଷଟିଏ କରି ଗଢ଼ିତୋଳିବା ଆବଶ୍ୟକ।



ରାମାୟଣକୁ ପଢନ୍ତୁ। ରାବଣ ବ୍ରହ୍ମାଙ୍କଠାରୁ ବର ମାଗିଲା ମୁଁ ମଣିଷ ହାତରେ ମରିବି। ସମସ୍ତେ ରାବଣକୁ ପଚାରିଲେ ଏତେବଡ଼ ଜ୍ଞାନୀ ହୋଇ ମଧ୍ୟ ଏପରି ବର କିପରି ମାଗିଲ ଯେ ଗୋଟିଏ ସାଧାରଣ ମଣିଷ ହାତରେ ମରିବ ବୋଲି। ରାବଣ ଉତ୍ତର ଦେଲା – ଏ ବର ସାଧାରଣ ନୁହେଁ କାରଣ ମଣିଷ ପରି ଦିଶିବା ଓ ମଣିଷ ପରି ମଣିଷଟିଏ ହେବା ଏକା କଥା ନୁହେଁ। ସମାଜରେ ମଣିଷପରି ଦିଶୁଥିବା ଅନେକଙ୍କ ଅନ୍ତର ଭିତରେ ଭରିରହିଛି ଛନ୍ଦ, କପଟ, ଘୃଣା, ଅସୂୟା, କାମ, କ୍ରୋଧ, ଲୋଭ ଆଦି ଜାଙ୍ଗଲିକ ପଶୁବୃତ୍ତି। ଉପରେ 'ହରି' 'ହରି' କହି ଭିତରେ ହରଣ କରିବାକୁ ସେମାନେ ଧୁରନ୍ଧର। କପାଳରେ ଚିତାତିଳକ କାଟି ବ୍ରହ୍ମାଣ୍ଡକୁ ଚିତା କାଟିବାରେ ସେମାନେ ତତ୍ପର। ଏପରି ଲକ୍ଷେ ମଣିଷ ଏକାଠି ହେଲେ ମଧ୍ୟ ମୋର ସାମାନ୍ୟ କ୍ଷତି କରିପାରିବେ ନାହିଁ। ମୁଁ ସେହି ମଣିଷ ହାତରେ ମରିବି, ଯାହାର ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ମଣିଷପଣିଆ ପାଖରେ ସମଗ୍ର ବିଶ୍ୱ ନଇଁ ଯାଉଥିବ, ଯାହାର ଆଚରଣ ଓ ଉଚ୍ଚାରଣ ମଧ୍ୟରେ ସାମାନ୍ୟ ବିଭେଦ ନ ଥିବ। ଶେଷରେ ପ୍ରଭୁ ରାମଚନ୍ଦ୍ର ବାଧ୍ୟ ହେଲେ ଆଦର୍ଶ ମଣିଷ ରୂପରେ ଆସି ରାବଣକୁ ନିଧନ କରିବା ପାଇଁ। ହେଲେ ବଡ଼ ଲାଜର କଥା ଆଜିର ପତନୋନ୍ମୁଖୀ ସମାଜରେ ମଣିଷପଣିଆ ଓ ମାନବିକତାର ମରୁଡ଼ି ପଡ଼ିଥିବାରୁ ଦେହ ଦେଉଳରେ ଦିଅଁ ଦର୍ଶନ ହେଉନାହିଁ। ଏହା ହିଁ ଦେହ ଦେଉଳର ଦୁଃଖ।

ଅଂଶ ସବୁବେଳେ ଅଂଶୀ ପାଖକୁ ଯାଏ, ଯେପରି କି ଅଗ୍ନି ଶିଖାର ଗତି ହେଉଛି ସୂର୍ଯ୍ୟଙ୍କ ନିକଟକୁ। ଠିକ୍ ସେହିପରି ଈଶ୍ୱର ହେଉଛନ୍ତି ଅଂଶୀ ଓ ଆମେ ତାଙ୍କର ଅଂଶ। ତେଣୁ ଈଶ୍ୱରଙ୍କର ଅମୂଲ୍ୟ ଉପହାର ରୂପେ ପାଇଥିବା ଏ ଦେହ ଦେଉଳକୁ ପବିତ୍ର ତୀର୍ଥସ୍ଥଳୀ ଜ୍ଞାନକରି ଏହାର ମର୍ଯ୍ୟାଦାକୁ ଅତୁଟ ରଖିପାରିଲେ ତାହା ହିଁ ହେବ ଧର୍ମର ଶ୍ରେଷ୍ଠ ମୂଲ୍ୟାୟନ ଓ ଈଶ୍ୱରଙ୍କର ସବୁଠାରୁ ପ୍ରିୟ ନିବାସସ୍ଥଳୀ ନ ହେଲେ ମଣିଷ ଜୀବନରେ ଶାନ୍ତି ଆସିବ ନାହିଁ କି ଆନନ୍ଦ ବି ମିଳିବ ନାହିଁ କାରଣ ଦିଅଁ ଦେଖି ଯିବା ଗୋ ସହି! ଦେଉଳରେ ଦିଅଁ ଦେବତା ନାହିଁ।

ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ:୯୪୩୭୧୧୩୧୬୨

## ଏଇ ଭାରତରେ

କେରଳର ଜୋଶେଫ୍ କରାକାଡୁ ଡ୍ରାଗନ ଫ୍ରୁଟ୍ସ ଚାଷ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସେ ନିଜସ୍ୱ ଉଦ୍ୟମରେ ଜଣେ ସଫଳ ଡ୍ରାଗନ ଫ୍ରୁଟ୍ସ ଚାଷୀ ହୋଇପାରିଛନ୍ତି। ଜୋଶେଫ୍‌ଙ୍କ ବୟସ ୭୪। ସେ ପାଖାପାଖି ୧ ଏକର ଜମିରେ ୨୦ ପ୍ରକାର ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ଏହିସବୁ କିସମର ଡ୍ରାଗନଫ୍ରୁଟ୍ସ ସେ ତାଇୱାନ, ବ୍ରାଜିଲ, ଫିଲିପାଇନ୍ସ, ଇକ୍ୱେଡର ଏବଂ ଅଷ୍ଟ୍ରେଲିଆ ଆଦି ଦେଶରୁ ସଂଗ୍ରହ କରିଛନ୍ତି। ଡ୍ରାଗନଫ୍ରୁଟ୍ସ ବିକ୍ରି କରି ସେ ରୋଜଗାର କରୁଛନ୍ତି। ହେଲେ ତାହାଠାରୁ ଅଧିକ ଲାଭ ପାଉଛନ୍ତି ଡ୍ରାଗନଫ୍ରୁଟ୍ସ ଚାରା ବିକ୍ରି କରି। ଜୋଶେଫ୍ ଚାରାରୁ ମାସକୁ ୧ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସେ ଡ୍ରାଗନଫ୍ରୁଟ୍ସ ଓ ତାହାର ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି। ବଡ଼ କଥା ହେଉଛି ସେ ଗବେଷଣା କରି ନୂଆ କିସମର ରେଡ୍ ଚିଲି ଓ ୱଣ୍ଡ ବୟ ଡ୍ରାଗନଫ୍ରୁଟ୍ସ ଉତ୍ପାଦିବାରେ ସକ୍ଷମ ହୋଇପାରିଛନ୍ତି। ଡ୍ରାଗନଫ୍ରୁଟ୍ସ ଚାଷ କରିବା ପୂର୍ବରୁ ଜୋଶେଫଙ୍କର ଏକ ମେସିନ ଟୁଲ୍ ଇଣ୍ଡଷ୍ଟ୍ରି ଥିଲା। ପରେ ସେ ଏହି ବ୍ୟବସାୟକୁ ଛାଡ଼ି ଡ୍ରାଗନ ଫ୍ରୁଟ୍ସ ଚାଷ କରୁଛନ୍ତି। ସେ ଉତ୍ପାଦିତ ଡ୍ରାଗନଫ୍ରୁଟ୍ସ ଓ ଚାରାକୁ ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟ ସମେତ ବିଦେଶରେ ବିକ୍ରି କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୪ ମେ ୧୯୭୬

- ପ୍ରଥମଥର ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଭାରତ ମଧ୍ୟରେ ସିଧାସଳଖ ବ୍ୟାବସାୟିକ ବିମାନ ଚଳାଚଳ ବ୍ୟବସ୍ଥା ଆରମ୍ଭ।
- ରାଜ୍ୟର ଦ୍ୱିତୀୟ ବୃହତ୍ତମ ପୌରସଂସ୍ଥା ବ୍ରହ୍ମପୁର ମ୍ୟୁନିସିପାଲ କାଉନସିଲର ପରିଚାଳନା ଦାୟିତ୍ୱ ରାଜ୍ୟ ସରକାର ହାତକୁ ନେଇଛନ୍ତି।
- ସତ୍ୟବାଦୀର ସାକ୍ଷୀଗୋପାଳ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ରାଜ୍ୟ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଗ୍ରହଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 8 | 6 | 9 | 7 | | |
| | | | | | | | | |
| 7 | 6 | | | | | | | 1 |
| | | | | | | | | |
| 8 | | | 2 | | 1 | 5 | 7 | |
| 4 | | | | 7 | 5 | | | |
| 5 | | | | | 4 | | | |
| 6 | | 3 | | | | | | 4 |
| | | | | | 2 | | 6 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 5 | 4 | 7 | 6 | 3 | 2 | 8 | 9 |
| 8 | 3 | 7 | 9 | 2 | 4 | 6 | 5 | 1 |
| 9 | 6 | 2 | 5 | 8 | 1 | 4 | 3 | 7 |
| 6 | 8 | 5 | 3 | 9 | 2 | 1 | 7 | 4 |
| 7 | 4 | 3 | 6 | 1 | 5 | 8 | 9 | 2 |
| 2 | 1 | 9 | 4 | 7 | 8 | 3 | 6 | 5 |
| 5 | 2 | 8 | 1 | 3 | 7 | 9 | 4 | 6 |
| 4 | 9 | 1 | 8 | 5 | 6 | 7 | 2 | 3 |
| 3 | 7 | 6 | 2 | 4 | 9 | 5 | 1 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନୁପ୍ରବେଶକାରୀଙ୍କୁ ହଟାଯାଉ

ମହାଶୟ,

ଦିନକୁଦିନ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଘଟିଛି। ଆକଳନ ଅନୁଯାୟୀ ସାରା ଦେଶରେ ୧,୫୭,୪୩୨ ଜଣ ବାଂଲାଦେଶୀ ଅନୁପ୍ରବେଶ କରିଛନ୍ତି। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ବିବୃତି ଅନୁଯାୟୀ ଓଡ଼ିଶାରେ ୩,୭୩୮ ଜଣ ବାଂଲାଦେଶୀ ଅନୁପ୍ରବେଶ ପୂର୍ବକ ବସବାସ କରୁଛନ୍ତି। ଅଦ୍ୟାବଧି କେନ୍ଦ୍ରାପଡ଼ା ଜିଲାରେ ଏମାନଙ୍କ ସଂଖ୍ୟା ମାତ୍ରାଧିକ ବୃଦ୍ଧି ଘଟିବାର ଲକ୍ଷ୍ୟ କରାଯାଏ। ସମୁଦ୍ରପଥ ଦେଇ ନୌକା ସାହାଯ୍ୟରେ ଏମାନେ ମାଡ଼ି ଆସିଛନ୍ତି। କାରଣ ସି ସତ୍‌ଲକୁ ମାତ୍ର ୮ ଘଣ୍ଟା ସମୁଦ୍ର ପଥରେ ଓଡ଼ିଶାରେ ଆସି ପହଞ୍ଚିବାକୁ ସମୟ ଲାଗୁଛି। ଏମାନଙ୍କୁ ରୋକିବା ପାଇଁ ୩ଟି ସାମୁଦ୍ରିକ ରାସ୍ତା ଥିଲେ ମଧ୍ୟ ଯଥେଷ୍ଟ କର୍ମଚାରୀ ନାହାନ୍ତି। ପ୍ରଥମେ ଏମାନେ ଅସ୍ଥାୟୀ ଗୃହ ନିର୍ମାଣ ପୂର୍ବକ ଚାଷ ଓ ଜଙ୍ଗଲ ଜମିକୁ ଦଖଲ କରୁଛନ୍ତି। ଏହାଦ୍ୱାରା ଆମର ପରିବେଶ ପ୍ରତି ପ୍ରଭାବ ପଡୁଛି। ଏମାନେ ବିଭିନ୍ନ ପ୍ରକାର ଚାଷ କରି ସବୁ ଶସ୍ୟ ବାଂଲାଦେଶକୁ ଜଳପଥ ଦେଇ ନେଉଛନ୍ତି। ଏମାନେ ବିଭିନ୍ନ ଉପାୟରେ ଓଡ଼ିଶା ଚାଷୀଙ୍କ ଖାଦ୍ୟ ପେୟ ମଧ୍ୟ ହାତଉଛନ୍ତି, ଯାହା ଚିନ୍ତାର ବିଷୟ।

– ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କଣ୍ଠୀ ନୂପୁର ଶାଢ଼ି ଶେମିଜକୁ
କାଢ଼ି ନେଲେ ଆଉ କି ରହେ ବେଶ
ସେହି ସେ ପୀରତି–ମାଟି ନିଆଁ ପାଣି
ଛାଡ଼ି ଏ ଧରାର ରହେ ଯା' ଶେଷ !
(ପ୍ରେମର ଅର୍ଥ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଏନ୍‌ଏମ୍‌ଆଇପିଏଲ୍‌ର ନୂଆ ମାଇଲଖୁଣ୍ଟ

ଭୁବନେଶ୍ୱର,୩।୫

ନିସାନ ମୋଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏନ୍‌ଏମ୍‌ଆଇପିଏଲ୍)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଏପରିକି କମ୍ପାନୀ ଭାରତରେ ନିରନ୍ତର ଓ ସ୍ଥାୟୀ ଅଭିବୃଦ୍ଧି ବଜାୟ ରଖିବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବାଧିକ ବିକ୍ରି ରେକର୍ଡ ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀ(ନିସାନ) ୯୯,୦୦୦ ୟୁନିଟ୍‌ରୁ ଅଧିକ ଗାଡ଼ି ବିକ୍ରି (ରପ୍ତାନୀ+ଘରୋଇ) ବିକ୍ରି ହାସଲ କରିଥିବାବେଳେ ୨୦୧୭-୧୮ ଆର୍ଥିକ ବର୍ଷ ପରଠାରୁ ଏହା ସର୍ବାଧିକ ବୋଲି କୁହାଯାଉଛି। ଗତ ୭ ବର୍ଷ ମଧ୍ୟରେ କମ୍ପାନୀ ପ୍ରଥମ ଥର ପାଇଁ ଚଳିତ ବର୍ଷ ସର୍ବୋଚ୍ଚ ସମଗ୍ରିକ ବିକ୍ରି ରେକର୍ଡ କରିଛି। ଘରୋଇ ଓ ରପ୍ତାନୀ ବଜାରରେ ନୂଆ ନିସାନ ମାଗ୍ନାଇଟ୍ ବି-ଏସ୍‌ୟୁଭିର ଚମତ୍କାର ପ୍ରଦର୍ଶନ ଯୋଗୁ ଏହି ସଫଳତା ସହ ୨୦୨୪-୨୫ ଆର୍ଥିକ ବର୍ଷରେ କମ୍ପାନୀର ବାର୍ଷିକ ବିକ୍ରି ୩୫% ବୃଦ୍ଧି ହୋଇଛି। ଏ ସମ୍ପର୍କରେ ନିସାନ ଇଣ୍ଡିଆ ଅପରେଶନ୍ସର ଅଧ୍ୟକ୍ଷ ଏବଂ ଆମିଓ ରିଜିଅନ ବିଜନେସ୍ ଟ୍ରାନ୍ସଫର୍ମେଶନର ବିଭାଗୀୟ ଉପାଧ୍ୟକ୍ଷ ଫ୍ରାଙ୍କ ଟୋରେସ କହିଛନ୍ତି, ଭାରତ ନିସାନ ପାଇଁ ବିକାଶର ଏକ ମଜଭୁତ ସ୍ତମ୍ଭ ଭାବେ ବଜାୟ ରହିଛି, ଯାହା ନିସାନ ମାଗ୍ନାଇଟ୍‌ର ନିରନ୍ତର ସଫଳତା ଦ୍ୱାରା ପରିଚାଳିତ ହୋଇଛି। ଏହି ଲୋକପ୍ରିୟ ନିସାନ ମାଗ୍ନାଇଟ୍ ବ୍ରାଣ୍ଡକୁ ୨୦୧୭-୧୮ ପରଠାରୁ ୯୯,୦୦୦ରୁ ଅଧିକ ୟୁନିଟ୍‌ର ସର୍ବୋଚ୍ଚ ଏକକ ବର୍ଷ ବିକ୍ରି ରେକର୍ଡ ହାସଲ କରିବାକୁ ସକ୍ଷମ କରିଛି। ନୂଆ ନିସାନ ମାଗ୍ନାଇଟ୍‌ର ରପ୍ତାନୀକୁ ଚଳିତ ବର୍ଷ ଏଲ୍‌ଏଚ୍‌ଡି ବଜାର ସମେତ ୬୫ଟୁ ଅଧିକ ଅନ୍ତର୍ଜାତୀୟ ବଜାରକୁ ବିସ୍ତାର କରାଯାଇଛି। ନିସାନ ଭାରତୀୟ ବଜାର, ଗ୍ରାହକ, ଡିଲର ପାର୍ଟନର, କର୍ମଚାରୀ ଓ ହିତାଧିକାରୀଙ୍କ ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ନିସାନ ଓ ଏହାର ଡିଲର ପାର୍ଟନରମାନେ ବିଦ୍ୟମାନ ଓ ଭବିଷ୍ୟତର ନୂଆ ଗ୍ରାହକଙ୍କୁ ବିକ୍ରି ଓ ସେବା ଯୋଗାଇବା ଜାରି ରଖିବେ। ନିସାନର ଗୋଟିଏ ନୂଆ ବି-ଏମ୍‌ପିଭି ଓ ୨ଟି ନୂଆ ସି-ଏସ୍‌ୟୁଭି ଲଞ୍ଚ କରିବା ଯୋଜନା ମଧ୍ୟ ଅକ୍ଷୁଣ୍ଣ ରହିଛି। ଆମେ ଆମର ୱାନ୍ କାର୍, ୱାନ୍ ୱାର୍ଲ୍ଡ ପ୍ଲାନ୍ ଅଧୀନରେ ବିଶ୍ୱର ଅନ୍ୟ ଭାଗକୁ ଯାନ ରପ୍ତାନୀ କରିବା ପାଇଁ ଆମର ଯୋଜନାକୁ ଜାରି ରଖିଛୁ। ସେହିପରି ନିସାନ ମୋଟର ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ସୌରଭ ବସ କହିଛନ୍ତି, ୨୦୨୪-୨୫ ଆର୍ଥିକ ବର୍ଷ ଅଟୋ ଶିଳ୍ପ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବର୍ଷ ହୋଇଥିଲେ ସତ୍ତ୍ୱେ ନୂଆ ମାଗ୍ନାଇଟ୍ ଏକ ସ୍ୱତନ୍ତ୍ର ଏବଂ ସ୍ୱଚ୍ଛ ଭାବେ ଚମତ୍କାର ପ୍ରଦର୍ଶନ ଏବଂ ପ୍ରମାଣିତ କରିଛି। ବି-ଏସ୍‌ୟୁଭି ଗ୍ରାହକଙ୍କ ମଧ୍ୟରେ ଏହାର ଲୋକପ୍ରିୟତା ବଜାୟ ରହିଛି। ନୂଆ ୭-ସିଟର ବି-ଏମ୍‌ପିଭି ଓ ୫-ସିଟର ସି-ଏସ୍‌ୟୁଭିର ସଦ୍ୟତମ ଘୋଷଣା ସହ ଆମେ ଏକ ଉତ୍ସାହଜନକ ଉତ୍ପାଦ ପୋର୍ଟଫୋଲିଓ ପ୍ରଦାନ କରିବା ଏବଂ ଗ୍ରାହକ ଅନୁଭୂତିକୁ ଉନ୍ନତ କରିବା ଲାଗି ଆମର ଡିଲର ନେଟ୍‌ୱର୍କକୁ ବିସ୍ତାର କରିବା ଉପରେ ଗୁରୁତ୍ୱ ଦେଉଛୁ।

# ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ

ଭୁବନେଶ୍ୱର,୩।୫

ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ଡିଏସ୍‌ପି ସିଲ୍‌ଭର ଇଟିଏଫ୍ ଫଣ୍ଡ ଅଫ୍ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ ଏଣ୍ଡେଡ୍ ସ୍କିମ୍ ହୋଇଥିଲାବେଳେ ପୁଞ୍ଜିନିବେଶକଙ୍କୁ ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ରୁପାର ପୁଞ୍ଜିନିବେଶ ସୁଯୋଗ ହାସଲ କରିବାକୁ ଏକ ସ୍ୱାଚ୍ଛନ୍ଦ୍ୟମୂଳକ ଏବଂ ସୁବ୍ୟବସ୍ଥିତ ପନ୍ଥା ଯୋଗାଇଦେଉଛି। ସେହିଭଳି ଏହି ଫଣ୍ଡ ଅଫ ଫଣ୍ଡ ମୁଖ୍ୟତଃ ଡିଏସ୍‌ପି ସିଲ୍‌ଭର ଇଟିଏଫ୍‌ରେ ପୁଞ୍ଜିନିବେଶ କରିବ। ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡର ସିଏଫ୍‌ଏ (ହେଡ୍ ଅଫ୍ ପାସିଭ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପ୍ରଡକ୍ଟସ୍) ଅନିଲ ଘେଲାନି କହିଛନ୍ତି, ଭୂ-ରାଜନୈତିକ ଉତ୍ତେଜନା ଏବଂ ଅନିଶ୍ଚିତ ପରିସ୍ଥିତିରେ ରୁପା ଓ ସୁନା ଭଳି ମୂଲ୍ୟବାନ୍ ଧାତୁ ପୁଞ୍ଜିନିବେଶକଙ୍କ ନିମନ୍ତେ ଏକ ନିରାପଦ ସ୍ଥଳ ପାଲଟିଛି।

# ଏସ୍‌ବିଆଇର ନୂତନ ଶାଖା ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଚାନ୍ଦବାଲି,୩।୫ (ବିଶ୍ୱାନ ପାତ୍ର)

ଭାରତୀୟ ଷ୍ଟେଟବ୍ୟାଙ୍କ (ଏସ୍‌ବିଆଇ)ର ନୂତନ ଶାଖା ଶୁକ୍ରବାର ଚାନ୍ଦବାଲି ନିକଟସ୍ଥ କାଳୀମନ୍ଦିର ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏସ୍‌ବିଆଇର ଜେନେରାଲ ମ୍ୟାନେଜର (ନେଟୱର୍କ-୧ ଭୁବନେଶ୍ୱର) ପୋନାମ୍ବଲମ ମୁରୁଗାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇର ମୁଖ୍ୟ ପରିଚାଳକ ଗୋବିନ୍ଦ ଚନ୍ଦ୍ର ନାୟକ, ବ୍ୟାଙ୍କର ଡେପୁଟି ଜେନେରାଲ ମ୍ୟାନେଜର ବାଲେଶ୍ୱରର ଶୈଳେଶ କୁମାର ସିହ୍ନା ଓ ରିଜୋନାଲ ମ୍ୟାନେଜର ଦେବାଶିଷ ରଥ ପ୍ରମୁଖ ଯୋଗଦେଇ ଏହି ଶାଖାର ବ୍ୟବସାୟିକ ଅଭିବୃଦ୍ଧି ସମ୍ପର୍କରେ ଆଲୋଚନା କରିଥିଲେ।

# '୨ ବର୍ଷରେ ସେମିକଣ୍ଡକ୍ଟର ଉତ୍ପାଦନ'

ଭୁବନେଶ୍ୱର,୩।୫

ବର୍ତ୍ତମାନ ସମୟରେ ଓଡ଼ିଶା ନିବେଶକଙ୍କ ପାଇଁ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏପରିକି ଉନ୍ନତ ନୀତି ପ୍ରଣୟନ ପାଇଁ ଓଡ଼ିଶାରେ ସେମିକଣ୍ଡକ୍ଟର ଉତ୍ପାଦନ ଆଗାମୀ ୨ ବର୍ଷ ମଧ୍ୟରେ ଆରମ୍ଭ ହେବ ବୋଲି ରାଜ୍ୟ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ଅପରପକ୍ଷରେ 'ଫ୍ରମ୍ ଟେମ୍ପଲ ଟୁ ଟେକ୍' ସମ୍ମିଳନୀକୁ ସମ୍ବୋଧିତକରି ମନ୍ତ୍ରୀ କହିଛନ୍ତି, ଡିଜିଟାଲ ଭିତ୍ତିଭୂମି, ଦକ୍ଷତା ବିକାଶ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶା ବହୁ ଭଲ ସ୍ଥିତିରେ ରହିଛି। ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ (ଇ ଆଣ୍ଡ ଆଇଟି) ଇଲେକ୍ଟ୍ରୋନିକ୍ସ ଓ କମ୍ପ୍ୟୁଟର ସଫ୍ଟୱେର ରପ୍ତାନୀ ପ୍ରୋତ୍ସାହନ ପରିଷଦ (ଇଏସି) ସହଯୋଗରେ 'ଫ୍ରମ୍ ଟେମ୍ପଲ ଟୁ ଟେକ୍' ଶିଖର ସମ୍ମିଳନୀର ସଫଳ ଆୟୋଜନ କରିଛି। ଏହି କାର୍ଯ୍ୟକ୍ରମରେ ସମଗ୍ର ଭାରତ ତଥା ବିଦେଶର ଶୀର୍ଷ ସରକାରୀ ଅଧିକାରୀ, ଶିଳ୍ପ ନେତା, ଏକାଡେମିକ ବିଶେଷଜ୍ଞ ଏବଂ ଷ୍ଟାର୍ଟଅପ୍‌ମାନେ ଏକାଠି ହୋଇଥିଲେ, ଯାହା ରାଜ୍ୟକୁ ଏକ ପ୍ରଯୁକ୍ତିଭିତ୍ତିକ ଅର୍ଥନୀତିରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛି । ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ ରାଜ୍ୟ ମୋଟ ଘରୋଇ ଉତ୍ପାଦ (ଜିଏସ୍‌ଡିପି) ପ୍ରତି ସେବା କ୍ଷେତ୍ରର ବଢୁଥିବା ଅବଦାନ ଏବଂ ଆଗାମୀ ଦିନରେ ଏହାର ଅଭିବୃଦ୍ଧି ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଯୁଗ୍ମ ସଚିବ ମନୀଷ ଚଢା ଦେଶର ହାର୍ଡୱେର ଉତ୍ପାଦନର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରି କହିଥିଲେ, କିଛି ବର୍ଷ ତଳେ ଏହାକୁ ନେଇ ଅନେକ ଚ୍ୟାଲେଞ୍ଜ ଥିଲା। କିନ୍ତୁ କେନ୍ଦ୍ର ସରକାର ଆକର୍ଷଣୀୟ ନୀତି ଆଣିବା ପରେ ଇଲେକ୍ଟ୍ରୋନିକ୍ସ ଉତ୍ପାଦନ କ୍ଷେତ୍ରରେ ଭାରତ ଯଥେଷ୍ଟ ଅଗ୍ରଗତି କରିଛି। ଭାରତରେ ବ୍ୟବହୃତ ହେଉଥିବା ୯୯% ମୋବାଇଲ ଫୋନ୍ ଦେଶ ଭିତରେ ନିର୍ମିତ ହେଉଛି। ସ୍ମାର୍ଟଫୋନ୍ ଉତ୍ପାଦନ କ୍ଷେତ୍ରରେ ଭାରତର ଅବଦାନ କ୍ରମାଗତ ଭାବେ ବୃଦ୍ଧି ପାଉଛି ବୋଲି ସେ କହିଛନ୍ତି। ଇଏସ୍‌ସିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗୁରମିତ୍ ସିଂହ, ଅଧ୍ୟକ୍ଷ (ଗ୍ଲୋବାଲ୍ ଆଉଟରିଚ) ସନ୍ଦୀପ ନରୁଲା, ଇଏସସି ଅଧ୍ୟକ୍ଷ ବୀର ସାଗର ଓ ଇଏସ୍‌ସି (ଇଷ୍ଟର୍ନ) ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଜାମକାନିରେ ଜାତୀୟ କୋଇଲା ଖଣି ଶ୍ରମିକ ଦିବସ ପାଳିତ

ଭୁବନେଶ୍ୱର,୩।୫ (ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମର ଓଡ଼ିଶାସ୍ଥିତ ସୁନ୍ଦରଗଡ଼ ଜିଲାର ଜାମକାନି କୋଇଲା ଖଣିରେ ଜାତୀୟ କୋଇଲା ଖଣି ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବେଦାନ୍ତ ଆଲୁମିନିୟମ ଓଡ଼ିଶାର ଜାମକାନି କୋଇଲା ଖଣିରେ ନିଜର ଖଣି ଶ୍ରମିକମାନଙ୍କ ସୁରକ୍ଷା ଏବଂ କଲ୍ୟାଣ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି। ବେଦାନ୍ତର ପ୍ରଥମ ଗ୍ରୀନ୍‌ଫିଲ୍ଡ କୋଇଲା ପ୍ରକଳ୍ପରେ କମ୍ପାନୀ ଏହାର ଖଣି କାର୍ଯ୍ୟକଳାପରେ ସୁରକ୍ଷା ମାନକକୁ ଉନ୍ନତ କରିବା ପାଇଁ ଅତ୍ୟାଧୁନିକ ଟେକ୍ନୋଲୋଜିର ବ୍ୟବହାର କରୁଛି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମର ଶ୍ରମଶକ୍ତିର ସୁରକ୍ଷା ଏବଂ କଲ୍ୟାଣକୁ ପ୍ରାଥମିକତା ଦେଇଥାଉ। କୋଇଲା ଖଣି ଶ୍ରମିକ ଦିବସରେ ଆମେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଏବଂ ଟେକ୍ନୋଲୋଜି ନବସୃଜନର ନେତୃତ୍ୱ ନେଇ ଗର୍ବିତ, ଯାହା ଖନନ କ୍ଷେତ୍ରରେ ସୁରକ୍ଷା ମାନକକୁ ପୁନଃ ପରିଭାଷିତ କରୁଛି। ଏହା ସ୍ମାର୍ଟ, ସୁରକ୍ଷିତ ଏବଂ ସ୍ଥାୟୀ ପରିଚାଳନା ନିର୍ମାଣ ପାଇଁ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।




ଜାମକାନିରେ କମ୍ପାନୀ ସକ୍ରିୟ ଭାବେ ଅନେକ ଡିଜିଟାଲ ସୁରକ୍ଷା ପ୍ରଯୁକ୍ତିବିଦ୍ୟା ପରିଚାଳନା କରୁଛି, ଯେଉଁଥିରେ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସଚାଳିତ ସୁରକ୍ଷା ଅଣ ଅନୁପାଳନ ଚିହ୍ନଟ ବ୍ୟବସ୍ଥା ରହିଛି, ଯାହା ବାସ୍ତବ ସମୟର ଉଲ୍ଲଂଘନଗୁଡ଼ିକୁ ଚିହ୍ନିତ କରିବା ପାଇଁ ସ୍ମାର୍ଟ ସିସିଟିଭି ବ୍ୟବହାର କରିଥାଏ। ଏହି ଆଗଧାଡ଼ିର ପଦକ୍ଷେପଗୁଡ଼ିକ ହେଉଛି ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଚାଳିତ, ଡ୍ରୋନ୍ ଆଧାରିତ ନିରୀକ୍ଷଣ ପ୍ରଣାଳୀର ନିୟୋଜନ। ଏହି ଅତ୍ୟାଧୁନିକ ସମାଧାନ ବ୍ୟବସ୍ଥା ମଣିଷ, ପଶୁ ଏବଂ ଯାନବାହାନର ଉପସ୍ଥିତିକୁ ସ୍ୱୟଂକ୍ରିୟ ଭାବେ ଚିହ୍ନଟ ଏବଂ ରେକର୍ଡିଂ କରି ୫୦୦ ମିଟର ବିସ୍ଫୋରଣ ଜୋନର ରିଅଲ ଟାଇମ୍ ଏରିଆଲ ମନିଟରିଂକୁ ସକ୍ଷମ କରାଇଥାଏ।

# ବିକେଏମ୍‌ଭି ଇଣ୍ଡିଆ ସହ ଶ୍ରୀମୋଟର୍ସର ବୁଝାମଣା

ଭୁବନେଶ୍ୱର,୩।୫

ପ୍ରିମିୟମ ଅଟୋ ବ୍ରାଣ୍ଡ ବେନେଲି, କୀୱେ, ମୋଟୋ ଭଲ୍ଟ ଇଣ୍ଡିଆ ବା ବିକେଏମ୍‌ଭି ଇଣ୍ଡିଆ ସହ ଶ୍ରୀମୋଟର୍ସର ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉନ୍ନତ ଉପଲବ୍ଧତା ଓ ପ୍ରିମିୟମ ଗ୍ରାହକ ସେବା ପ୍ରଦାନ କରିବା ପାଇଁ ଉଭୟଙ୍କ ମଧ୍ୟରେ ଏହି ବୁଝାମଣା (ପାର୍ଟନର) ହୋଇଛି। ସେହିଭଳି ବିକେଏମ୍‌ଭି ଇଣ୍ଡିଆର ଭୁବନେଶ୍ୱର ଡିଲରଶିପକୁ ଏକ ନୂଆ ରଣନୈତିକ ସହଯୋଗୀ ଶ୍ରୀମୋଟର୍ସକୁ ପୁନଃ ଆବଣ୍ଟିତ କରିଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନୂଆ କରି ଶୁଭାରମ୍ଭ ହୋଇଥିବା ଏହି ଡିଲରସିପ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ଶୁଭମ ମାର୍କେଟରେ ଅବସ୍ଥିତ ଏବଂ ଖାରବେଳ ନଗରରେ ଏହାର ସର୍ଭିସ୍ ସେଣ୍ଟର ରହିଛି। ଏ ସମ୍ପର୍କରେ ବେନେଲି, କୀୱେ, ମୋଟୋ ଭଲ୍ଟ ଇଣ୍ଡିଆର ଏମ୍‌ଡି ବିକାଶ ଝାବଖ କହିଛନ୍ତି, ଶ୍ରୀ ମୋଟର୍ସ ମାଧ୍ୟମରେ ଆମେ ଆମର ନୂଆ ଡିଲରଶିପ ଭୁବନେଶ୍ୱରରେ ଆରମ୍ଭ କରିଛୁ। ଏପରିକି ଏହା ଆମର ଗ୍ରାହକଙ୍କ ପାଇଁ ବେନେଲି, କୀୱେ, ମୋଟୋ ଭଲ୍ଟର ଅନୁଭୂତି ଆଣିବା ପାଇଁ ଉତ୍ସାହିତ ଅଛୁ। ଏହି ପଦକ୍ଷେପ ସହିତ ଆମେ ଓଡ଼ିଶାବ୍ୟାପୀ ଉତ୍କୃଷ୍ଟ ଉପଲବ୍ଧତା, ସର୍ବୋତ୍ତମ ଶ୍ରେଣୀର ସେବା ଓ ପ୍ରିମିୟମ ମୋଟରସାଇକେଲର ମାଲିକାନା ଅନୁଭୂତି ଦିଗରେ ଆମର ପ୍ରତିବଦ୍ଧତାକୁ ଉନ୍ନତ କରିବା ପାଇଁ ଲକ୍ଷ୍ୟ ରଖିଛୁ। ସେହିଭଳି ଡିପି ଏବଂ ଶ୍ରୀମୋଟର୍ସର ଅଭିଷେକ ଦାସ କହିଛନ୍ତି, ଏହି ବୁଝାମଣା ଆମର ସହଭାଗିତାକୁ ଏକ ଗ୍ରାହକ-ପ୍ରଥମ ଦୃଷ୍ଟିକୋଣ ଆଣିଛି, ଯାହା ବେନେଲି, କୀୱେ, ମୋଟୋ ଭଲ୍ଟର ବିଶ୍ୱସ୍ତରୀୟ ବିକ୍ରି ଓ ସେବା ଅନୁଭୂତି ପ୍ରଦାନ କରିବା ଲକ୍ଷ୍ୟ ସହ ଜଡିତ ରହିଛି। ସେହିପରି ଆମେ ଭୁବନେଶ୍ୱରରେ ବେନେଲି, କୀୱେ, ମୋଟୋ ମୋରିନି, ଜୋନ୍‌ଟିସ ଓ କ୍ୟୁଜେ ମୋଟର ବ୍ରାଣ୍ଡଗୁଡିକର ପ୍ରତିନିଧିତ୍ୱ କରି ଗର୍ବିତ ଅନୁଭବ କରୁଛୁ। କେନ୍ଦ୍ରୀୟ ସ୍ଥଳରେ ଅବସ୍ଥିତ ଆମର ଶୋ'ରୁମ ସହ ଏକ ସୁସଜ୍ଜିତ ସର୍ଭିସ ସେଣ୍ଟରକୁ ପ୍ରତ୍ୟେକ ମୋଟରସାଇକେଲ ଉତ୍ସାହୀଙ୍କୁ ସର୍ବାଧିକ ସୁବିଧା ଓ ଏକ ଆନନ୍ଦଦାୟକ ଅଭିଜ୍ଞତା ପ୍ରଦାନ କରିବା ପାଇଁ ଡିଜାଇନ କରାଯାଇଛି।

# ୟୁଆଇର ନୂତନ ଉତ୍ପାଦ ରେଞ୍ଜ

ଭୁବନେଶ୍ୱର,୩।୫

ଉଷା ଇଣ୍ଟରନ୍ୟାଶନାଲ(ୟୁଆଇ)ର ନୂତନ ଉତ୍ପାଦ ରେଞ୍ଜ 'ଏରୋଏଜ୍ ଏବଂ ଏରୋଏଜ୍ ପ୍ଲସ୍' ସର୍ବଭାରତୀୟ ସ୍ତରରେ ଶୁଭାରମ୍ଭ ହୋଇଯାଇଛି। ଅତିଶୟ ଗରମ ଅନୁଭବ କରୁଥିବା ଭାରତୀୟ ଉପଭୋକ୍ତାଙ୍କର ପରିବର୍ତ୍ତିତ ଆବଶ୍ୟକତା ପୂରଣକରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏହି ଫ୍ୟାନ୍ ସର୍ବୋତ୍ତମ ଶକ୍ତି ଦକ୍ଷତା ଏବଂ ଆଧୁନିକ ସମୟର ସୁନ୍ଦରତାରେ ସମ୍ପନ୍ନ ତଥା ବର୍ତ୍ତମାନର ଘରଗୁଡ଼ିକ ପାଇଁ ଶ୍ରେଷ୍ଠ ଶୀତଳତା ପ୍ରଦାନ କରିଥାନ୍ତି। ଏରୋଏଜ୍ ପ୍ଲସ୍ ଏବଂ ଏରୋଏଜ୍ ବିଏଲ୍‌ଡିସି ସିଲିଂ ଫ୍ୟାନ ସୌନ୍ଦର୍ଯ୍ୟ ଏବଂ ପ୍ରଯୁକ୍ତିର ଉପଯୁକ୍ତ ମିଶ୍ରଣର ପ୍ରତୀକ ଏବଂ ବିଇଇ ଷ୍ଟାର ରେଟିଂରେ ସୁସଜ୍ଜିତ ରହିଛି।


**OFFICE OF THE NOTIFIED AREA COUNCIL, KUCHINDA**

**E-PROCUREMENT NOTICE**

**Bid Identification No. KCDA/NAC-1/2025-26**

**No. 1309/NAC Date.01.05.2025**

**No.C-230** : Bid Documents consisting of work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

1. Name of the work : Construction of Civil Works
2. No. of works : 11 (eleven) nos
3. Estimated Cost : As per work list
4. Period of Completion : 1 (one) Calendar Month
5. Date & time of availability of bid documents in the portal : From 10.00 hours of 06.05.2025
6. Last date/Time of received of Bids in portal : 17:30 Hours of 15.05.2025
7. Date & time of opening of Bid : 10.00 hours of 16.05.2025
8. Name & Address of the office Inviting bid : Executive Officer, NAC, Kuchinda

Further details can be seen from the e-procurement portal - www.tendersorissa.gov.in.

Sd./- Executive Officer
Notified Area Council,
Kuchinda

OIPR-13121/11/0012/2526



Annexure-I

**TENDER NOTICE**

(For award of contract for outsourcing of Light vehicle Driving Services of Drivers for Directorate of Economics and Statistics, Bhubaneswar)

**No.X-01** : Sealed tenders are invited from intending service providing agencies for the outsourcing of Light vehicle Driving Services of Drivers in the Directorate of Economics & Statistics, Odisha, Bhubaneswar.

The detail information for outsourcing the services of aforesaid work has been given in the tender document which may either be downloaded from the website of DE&S - www.desorissa.nic.in or can be obtained from office on any working day from 02.05.2025, 10.30 A.M. to 20.05.2025, 5.30 P.M. The downloaded Tender document from the website should be submitted along with a Bank Draft / Bankers Cheque of Rs. 500/- (Non-Refundable) in favour of Establishment Officer_cum_DDO, Directorate of Economics and Statistics, Odisha, Bhubaneswar.

The tender document will be received only through Speed Post / Registered Post during office hours only. The last date and time for receipt of filled-in Tender documents are 21.05.2025 by 5.00 P.M. The office shall not be responsible for any kind of postal delay. The authority reserves the right to cancel any or all the tender without assigning any reason thereof.

OIPR-21002/11/0009/2526 Sd./- Director



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଳିମେଳା**

ବିଜ୍ଞପ୍ତି ସଂଖ୍ୟା 2297 **ସାମାଜିକ ସମୀକ୍ଷା** ତାରିଖ 30.04.25

No.i-62: ଏତଦ୍ୱାରା କାଳିମେଳା ପଞ୍ଚାୟତ ସମିତି ଅନ୍ତର୍ଗତ 23 ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ-୨୦୧୩) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିଆରଏସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡ଼ି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ**

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Badili | 01.05.2025 | 15.05.2025 | 16.05.2025 | 20.08.2025 | AEE |
| 2 | Chitrangpali | 01.05.2025 | 15.05.2025 | 16.05.2025 | | GPDO |
| 3 | Kalimela | 01.05.2025 | 15.05.2025 | 16.05.2025 | | AEE |
| 4 | Mandapalli | 01.05.2025 | 15.05.2025 | 16.05.2025 | | APO |
| 5 | Kangurkonda | 01.05.2025 | 15.05.2025 | 16.05.2025 | | APO |
| 6 | Venkatapalam | 17.05.2025 | 31.05.2025 | 02.06.2025 | | GPDO |
| 7 | Bejangiwada | 17.05.2025 | 31.05.2025 | 02.06.2025 | | APO |
| 8 | Chintalwada | 17.05.2025 | 31.05.2025 | 02.06.2025 | | APO |
| 9 | Gampakonda | 17.05.2025 | 31.05.2025 | 02.06.2025 | | AEE |
| 10 | Koimetla | 17.05.2025 | 31.05.2025 | 02.06.2025 | | GPDO |
| 11 | Gumka | 03.06.2025 | 17.06.2025 | 18.06.2025 | | AEE |
| 12 | Badigeta | 03.06.2025 | 17.06.2025 | 18.06.2025 | | APO |
| 13 | Telerai | 03.06.2025 | 17.06.2025 | 18.06.2025 | | APO |
| 14 | Nalagunthi | 03.06.2025 | 17.06.2025 | 18.06.2025 | | GPDO |
| 15 | Tigal | 03.06.2025 | 17.06.2025 | 18.06.2025 | | APO |
| 16 | Bhubanpalli | 09.06.2025 | 03.07.2025 | 04.07.2025 | | AEE |
| 17 | Manamkonda | 09.06.2025 | 03.07.2025 | 04.07.2025 | | GPDO |
| 18 | Tandabai | 09.06.2025 | 03.07.2025 | 04.07.2025 | | AEE |
| 19 | Maharajpalli | 09.06.2025 | 03.07.2025 | 04.07.2025 | | APO |
| 20 | Motu | 09.06.2025 | 03.07.2025 | 04.07.2025 | | APO |
| 21 | Pusuguda | 05.07.2025 | 18.07.2025 | 19.07.2025 | | GPDO |
| 22 | Malavaram | 05.07.2025 | 18.07.2025 | 19.07.2025 | | AEE |
| 23 | Lugel | 05.07.2025 | 18.07.2025 | 19.07.2025 | | APO |

ଯାଞ୍ଚ ହେବାକୁ ଥିବା : (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ? (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟପରିମାଣ ଠିକ୍ ଅଛି କି ନାହିଁ ?

OIPR-19252/11/0006/2526 ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, କାଳିମେଳା



**ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, କଟକ**

ବିଜ୍ଞପ୍ତି ନଂ ୬୪୧ / (Exam. Conf.-I)/ ତା ୩।୫।୨୫ରିଖ

No. N-39

ଏତଦ୍ୱାରା ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା, ୨୦୨୫ ପାଇଁ SUBJECTIVE ଏବଂ OBJECTIVE ବିଷୟର ପୁନଃ ଯାଂଚ (Checking of Addition of Marks) ଏବଂ ସେହି ଖାତା ଗୁଡ଼ିକର ଅବିକଳ ନକଲ (Scanned copy of answer books) ପାଇଁ ଦରଖାସ୍ତ ଓ ଫିସ୍ ଦାଖଲ ପ୍ରକ୍ରିୟା ତା05/05/2025ରିଖ ଠାରୁ ଆରମ୍ଭ ହୋଇ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଶେଷ ହେବ ।

୧. ON-LINEରେ ଆବେଦନ କରିବାର ନିୟମାବଳୀ www.bseodisha.ac.in ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ ।
୨. ଉଭୟ ଫିସ୍ ଓ ଫର୍ମ କେବଳ ON-LINE ମାଧ୍ୟମରେ ତା16/05/2025ରିଖ ମଧ୍ୟରାତ୍ର ସୁଦ୍ଧା ଦାଖଲ କରିବାକୁ ହେବ । ଏହି ON-LINE ଆବେଦନ ପ୍ରକ୍ରିୟା ଅନବରତ (24 × 7) ଚାଲୁ ରହିବ ।
୩. ବୋର୍ଡ କର୍ତ୍ତୃପକ୍ଷ ଏହି ପ୍ରକ୍ରିୟାକୁ ସମାପ୍ତ କରି ସଂଶୋଧିତ Marks Statement ପ୍ରଦାନ କରିବେ ଏବଂ ଖାତାର ଅବିକଳ ନକଲ, ଆବେଦନକାରୀମାନେ ବୋର୍ଡର ଉପରୋକ୍ତ website ରୁ download କରି ନେଇପାରିବେ । ଏହି ସମ୍ବନ୍ଧୀୟ ତଥ୍ୟ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ଜରିଆରେ ଜଣାଇ ଦିଆଯିବ ।
୪. ମଧ୍ୟମା ସଂସ୍କୃତ ପରୀକ୍ଷା, ୨୦୨୫ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ (SOSC Examination), 2025 (1st)ରେ ଦେଇଥିବା ପରୀକ୍ଷାର୍ଥୀ ତା05/05/2025ରିଖ ଠାରୁ ତା16/05/2025ରିଖ ମଧ୍ୟରେ Off-Line ଜରିଆରେ ମାଧ୍ୟମିକ ଶିକ୍ଷା ପରିଷଦର ମୁଖ୍ୟ ଏବଂ ଶାଖା କାର୍ଯ୍ୟାଳୟରେ କେବଳ କାର୍ଯ୍ୟ ଦିବସ ମାନଙ୍କରେ ଆବେଦନ କରିପାରିବେ ।
୬. ଅନ୍ୟକୌଣସି ପ୍ରକାରେ ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅବା ପରେ ଗ୍ରହଣ କରାଯିବ ନାହିଁ ।

OIPR-27004/11/0078/2526 ସ୍ୱା./- ସମ୍ପାଦକ



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, RAYAGADA** No.O-114

Email ID : ccerwcrayagada@gmail.com

Letter No. 809/W.E./ Date : 01.05.2025

**NATIONAL COMPETITIVE BIDDING**

**E-Procurement Notice for PM-JANMAN Batch-II PMGSY works**

1. Name of the work : Construction & Maintenance of road works for the year 2024-25. (1 No.)
2. Class of contractor : "B" & "A" (Odisha PWD) or relevant class of other licensing authority
3. Estimated Cost : Varies from Rs.129.35 Lakhs (Approximately)
4. Details projects as per Annexure attached :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Rayagada | NCB-10/ RWCRGDA/ /2025-26 | Dt.08.05.2025 at 11.00 A.M. | Dt.06.06.2025 Up to 5.00 P.M. | Dt.05.06.2025 Up to 5.00 P.M. | Dt.09.06.2025 at 11.00 A.M. | Will be intimated later |

5. The details of works can be seen from the website www.pmgsytenders.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer,
Rural Works Circle, Rayagada

OIPR-25196/11/0011/2526



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖଣ୍ଡପଡ଼ା**

ବିଜ୍ଞାପନ ସଂଖ୍ୟା-୧୫୩୬, ତାରିଖ-୨୫.୦୪.୨୦୨୫

No.i-57:ଏତଦ୍ୱାରା ପଞ୍ଚାୟତ ସମିତି, ଖଣ୍ଡପଡା ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ୧୯.୦୫.୨୦୨୫ରୁ ୧୨.୦୯.୨୦୨୫ ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନର ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବ୍‌କାର୍ଡଧାରୀ ଶ୍ରମିକ, ରେସନ କାର୍ଡଧାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ/ ଏ.ଡି.ଇ.ଓ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ: ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ: ସାମାଜିକ ସମୀକ୍ଷା ଶେଷ ତାରିଖ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା: ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା: ସାମାଜିକ ସମୀକ୍ଷା ଶେଷ ତାରିଖ | ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣୀ ତାରିଖ |
|---|---|---|---|---|---|---|---|
| ୧ | ବନମାଳୀପୁର,ବେଣାଗାଡ଼ିଆ,ବଳଭଦ୍ରପ୍ରସାଦ | ୧୯.୦୫.୨୦୨୫ | ୨୨.୦୫.୨୦୨୫ | ୨୩.୦୫.୨୦୨୫ | ୩୦.୦୫.୨୦୨୫ | ୩୧.୦୫.୨୦୨୫ | ୦୮.୧୦.୨୦୨୫ |
| ୨ | କିଆଝର,ବୋଦସା,ଯୋଗିଆପଲ୍ଲୀ | ୦୨.୦୬.୨୦୨୫ | ୦୫.୦୬.୨୦୨୫ | ୦୬.୦୬.୨୦୨୫ | ୧୬.୦୬.୨୦୨୫ | ୧୭.୦୬.୨୦୨୫ | |
| ୩ | ମର୍ଦ୍ଦରାଜପୁର,କୋସ୍କା,ରାଣୀଛେଲୀ | ୧୮.୦୬.୨୦୨୫ | ୨୧.୦୬.୨୦୨୫ | ୨୩.୦୬.୨୦୨୫ | ୦୨.୦୭.୨୦୨୫ | ୦୩.୦୭.୨୦୨୫ | |
| ୪ | ର.ଡୋଳମରା,ଗଡିଆସାହି,କଣ୍ଟିଲୋ | ୦୪.୦୭.୨୦୨୫ | ୦୮.୦୭.୨୦୨୫ | ୦୯.୦୭.୨୦୨୫ | ୧୭.୦୭.୨୦୨୫ | ୧୮.୦୭.୨୦୨୫ | |
| ୫ | ଶାଳଝରିଆ, ସିଂଘାପଡା, ଖଳିସାହି | ୨୧.୦୭.୨୦୨୫ | ୨୪.୦୭.୨୦୨୫ | ୨୮.୦୭.୨୦୨୫ | ୦୪.୦୮.୨୦୨୫ | ୦୫.୦୮.୨୦୨୫ | |
| ୬ | କୁମ୍ଭାରପଡା,ଜଗନ୍ନାଥପ୍ରସାଦ,ବଡବାଣପୁର,ରାଣୀପଡା | ୦୬.୦୮.୨୦୨୫ | ୧୧.୦୮.୨୦୨୫ | ୧୨.୦୮.୨୦୨୫ | ୨୦.୦୮.୨୦୨୫ | ୨୧.୦୮.୨୦୨୫ | |
| ୭ | ସିଧାମୁଳା,ଗୁଂଠୁଣୀ, ଶିଖରପୁର | ୨୯.୦୮.୨୦୨୫ | ୦୨.୦୯.୨୦୨୫ | ୦୩.୦୯.୨୦୨୫ | ୧୧.୦୯.୨୦୨୫ | ୧୨.୦୯.୨୦୨୫ | |

OIPR-19151/11/0005/2526 ସ୍ୱା./-ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖଣ୍ଡପଡ଼ା



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ନୟାଗଡ଼**

ବିଜ୍ଞାପନ ସଂଖ୍ୟା-୧୩୬୩, ତାରିଖ-୦୧.୦୫.୨୦୨୫

No.i-59:ଏତଦ୍ୱାରା ପଞ୍ଚାୟତ ସମିତି, ନୟାଗଡ ଅନ୍ତର୍ଗତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ୨୦୨୫-୨୬ ଆର୍ଥିକ ବର୍ଷର ୦୧ ଅକ୍ଟୋବର ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ମସିହା ମଧ୍ୟରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ୦୧ ଏପ୍ରିଲ ୨୦୨୪ ରୁ ୩୧ ମାର୍ଚ୍ଚ ୨୦୨୫ ଆର୍ଥିକ ବର୍ଷର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସଭା ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତରେ OSSAAT ଦ୍ୱାରା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଗ୍ରାମ ପଞ୍ଚାୟତର ଜବକାର୍ଡଧାରୀ ଶ୍ରମିକ, ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତି ବିଶେଷ ନିର୍ଦ୍ଦିଷ୍ଟ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହି ବୈଠକରେ ଗ୍ରାମପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କ ସହ ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ମେଟ, ବ୍ଲକ ସାମାଜିକ ସମୀକ୍ଷକ, ଗ୍ରାମ୍ୟ ସମ୍ବଳ କର୍ମୀ ଇତ୍ୟାଦି ଉପସ୍ଥିତ ରହିବେ ।

| କ୍ର. ନଂ. | ଗ୍ରାମପଞ୍ଚାୟତ ନାମ | ଜାତୀୟ ଖାଦ୍ୟ ସୁରକ୍ଷା ଆଇନ: ସା.ସ. ଆରମ୍ଭ ତାରିଖ | ଜାତୀୟ ଖାଦ୍ୟ ସୁରକ୍ଷା ଆଇନ: ସା.ସ. ଶେଷ ତାରିଖ | ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା: ସା.ସ. ଆରମ୍ଭ ତାରିଖ | ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା: ସା.ସ. ଶେଷ ତାରିଖ | ସା.ସ ଗ୍ରାମ ସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|---|---|
| ୧ | ବଡପଣ୍ଡୁସର, ବାଲୁଗାଁ, ବାଉଁସିଆପଡା,ଭାଟସାହି | ୧୯.୦୫.୨୦୨୫ | ୨୨.୦୫.୨୦୨୫ | ୨୩.୦୫.୨୦୨୫ | ୩୦.୦୫.୨୦୨୫ | ୩୧.୦୫.୨୦୨୫ | ୧୦.୧୦.୨୦୨୫ |
| ୨ | ବିରୁଡା, ଚମ୍ପତିପୁର, ଚଣ୍ଡିବସ୍ତ, ଗଦାଧର ପ୍ରସାଦ | ୦୨.୦୬.୨୦୨୫ | ୦୫.୦୬.୨୦୨୫ | ୦୬.୦୬.୨୦୨୫ | ୧୬.୦୬.୨୦୨୫ | ୧୭.୦୬.୨୦୨୫ | |
| ୩ | ଗମ୍ଭାରିଡିହି, ଘଡୁଆଳ, ଇଟାମାଟି, ଇଟାମାଟି | ୧୮.୦୬.୨୦୨୫ | ୨୧.୦୬.୨୦୨୫ | ୨୩.୦୬.୨୦୨୫ | ୦୨.୦୭.୨୦୨୫ | ୦୩.୦୭.୨୦୨୫ | |
| ୪ | ଜେମାଦେଇପୁରପାଟଣା, କଳିକାପ୍ରସାଦ, କେନ୍ଦୁଡିପି, ଖୁଣ୍ଟୁବନ୍ଧ | ୦୪.୦୭.୨୦୨୫ | ୦୮.୦୭.୨୦୨୫ | ୦୯.୦୭.୨୦୨୫ | ୧୭.୦୭.୨୦୨୫ | ୧୮.୦୭.୨୦୨୫ | |
| ୫ | କ୍ରୀଦାସପୁର,ଲାଠିପଡା, ଲକ୍ଷ୍ମୀପ୍ରସାଦ, ଲେଙ୍କୁଡିପଡା, ମାଛିପଡା | ୨୧.୦୭.୨୦୨୫ | ୨୪.୦୭.୨୦୨୫ | ୨୮.୦୭.୨୦୨୫ | ୦୪.୦୮.୨୦୨୫ | ୦୫.୦୮.୨୦୨୫ | |
| ୬ | ମୁଥାଗାଡିଆ, ନବଘନପୁର, ନଡିଆଳି, ନାଟୁଗାଁ | ୦୬.୦୮.୨୦୨୫ | ୧୧.୦୮.୨୦୨୫ | ୧୨.୦୮.୨୦୨୫ | ୨୦.୦୮.୨୦୨୫ | ୨୧.୦୮.୨୦୨୫ | |
| ୭ | ନୋଡର, ଶରଧାପୁର, ଶରଣକୁଳ, ସିନ୍ଦୁରିଆ | ୨୯.୦୮.୨୦୨୫ | ୦୨.୦୯.୨୦୨୫ | ୦୩.୦୯.୨୦୨୫ | ୧୧.୦୯.୨୦୨୫ | ୧୨.୦୯.୨୦୨୫ | |

OIPR-19297/11/0009/2526 ସ୍ୱା./-ମଣ୍ଡଳ ଉନ୍ନୟନ ଅଧିକାରୀ, ନୟାଗଡ଼

ଧରିତ୍ରୀ DHARITRI 51 Years
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମେ ୪, ୨୦୨୫ Bhubaneswar, Sunday, May 4, 2025

## ସଂକ୍ଷେପରେ

### ପହଲଗାମ୍ ଆକ୍ରମଣକାରୀ କଲମ୍ବୋ ଯାଇଥିବା ସନ୍ଦେହ

**ବିମାନବନ୍ଦରରେ କଡ଼ା ଯାଞ୍ଚ**

ନୂଆଦିଲ୍ଲୀ/କଲମ୍ବୋ,୩।୫

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣାରେ ସମ୍ପୃକ୍ତ ୬ ଜଣ ସନ୍ଦିଗ୍ଧ ଚେନ୍ନାଇରୁ ବିମାନ ଧରି ଶ୍ରୀଲଙ୍କାର କଲମ୍ବୋ ବିମାନବନ୍ଦରରେ ପହଞ୍ଚିଥିବା ଭାରତରୁ ସୂଚନା ମିଳିବା ପରେ ସେଠାରେ ବ୍ୟାପକ ତଲାସି କରାଯାଇଛି। ଚେନ୍ନାଇରୁ ଯାଇଥିବା ଉକ୍ତ ବିମାନରେ ପହଲଗାମ୍ ଆକ୍ରମଣର ୬ ଜଣ ସନ୍ଦିଗ୍ଧ ଥିବା ଭାରତୀୟ କର୍ତ୍ତୃପକ୍ଷ ଶ୍ରୀଲଙ୍କା ପ୍ରତିପକ୍ଷଙ୍କୁ ଜଣାଇଥିଲେ। ଶ୍ରୀଲଙ୍କା ଏୟାରଲାଇନ୍ସ ବିମାନ ୟୁଏଲ୍୧୨୨ ପୂର୍ବାହ୍ନ ୧୧ଟା ୫୯ ମିନିଟ୍ ସମୟରେ ବନ୍ଦରନାଏକ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ଶ୍ରୀଲଙ୍କା ପୋଲିସ, ସେଠାର ବାୟୁସେନା ଏବଂ ବନ୍ଦର ସୁରକ୍ଷା ସଂସ୍ଥା ପକ୍ଷରୁ ମିଳିତ ଭାବେ ସୁରକ୍ଷା ଯାଞ୍ଚ କରାଯାଇଥିଲା। ତେବେ ସେଠାରୁ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଠାବ କରାଯାଇ ପାରିନାହିଁ।

### ରୁଷିଆର ବିଜୟ ଦିବସ ପରେଡ୍‌ରେ ସାମିଲ ହେବେନି ରାଜନାଥ

ନୂଆଦିଲ୍ଲୀ, ୩।୫

ଆସନ୍ତା ମେ’ ୯ରେ ମସ୍କୋରେ ହେବାକୁ ଥିବା ରୁଷିଆର ବିଜୟ ଦିବସ ବାର୍ଷିକ ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଯୋଗଦେବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରେଡ ସମାରୋହରେ ଯୋଗ ଦେବାକୁ ପୂର୍ବରୁ ମନା କରିଥିଲେ। ତାଙ୍କ ବଦଳରେ ରାଜନାଥ ମସ୍କୋ ଗସ୍ତ କରିବେ ବୋଲି ସୂଚନା ଦିଆଯାଇଥିଲା। ତେବେ ଏହି ସମାରୋହରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଞ୍ଜୟ ସେଠ ଭାରତର ପ୍ରତିନିଧିତ୍ୱ କରିବେ। ପହଲଗାମ୍ ଆକ୍ରମଣ ପରେ ଦେଶର ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜନାଥ ନିଜର ଏହି ଗସ୍ତକୁ ବାତିଲ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି।

**ପାଲେଷ୍ଟିନୀୟ ନାବାଳକଙ୍କୁ ହତ୍ୟା ମାମଲା**

### ଆମେରିକୀୟଙ୍କୁ ୫୩ ବର୍ଷ ଜେଲ

ୱାଶିଂଟନ୍,୩।୫

ଜଣେ ୬ ବର୍ଷୀୟ ପାଲେଷ୍ଟିନୀୟ-ଆମେରିକୀୟ ବାଳକ ୱାଡ଼ି ଆଲ୍‌ଫାୟୁମିଙ୍କୁ ଛୁରି ଭୁସି ହତ୍ୟା କରିବା ସହ ତାଙ୍କ ମାଆଙ୍କୁ ଆହତ କରିବା ମାମଲାରେ ଆମେରିକାର ଜୋସେଫ୍ ଜୁବା (୭୩)ଙ୍କୁ ଶୁକ୍ରବାର ୫୩ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରାଯାଇଛି। ୨୦୨୩ରେ ଇସ୍ରାଏଲ୍-ଗାଜା ଯୁଦ୍ଧ ଆରମ୍ଭ ହେବା ପରେ ଜୋସେଫ୍ ଏହି ହତ୍ୟାକାଣ୍ଡ ଘଟାଇଥିଲେ। ଗତ ଫେବୃଆରୀରେ ତାଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିଲା। ୱାଡ଼ି ଓ ତାଙ୍କ ମାଆ ହନନ ଶାହିନ ଜୋସେଫ୍‌ଙ୍କ ପ୍ଲେନ୍‌ଫିଲ୍ଡସ୍ଥିତ ଘରେ ଭଡ଼ାରେ ରହୁଥିଲେ। ସେମାନେ ମୁସଲମାନ ହୋଇଥିବାରୁ ଜୋସେଫ୍ ସେମାନଙ୍କୁ ଟାର୍ଗେଟ କରିଥିଲେ ବୋଲି ସରକାରୀ ଓକିଲ ଅଦାଲତଙ୍କୁ ଜଣାଇଥିଲେ।

# ମନ୍ଦିରରେ ଦଳାଚକଟା: ୭ ମୃତ, ୮୦ ଆହତ

**ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ**

ପଣଜୀ, ୩।୫





ଶୁକ୍ରବାର ରାତିରେ ଗୋଆର ଶିର୍‌ଗାଓରେ ଚାଲିଥିବା ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟିଛି।

ଗୋଆର ଶିର୍‌ଗାଓସ୍ଥିତ ଲୈରାଇ ଦେବୀ ମନ୍ଦିରରେ ଶୁକ୍ରବାର ରାତିରେ ଚାଲିଥିବା ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳାଚକଟା ଘଟି ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୮୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଗୋଆ ମେଡିକାଲ କଲେଜ ଏବଂ ନର୍ଥ ଗୋଆ ଡିଷ୍ଟ୍ରିକ୍ଟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ଶନିବାର ନର୍ଥ ଗୋଆ ଡିଷ୍ଟ୍ରିକ୍ଟ ହସ୍ପିଟାଲ ଯାଇ ଆହତଙ୍କ ସ୍ଥିତି ପରଖିଛନ୍ତି। ସେ ଏକ୍ସ’ରେ ଏକ ପୋଷ୍ଟ କରି ଦଳଚକଟାକୁ ନେଇ ଶୋକ ପ୍ରକଟ କରିବା ସହ ସ୍ଥିତି ଉପରେ ବ୍ୟକ୍ତିଗତ ଭାବେ କଡ଼ା ନଜର ରଖିଥିବା କହିଛନ୍ତି। ମନ୍ଦିରର ଦଳାଚକଟା ଘଟଣାକୁ ନେଇ ସେ ବିସ୍ତୃତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହାର ରିପୋର୍ଟକୁ ଖୁବ୍‌ଶୀଘ୍ର ସାର୍ବଜନୀନ କରାଯିବ ବୋଲି ସେ କହିଛନ୍ତି। ଆହତ ୮୦ ଜଣଙ୍କ ମଧ୍ୟରୁ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି ବୋଲି ଗୋଆ ସ୍ୱାସ୍ଥ୍ୟମନ୍ତ୍ରୀ ବିଶ୍ୱଜିତ ରାଣେ କହିଛନ୍ତି। ଘଟଣାକୁ ନେଇ ଲୈରାଇ ଦେବୀ ମନ୍ଦିରର ସଭାପତି ଦିନନାଥ ଗାଓନ୍‌କର କହିଛନ୍ତି, ଶ୍ରୀ ଲୈରାଇ ଯାତ୍ରା ବାର୍ଷିକ ମହୋତ୍ସବରେ ଦଳଚକଟା ଘଟିବା ସମୟରେ ପ୍ରାୟ ୫୦ରୁ ୭୦ ହଜାର ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶୁକ୍ରବାର ରାତିରେ ଜଣେ ଶ୍ରଦ୍ଧାଳୁ ଭୁଲ୍ ବଶତଃ ନିଜ ବେତ ବାଡ଼ିରେ ଏକ ବିଜୁଳି ବଲ୍‌ବକୁ ଛୁଇଁ ଦେଇଥିଲେ, ଯାହାପରେ ତାଙ୍କୁ ଝଟକା ଲାଗିଥିଲା ଏବଂ ସେ ଅନ୍ୟ ଶ୍ରଦ୍ଧାଳୁଙ୍କ ଉପରେ ପଡ଼ିଯାଇଥିଲେ। ଏହାପରେ ଭିଡ଼ରେ ଥିବା ଲୋକମାନେ ପରସ୍ପରକୁ ଧକ୍କା ଦେଇଥିଲେ, ଫଳରେ ଦଳାଚକଟା ଘଟିଥିବା ସେ କହିଛନ୍ତି। ଏହି ଦଳାଚକଟାର ପ୍ରକୃତ କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଉତ୍ତର ଗୋଆ ଏସ୍‌ପି ଅକ୍ଷତ କୌଶଲ କହିଛନ୍ତି। ଦଳାଚକଟାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିଛନ୍ତି।

## ଅଷ୍ଟ୍ରେଲିଆ ନିର୍ବାଚନରେ ଲେବର ପାର୍ଟି ବିଜୟୀ

**ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ହେବେ ଆଲ୍‌ବାନିସ୍**

ମେଲବର୍ନ,୩।୫



ଆଣ୍ଟୋନୀ ଆଲ୍‌ବାନିସ

ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲ୍‌ବାନିସ୍‌ଙ୍କ ନେତୃତ୍ୱରେ ଲେବର ପାର୍ଟି ପାର୍ଲାମେଣ୍ଟ ନିର୍ବାଚନରେ ବିଜୟୀ ହୋଇଛି। ଫଳରେ ଆଲ୍‌ବାନିସ୍ କ୍ରମାଗତ ଦ୍ୱିତୀୟ ଥର ପାଇଁ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଗତ ୨୧ ବର୍ଷ ମଧ୍ୟରେ କୌଣସି ଅଷ୍ଟ୍ରେଲୀୟ ନେତା କ୍ରମାଗତ ଦ୍ୱିତୀୟ ଥର ନିର୍ବାଚନ ଜିତିବା ଏହା ପ୍ରଥମ। ଅଷ୍ଟ୍ରେଲୀୟ ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ୧୫୧ ଆସନ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସରେ ଲେବର ପାର୍ଟି ୭୮ ଆସନ ଜିତିଥିବାବେଳେ ବିରୋଧୀ କଞ୍ଜରଭେଟିଭ୍ ପାର୍ଟି ବହୁ ପଛରେ ରହିଯାଇଛି। ବିରୋଧୀ ଦଳ ନେତା ପିଟର ଡୁଟନ ଶନିବାର ସନ୍ଧ୍ୟାରେ ପରାଜୟ ସ୍ୱୀକାର କରିଛନ୍ତି। ଆମେ ଭଲ ପ୍ରଚାର କରିପାରି ନ ଥିଲୁ। ତେଣୁ ପରାଜୟ ପାଇଁ ମୁଁ ନିଜକୁ ଦାୟୀ କରୁଛି ବୋଲି ଡୁଟନ କହିଛନ୍ତି।

ଆଲ୍‌ବାନିସ୍ ଦ୍ୱିତୀୟ ଥର ପ୍ରଧାନମନ୍ତ୍ରୀ ଭାବେ ନିର୍ବାଚିତ ହୋଇଥିବାରୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ୍ ମିଡିଆ ଜରିଆରେ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅଷ୍ଟ୍ରେଲିଆ ଜନସାଧାରଣଙ୍କର ଆପଣଙ୍କ ନେତୃତ୍ୱ ଉପରେ ଆସ୍ଥା ରହିଛି। ଭାରତ-ଅଷ୍ଟ୍ରେଲିଆ ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଶାନ୍ତି, ସ୍ଥିରତା ଓ ସମୃଦ୍ଧି ଦିଗରେ ତାଙ୍କ ସହ ଏକାଠି କାର୍ଯ୍ୟ କରିବାକୁ ମୋଦି ଆଗ୍ରହ ପ୍ରକାଶ କରିଛନ୍ତି।



ଜମ୍ମୁ-କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ବିରୋଧରେ ଗୁରୁଗ୍ରାମରେ ଶନିବାର ଅନୁଷ୍ଠିତ ବିକ୍ଷୋଭ ରାଲିରେ ଲୋକେ ସାମିଲ ହୋଇଛନ୍ତି।

### ଜଳଦସ୍ୟୁଙ୍କ ଆକ୍ରମଣରେ ତାମିଲନାଡୁର ୧୭ ମତ୍ସ୍ୟଜୀବୀ ଆହତ

ଚେନ୍ନାଇ, ୩।୫

ତାମିଲନାଡୁର ନାଗାପଟ୍ଟିନମ ଜିଲାର ଅକ୍କାରାଇପେଟାଇସ୍ଥିତ ସେରୁଥୁର ଗ୍ରାମର ୩୦ ଜଣ ମତ୍ସ୍ୟଜୀବୀ ଶୁକ୍ରବାର ଏକ ବୋଟ୍‌ରେ କୋଡ଼ିୟାକରଇର ଦକ୍ଷିଣ ପୂର୍ବ ଅଞ୍ଚଳକୁ ମାଛ ଧରିବାକୁ ଯାଇଥିଲେ। ଏହି ସମୟରେ ଦ୍ରୁତ ଗତିରେ ଶ୍ରୀଲଙ୍କାର ଜଳଦସ୍ୟୁଙ୍କ ଏକ ବୋଟ୍ ସେମାନଙ୍କ ସାମ୍ନାକୁ ଆସିଥିଲା। ଉକ୍ତ ବୋଟରେ ୬ ଜଣ ଜଳଦସ୍ୟୁ ରହିଥିଲେ। ସେମାନଙ୍କ ନିକଟରେ ଧାରୁଆ ଅସ୍ତ୍ର ଥିଲା। ଜଳ ଦସ୍ୟୁମାନେ ଭାରତୀୟ ମତ୍ସ୍ୟଜୀବୀଙ୍କୁ ଆକ୍ରମଣ କରି ସେମାନଙ୍କ ନିକଟରୁ ୧୦ ଲକ୍ଷ ଟଙ୍କା ମୂଲ୍ୟର ମାଛଧରା ଜାଲ, ଜିପିଏସ୍ ଡିଭାଇସ, ମାଛ ଆଦି ବିଭିନ୍ନ ସରଞ୍ଜାମ ଲୁଟି ନେଇଥିଲେ। ଏହି ଘଟଣାରେ ୧୭ ଜଣ ମତ୍ସ୍ୟଜୀବୀ ଆହତ ହୋଇଛନ୍ତି।

## ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି: ଜଣେ ଗିରଫ

ଜୟପୁର,୩।୫



ପଠାନ୍ ଖାନ୍

ପାକିସ୍ତାନର ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ ଗୁପ୍ତଚରଗିରି କରୁଥିବା ଅଭିଯୋଗରେ ରାଜସ୍ଥାନ ଜୟସାଲମେର୍‌ର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ରାଜସ୍ଥାନ ଗୋଇନ୍ଦା ଅଧିକାରୀ ଶନିବାର ଏହି ସୂଚନା ଦେଇଛନ୍ତି। ଗତ ୨୨ ତାରିଖ ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଆଇଏସ୍‌ଆଇ ଗୁପ୍ତଚର ସନ୍ଦେହରେ ପଠାନ୍ ଖାନ୍‌ଙ୍କୁ ଗିରଫ କରାଯାଇଛି। ଜୟସାଲମେର ଜିଲାର ରଣନୈତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ ଅନ୍ତର୍ଜାତୀୟ ସୀମା ଅଞ୍ଚଳକୁ ଗୋଇନ୍ଦା ଅଧିକାରୀମାନେ ନିରୀକ୍ଷଣ କଲାବେଳେ ଜିରୋ ଆର୍‌ଡି ମୋହନଗଡ଼ ଅଞ୍ଚଳ ବାସିନ୍ଦା ପଠାନ୍‌ଙ୍କ କାର୍ଯ୍ୟକଳାପକୁ ନେଇ ସନ୍ଦେହ ଦେଖାଦେଇଥିଲା। ଅଧିକାରୀଙ୍କ ସୂଚନା ଅନୁଯାୟୀ, ୨୦୧୩ରେ ପଠାନ୍ ପାକିସ୍ତାନ ଯାଇ ସେଠାର ଗୋଇନ୍ଦା ଅଧିକାରୀମାନଙ୍କୁ ଭେଟିଥିଲେ। ତାଙ୍କୁ ଅର୍ଥ ଲୋଭ ଦେଖାଯିବା ସହ ସେଠାରେ ଗୁପ୍ତଚରଗିରି ତାଲିମ ଦିଆଯାଇଥିଲା। ଏହା ପରେ ମଧ୍ୟ ପଠାନ୍ ଅନେକ ଥର ପାକିସ୍ତାନ ଯାଇ ସେଠାର ଗୋଇନ୍ଦା ଅଧିକାରୀଙ୍କୁ ଭେଟିଛନ୍ତି। ପାକିସ୍ତାନୀ ପରିଚାଳକଙ୍କୁ ଭେଟି ଏବଂ ସୋସିଆଲ ମିଡିଆ ଜରିଆରେ ସେ ଜୟସାଲମେର ଅନ୍ତର୍ଜାତୀୟ ସୀମା ସମ୍ପର୍କିତ ସମ୍ବେଦନଶୀଳ ଗୁପ୍ତ ତଥ୍ୟ ଦେଇଥିବା ଜଣେ ଅଧିକାରୀ କହିଛନ୍ତି।

## ସିନ୍ଧୁନଦୀ ଜଳକୁ ଅଟକାଉଥିବା ଡ୍ୟାମ୍‌କୁ ଧ୍ୱଂସ କରିଦେବୁ

**ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଧମକ**

ନୂଆଦିଲ୍ଲୀ,୩।୫

ସିନ୍ଧୁନଦୀ ଜଳ ଚୁକ୍ତି ଅନୁଯାୟୀ ପାକିସ୍ତାନକୁ ମିଳିବାକୁ ଥିବା ଭାଗକୁ ଅନ୍ୟତ୍ର ନେବା ପାଇଁ ଭାରତ ଦ୍ୱାରା ନିର୍ମାଣ ହୋଇଥିବା ଯେକୌଣସି ଡ୍ୟାମ୍ ଉପରେ ଆମେ ଆକ୍ରମଣ କରି ଏହାକୁ ଧ୍ୱଂସ କରିଦେବୁ ବୋଲି ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଅସିଫ୍ ଶନିବାର ସାନି ଧମକ ଦେଇଛନ୍ତି। ପହଲଗାମ୍ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ବଢ଼ିଥିବାବେଳେ ଅସିଫ୍ ଯୁଦ୍ଧ ପାଇଁ ଉସୁକାଇବା କୌଶଳ ଆପଣାଇ ଆସୁଛନ୍ତି। ପାକିସ୍ତାନର କୃଷିଜମିକୁ ୮୦ ପ୍ରତିଶତ ଜଳ ସିନ୍ଧୁ ନଦୀରୁ ମିଳୁଥିବାବେଳେ ପହଲଗାମ୍ ଆକ୍ରମଣ ପରେ ଭାରତ ଏହି ଚୁକ୍ତିକୁ ସ୍ଥଗିତ ରଖିଛି।

## ରାଜସ୍ଥାନରେ ପାକ୍ ସୈନ୍ୟ ଗିରଫ

ନୂଆଦିଲ୍ଲୀ,୩।୫

ରାଜସ୍ଥାନ ଅନ୍ତର୍ଗତ ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମା ନିକଟରୁ ଜଣେ ପାକ୍ ରେଞ୍ଜରଙ୍କୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଗିରଫ କରିଛି। ଗତମାସ ୨୨ ତାରିଖରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ନେଇ ୨ ଦେଶ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାବେଳେ ୨୩ରେ ବିଏସ୍‌ଏଫ୍ ଯବାନ ପୂର୍ଣ୍ଣମ କୁମାର ଶା’ଙ୍କୁ ପାକ୍ ରେଞ୍ଜର୍ସ ପାକିସ୍ତାନ ଅନ୍ତର୍ଗତ ଅନ୍ତର୍ଜାତୀୟ ସୀମାରୁ ଗିରଫ କରିଥିଲେ। ଭାରତୀୟ ସେନାର ଦୃଢ଼ ପ୍ରତିବାଦ ସତ୍ତ୍ୱେ ସେମାନେ ପୂର୍ଣ୍ଣମଙ୍କୁ ହସ୍ତାନ୍ତର କରିବାକୁ ମନା କରିଦେଇଥିଲେ। ଏହାର ଜବାବରେ ରାଜସ୍ଥାନ ଫ୍ରଣ୍ଟିୟରର ଜଣେ ପାକିସ୍ତାନୀ ରେଞ୍ଜରଙ୍କୁ ଗିରଫ କରି ନିଜ ହେପାଜତକୁ ନେଇଛି।

## ମଣିପୁରର ବନ୍ଦ ଯୋଗୁ ଜୀବନଯାତ୍ରା ପ୍ରଭାବିତ

**ହିଂସାକୁ ୨ ବର୍ଷ**

ଇମ୍ଫାଲ/ଚୁରାଚାନ୍ଦପୁର,୩।୫





ମଣିପୁର ଜାତିଆଣ ହିଂସାକୁ ଶନିବାର ୨ ବର୍ଷ ପୂରିଛି। ୨୦୨୩ ମେ’ ୩ରେ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସାକାଣ୍ଡ ଆରମ୍ଭ ହୋଇ ଦୀର୍ଘଦିନ ଧରି ଚାଲିଥିଲା। ଏଥିରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ୧,୫୦୦ ଜଣ ଆହତ ହୋଇଥିଲେ। ଏଥିସହ ୭୦ ହଜାରରୁ ଊର୍ଦ୍ଧ୍ୱ ବାସହରା ହୋଇଥିଲେ ବୋଲି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଜାତିଆଣ ହିଂସାର ୨ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ଶନିବାର ବନ୍ଦ ଡାକରା ଦିଆଯାଇଥିବାରୁ ମେଇତି ନିୟନ୍ତ୍ରିତ ଇମ୍ଫାଲ ଉପତ୍ୟକା ଏବଂ କୁକି ଅଧ୍ୟୁଷିତ ପାର୍ବତ୍ୟାଞ୍ଚଳ ଜିଲାଗୁଡ଼ିକରେ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହୋଇଛି। ମେଇତି ସଂଗଠନ କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି (ସିଓସିଓଏମ୍‌ଆଇ) ପକ୍ଷରୁ ଉପତ୍ୟକା ଜିଲାଗୁଡ଼ିକରେ ବନ୍ଦ ଡାକରା ଦିଆଯାଇଥିବାବେଳେ ଜୋମି ଷ୍ଟୁଡେଣ୍ଟସ୍ ଫେଡେରେଶନ (ଜେଡ୍‌ଏସ୍‌ଏଫ୍) ଏବଂ କୁକି ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ (କେଏସ୍‌ଓ) ପକ୍ଷରୁ ପାର୍ବତ୍ୟାଞ୍ଚଳ ଜିଲାଗୁଡ଼ିକରେ ବନ୍ଦ ପାଳନ କରାଯାଇଛି। ଫଳରେ ସମଗ୍ରୀ ରାଜ୍ୟରେ ଦୋକାନବଜାର, ସ୍କୁଲ୍ କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିଥିଲା। ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ କରାଯାଇଥିଲା। କୌଣସି ପ୍ରକାର ଅପ୍ରୀତିକର କାର୍ଯ୍ୟ ରୋକିବା ପାଇଁ ପ୍ରମୁଖ ସ୍ଥାନଗୁଡ଼ିକରେ ସୁରକ୍ଷା ବଳ ମୁତୟନ କରାଯାଇଥିଲା। ହିଂସାକାଣ୍ଡରେ ମୃତକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ପାଇଁ ସନ୍ଧ୍ୟାରେ ଇମ୍ଫାଲରେ ଏକ ମହମବତି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଚୁରାଚାନ୍ଦପୁର ଏବଂ କାଙ୍ଗ୍‌ପୋକ୍‌ପି ଜିଲାରେ କୁକି ସମ୍ପ୍ରଦାୟ ପକ୍ଷରୁ ‘ବିଚ୍ଛିନ୍ନତା ଦିବସ’ ପାଳନ କରାଯାଇ ସ୍ୱତନ୍ତ୍ର ଅଞ୍ଚଳ ପାଇଁ ଦାବି କରାଯାଇଛି।

ମଣିପୁରରେ ହିଂସାକାଣ୍ଡ ଲାଗିରହିଥିବା ସତ୍ତ୍ୱେ ୨ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାକୁ ଆଦୌ ନ ଯିବା ଘଟଣାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ତାଙ୍କୁ ସମାଲୋଚନା କରିଛନ୍ତି। ମଣିପୁର ଗସ୍ତରେ ନ ଯାଇ ପ୍ରଧାନମନ୍ତ୍ରୀ ରାଜଧର୍ମ ପାଳନରେ ବିଫଳ ହୋଇଥିବା ଖାର୍ଗେ କହିଛନ୍ତି।

## ଏକସଙ୍ଗେ ୩ ବିଶ୍ୱ ରେକର୍ଡ





ଲଣ୍ଡନ

ବ୍ରିଟିଶ୍ ମାର୍ଶାଲ ଆର୍ଟିଷ୍ଟ ଜୋଶୁଆ ଇୟାଲା ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ଏକକାଳୀନ ୩ଟି ଅବିଶ୍ୱସନୀୟ ରେକର୍ଡ ସ୍ଥାପନ କରି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ଗୋଟିଏ ମିନିଟରେ ସର୍ବାଧିକ ଫୁଲ୍-ଏକ୍ସଟେନ୍‌ସନ୍ ପଞ୍ଚ୍ ମାରିବାର ୩ଟି ବର୍ଗରେ ରେକର୍ଡ ସୃଷ୍ଟି କରିଛନ୍ତି। ସେ ୧ ମିନିଟ ମଧ୍ୟରେ ବିନା ଗ୍ଲୋଭସ୍ ପିନ୍ଧି ୪୫୩ ପଞ୍ଚ୍, ବକ୍ସିଂ ଗ୍ଲୋଭସ୍ ସହ ୩୭୪ ପଞ୍ଚ୍ ଏବଂ ୧ କେ.ଜି. ଓଜନର ଡମ୍ବେଲ ଧରି ୩୩୩ ଥର ପଞ୍ଚ୍ ମାରି ୩ଟି ବିଶ୍ୱ ରେକର୍ଡ ଏକସଙ୍ଗେ ସୃଷ୍ଟି କରିଛନ୍ତି।

ଜୋଶୁଆ କହିଛନ୍ତି, ଏହି ସଫଳତା ପାଇଁ ସେ ପ୍ରାୟ ବର୍ଷେ ହେବ କଠିନ ପରିଶ୍ରମ କରୁଥିଲେ। ସେ ନିଜର ଟ୍ରେନିଂ ପ୍ଲାନ୍ ପ୍ରସ୍ତୁତ କରିବା ପାଇଁ ଚାଟ୍‌ଜିପିଟିର ବ୍ୟବହାର କରିଥିଲେ, ଯାହାକୁ ତାଙ୍କର ଜଣେ ସମ୍ପର୍କୀୟ ବକ୍ସିଂ ପ୍ରଶିକ୍ଷକ ଯାଞ୍ଚ୍ କରିଥିଲେ। ଜୋଶୁଆଙ୍କ ଅନୁଯାୟୀ, ବିନା ଗ୍ଲୋଭସ୍ ପିନ୍ଧି ଗୋଟିଏ ମିନିଟରେ ସର୍ବାଧିକ ପଞ୍ଚ୍ ମାରିବାର ରେକର୍ଡ ତାଙ୍କ ପାଇଁ ସବୁଠାରୁ କଷ୍ଟସାଧ ଥିଲା।

**ଫୁର୍‌ସତ୍**

## ମନୋଜଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ ‘ଗଭର୍ନର’



ମନୋଜ ବାଜପେୟୀ

ମୁମ୍ବାଇ

ଅଭିନେତା ମନୋଜ ବାଜପେୟୀ ପୁଣିଥରେ ନିଜ ଅଭିନୟ ସହ ଦର୍ଶକଙ୍କ ହୃଦୟରେ ରାଜ୍ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଶନିବାର ତାଙ୍କ ନୂତନ ଚଳଚ୍ଚିତ୍ର ‘ଗଭର୍ନର’ର ଘୋଷଣା କରାଯାଇଛି, ଯେଉଁଥିରେ ସେ ରାଜ୍ୟପାଳ ଭୂମିକାରେ ନଜରକୁ ଆସିବେ। ଫିଲ୍ମ ନିର୍ମାତା ବିପୁଲ ଶାହଙ୍କ ପ୍ରଡକ୍ସନ ହାଉସ୍ ସନ୍‌ସାଇନ୍ ପିକ୍ଚର୍ସର ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ପଲିଟିକାଲ ଥ୍ରୀଲର ଫିଲ୍ମର ନିର୍ଦ୍ଦେଶନା ଚିନ୍ମୟ ମାଣ୍ଡଲେକର ଦେବେ। ‘ଗଭର୍ନର’ର ଶୁଟିଂ ଆସନ୍ତା ଜୁଲାଇ କିମ୍ବା ଅଗଷ୍ଟରୁ ଆରମ୍ଭ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି।

ରିପୋର୍ଟ ଅନୁଯାୟୀ, ସନ୍‌ସାଇନ୍ ପିକ୍ଚର୍ସ ପକ୍ଷରୁ ଗତ ୨ ବର୍ଷ ଧରି ଏହି ପ୍ରୋଜେକ୍ଟ ଉପରେ କାମ କରାଯାଉଥିଲା। ‘ଗଭର୍ନର’ ଫିଲ୍ମର ପ୍ରାକ୍-ପ୍ରଡକ୍ସନ୍ ଆରମ୍ଭ ହୋଇସାରିଛି ଏବଂ ସମ୍ପ୍ରତି ଏହାର ପ୍ରମୁଖ ଚରିତ୍ରମାନଙ୍କ ପାଇଁ କାଷ୍ଟିଂ ପ୍ରକ୍ରିୟା ଜୋର୍‌ସୋର୍‌ରେ ଜାରି ରହିଛି।

ସମ୍ପ୍ରତି ମନୋଜଙ୍କ ହାତରେ ଅନେକ ବଡ଼ ପ୍ରୋଜେକ୍ଟ ରହିଛି। ଆଗାମୀ ଦିନରେ ତାଙ୍କୁ ଫିଲ୍ମ ନିର୍ମାତା ଶେଖର କପୁରଙ୍କ ‘ମାସୁମ: ଦି ନ୍ୟୁ ଜେନେରେଶନ’ ଏବଂ ଫିଲ୍ମ ନିର୍ମାତା ରାମ ଗୋପାଳ ବର୍ମାଙ୍କ ‘ପୋଲିସ ଷ୍ଟେସନ ମେ ଭୂତ’ରେ ଦେଖିବାକୁ ମିଳିବ। ସେହିପରି ମନୋଜଙ୍କ ଅଭିନୀତ ଆମାଜନ ପ୍ରାଇମ ଭିଡିଓର ସୁପରହିଟ୍ ସିରିଜ୍ ‘ଦି ଫ୍ୟାମିଲି ମ୍ୟାନ୍’ର ତୃତୀୟ ସିଜନ ଆସନ୍ତା ଦୀପାବଳୀ ଉପଲକ୍ଷେ ମୁକ୍ତିଲାଭ କରିବାକୁ ଯାଉଛି।

## ହସ୍ପିଟାଲରେ ବିବାହ

ଭୋପାଳ

ମଧ୍ୟପ୍ରଦେଶର ରାଜଗଡ଼ ଜିଲାର ଆଦିତ୍ୟ ସିଂଙ୍କ ବିବାହ ନନ୍ଦିନୀଙ୍କ ସହ ସ୍ଥିର ହୋଇଥିଲା। ବିବାହର ସପ୍ତାହେ ପୂର୍ବରୁ ଗତ ଏପ୍ରିଲ ୨୪ରେ ନନ୍ଦିନୀଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ଖରାପ ହୋଇଥିଲା। ତେଣୁ ତାଙ୍କୁ ବ୍ୟାଓରାସ୍ଥିତ ପଞ୍ଜାବୀ ନର୍ସିଂହୋମରେ ଭର୍ତ୍ତି କରାଯାଇଥିଲା। ଶୁଭ ମୁହୂର୍ତ୍ତକୁ ନଷ୍ଟ ନ କରିବା ପାଇଁ ନନ୍ଦିନୀଙ୍କ ପରିବାର ହସ୍ପିଟାଲ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନେଇ ହସ୍ପିଟାଲରେ ଆଦିତ୍ୟ ଓ ନନ୍ଦିନୀଙ୍କ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା-୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର,ରବିବାର, ମେ ୪/୨୦୨୫ (୮+୮=୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, May 4/2025 Page 16 ₹ 7.00
୫୧ଶ ଭାଗ ୧୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 158 ମୂଲ୍ୟ₹୭/-




KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

51 Years
ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ମେ ୪/୨୦୨୫ | Bhubaneswar, Sunday, May 4/2025 | ପୃଷ୍ଠା-୧





କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଫାଇନାଲରେ ଜାମଶେଦପୁର ଏଫ୍‌ସିକୁ ପରାସ୍ତ କରି ଚାମ୍ପିୟନ ହେବା ପରେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ ଏଫ୍‌ସି ଗୋଆ ଦଳର ଖେଳାଳିମାନେ। **(ଫଟୋ: ବିକାଶ ନାୟକ)**

# ଏଫ୍‌ସି ଗୋଆ ଦ୍ୱିତୀୟ ଥର ଚାମ୍ପିୟନ

## କଳିଙ୍ଗ ସୁପର କପ୍ ଫୁଟବଲ

**ଭୁବନେଶ୍ୱର,୩।୫(ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବୋର୍ଜା ହେରେରା ଗୋଞ୍ଜାଲେଜଙ୍କ ଡବଲ ଗୋଲ ବଳରେ ଏଫ୍‌ସି ଗୋଆ ୩-୦ ଗୋଲରେ ଜାମଶେଦପୁର ଏଫ୍‌ସିକୁ ହରାଇ ଚାମ୍ପିୟନ ହୋଇଛି। ପୂର୍ବରୁ ୨୦୧୯ରେ ଚାମ୍ପିୟନ ହୋଇଥିବା ଗୋଆ ପ୍ରଥମ ଦଳଭାବେ ୨ ଥର ଟାଇଟଲ ଜିତିବାକୁ ସକ୍ଷମ ହୋଇଛି। ଡବଲ ଗୋଲ ସ୍କୋରର ବୋର୍ଜା ଗୋଞ୍ଜାଲେଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବିଧାୟକ ଜୟନାରାୟଣ ମିଶ୍ର, ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ ସଭାପତି କଲ୍ୟାଣ ଚୌବେ, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଗୋଆ ଦଳକୁ ଟ୍ରଫି ଓ ସ୍ୱର୍ଣ୍ଣ ପଦକ ସହ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ରନରଅପ୍ ଜାମଶେଦପୁର ଦଳ ରୌପ୍ୟ ପଦକ ସହିତ ୧୫ ଲକ୍ଷ ଟଙ୍କାର ପୁରସ୍କାର ଗ୍ରହଣ କରିଥିଲା। ଗୋଆର ଇକର ଗୌରୋକ୍ସେନା ଓ ବୋର୍ଜା ଗୋଞ୍ଜାଲେଜ ୪ଟି ଲେଖାଏ ଗୋଲ ଦେଇ ଯୁଗ୍ମ ଟପ୍ ସ୍କୋରର ବିବେଚିତ ହୋଇଥିଲେ। ଚାମ୍ପିୟନ ହୋଇଥିବା ଗୋଆ ଦଳ ୨୦୨୫-୨୬ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି।

ମ୍ୟାଚ ଆରମ୍ଭ ହେବାକ୍ଷଣି ଜାମଶେଦପୁର ଏଫ୍‌ସି ଆକ୍ରମଣାତ୍ମକ ଆଭିମୁଖ୍ୟ ଅବଲମ୍ବନ କରି ଗୋଲ ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଜାଭି ହର୍ନାଣ୍ଡେଜଙ୍କ ଶଟ୍‌କୁ ଗୋଆ ଗୋଲକିପର ସେଭ୍ କରି ଦେଇଥିଲେ। ପ୍ରତି ଆକ୍ରମଣକରି ସଫଳ ହୋଇଥିଲା ଗୋଆ। ୨୩ତମ ମିନିଟ୍‌ରେ ବୋର୍ଜା ହର୍ନାଣ୍ଡେଜ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରିଥିଲେ। ଜାମଶେଦପୁର ଏଫ୍‌ସି ଗୋଲକିପର ଆଲବିନୋ ଗୋମ୍ସ ୨ ଥର ସେଭ୍ କରିଥିଲେ ହେଁ ବୋର୍ଜା ଚତୁରତାର ସହ ରିବାଉଣ୍ଡ ଶଟ୍ ସହ ଏହାକୁ ଗୋଲରେ ପରିଣତ କରିଥିଲେ। ପ୍ରଥମାର୍ଦ୍ଧ ଶେଷ ବେଳକୁ ଗୋଆ ୧-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଜାମଶେଦପୁର ଗୋଲ ପରିଶୋଧ କରିବାକୁ ଉଦ୍ୟମରେ ଥିବାବେଳେ ୫୨ତମ ମିନିଟ୍‌ରେ ବୋର୍ଜା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଗୋଆକୁ ଡ୍ରାଇଭର ସିଟରେ ବସାଇ ଦେଇଥିଲେ। ୮୦ତମ ମିନିଟ୍‌ରେ ଡେଜାନ ଡ୍ରାଜିକ୍ ଆଉ ଏକ ଗୋଲ ଦେବାରୁ ଗୋଆର ବିଜୟ ଏକ ପ୍ରକାର ନିଶ୍ଚିତ ହୋଇ ଯାଇଥିଲା।

# ପରୀକ୍ଷା ପୂର୍ବରୁ ମେଡିକାଲ ସିଟ ଡିଲ୍

## ଭୁବନେଶ୍ୱରରେ ଧରାପଡ଼ିଲେ ଆନ୍ତଃ ରାଜ୍ୟ ରାକେଟ୍‌ର ୪ ସଦସ୍ୟ

**ସର୍ବଭାରତୀୟ ସ୍ତରରେ ରବିବାର ଅପରାହ୍ନ ୨ଟାରୁ ୫ଟା ମଧ୍ୟରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନ୍‌ଇଇଟି-ୟୁଜି ୨୦୨୫) ଅନୁଷ୍ଠିତ ହେବା ଏହାର ଦିନକ ପୂର୍ବରୁ ମେଡିକାଲ କଲେଜଗୁଡ଼ିକରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇଦେବାକୁ କହି ଆଶାୟୀଙ୍କଠାରୁ ଅନେକ ଲକ୍ଷ ଟଙ୍କା ଲୁଟିଥିବା ଏକ ଆନ୍ତଃ ରାଜ୍ୟ ରାକେଟ ଧରାପଡ଼ିଛି। ଗ୍ୟାଙ୍ଗ୍‌ର ୨ ଜଣ ସଦସ୍ୟ ଓଡ଼ିଶାର ହୋଇଥିବାବେଳେ ବିହାର ଓ ଝାଡ଼ଖଣ୍ଡର ଜଣେ ଲେଖାଏ ରହିଛନ୍ତି। ଏମାନେ ପରୀକ୍ଷାର୍ଥୀ ପିଛା ୨୦ରୁ ୩୦ ଲକ୍ଷ ଟଙ୍କା ଲେଖାଏ ଆଦାୟ କରୁଥିଲେ। କଡ଼ା ପରୀକ୍ଷା ପ୍ରୋଟୋକଲ୍ ସତ୍ତ୍ୱେ ହଲ୍‌ରେ ଅସଲ ପରୀକ୍ଷାର୍ଥୀଙ୍କ ସ୍ଥାନରେ ଡମି କ୍ୟାଣ୍ଡିଡେଟ୍‌ମାନଙ୍କୁ ବସାଇ ପାସ୍ କରାଇବାକୁ ଯୋଜନା କରିଥିଲେ ବୋଲି କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ସମ୍ମୁଖରେ ଜେରା ବେଳେ ସେମାନେ ସ୍ୱୀକାର କରିଛନ୍ତି। ଏହି ଅଭିଯୁକ୍ତମାନଙ୍କ ନିକଟରୁ ୯୦ ଲକ୍ଷ ଟଙ୍କାର ୩ଟି ଚେକ୍ ସହ ଅନ୍ୟ ଏକ ବ୍ଲାଙ୍କ ଚେକ୍ ଜବତ କରାଯାଇଛି। ବିଦେଶରେ ରହୁଥିବା କେତେଜଣ ଏନ୍‌ଆର୍‌ଆଇଙ୍କଠାରୁ ମଧ୍ୟ ଏମାନେ ବିପୁଳ ଟଙ୍କା ନେବାକୁ ଉଦ୍ୟମ ଚଳାଇଥିବା ତଦନ୍ତରୁ ଜଣାପଡ଼ିଛି। ମୋଟ କେତେଜଣ ଛାତ୍ରୀଛାତ୍ରଙ୍କଠାରୁ କେତେ ଟଙ୍କା ନେଇଛନ୍ତି, ତାହା ଜାଣିବା ପାଇଁ ତନାଘନା ଜାରି ରହିଛି।**



**ଭୁବନେଶ୍ୱର,୩।୫(ସତ୍ୟଜିତ ରାଉତ)**

ଘରୋଇ ମେଡିକାଲ କଲେଜରେ ଡାକ୍ତରୀ ନାମଲେଖା ପାଇଁ ଅନୁଷ୍ଠିତ ହେଉଥିବା ଏନ୍‌ଇଇଟିରେ ଚଞ୍ଚକତା କରି ଉତ୍ତୀର୍ଣ୍ଣ କରେଇବା ଆଳରେ ଠକୁଥିବା ଏକ ଆନ୍ତଃରାଜ୍ୟ ରାକେଟକୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ୍(ଏସ୍‌ସିୟୁ) ଧରିଛି। ଜୟଦେବ ବିହାରସ୍ଥିତ ଏକ ତାରକା ହୋଟେଲ ନିକଟରେ ଶନିବାର ସକାଳେ ଏସ୍‌ସିୟୁ ଟିମ୍ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରେ ୨ଜଣ ଓଡ଼ିଶାର ହୋଇଥିବାବେଳେ ଅନ୍ୟ ୨ଜଣ ରାଜ୍ୟ ବାହାରର ଅଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ହଜାରୀବାଗର ପ୍ରିୟଦର୍ଶୀ କୁମାର, ବିହାର ଔରଙ୍ଗବାଦର ଅରବିନ୍ଦଙ୍କ କୁମାର, ଭୁବନେଶ୍ୱର ପଟିଆ ଅଞ୍ଚଳର ସୁନୀଲ ସାମନ୍ତରାୟ ଏବଂ ତମାଣ୍ଡୋ ଅଞ୍ଚଳର ରୁଦ୍ର ନାରାୟଣ ବେହେରା। ସେମାନଙ୍କଠାରୁ ବିଭିନ୍ନ ଏନ୍‌ଇଇଟି ଆଶାୟୀ ପରୀକ୍ଷାର୍ଥୀଙ୍କ କାଗଜପତ୍ର, ୩ଟି ଚେକ୍ (୯୦ ଲକ୍ଷ ଟଙ୍କା), ଗୋଟିଏ ବ୍ଲାଙ୍କ୍ ଚେକ୍ (ଜଣେ ପରୀକ୍ଷାର୍ଥୀ ହୋଇଥିବା ସନ୍ଦେହ), ନକଲି ନନ୍‌ରେସିଡେଣ୍ଟ ଇଣ୍ଡିଆନ (ଏନ୍‌ଆରଆଇ)/ ଓଭରସିଜ୍ ସିଟିଜେନ୍‌ଶିପ୍ ଅଫ୍ ଇଣ୍ଡିଆ (ଓସିଆଇ) ସାର୍ଟିଫିକେଟ, ୨ଟି କାର୍ ଏବଂ ଅନୁଗୋଳରେ କ୍ରୟ କରାଯାଇଥିବା ୨ଟି ପ୍ଲଟର କାଗଜପତ୍ର ଜବତ ହୋଇଛି। ଏନେଇ ସ୍ପେଶାଲ କ୍ରାଇମ ୟୁନିଟ ପକ୍ଷରୁ ଏକ ମାମଲା (ନଂ ୩/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି। ଏହା ଏକ ବଡ଼ ରାକେଟ ହୋଇଥିବାବେଳେ ଏମାନଙ୍କ ଚେର ଓଡ଼ିଶା ସମେତ ବିହାର, ଝାଡ଼ଖଣ୍ଡ ଆଦି ରାଜ୍ୟକୁ ଲମ୍ବିଥିବା ପୋଲିସ ଜାଣିବାକୁ ପାଇଛି। ଏହି ରାକେଟରେ ଅନେକ ସଦସ୍ୟ ଥିବା ବେଳେ ସେମାନଙ୍କ ପାଖରେ ପହଞ୍ଚିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ତେବେ ଏହି ଲିଙ୍କ୍‌ରେ ଅଧିକ ଖୋଳତାଡ଼ ଚାଲିଥିବା ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ କହିଛନ୍ତି।

ସୂଚନାନୁଯାୟୀ, ଅଭିଯୁକ୍ତମାନେ ମେଡିକାଲ ଆଶାୟୀମାନଙ୍କୁ ଦୁଇଟି ଜରିଆରେ ଠକୁଥିଲେ। ଏନ୍‌ଇଇଟିରେ ଉତ୍ତୀର୍ଣ୍ଣ କରେଇଦେବେ ବୋଲି ମିଛ ପ୍ରତିଶ୍ରୁତି ଦେଉଥିଲେ। ଟଙ୍କା ଦେଲେ ଅନ୍ୟ ଜଣେ ପରୀକ୍ଷାର୍ଥୀ ତାଙ୍କ ସ୍ଥାନରେ ପରୀକ୍ଷା ଦେବେ ବୋଲି କହୁଥିଲେ। ସେହିପରି ଭାରତରେ ଥିବା ମେଡିକାଲ କଲେଜଗୁଡ଼ିକରେ ଏନ୍‌ଆର୍‌ଆଇଙ୍କ ପାଇଁ ସିଟ ସଂରକ୍ଷଣ ଥିବାବେଳେ ଏହି କ୍ଷେତ୍ରରେ ବ୍ୟାପକ ଜାଲିଆତି କରି ଠକେଇ କରୁଥିଲେ। ସେହିପରି ଓସିଆଇ କୋଟାରେ ମଧ୍ୟ ନାମ ଲେଖାଇବା ପାଇଁ କହି ଠକୁଥିଲେ।

# ପାକିସ୍ତାନୀ ମହିଳାଙ୍କୁ ବିବାହ କରି ଚାକିରି ହରାଇଲେ ଯବାନ



ମୁନିର ଅହମଦଙ୍କ ସହ ସ୍ତ୍ରୀ ମିନାଲ ଖାନ୍।

**ନୂଆଦିଲ୍ଲୀ,୩।୫**

ପାକିସ୍ତାନୀ ମହିଳାଙ୍କୁ ବିବାହ କରିଥିବା ଘଟଣାକୁ ଲୁଚାଇ ରଖିଥିବା ସିଆର୍‌ପିଏଫ୍ କନ୍‌ଷ୍ଟେବଲ ମୁନିର ଅହମଦଙ୍କୁ ଶନିବାର ଚାକିରିରୁ ବହିଷ୍କାର କରାଯାଇଛି। ଭିଜା ବୈଧତା ଶେଷ ହେବା ପରେ ଜମ୍ମୁ ବାସିନ୍ଦା ଯବାନ ମୁନିର ଜାଣିଶୁଣି ସ୍ତ୍ରୀଙ୍କୁ ଆଶ୍ରୟ ଦେଇଥିଲେ। ତାଙ୍କ କାର୍ଯ୍ୟ ସେବା ନିୟମାବଳୀର ଉଲ୍ଲଂଘନ ଏବଂ ଜାତୀୟ ସୁରକ୍ଷା ପ୍ରତି କ୍ଷତିକାରକ ବୋଲି ସିଆର୍‌ପିଏଫ୍ କହିଛି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ସରକାର ପାକିସ୍ତାନୀଙ୍କ ଭିଜା ରଦ୍ଦ କରିଥିବାବେଳେ ସେମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମୁନିରଙ୍କ ସ୍ତ୍ରୀ ମିନାଲ ଖାନ୍ ପାକିସ୍ତାନୀ ହୋଇଥିବାବେଳେ ତାଙ୍କୁ ଦେଶ ଛାଡ଼ିବାକୁ ଗତ ୨୯ ତାରିଖରେ ଅଟ୍ଟାରୀ-ୱାଘା ସୀମାକୁ ନିଆଯାଇଥିଲା। ଶେଷ ମୁହୂର୍ତ୍ତରେ ଜମ୍ମୁ-କଶ୍ମୀର ହାଇକୋର୍ଟ ତାଙ୍କୁ ଆଶ୍ୱସ୍ତି ଦେଇ ଭାରତରେ ୧୦ ଦିନ ରହିବାକୁ ଅନୁମତି ଦେଇଥିଲେ।

# ପାକିସ୍ତାନରୁ ସବୁ ଆମଦାନୀ ବନ୍ଦକଲା ଭାରତ

**ନୂଆଦିଲ୍ଲୀ,୩।୫**

ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ସହ ଉତ୍ତେଜନା ବଢ଼ିଚାଲିଥିବାବେଳେ କେନ୍ଦ୍ର ସରକାର ସେଠାରୁ ସମସ୍ତ ପ୍ରକାର ପ୍ରତ୍ୟକ୍ଷ ଓ ପରୋକ୍ଷ ଆମଦାନୀ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ଏଥିସହ ପାକିସ୍ତାନରୁ ଆସୁଥିବା ମେଲ୍ ଓ ପାର୍ସଲଗୁଡ଼ିକୁ ମଧ୍ୟ ବନ୍ଦ କରିଦିଆଯାଇଛି। କେବଳ ସେତିକି ନୁହେଁ, ପାକିସ୍ତାନୀ ଜାହାଜଗୁଡ଼ିକ ଭାରତୀୟ ବନ୍ଦରରେ ନ ଲଗାଇବାକୁ କଟକଣା ଲଗାଯାଇଛି।

ବୈଦେଶିକ ବାଣିଜ୍ୟ ନୀତି (ଏଫ୍‌ଟିପି) ୨୦୨୩ର ନୂଆ ନିୟମାବଳୀ ଅନୁଯାୟୀ, ଆମଦାନୀ ଓ ଦ୍ରବ୍ୟ ପରିବହନ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କଟକଣା ତୁରନ୍ତ ଲାଗୁ ହୋଇଥିବାବେଳେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନେବା ଜରୁରୀ ଥିଲା ବୋଲି ସରକାର କହିଛନ୍ତି। ଆବଶ୍ୟକ ହେଲେ ଏଥିପାଇଁ କେନ୍ଦ୍ର ସରକାରଙ୍କ ସ୍ୱତନ୍ତ୍ର ଅନୁମୋଦନ ଆବଶ୍ୟକ ପଡ଼ିବ।

ସୂଚନାଯୋଗ୍ୟ, ଭାରତ ଓ ପାକିସ୍ତାନ ମଧ୍ୟରେ ବାଣିଜ୍ୟ ଅତ୍ୟନ୍ତ ସୀମିତ ଥିଲା। ଚଳିତ ଆର୍ଥିକ ବର୍ଷରେ ଭାରତ ସେଠାରୁ ମାତ୍ର ୦.୫ ନିୟୁତ ଡଲାର ମୂଲ୍ୟର ପଣ୍ୟ ଆମଦାନୀ କରିଥିବାବେଳେ ପ୍ରାୟ ୫୦୦ ନିୟୁତ ଡଲାରର ପଣ୍ୟ ରପ୍ତାନୀ କରିଥିଲା। ୨୦୧୯ ପୁଲ୍‌ୱାମା ଆକ୍ରମଣ ପରେ ପାକିସ୍ତାନୀ ଆମଦାନୀ ସାମଗ୍ରୀ ଉପରେ ଭାରତ ୨୦୦ ପ୍ରତିଶତ ଟାରିଫ୍ ଲଗାଇ ଏହାକୁ ମହଙ୍ଗା କରିଦେଇଥିଲା। ଫଳରେ ୨୦୨୪ ଏପ୍ରିଲରୁ ୨୦୨୫ ଜାନୁଆରୀ ମଧ୍ୟରେ ସେଠାରୁ ଆମଦାନୀ ମାତ୍ର ୦.୪୨ ନିୟୁତ ଡଲାରକୁ ହ୍ରାସ ପାଇଥିଲା। ଏଥିସହିତ ପାକିସ୍ତାନ ସହ ବିମାନ ଓ ସ୍ଥଳପଥ ଯୋଗେ ହେଉଥିବା ସମସ୍ତ ମେଲ୍ ଓ ପାର୍ସଲ ଆଦାନପ୍ରଦାନକୁ ବନ୍ଦ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିବା ଡାକ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ସେହିପରି ପାକିସ୍ତାନୀ ପତାକା ଲାଗିଥିବା ଜାହାଜଗୁଡ଼ିକୁ ଭାରତୀୟ ବନ୍ଦର ମଧ୍ୟକୁ ପ୍ରବେଶ ନିଷେଧ କରାଯାଇଛି।

# ତୃତୀୟ ସପ୍ତାହରେ +୨ ପରୀକ୍ଷାଫଳ

**ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)**

ଓଡ଼ିଶା ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷାଫଳ ଆସନ୍ତା ୬ରେ ପ୍ରକାଶ ପାଇବ ବୋଲି ଶନିବାର ଗୁଜବ ସୃଷ୍ଟି ହୋଇଥିଲା। ତେବେ ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ ପରିଡ଼ା ଏନେଇ କହିଛନ୍ତି, ସୋସିଆଲ ମିଡିଆରେ ଏକ ଫେକ୍ ଡ୍ରାଫ୍ଟ ଘୂରିବୁଲୁଛି। ଏହାକୁ ଛାତ୍ରୀଛାତ୍ର କିମ୍ବା ଅଭିଭାବକ ଧ୍ୟାନ ଦିଅନ୍ତୁ ନାହିଁ। ମେ' ମାସ ତୃତୀୟ ସପ୍ତାହରେ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ସେ ସୂଚନା ଦେଇଛନ୍ତି।

# ୟୁଟ୍ୟୁବ୍ ଦେଖି ସ୍କୁଟର ତିଆରିକଲେ ଛାତ୍ର

**ଭଦ୍ରକ,୩।୫(ସନାତନ ରାଉତ)**

ଶିଖିବାର ଇଚ୍ଛା ଓ ନିଷ୍ଠା ଥିଲେ କିଛି ବି ଅସମ୍ଭବ ନୁହେଁ। ଏହାକୁ ପ୍ରମାଣିତ କରି ଦେଖାଇଛନ୍ତି ଜଣେ ମାଟ୍ରିକ୍ ଛାତ୍ର। ଏବେ ଯୁବପିଢ଼ି ସୋସିଆଲ ମିଡିଆରେ ଅଯଥା ସମୟ ନଷ୍ଟ କରୁଥିବା ବେଳେ ୟୁଟ୍ୟୁବ୍ ଦେଖି ଏକ ସ୍କୁଟର ତିଆରି କରି ଚର୍ଚ୍ଚାରେ ରହିଛନ୍ତି ଭଦ୍ରକ ଚରମ୍ପା ପଥରଆଡ଼ି ଗ୍ରାମର ବିନୋଦ ମହାରଣା(୧୭)।

ବିନୋଦ କହନ୍ତି, ମାଟ୍ରିକ୍ ପରୀକ୍ଷା ପରେ ଏକ ଇଲେକ୍ଟ୍ରି ସ୍କୁଟର କିଣିବା ପାଇଁ ଇଚ୍ଛା କରିଥିଲେ। ବଜାରରେ ଦାମ୍ ଅଧିକ ରହିଥିବାରୁ ସେ ନିଜେ ତିଆରି କରିବେ ବୋଲି ଆଗ୍ରହ ପ୍ରକାଶ କରିଥିଲେ। ଘରେ ମୋବାଇଲରେ ୟୁଟ୍ୟୁବ୍ ଦେଖି ବିଦ୍ୟୁତ୍‌ଚାଳିତ ସ୍କୁଟର ତିଆରି କରିବା କୌଶଳ ଶିଖିଥିଲେ। ପରେ ସେହି କ୍ରମରେ ସେ ସ୍କୁଟର ତିଆରି ଆରମ୍ଭ କରିଥିଲେ। ଘରେ ଥିବା ଭଙ୍ଗା ସାଇକେଲର ହ୍ୟାଣ୍ଡେଲ ସହ କିଛି ଷ୍ଟିଲ୍ ପାଇପ୍ ଓ ସିଟ୍‌କୁ ଯୋଡ଼ି ସ୍କୁଟର ବନାଇବା ଆରମ୍ଭ କରିଥିଲେ। ଅନ୍‌ଲାଇନରେ ଦୁଇଟି ଚକ ଓ ଗାଡ଼ି ଚାଲିବା ପାଇଁ ମୋଟର ସଂଗ୍ରହ କରିଥିଲେ। ନିଜ ଉଦ୍ୟମରେ ଏକ



ଛାତ୍ର ବିନୋଦ ମହାରଣା ତିଆରି କରିଥିବା ସ୍କୁଟର ଚଲାଉଛନ୍ତି।

ବ୍ୟାଟେରି ତିଆରି କରି ସବୁକୁ ଯୋଡ଼ି ସେ ପ୍ରସ୍ତୁତ କରିଛନ୍ତି ଏହି ଗାଡ଼ି। ହ୍ୟାଣ୍ଡେଲରେ ଏକ ସୁଇଚ୍ ଓ ଏକ୍ସିଲିଟର ଲଗାଇଛନ୍ତି। ଏହି ଷ୍ଟାଣ୍ଡିଂ ସ୍କୁଟରଟି ବହୁ ସ୍ପିଡ୍‌ରେ ଯାଉଥିବାରୁ ତା'ର ଗତି ରୋକିବାକୁ ବ୍ରେକ୍ ମଧ୍ୟ ଲଗାଇଛନ୍ତି। ଏହି ବ୍ୟାଟେରିକୁ ଦେଢ଼ ଘଣ୍ଟା ଚାର୍ଜ କଲେ ୧୫ କି.ମି. ଯାଉଛି। ସ୍କୁଟରରେ ଜଣେ କିମ୍ବା ଦୁଇଜଣ ଠିଆ ହୋଇ ଯାଇପାରୁଛନ୍ତି। ଏହାକୁ ତିଆରି କରିବା ପାଇଁ ୧ ମାସ ସମୟ ଲାଗିଥିବା ବେଳେ ମୋଟ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି। ବିନୋଦ ପଥରଆଡ଼ି ଗ୍ରାମର କାର୍ତ୍ତିକ ମହାରଣାଙ୍କ ସାନପୁଅ। ତାଙ୍କ ବାପା ଜଣେ ଗ୍ୟାରେଜ୍ ମେକାନିକ୍ ହୋଇଥିବା ବେଳେ ମା' ଗୃହିଣୀ। ସେ ଚରମ୍ପା ହାପିହୋମ୍ ସ୍କୁଲର ଛାତ୍ର। ଚଳିତବର୍ଷ ସେ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ମାଟ୍ରିକ୍ ପରୀକ୍ଷାରେ ୬୪.୪ ପ୍ରତିଶତ ନମ୍ବର ରଖିଛନ୍ତି। ଆଗକୁ ଡିପ୍ଲୋମା ଇଞ୍ଜିନିୟରିଂ ପଢ଼ିବେ। ତେବେ ଆଗାମୀ ଦିନରେ ଡ୍ରୋନ୍ ତିଆରି କରିବା ସହ ୨ ସିଟ୍ ବିଶିଷ୍ଟ ବାଇକ୍ ତିଆରି କରିବାକୁ ସେ ଲକ୍ଷ୍ୟ ରଖିଛନ୍ତି। ଯୁବପିଢ଼ି ଘରେ ନ ବସି କିଛି ନା କିଛି ନୂଆ ଅନୁସନ୍ଧାନ କରିବା ନେଇ ସେ ବାର୍ତ୍ତା ଦେଇଛନ୍ତି।




**ଲିକିଟିପଦର ସରପଞ୍ଚଙ୍କ ସ୍ୱାମୀ, ଶ୍ୱଶୁରଙ୍କୁ ହତ୍ୟା: ଅଭିଯୁକ୍ତ ଗିରଫ**

ରାୟଗଡ଼ା/ପଦ୍ମପୁର,୩।୫:ରାୟଗଡ଼ା ଜିଲା ପଦ୍ମପୁର ଥାନା ଅଧୀନ ଲିକିଟିପଦର ପଞ୍ଚାୟତ ସାରିଗାଡ଼ା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ସରପଞ୍ଚ ଜିନିତା ଗମାଙ୍ଗଙ୍କ ସ୍ୱାମୀ ଅଗାଧୁ ଗମାଙ୍ଗ ଓ ଶ୍ୱଶୁରୁ ସମ୍ବରା ଗମାଙ୍ଗଙ୍କୁ ହତ୍ୟା କରାଯାଇଛି। ପୋଲିସ ଜିନିତାଙ୍କ ବୟାନ ଆଧାରରେ ଶନିବାର ଅଗାଧୁଙ୍କ ସମ୍ପର୍କୀୟ ପୁତୁରା ସୁମନ ଗମାଙ୍ଗଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ପ୍ରେମଜନିତ ମାମଲା ଓ ପୂର୍ବ ଶତ୍ରୁତାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିବା ଥାନାଧିକାରୀ ଧରଣୀଧର ପ୍ରଧାନ ସୂଚନା ଦେଇଛନ୍ତି।

# ରାଜା ଚକ୍ରଙ୍କ ଓକିଲଙ୍କ ନାଁରେ ମାନହାନି ମାମଲା

ବାଲେଶ୍ୱର,୩।୫(ବାଞ୍ଛାନିଧି ଦେ)



ଭାଜପା ରାଜ୍ୟ ସଭାପତିଙ୍କ ସହ ନେତୃବୃନ୍ଦ ଓ ଆଇନଜୀବୀ।

ଗନ୍ଧମାର୍ଦ୍ଦନ ଲୋଡ଼ିଂ ଏଜେନ୍ସିରେ ଆର୍ଥିକ ଦୁର୍ନୀତିମାମଲାରେ ଛନ୍ଦିହୋଇପଡ଼ିଥିବା ବିଜେଡି ନେତା ସୌମ୍ୟଶଙ୍କର ଓରଫ୍ ରାଜା ଚକ୍ରଙ୍କ ଓକିଲ ସାତାଂଶୁ ମୋହନ ଦ୍ୱିବେଦୀଙ୍କ ବିରୋଧରେ ମାନହାନି ମକଦ୍ଦମା ଦାଏର କରିଛନ୍ତି ଭାଜପା ରାଜ୍ୟ ସଭାପତିମନମୋହନ ସାମଲ। ଶନିବାର ବାଲେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ସେ ଉପସ୍ଥିତ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ କୋର୍ଟରେ ମାମଲା (ନଂ.୨୫/୨୫) ରୁଜୁକରାଯାଇଛି। ମନମୋହନଙ୍କ ସହ ସରକାରୀ ଦଳ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲ୍ଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଓକିଲ ସଂଘ ସଭାପତି କେଶବ ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାଶ, ଲମ୍ବୋଦର ନାୟକ, ତ୍ରୈଲୋଚନ ଦାଶ, ଆଶିଷ ଘୋଷ ଓ ଶୋଭନା ମହାନ୍ତି, କଟକ ହାଇକୋର୍ଟ ଓକିଲ ଓମ୍ ପ୍ରକାଶ ରାୟଙ୍କ ସମେତ ବହୁ ଆଇନଜୀବୀ ଓ ଭାଜପା ନେତୃବୃନ୍ଦ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ରାଜ୍ୟ ଭାଜପା ସଭାପତି ସାମଲ ଗଣମାଧ୍ୟମଙ୍କୁ ପ୍ରତିକ୍ରିୟାରେ କହିଥିଲେ, ମାସକ ତଳେ ଓକିଲ ଦ୍ୱିବେଦୀ ମୋ ବିରୋଧରେ ଏକ ଆରୋପ କରିଥିଲେ। ମନ୍ଦ ଉଦ୍ଦେଶ୍ୟ ରଖି ସେ ମୋ ବିରୋଧରେ ଏପରି କହିଥିଲେ। ଏହା ସମ୍ପୂର୍ଣ୍ଣ ମିଥ୍ୟା ଓ କପୋଳକଳ୍ପିତ। ଏ ଅଭିଯୋଗର କୌଣସି ଭିତ୍ତି ନାହିଁ କି ସତ୍ୟତା ନାହିଁ। ସେ ମିଡିଆ ଆଗରେ ଯଦି ଏଭଳି ଅଭିଯୋଗ ଆଣିଛନ୍ତି, ପ୍ରମାଣ ଦେଖାନ୍ତୁ। ରାଜ୍ୟରେ ଭାଜପାକୁ ଓ ବ୍ୟକ୍ତିଗତ ଭାବେ ତାଙ୍କୁ ବଦ୍‌ନାମ କରିବା ଅଥବା ନିଜକୁ ଚର୍ଚ୍ଚିତ କରିବା ପାଇଁ ହୁଏତ ଦ୍ୱିବେଦୀ ଏହା କହିଥାଇପାରନ୍ତି ବୋଲି କହିଥିଲେ। ଗଣମାଧ୍ୟମରେ କୌଣସି ଅଭିଯୋଗ କିମ୍ବା ଖବର ପ୍ରକାଶ ପୂର୍ବରୁ ସତ୍ୟାସତ୍ୟ ଅନୁଧ୍ୟାନ କରିବା ଉଚିତ ବୋଲି ମନମୋହନ କହିଛନ୍ତି। ଅପରପକ୍ଷରେ ଏ ସମ୍ପର୍କରେ ରାଜା ଚକ୍ରଙ୍କ ଓକିଲ ବରିଷ୍ଠ ଆଇନଜୀବୀ ଦ୍ୱିବେଦୀ କୁହନ୍ତି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମିଥ୍ୟା ତଥ୍ୟ ଉପରେ ମାମଲା କରିଛନ୍ତି। ଆମେ ଷ୍ଟେଟ୍ ହେଡ୍ ବୋଲି କହିଛୁ, ସେ ଷ୍ଟେଟ୍ ହେଡ୍ ନୁହନ୍ତି। ମନମୋହନ ମନ୍ଦ ଉଦ୍ଦେଶ୍ୟରେ ଭାଜପା ଲୋକଙ୍କୁ ପ୍ରମୋଟ୍ କରିବା ପାଇଁ ଏଭଳି ମିଥ୍ୟା ମୋକଦ୍ଦମା କରିଛନ୍ତି। ଆମେ ରିଜୋଲ୍ୟୁଶନ୍ ମୁତାବକ କହିଛୁ। ଆମେ ମଧ୍ୟ କାଉଣ୍ଟର କେଶ୍ କରିବୁ ବୋଲି ଦ୍ୱିବେଦୀ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଯୋଗାଯୋଗରେ ବହୁ କୋଟି ଟଙ୍କାର ଆର୍ଥିକ ଦୁର୍ନୀତି ନେଇ କ୍ରାଇମବ୍ରାଞ୍ଚରେ ହୋଇଥିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ରାଜା ଚକ୍ରଙ୍କ ଓକିଲ ଦ୍ୱିବେଦୀ ଭାଜପା ରାଜ୍ୟ ମୁଖ୍ୟଙ୍କୁ ୧ କୋଟି ୩ ଲକ୍ଷ ଦିଆଯାଇଛି ବୋଲି ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ରାଜନୈତିକ ମହଲରେ ହଇଚଇ ସୃଷ୍ଟି ହୋଇଥିଲା।

## ଅଭିଯୁକ୍ତ ବାପ ପୁଅ ଗିରଫ

### ପାଟଣାଗଡ଼ ସଅଁରାପଡ଼ା ଗଣହତ୍ୟା ଘଟଣା

ପାଟଣାଗଡ଼,୩।୫(ସଚ୍ଚିଦାନନ୍ଦ ମହାକୁର)

୨୦୨୦ ନଭେମ୍ବର ୧୧ ତାରିଖରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଅଞ୍ଚଳରେ ଘଟିଥିବା ଗଣହତ୍ୟାରେ ସମ୍ପୃକ୍ତ ଥାଇ ଫେରାର ଥିବା ଅଭିଯୁକ୍ତ ଗଙ୍ଗଓ୍ୱା ମାଝି (୪୪) ଓ ତାଙ୍କ ପୁଅ ଦେବରାଜ(୨୩)ଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟ ବାପପୁଅଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ ନେଇ ପାଟଣାଗଡ଼ ଥାନା ବ୍ରହ୍ମପୁରା ନିକଟସ୍ଥ ସଅଁରପଡ଼ାରେ ରହୁଥିବା ଗୋଟିଏ ପରିବାରର ୬ ଜଣଙ୍କୁ ହତ୍ୟା କରାଯାଇଥିଲା। ଉକ୍ତ ଘଟଣାରେ ସେହି ସମୟରେ ପୋଲିସ ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ଘଟଣାର ମାଷ୍ଟରମାଇଣ୍ଡ ଗଙ୍ଗଓ୍ୱା ଓ ଦେବରାଜ ଫେରାର ରହିଥିଲେ। ଫଳରେ ସେମାନଙ୍କ ନାଁରେ ଜାମିନବିହୀନ ଗିରଫ ପରାଓ୍ୱାନା ଜାରି ହୋଇଥିଲା।

# ଶାଶୁଙ୍କୁ ଟଣ୍ଟିଚିପି ହତ୍ୟାକଲେ ବୋହୂ

### ବୋହୂ, ତାଙ୍କ ଭାଇଙ୍କୁ ଥାନାକୁ ନେଇ ପୋଲିସର ପଚରାଉଚରା

ରେଢ଼ାଖୋଲ, ୩।୫ (ଅଚ୍ୟୁତାନନ୍ଦ ପୁରୋହିତ)

ପାରିବାରିକ ବିବାଦରୁ ଚାଲିଯାଇଛି ଜଣେ ମହିଳାଙ୍କ ଜୀବନ ଯାଇଛି। ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ କୁଟାସିଙ୍ଗା ଗ୍ରାମରେ ଶୁକ୍ରବାର ରାତିରେ ଜଣେ ବୋହୂ ତାଙ୍କ ଶାଶୁଙ୍କ ଟଣ୍ଟିଚିପି ହତ୍ୟା କରିଛନ୍ତି। ଏଥିରେ ବୋହୂଙ୍କ ଭାଇ ସହଯୋଗ କରିଥିବା ମୃତାଙ୍କ ସ୍ୱାମୀ ଗଣେଶ ଦେହୁରୀ ଥାନାରେ ଅଭିଯୋଗ କରିଛନ୍ତି। ମୃତା ହେଲେ ଲବଣୀ ଦେହୁରୀ(୫୫)। ପୋଲିସ ବୋହୂ ମୋନାଲିସା ଦେହୁରୀ(୨୨) ଓ ତାଙ୍କ ଭାଇ କୁଶାପାଲି ଗ୍ରାମର ସିଦ୍ଧାନ୍ତ ନାଏକ(୨୬)ଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

କୁଟାସିଙ୍ଗା ଗ୍ରାମର ଗଣେଶ ଦେହୁରୀଙ୍କ ପୁଅ କୃଷ୍ଣଚନ୍ଦ୍ର ୨ବର୍ଷ ତଳେ ରେଢ଼ାଖୋଲ ଥାନା ଅନ୍ତର୍ଗତ କୁଶାପାଲି ଗ୍ରାମର ମୋନାଲିସାଙ୍କୁ ବିବାହ କରିଥିଲେ। କୃଷ୍ଣଚନ୍ଦ୍ର ଗୁଜରାଟର ଅହମ୍ମଦାବାଦର ଏକ କମ୍ପାନୀରେ ଏବଂ ଗଣେଶ ରାଉରକେଲାରେ କାମ କରନ୍ତି। ଘରେ ଶାଶୁ ଓ ବୋହୂ ରହନ୍ତି। ବିବାହ ପରଠାରୁ ଶାଶୁ ଓ ବୋହୂଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ଶୁକ୍ରବାର ରାତିରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ପଡ଼ୋଶୀମାନେ ରାଉରକେଲାରେ ରହୁଥିବା ଗଣେଶଙ୍କୁ ଫୋନ୍ କରି ଜଣାଇଥିଲେ। ଖବରପାଇ ଗଣେଶ ଶନିବାର ସକାଳେ କୁଟାସିଙ୍ଗାରେ ପହଞ୍ଚିଥିଲେ। ସେତେବେଳେ ଲବଣୀ ଘରେ ମରିପଡ଼ିଥିବା ଓ ତାଙ୍କ ପାଟିରୁ ରକ୍ତ ବାହାରିଥିବା ସେ ଦେଖିବାକୁ ପାଇଥିଲେ। ଏହାପରେ ସେ ରେଢ଼ାଖୋଲ ପୋଲିସକୁ ଜଣାଇଥିଲେ। ବୋହୂ ମୋନାଲିସା ତାଙ୍କ ଭାଇ ସିଦ୍ଧାନ୍ତଙ୍କ ସହାୟତାରେ ଲବଣୀଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଥାନାରେ ଅଭିଯୋଗ କରିଥିଲେ। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର, ଥାନା ଅଧିକାରୀ ଚନ୍ଦ୍ର ମୋହନ ସିଂ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(କ), ୨୬୫,୩(୫)ରେ ଏକ ମାମଲା(ନଂ.୧୦୪/୨୫) ରୁଜୁ କରି ଅଧିକ ତଦନ୍ତ କରାଯାଉଥିବା ତଦନ୍ତକାରୀ ଅଧିକାରୀ ଚିତ୍ତରଞ୍ଜନ ମେହେର କହିଛନ୍ତି।

# ପତିଆରା ପାଇଁ ଗାଁ ଦାଣ୍ଡରେ ବୋମାମାଡ଼

### ଫୁଲଟାରେ ୨ ପ୍ଲାଟୁନ ଫୋର୍ସ ମୁତୟନ

ବ୍ରହ୍ମପୁର,୩।୫(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗାଁ ଦାଣ୍ଡରେ ଶୁକ୍ରବାର ରାତି ପ୍ରାୟ ୧୦ଟାରେ ଏକାଧିକ ବୋମାମାଡ଼ ହୋଇଛି। ଗାଁରେ ପତିଆରା ଜାହିର କରିବା ପାଇଁ ଗୋଟିଏ ଗୋଷ୍ଠୀ ଏପରି କାଣ୍ଡ କରିଥିବା କୁହାଯାଇଛି। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ପ୍ରଚଣ୍ଡ ଶବ୍ଦ ଯୋଗୁ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ପୋଲିସ ସେହି ରାତିରେ ଗାଁରେ ପହଞ୍ଚି ରାସ୍ତା ଉପରେ ପଡ଼ିଥିବା ୨ଟି ଅଫୁଟା ବୋମା ଜବତ କରିଛି। ଗ୍ରାମର ଉଭୟ ଗୋଷ୍ଠୀ କେହି କାହା ବିରୋଧରେ ଅଭିଯୋଗ ନ କରିବା ସ୍ଥିତିକୁ ଆହୁରି ଜଟିଳ କରୁଛି। ପୋଲିସ ନିଜ ଆଡୁ ଏକ ମାମଲା (ନଂ.୧୩୨/୨୫) ରୁଜୁ କରି ଘଟଣାର ତଦନ୍ତ କରୁଛି। ଅପ୍ରୀତିକର ପରିସ୍ଥିତିକୁ ପ୍ରତିହତ କରିବା ପାଇଁ ସେଠାରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି।

ଫୁଲଟା ଗ୍ରାମରେ ବହୁବର୍ଷ ଧରି ଦୁଇ ଗୋଷ୍ଠୀ ମଧ୍ୟରେ ବିଭିନ୍ନ କାରଣରୁ ଝଗଡ଼ା ଲାଗି ରହିଛି। ଅନେକ ଥର ଶାନ୍ତି କମିଟି ବୈଠକ ହେଉଥିଲେ ମଧ୍ୟ ଗୋଷ୍ଠୀ ସଂଘର୍ଷ ଘଟୁଛି। ପୂର୍ବରୁ ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ. ଉକ୍ତ ଗ୍ରାମରେ ସ୍ଥାନୀୟ ଲୋକଙ୍କୁ ନେଇ ବୈଠକ କରିବା ସହ ଶାନ୍ତି କମିଟି ଗଠନ ହୋଇଥିଲା। ଏହାପରେ ବି ୨ ଗୋଷ୍ଠୀ ମଧ୍ୟରେ ହଣାକଟା ହୋଇଥିଲା। ପୋଲିସ ଗତ ଫେବୃଆରୀ ୯ ତାରିଖରେ ଉଭୟ ଗୋଷ୍ଠୀର କେତେଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନେ ଏବେ ଜାମିନରେ ଆସିବା ପରେ ପୁଣିଥରେ ମୁହାଁମୁହିଁ ହୋଇଛନ୍ତି।

# ବାପାଙ୍କୁ ହତ୍ୟାର ପ୍ରତିଶୋଧ ନେଇଥିଲେ ପୁଅ



ଗିରଫ ଅଭିଯୁକ୍ତ ନେପାଳଙ୍କୁ ପୋଲିସ କୋର୍ଟ ଚାଲାଣ କରୁଛି।

### ବାଘପାଲି ଡବଲ ମର୍ଡର ଘଟଣାର ପର୍ଦ୍ଦାଫାଶ

ବରଗଡ଼/ବଲାଙ୍ଗୀର,୩।୫ (ପ୍ରେମାନନ୍ଦ ଖମାରୀ/ବୀରେନ୍ଦ୍ର କୁମାର ଝାଙ୍କର)

ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ସୁନାଲରମ୍ଭା (ବାଘପାଲି) ଗାଁରେ ଗୁରୁବାର ସଂଘଟିତ ଡବଲ ମର୍ଡର ଘଟଣାରେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବରଗଡ଼ ଉପକାରାଗାର ହାଜତକୁ ପଠାଇ ଦିଆଯାଇଛି। ସେ ହେଲେ ବାଘପାଲି ଗାଁର ନେପାଳ ଭୁଏ ଓରଫ୍ ନାମ (୨୮)। ବାପାଙ୍କ ହତ୍ୟାକାରୀଙ୍କୁ ମାରିଦେଇ ନେପାଳ ଫେରାର ହୋଇଯାଇଥିଲେ। ତାଙ୍କୁ ବରଗଡ଼ ପୋଲିସର ସ୍ୱତନ୍ତ୍ର ଟିମ୍ ଗିରଫ କରିଛି। ଏନେଇ ବରଗଡ଼ ଜିଲା ଏସ୍‌ପି ଦାୟିତ୍ୱରେ ଥିବା ବଲାଙ୍ଗୀର ଏସ୍‌ପି ଅଭିଲାଷ ଜି ସନ୍ଧ୍ୟାରେ ବଲାଙ୍ଗୀର ଜିଲା ପୋଲିସ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପି କହିଥିଲେ, ଗତ ୧ତାରିଖରେ ବାଘପାଲି ଗାଁର ମଧୁସୂଦନ ଓରଫ୍ ମଘା ଭୁଏ ଏବଂ ସେହି ଗାଁର ତରଣୀ ବାଗ ଏକ ମଦଭାଟିକୁ ମଦ ପିଇବା ପାଇଁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମଘା ନିଜ ଘରକୁ ଫେରିଆସିଥିଲେ। ସେଦିନ ଅପରାହ୍ନରେ ତରଣୀ ଏକ ବାଡ଼ି ଧରି ମଘାଙ୍କ ଘରକୁ ପଶିଥିଲେ। ଘରେ ଶୋଇଥିବା ମଘା ଓ ତାଙ୍କ ସ୍ତ୍ରୀ ବେଦମତୀଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ମଘାଙ୍କ ମୃତ୍ୟୁ ଘଟିଥିଲା ଏବଂ ବେଦମତୀ ଆହତ ହୋଇଥିଲେ। ଏହି ସମୟରେ ଗାଁରେ ଚାଲିଥିବା ଏକ ବିବାହ ଉତ୍ସବରେ ମଘାଙ୍କ ପୁଅ ନେପାଳ ଥିଲେ। ତାଙ୍କୁ କେହି ଫୋନ୍ କରି ଘରେ ତରଣୀ ପଶି ଗଣ୍ଡଗୋଳ କରୁଥିବା ଜଣାଇଥିଲେ। ନେପାଳ ବିବାହ ଉତ୍ସବରୁ ଘରକୁ ଆସି କ୍ରନ୍ଦନରତ ମା' ଓ ଭଉଣୀକୁ ଦେଖିଥିଲେ। ଏପରିକି ବାପା ମଘାଙ୍କୁ ତରଣୀ ହତ୍ୟା କରିବା ପରେ ମୃତଦେହ ନିକଟରେ ଏକ ବାଡ଼ି ଧରି ଠିଆହୋଇଥିବା ଦେଖିଥିଲେ। ନେପାଳ ଏଥିରେ ପ୍ରତିଶୋଧପରାୟଣ ହୋଇ ତରଣୀଙ୍କୁ ବାଡ଼ିରେ ପିଟି ହତ୍ୟା କରି ଫେରାର ହୋଇଯାଇଥିଲେ। ଫେରାର ଅଭିଯୁକ୍ତଙ୍କୁ ଧରି ପୋଲିସ ସିନ୍ ରିକ୍ରିଏଶନ୍ କରିଥିଲା। ନେପାଳ ସମ୍ବଲପୁରର ଏକ କମ୍ପାନୀରେ ଟେକ୍ନିସିଆନ୍ ଭାବେ କାମ କରୁଥିଲେ। ଗତ ୧ ତାରିଖରେ ଗାଁର ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ଯୋଗଦେବାକୁ ଆସିଥିଲେ।


**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୭୬ **ବିଜ୍ଞାପନ** ତା:୨୫।୦୪।୨୫

No. CAD-292: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ନାମ: ୯ଲକ୍ଷ୍ମଣ କୁମାର କର<br>ପିତା: ୯ନାରାୟଣ କର<br>ସା: ସୁଆମ ଶାସନ<br>ପୋ.:ସୁଆମ ପାଟଣା<br>ଥାନା: ପାଟଣା<br>ଜିଲ୍ଲା: କେନ୍ଦୁଝର | ଘର ନଂ. ଏଚ.ଆଇ.ଜି.(ଡି)–୧୦୩, (HIG-D-103) ଧର୍ମ ବିହାର, ଜାଗମରା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା | ୧. ବାସନ୍ତୀ ପ୍ରଧାନ (ସ୍ତ୍ରୀ)<br>୨. ମହେଶ୍ୱେତା କର (ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0593/2526

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**

ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: ୬୦ **ବିଜ୍ଞାପନ** ତା:୧୭।୦୪।୨୦୨୫

No. CAD-288: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ (୧) ଗୀତାରାଣୀ ମିଶ୍ର, (୨) ବ୍ରହ୍ମତ୍ରୀ ମିଶ୍ର, (୩) ବିଭୂକଲ୍ୟାଣ ମିଶ୍ର, (୪) ବ୍ରତତୀ ମିଶ୍ରଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ରେକର୍ଡଭୁକ୍ତ ଆବଣ୍ଟନଗ୍ରହୀତାମାନଙ୍କ ମଧ୍ୟରୁ ଗୀତାରାଣୀ ମିଶ୍ର ଏବଂ ବ୍ରହ୍ମତ୍ରୀ ମିଶ୍ରଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀମାନେ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ଉକ୍ତ ସମ୍ପତ୍ତିରେ ଥିବା ତାଙ୍କ ସ୍ୱତ୍ୱ ଅଂଶରେ ନାମ ଦରଜ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ନାମ: ୯ବ୍ରହ୍ମତ୍ରୀ ମିଶ୍ର<br>ମାତା: ୯ଗୀତାରାଣୀ ମିଶ୍ର<br>ସ୍ୱାମୀ: ଶ୍ରୀ ନିତ୍ୟାନନ୍ଦ ମହାନ୍ତି<br>ସା: ଭୂଦାନ କଲୋନୀ<br>ପୋ: କୋରାପୁଟ ଟାଉନ<br>ଥାନା/ଜିଲ୍ଲା: କୋରାପୁଟ | ଏମ୍ଆଇଜି–୧–୪୨, (MIG-1-42) କୁଆ, ଫେଜ୍–୨ କୋରାପୁଟ | ୧. ଶ୍ରୀ ନିତ୍ୟାନନ୍ଦ ମହାନ୍ତି (ସ୍ୱାମୀ)<br>୨. ପ୍ରିୟଦର୍ଶିନୀ ମହାନ୍ତି (ଅ.ବି. କନ୍ୟା) |

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0601/2526

**OFFICE OF THE CDM & PHO CUM DMD, NHM, NUAPADA**

District Programme Management Unit, NHM
NUAPADA, ODISHA - 766105
E-mail : nhmnuapada@gmail.com

**TENDER CALL NOTICE**

**No. 1171/DPMU/NHM/2025** **Date. 02.05.2025**

**No.E-65** : Sealed tenders are invited from the reputed supplier of stationery items or private individuals and reputed travel agencies/Tour Operators/Private individuals for supply of stationery items and Vehicle on hiring basis as per details below :

**Tender-A-Empanelment of vehicles on monthly hiring basis.**

**Tender-B-Empanelment for providing stationery items and computer consumables.**

The sealed quotation/tender documents should reach at O/o - CDM&PHO, Nuapada, DHH, Nuapada, Pin-766105 in any working day by **19.05.2025 till 1 P.M.** along with all required documents as mentioned in tender documents by **speed post/regd post/reputed courier** only. The tender will be opened on 20.05.2025 at 11.00 A.M. in the office of the undersigned in presence of the bidder/authorized representative of the bidder. Details regarding items and terms and conditions may be downloaded from www.nuapada.odisha.gov.in from 03.05.2025. The undersigned reserves the right to accept or reject any or all the quotations without assigning any reason thereof.

Sd./- CDM & PHO cum DMD
Nuapada

OIPR-10055/11/0017/2526

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2943/PSC, Dt.03.05.2025**
**(1R-27-2023/24) (DR-V)**

No.D-:It is for information of all concerned that, pursuant to the Advertisement No.32 of 2023-2024, 07 (Seven) candidates, bearing following PPSAN have been allowed to face the interview to determine their eligibility for recruitment to the post of Associate Professor in "Chemical Engineering". The interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack- 753001 on 16.05.2025 as per the programme mentioned below.

| DATE | Time of Interview | PPSAN |
|---|---|---|
| 16.05.2025 | 10.30 A.M. | P240306410, P240293984, P240301382, P240295600, P240302554, P240301649 & P240297093 = **7 Candidates** |

**The candidates are advised to produce following documents at the time of interview.**

1. **All original Research Publications/ Books.**
2. **Photocopy of front and back cover pages of published Books-08 sets**
3. **Photocopies of 10 best Research Publications- 08 sets**
4. **List of all publications mentioned at SL.No.1-08 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE:- THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE REALTING TO CHEMICAL ENGINEERING WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/ DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0203/2526 **Sd./- Secretary**

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**MARKONA CANAL DIVISION, MARKONA**
**DIST : BALASORE, ODISHA, PIN-756126**
E-Mail : eemcdmarkona@gmail.com

**e-Procurement Notice No. SE-MCD-04 of 2025-26**

**No.A-112** : The Superintending Engineer, Markona Canal Division, Markona on behalf of the Governor of Odisha, invites Request for Proposal through online mode in single cover system from eligible bidder for the work as detailed below :

| Sl. No. | BID ID No | Form of contract | Name of the work |
|---|---|---|---|
| 01 | SE-MCD-01 of 2025-26 | Request for Proposal | Supply of site supervisors (semi-skilled) preferably ITI/Experienced for supervision of worksites of Salandi Left Main Canal (SLMC) from RD 30.547 Km to 45.570 Km & from RD 49.810 Km to 59.970 Km under Markona Canal Division, Markona for the period from 1st May 2025 to 31st March 2026 (11 month) |

a. Cost of Tender Paper (in online) : Rs.4000.00
b. Earnest Money Deposit (EMD) (in offline) : Rs.7500.00
c. Period of completion :
d. Period of availability of bid document in the portal : 05.05.2025 10.30 A.M. to 14.05.2025 up to 5.00 P.M.
e. Last Date / Time for receipt of Bid : 14.05.2025 up to 5.00 P.M.
f. Date and time of opening of technical Bid : 15.05.2025 at 11.00 A.M.
g. Name & address of the officer inviting Bid : Superintending Engineer, Markona Canal Division Markona
h. Further details can be seen from e-procurement portal https://www.tendersodisha.gov.in. Any addendum/cancellation/corrigendum will be hoisted in website only.

Sd./- Superintending Engineer
Markona Canal Division, Markona

OIPR-32397/11/0009/2526

No.CAD-286

idco | ODISHA NEW OPPORTUNITIES

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No. BBSR/ELECT/E-4402/2022-23/1127 Dated : 25.04.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the work : Construction of Street Light at Mantira, R&R colony, KNIC, Jajpur, Under IDCO division Jajpur**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| 1 | 2 | From | To |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID. No. BBSR/ Elect/e-139/2024-25 | 05.05.2025 at 17.00 Hrs. | 15.05.2025 at 17.00 Hrs. |

Further details can be seen from the e-procurement portal, **www.tendersorissa.gov.in**. Corrigendum or Addendum if any will not be published in newspapers and can be seen **in the e-procurement portal** as well as in **IDCO website**.

Sd./- Divisional Head (Elect)
IDCO, Bhubaneswar

OIPR-14003/11/0143/2526

**ODISHA PUBLIC SERVICE COMMISSION, CUTTACK**

**NOTICE**

**No.2948/PSC, Dt.03.05.2025**
**(1R-37-2023/24) (DR-V)**

No.D-:It is for information of all concerned that, pursuant to the Advertisement No.32 of 2023-2024, **04 (Four)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Physics".** The interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack- 753001 on **16.05.2025 at 3.00 P.M.** as per the programme mentioned below.

| DATE | Time of Interview | PPSAN |
|---|---|---|
| 16.05.2025 | 3.00 P.M. | P240309652, P240303135, P240304213, P240301012 = **4 Candidates** |

**The candidates are advised to produce following documents at the time of interview.**

1. **All original Research Publications/ Books.**
2. **Photocopy of front and back cover pages of published Books-08 sets**
3. **Photocopies of 10 best Research Publications- 08 sets**
4. **List of all publications mentioned at SL.No.1-08 sets**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**NOTE:- THE CANDIDATES ARE INFORMED THAT THE TEACHING ABILITY IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE REALTING TO PHYSICS WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD/ DIGITAL SCREEN (FOR PPT) SHALL BE PROVIDED BY THE COMMISSION FOR THE PURPOSE.**

OIPR-12002/11/0204/2526 **Sd./- Secretary**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**

ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: **8110**/ଭୁ.ଉ.କ., ଭୁବନେଶ୍ୱର ତା: 25.04.25ରିଖ

**CPM-II-37/90 (Part)**

**ସୂଚନା**

No. CAD-280: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍–୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ. MIG-II-G-9/2କୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୩୫୩୩୦ ତା୨୦।୧୨।୨୦୨୪ରିଖ ଅନୁଯାୟୀ ଉତ୍ତରାଧିକାରୀ ସୂତ୍ରେ ଶ୍ରୀ ରମାକାନ୍ତ ପଟ୍ଟନାୟକ, ପିତା: ସ୍ୱର୍ଗତ ଟି. ସୁରେଶ କୁମାର, ବାସସ୍ଥାନ: ଏମ୍.ଆଇ.ଜି.–୧୩୧, ବିଡିଏ, ଅନନ୍ତ ବିହାର ଫେଜ୍–୨, ପୋଖରୀପୁଟ, ଭୁବନେଶ୍ୱର – ୭୫୧୦୨୦, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ ପରବର୍ତ୍ତନ କରାଯାଇଅଛି। ବର୍ତ୍ତମାନ ଆବଣ୍ଟନ ଗ୍ରାହୀ ଶ୍ରୀ ରମାକାନ୍ତ ପଟ୍ଟନାୟକ ଉକ୍ତ ଗୃହକୁ ତୃତୀୟ ପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସବିତା ସାମନ୍ତରାୟ, ସ୍ୱାମୀ: କ୍ରିଷ୍ଣ ସାମନ୍ତରାୟ, ବାସସ୍ଥାନ: MIG-II-18/26, ବିଡିଏ କଲୋନୀ, ପୋଷ୍ଟ/ଥାନା: ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ତୃତୀୟପକ୍ଷ ଅନ୍ତରଣ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0286/2526

**Office of the Principal**
**Govt. College of Art and Crafts**
Khallikote, Ganjam, Odisha - 761030, Ph. - 06810 291352
Department of Odia Language, Literature & Culture, Govt. of Odisha
Affiliated to Utkal University of Culture, Odisha
Mail : govtcollegeofartandcrafts@gmail.com
Web : http://gcacodisha.nic.in

**No. 439/GCAC, Khalikote** **Date. 03.05.2025**

**ADVERTISEMENT FOR GUEST FACULTIES, 2025-26**

**No.RR-02** : Applications are invited from the eligible candidates for engagement of the Guest Faculties in the Govt. College of Art and Crafts, Khallikote for the academic year 2025-26 functioning under the Odia Language Literature and Culture Department, Govt of Odisha as mentioned below :

Guest Lecturer (Department Wise) :
**Commercial Art -1, Crafts & Ceramics -1, Indian Painting-1**

Guest Instructor( Department Wise) :
**Oil Painting -1, Modelling & Sculpture-1, Graphic Art -1, Indian Painting-1**

Interested Candidates are advised to apply in the plain paper application along with Complete Bio-Data, all photo copies of educational Certificate and Mark sheets, latest by **31st May 2025** positively to the office of the Principal, Govt College of Art and Crafts, Khallikote, Ganjam-761030. The applications received after due date shall not be taken into consideration.

The minimum qualification for the post of Guest Lecturer shall be Master's Degree (MVA/MFA) and for Guest Instructor is Bachelor's Degree (BVA / BFA) in the concerned subject and preference will be given to the candidates having any higher qualification. The remuneration shall be paid to the above Guest faculties as per the Govt. approved rate.

The undersigned have reserved every right to reject any or all applications without assigning any reason.

**Sd./- (Sri Subrat Kumar Mullik)**
**Principal**
**Govt. College of Art and Crafts**

OIPR-03012/11/0005/2526

**Government of Odisha**
**Office of the Chief Construction Engineer**
**Rural Works Circle, Bhawanipatna**

**NOTICE**

**PM-JANMAN UNDER PRADHAN MANTRI GRAM SADAK YOJANA (PMGSY)**

**Bid identification No. BPT/Online-02/2025-26**

**No.O-108 : The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage rate** bids in electronic tendering system for construction of roads & bridges under PM-JANMAN in the districts of **Kalahandi for 10 (Ten)** number of package with estimated cost totaling to **Rs.21.93 Cr** including their maintenance for five years from the eligible contractors registered with **State PWD/ CPWD/MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement.dtd. **08.05.2025**.

**Availability of Bid Documents and mode of submission :** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved format (c) original affidavit regarding correctness of information furnished with bid document as per provisions of Clause 4.4B(a)(ii) of ITB with **C.C.E., R. W. Circle, Bhawanipatna**/ Concerned Superintending Engineers / Executive Engineers, R.W.Division (as per Tender Call Notice) on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non-responsive.

**Last Date/Time for receipt of bids through e-procurement: 26.05.2025 upto 5.00 PM**

For further details please log on to www.pmgsytenders.gov.in

**Sd./- CHIEF CONSTRUCTION ENGINEER**
**Rural Works Circle, Bhawanipatna**
**OIPR-25102/11/0016/2526**

# ଆଇଟି ଲାବ୍ ସାମଗ୍ରୀ କିଣାରେ ଟେଣ୍ଡର ଫିକ୍ସିଂ

ଯାଜପୁର,୩ା୫(ହର୍ଷବର୍ଦ୍ଧନ ବେହେରା)

**କଲେଜ ପରିଚାଳନା କମିଟି ସଭାପତିଙ୍କ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ**

ଯାଜପୁର ଜିଲାର ୪୪ କଲେଜରେ ଅତ୍ୟାଧୁନିକ ଇନଫର୍ମେସନ ଟେକ୍ନୋଲୋଜି (ଆଇଟି) ଲାବ୍ ସ୍ଥାପନ ବାବଦ ଟେଣ୍ଡରରେ ବ୍ୟାପକ ଫିକ୍ସିଂ ହୋଇଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୫ ତାରିଖରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପତ୍ରସଂଖ୍ୟା ୧୨୬୫୫ ଦ୍ୱାରା ଯାଜପୁର ଜିଲାର ୪୪ କଲେଜରେ ଅତ୍ୟାଧୁନିକ ଆଇଟି ଲାବ ସ୍ଥାପନ ପାଇଁ ବଡ଼ କଲେଜକୁ ୮.୧୧ଲକ୍ଷ ଏବଂ ଛୋଟ କଲେଜକୁ ୪.୯୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିଲା। ପ୍ରତ୍ୟେକ କଲେଜରେ ଲାବ୍ ପାଇଁ କମ୍ପ୍ୟୁଟର, ପ୍ରିଣ୍ଟର, ୟୁପିଏସ୍, ୱେବ କ୍ୟାମେରା ଏବଂ ୬୫ ଇଞ୍ଚର ଏଲ୍ଇଡି ଟିଭି କିମ୍ବା ଏବଂ ସେଠାରେ ଇଣ୍ଟରନେଟ ସଂଯୋଗ ନିମନ୍ତେ ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ସ୍ପେସିଫିକେସନ ଏବଂ ଟେଣ୍ଡର ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ସମସ୍ତ କଲେଜ ଅଧ୍ୟକ୍ଷଙ୍କୁ ଅବଗତ କରାଯାଇଥିଲା। ବିଗତ ସରକାରର ସମୟରେ ମଧ୍ୟ କଲେଜଗୁଡ଼ିକରେ ଲାବ ପାଇଁ ଏଭଳି ସବୁ ସାମଗ୍ରୀ କ୍ରୟ କରାଯାଇଥିଲା। ମାତ୍ର ଟେଣ୍ଡରରେ ସ୍ୱଚ୍ଛତା ପାଇଁ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇ ନ ଥିବା ଯୋଗୁ ସାମଗ୍ରୀ କ୍ରୟରେ ଅନିୟମିତତାର ଅଭିଯୋଗ ଆସିଥିଲା। କିନ୍ତୁ ନୂଆ ସରକାର ଆସିବା ପରେ କ୍ରୟ ହେବାକୁ ଥିବା ସାମଗ୍ରୀର ପୂର୍ଣ୍ଣାଙ୍ଗ ସ୍ପେସିଫିକେସନ ସହ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଯାଇ ଆବଶ୍ୟକ ନିୟମାବଳୀ ପ୍ରସ୍ତୁତ କରାଯାଇଥିଲା। ତଥାପି ଅନେକ କଲେଜର ଅଧ୍ୟକ୍ଷ ଏହାକୁ ଉଲ୍ଲଂଘନ କରି ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାଠାରୁ ଏସବୁ ସାମଗ୍ରୀ କ୍ରୟ ନିମନ୍ତେ ପୂର୍ବ ଫିକ୍ସିଂ ପୂର୍ବକ ତାଙ୍କଠାରୁ କୋଟେସନ ନେଇ ଚଢ଼ା ଦରରେ ନିମ୍ନମାନର ସାମଗ୍ରୀ କିଣିଥିବା ଅଭିଯୋଗ ହୋଇଛି। ସୂତ୍ରରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ବିଭିନ୍ନ କଲେଜ ପରିଚାଳନା କମିଟିର ସଭାପତି ଥିବା ସତ୍ତ୍ୱେ ତାଙ୍କ ଅନୁମତି ନିଆଯାଇ ନାହିଁ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ କୌଣସି କ୍ଷେତ୍ରରେ ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଅର୍ଥ ବ୍ୟୟ କରିବା ସମୟରେ ପରିଚାଳନା କମିଟିର ସଭାପତିଙ୍କ ଅନୁମତି ନିତାନ୍ତ ଆବଶ୍ୟକ। କିନ୍ତୁ ସଭାପତିଙ୍କ ଅନୁମତି ନ ଥାଇ ସାମଗ୍ରୀ କ୍ରୟ ନିମନ୍ତେ କିଛି କଲେଜର ଅଧ୍ୟକ୍ଷ ନିଜସ୍ୱ ଏକ କ୍ରୟ କମିଟି ଗଠନ କରିଛନ୍ତି। ମାତ୍ର ସେଥିରେ ବୈଷୟିକ ଅଭିଜ୍ଞତା ଥିବା କୌଣସି ସଦସ୍ୟ ହିଁ ନାହାନ୍ତି। ବୈଷୟିକ ଅଭିଜ୍ଞତା ଥିବା ସଦସ୍ୟ କିମ୍ବା ଜିଲାର ସ୍ଥାୟୀ ବୈଷୟିକ ପରିଚାଳକଙ୍କ ଦ୍ୱାରା ସାମଗ୍ରୀଗୁଡ଼ିକର ସ୍ପେସିଫିକେସନ ଯାଞ୍ଚ କରା ନ ଯାଇ କ୍ରୟ କମିଟି ମାଧ୍ୟମରେ ଟେଣ୍ଡର ଆହ୍ୱାନ କରି ସାମଗ୍ରୀ କିଣାଯାଇଛି। କୌଣସି ବି ସାମଗ୍ରୀ କ୍ରୟ ନିମନ୍ତେ ଜିଲା ଇ-ଗଭର୍ନାନ୍ସ ମ୍ୟାନେଜରଙ୍କ ଦ୍ୱାରା ଟେଣ୍ଡର ଆହ୍ୱାନ କରିବା ନିୟମ ରହିଛି। କିନ୍ତୁ ଅଧିକ ମୁନାଫା ଉଦ୍ଦେଶ୍ୟ ରଖି ଜିଲାର ପ୍ରାୟ ୮ଟି କଲେଜରେ ୱେବ୍‌ସାଇଟ ସ୍ଥାନରେ ଇମେଲ୍ ଠିକଣା ଭଳି ବିଜ୍ଞାପିତର ତଥ୍ୟ ଦେଇ ଏକ ନିର୍ଦ୍ଦିଷ୍ଟ ଖବରକାଗଜର ଆଞ୍ଚଳିକ ପୃଷ୍ଠାରେ କୋଟେସନ ଆହ୍ୱାନ କରିଥିବା ନଜରକୁ ଆସିଛି। ଏଥିରେ ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍ସ(ଓଜିଏଫଆର୍) ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏଭଳି କେଲେଙ୍କାରୀ ପଛରେ ଭୁବନେଶ୍ୱରର ଏକ ଆଇଟି ସଲ୍ୟୁଶନ ସଂସ୍ଥାର ଉଦ୍ଦେଶ୍ୟ କାର୍ଯ୍ୟକାରୀ ହେଉଥିବା ଅଭିଯୋଗ ହୋଇଛି। ତେବେ ଯେଉଁ କଲେଜ ଅଧ୍ୟକ୍ଷମାନେ ଇତିମଧ୍ୟରେ ବିନା ଅନୁମତିରେ ଟେଣ୍ଡର ଆହ୍ୱାନ କରିସାରିଛନ୍ତି ତାଙ୍କୁ ପରିଚାଳନା କମିଟିର ସଭାପତି ଥିବା ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳ ତୁରନ୍ତ ଟେଣ୍ଡର ସବୁକୁ ବାତିଲ କରିବାକୁ ଦାବି ହୋଇଛି। ଏହାସହ ଜିଲା ବୈଷୟିକ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଇଏମ୍ ମାଧ୍ୟମରେ ପୁନଃ ଟେଣ୍ଡର ଆହ୍ୱାନ କରିବାକୁ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବ ଓ ନିର୍ଦ୍ଦେଶକ ଏବଂ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏ ସଂକ୍ରାନ୍ତରେ ଯାଜପୁର ଉପଜିଲାପାଳ ତାପସ ରଞ୍ଜନ ଦେହୁରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଟେଣ୍ଡର ଏବଂ ଅନ୍ୟାନ୍ୟ ଗାଇଡ୍‌ଲାଇନ୍ ଉପରେ ଜାଣିବା ପରେ ସେ କିଛି କହିପାରିବେ। ଯଦି ଟେଣ୍ଡରରେ ଫିକ୍ସିଂ କିମ୍ବା ନିମ୍ନମାନର ସାମଗ୍ରୀ କିଣାଯାଇଥାଏ, ତାହାହେଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।




# ପଞ୍ଚାୟତକୁ ବିବାଦ ସମାଧାନର ଆଇନଗତ କ୍ଷମତା ମିଳୁ: ରାଷ୍ଟ୍ରପତି

ନୂଆଦିଲ୍ଲୀ,୩ା୫(ପି.ଟି.)

**ମଧ୍ୟସ୍ଥତାକୁ ସିଜେଆଇଙ୍କ ଗୁରୁତ୍ୱ**

ବିବାଦ ସମାଧାନ ବ୍ୟବସ୍ଥାକୁ ଗ୍ରାମାଞ୍ଚଳକୁ ନିଆଯିବା ସହ ପଞ୍ଚାୟତଗୁଡ଼ିକୁ ମଧ୍ୟସ୍ଥତା ଓ ସମାଧାନ କରିବାର ଆଇନଗତ କ୍ଷମତା ମିଳିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ଦୃଢ଼ୋକ୍ତି କରିଛନ୍ତି। ରାଷ୍ଟ୍ରକୁ ସୁଦୃଢ଼ କରିବାରେ ଗ୍ରାମାଞ୍ଚଳର ସାମାଜିକ ସଦ୍ଭାବ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା। ଗାଁରେ ପାରିବାରିକ କିମ୍ବା ଜମିଜମା ବିବାଦରେ ମଧ୍ୟସ୍ଥତା କରୁଥିବା ବ୍ୟକ୍ତିଙ୍କୁ ସମାଜ କ୍ଷମତା ଦେଇଥାଏ, କିନ୍ତୁ ସେମାନେ ଆଇନଗତ କ୍ଷମତା ପାଇ ନ ଥାନ୍ତି। ତେଣୁ ଏଭଳି ଅନେକ ମାମଲା ଗ୍ରାମାଞ୍ଚଳ ସ୍ତରରେ ସମାଧାନ ହୋଇପାରେ ନାହିଁ ବୋଲି ମଧ୍ୟସ୍ଥତା ଉପରେ ଅନୁଷ୍ଠିତ ପ୍ରଥମ ଜାତୀୟ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି। କାର୍ଯ୍ୟକ୍ରମରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା, ନବନିଯୁକ୍ତ ସିଜେଆଇ ବି.ଆର୍. ଗଭାଇ ଏବଂ ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସିଜେଆଇ ଜଷ୍ଟିସ୍ ଖାନ୍ନା କହିଥିଲେ, ମଧ୍ୟସ୍ଥତା ନ୍ୟାୟ ବ୍ୟବସ୍ଥାଠାରୁ କମ୍ ନୁହେଁ, ବରଂ ଏହା ଏକ ବିଜ୍ଞ ବ୍ୟବସ୍ଥା। କୋର୍ଟରୁମ୍‌ର ବିଚାର ତୁଳନାରେ ମଧ୍ୟସ୍ଥତା ଅଧିକ ସାମଗ୍ରିକ ସମାଧାନ ଦେଇଥାଏ। ଅଦାଲତ ବିଚାରରେ ଗୋଟିଏ ପକ୍ଷ ବିଜୟୀ ହେଉଥିବାବେଳେ ଅନ୍ୟପକ୍ଷ ହାରିଯାଉଥିବାରୁ ସମ୍ପର୍କ ଖରାପ ହୋଇଥାଏ। ଅନ୍ୟପକ୍ଷରେ ମଧ୍ୟସ୍ଥତା ଜରିଆରେ ବିବାଦର ସମାଧାନ ଦ୍ୱାରା ସମ୍ପର୍କ ଅତୁଟ ରହିବା ସହ ଏହାର ନିଷ୍ପତ୍ତି କମ୍ ଆଘାତକାରୀ ଓ ଅଧିକ ମାନବୀୟ ହୋଇଥାଏ ବୋଲି ସିଜେଆଇ କହିଛନ୍ତି। ଗତ ୨ ଦଶନ୍ଧି ହେଲା ବିବାଦ ସମାଧାନରେ ମଧ୍ୟସ୍ଥତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛି। ୨୦୧୬ରୁ ୨୦୨୫ ମଧ୍ୟରେ ୭.୫୭ ଲକ୍ଷ ମାମଲା ମଧ୍ୟସ୍ଥତା ଜରିଆରେ ସମାଧାନ ହୋଇଛି।

# କାଳବୈଶାଖୀରେ ଗଛ ପଡ଼ି ମହିଳା ମୃତ

ପବିତ୍ରନଗର,୩ା୫
(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ ପଞ୍ଚାୟତ ଦେଉଳିଁ ଗ୍ରାମରେ ଶନିବାର ସନ୍ଧ୍ୟାରେ କାଳବୈଶାଖୀ ବେଳେ ଗଛପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ପିଙ୍କୁ ପ୍ରଧାନଙ୍କ ସ୍ତ୍ରୀ ଗେଲେଇ ବେହେରା (୨୫)। ସୂଚନା ଅନୁଯାୟୀ, ଗେଲେଇ ପଡ଼ିଶା ଘରକୁ କୌଣସି କାର୍ଯ୍ୟରେ ଛୋଟ ଛୁଆକୁ ଧରି ଯାଇଥିଲେ। କାଳବୈଶାଖୀ ବେଳେ ସେ ତରବର ହୋଇ ଘରକୁ ଫେରୁଥିବା ବେଳେ ଏକ ଗଛ ଉପୁଡ଼ି ମହିଳାଙ୍କ ଉପରେ ପଡ଼ିଥିଲା। ଘଟଣାସ୍ଥଳରେ ଗେଲେଇଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକେ ସେଠାରୁ ଛୋଟ ପିଲାକୁ ଉଦ୍ଧାର କରିଥିଲେ। ଖବରପାଇ କଣିହାଁ ଅଗ୍ନିଶମ ଅଧିକାରୀ ସୁଜିତ କୁମାର ମିଶ୍ର ଓ ତାଙ୍କ ଟିମ୍ ପହଞ୍ଚି ଗଛ କାଟି ମହିଳାଙ୍କ ମୃତଦେହ ଉଦ୍ଧାର କରିଥିଲେ।

# ରାଜ୍ୟରେ ଖୁବ୍‌ଶୀଘ୍ର ନୂଆ ଇଭି ପଲିସି

## ୫ ବର୍ଷରେ ସବୁ ସରକାରୀ ଅଫିସରେ ଲାଗିବ ସୌର ପ୍ୟାନେଲ: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩ା୫
(ବନ୍ଦନା ସେଠୀ)

ଗ୍ରୀନ୍ ଏନର୍ଜି ବା ନବୀକରଣ ଯୋଗ୍ୟ ଶକ୍ତିର ବ୍ୟବହାର ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ବ୍ୟବସ୍ଥା ଗ୍ରହଣ କରାଯିବ। ଏହିକ୍ରମରେ ବୈଦ୍ୟୁତିକ ଯାନ ବା ଇଭିର ବ୍ୟବହାର ବୃଦ୍ଧି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନୂତନ ପଲିସି ପ୍ରଣୟନ କରାଯିବ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଶନିବାର ରାଜଭବନଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହି ସୂଚନା ଦେଇଛନ୍ତି। ସରକାରୀ ସ୍ତରରେ ଏହି ବ୍ୟବସ୍ଥାକୁ ଆଗୁଆ କାର୍ଯ୍ୟକାରୀ କରାଯିବ। ସମସ୍ତ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ସୌର ପ୍ୟାନେଲ ବାଧ୍ୟତାମୂଳକ କରାଯିବ। ବର୍ତ୍ତମାନ ଟୁଇନ୍ ସିଟିର ବିଭିନ୍ନ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯାଇଛି।


କନକବର୍ଦ୍ଧନ ସିଂହଦେଓ

ଆସନ୍ତା ୫ବର୍ଷ ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସୌର ପ୍ୟାନେଲ ଲଗାଯିବ। ସେହିପରି ସରକାରୀ କର୍ମଚାରୀମାନେ ଇଭି (ଇଲେକ୍ଟ୍ରିକ୍ ଭେଇକିଲ୍) ଗାଡ଼ି ବ୍ୟବହାର କରିବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସରକାରୀ ଚାକିରିଆଙ୍କୁ ପୂର୍ବରୁ ଇଭି ଗାଡ଼ି କିଣିବାକୁ ସରକାର ଆଡ୍‌ଭାନ୍ସ ଦେଉଥିଲେ। ଇଲେକ୍ଟ୍ରିକ କାର ବା ଦୁଇ ଚକିଆ ଯାନ ଉଭୟ କିଣିବାକୁ ଆଡ୍‌ଭାନ୍ସ ଆକାରରେ ଟଙ୍କା ଦିଆଯାଉଛି। ଗ୍ରୁପ-ଏ ବା ବି' କର୍ମଚାରୀଙ୍କୁ ଇଲେକ୍ଟ୍ରିକ୍ କାର୍ ପାଇଁ ଏବଂ ଗ୍ରୁପ ସି' ଓ ଡି' କର୍ମଚାରୀଙ୍କୁ ଦୁଇଚକିଆ ଯାନ କିଣିବାକୁ ଅଗ୍ରୀମ ଟଙ୍କା ଦିଆଯାଉଛି। ଗ୍ରୁପ୍-ଏ'ର କର୍ମଚାରୀମାନେ କିଣିବାକୁ ଥିବା କାର୍ ଦାମ୍‌ର ୭୫% ଅର୍ଥାତ୍ ସର୍ବାଧିକ ୧୫ଲକ୍ଷ ଟଙ୍କା ଆଡଭାନ୍ସ ଆକାରରେ ଦିଆଯାଉଛି। ସେହିପରି ଗ୍ରୁପ୍ ସି ଓ ଡି' କର୍ମଚାରୀଙ୍କୁ ଦୁଇ ଚକିଆ ଇଭି କିଣିବା ପାଇଁ ୭୫% ବା ସର୍ବାଧିକ ୨ଲକ୍ଷ ପର୍ଯ୍ୟନ୍ତ ଆଡ୍‌ଭାନ୍ସ ଦିଆଯିବ। ଏଥିସହ ସରକାର ଦେଉଥିବା ଏହି ଟଙ୍କା ସର୍ବାଧିକ ୧୦୦ଟି ମାସିକିଆ କିସ୍ତିରେ ଦରମାରୁ ଭରଣା କରାଯିବ। ଇଭି ଆଡ୍‌ଭାନ୍ସ ନେଇ ରାଜ୍ୟ ଅର୍ଥ ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ପାଉଥିବାରୁ ଏବେ ବୈଦ୍ୟୁତିକ ଯାନର ଚାହିଦା ବଢୁଥିବା ଦେଖାଯାଉଛି ବୋଲି ସେ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ମୁହଁରେ ପୂର୍ବ ସରକାରର ପ୍ରଶଂସା: ବିଜେଡି

ଭୁବନେଶ୍ୱର, ୩ା୫(ସୁନିତ୍ ମିଶ୍ର)

ମୁମ୍ବାଇଠାରେ ସ୍ୱଦେଶୀ କ୍ରୀଡ଼ା ଉପରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ସ୍ୱଦେଶୀ କ୍ରୀଡ଼ା ଖୋ ଖୋର ବିକାଶ ପାଇଁ ଏଏନ୍‌ଏମ୍‌ଏସ୍ ସହଭାଗିତାରେ ହାଇ ପରଫରମାନ୍ସ ସେଣ୍ଟର ପ୍ରତିଷ୍ଠା କରିବାରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୁହାଯାଇଥିବା ଏହି ସେଣ୍ଟର ୨୦୨୩ରେ ବିଜେଡି ସରକାର ଦ୍ୱାରା ପ୍ରତିଷ୍ଠା ହୋଇଥିଲା। ମୁଖ୍ୟମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ବିଜେଡି ଶାସନ ସମୟ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି ବୋଲି ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି। ପ୍ରେସ୍ ବିଜ୍ଞପ୍ତି ଜରିଆରେ ତୁଷାରକାନ୍ତି କହିଛନ୍ତି, ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଓଡ଼ିଶା ଶୀର୍ଷରେ ଥିଲା। ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବା ବେଳେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜିତ ହୋଇଥିଲା। ବିଜେଡି ସମୟରେ କିଛି ବିକାଶମୂଳକ କାର୍ଯ୍ୟ ହୋଇନାହିଁ ବୋଲି ଭାଜପା କହୁଥିବା ବେଳେ ମୁଖ୍ୟମନ୍ତ୍ରୀ ବିଜେଡି ସରକାରର ଉପଲବ୍ଧିକୁ ଗର୍ବର ସହ ବାହାରେ ହେଉଥିବା କାର୍ଯ୍ୟକ୍ରମରେ ରାଜ୍ୟର ଶ୍ରେୟ ଭାବେ ବର୍ଣ୍ଣନା କରିବା ବୁଦ୍ଧିଜୀବୀ ମହଲରେ ଭ୍ରୂକୁଞ୍ଚନ ସୃଷ୍ଟି କରିଛି ବୋଲି ତୁଷାରକାନ୍ତି କହିଛନ୍ତି।

# ଏଆଇ ପୋପ୍: ବିବାଦରେ ଡୋନାଲ୍ଡ ଟ୍ରମ୍ପ

ୱାଶିଂଟନ, ୩ା୫

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ବିବାଦ ଘେରକୁ ଆସିଛନ୍ତି। ସେ ଆମେରିକୀୟ ସମୟ ଶୁକ୍ରବାର ରାତି ୧୦ଟା ୨୯ରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ନିଜର ଏକ ଏଆଇ ଜେନେରେଟେଡ୍ ଫଟୋକୁ ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କୁ ପୋପ୍‌ଙ୍କ ବେଶଭୂଷାରେ ରାଜ୍ୟାଭିଷେକ ଚୌକିରେ ବସିଥିବା ଦେଖାଯାଉଛନ୍ତି। ଟ୍ରମ୍ପଙ୍କ ଏହି ପୋଷ୍ଟକୁ ହ୍ୱାଇଟ ହାଉସର ଅଫିସିଆଲ ଏକ୍ସ' ହ୍ୟାଣ୍ଡେଲରୁ ମଧ୍ୟ ଶେୟାର କରାଯାଇଛି। ଆସନ୍ତା ୭ରେ ପୋପ୍ ଫ୍ରାନ୍ସିସ୍‌ଙ୍କ ଉତ୍ତରାଧିକାରୀ ବାଛିବା ପାଇଁ ପ୍ରକ୍ରିୟା ଆରମ୍ଭ ହେଉଥିବାବେଳେ ଗତ ସପ୍ତାହରେ ଏସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଟ୍ରମ୍ପ ମଜାରେ କହିଥିଲେ, ସେ ନିଜେ ପରବର୍ତ୍ତୀ ପୋପ୍ ହେବାକୁ ଇଚ୍ଛୁକ। ଏହାପରେ ଟ୍ରମ୍ପଙ୍କ ପକ୍ଷରୁ ପୋପଙ୍କ ବେଶଭୂଷାରେ ନିଜ ଏଆଇ ଜେନେରେଟେଡ୍ ଫଟୋକୁ ଶେୟାର କରାଯାଇଛି।



ତେବେ ଏହି ପୋଷ୍ଟକୁ ନେଇ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେଜଣ ୟୁଜର୍ସ ଏହାକୁ ହାଲୁକା ଭାବେ ନେଇଥିବାବେଳେ ଅଧିକାଂଶ ଟ୍ରମ୍ପଙ୍କୁ ସମାଲୋଚନା କରିଛନ୍ତି। ଏପରି କରି ଟ୍ରମ୍ପ କ୍ୟାଥୋଲିକ ଚର୍ଚ୍ଚକୁ ପରିହାସର ପାତ୍ର କରିଥିବା ସମାନେ କହିଛନ୍ତି। ଜଣେ ୟୁଜର ଲେଖିଛନ୍ତି, ଟ୍ରମ୍ପଙ୍କ ଏହି ପୋଷ୍ଟ ଚର୍ଚ୍ଚ ଏବଂ ଭଗବାନଙ୍କ ପ୍ରତି ଅପମାନ ସଦୃଶ। ଏହି ପୋଷ୍ଟ ଟ୍ରମ୍ପଙ୍କ ଅହଙ୍କାର ଏବଂ ପିଲାଳିଆମି ଆଚରଣକୁ ଦର୍ଶାଉଥିବା ସେ ଲେଖିଛନ୍ତି। ଟ୍ରମ୍ପଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାବେଳେ ଉକ୍ତ ଫଟୋକୁ ବ୍ୟବହାର କରି ଅନେକ ୟୁଜର୍ସ ସୋସିଆଲ ମିଡିଆରେ ବିଭିନ୍ନ ମିମ୍ସ ପ୍ରସ୍ତୁତ କରି ତାଙ୍କୁ ସମାଲୋଚନା କରିଛନ୍ତି। ପ୍ରକାଶ ଯେ, ଗତ ୨୧ରେ ପୋପ୍ ଫ୍ରାନ୍ସିସଙ୍କର ପରଲୋକ ହୋଇଥିଲା। ଗତ ୨୬ରେ ସେଣ୍ଟ ପିଟର୍ସ ସ୍କୋୟାରରେ ତାଙ୍କ ଅନ୍ତିମ ସଂସ୍କାର କାର୍ଯ୍ୟକ୍ରମରେ ଟ୍ରମ୍ପ ଯୋଗଦେଇଥିଲେ।

# ସୋନୁ ନିଗମଙ୍କ ନାଁରେ ମାମଲା

ବେଙ୍ଗାଲୁରୁ, ୩ା୫

ଲୋକପ୍ରିୟ ଗାୟକ ସୋନୁ ନିଗମ ବେଙ୍ଗାଲୁରୁରେ ନିଜର ଏକ କନ୍‌ସର୍ଟକୁ ନେଇ ବିବାଦ ଘେରକୁ ଆସିଛନ୍ତି। ଏହି କନ୍‌ସର୍ଟରେ କନ୍ନଡ଼ ଲୋକଙ୍କ ଭାବନାକୁ ଆଘାତ ଦେଇଥିବା ଅଭିଯୋଗରେ



ଶନିବାର ବେଙ୍ଗାଲୁରୁ ପୋଲିସ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଗତ ୨୫ରେ ସୋନୁ ବେଙ୍ଗାଲୁରୁର ଇଷ୍ଟ ପଏଣ୍ଟ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ପକ୍ଷରୁ ଆୟୋଜିତ ଏକ କନ୍‌ସର୍ଟରେ ପର୍ଫମାନ୍ସ କରୁଥିଲେ। ଏହି ଅବସରରେ ଜଣେ ଛାତ୍ର କନ୍ନଡ଼ ଭାଷାରେ ଗୀତ ଗାଇବାକୁ ସୋନୁଙ୍କୁ ଦାବି କରିଥିଲେ। ଭିଡ଼ ଭିତରେ ସେ ବହୁ ବାର କନ୍ନଡ଼ କନ୍ନଡ଼ କହି ଚିଲାଇବାକୁ ଲାଗିଥିଲେ। ଫଳରେ ସୋନୁ ବିରକ୍ତ ହୋଇ ତାଙ୍କ ଗୀତକୁ ଅଧାରୁ ବନ୍ଦ କରିଦେଇ କହିଥିଲେ, ପହଲଗାମ୍ ଆକ୍ରମଣ ପଛରେ ଏହା ହିଁ କାରଣ। ଦୟାକରି ଦେଖନ୍ତୁ ଆପଣଙ୍କ ସମ୍ମୁଖରେ କିଏ ଠିଆ ହୋଇଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ କର୍ନାଟକରେ ସୋନୁଙ୍କୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସୋନୁ କନ୍ନଡ଼ ଲୋକଙ୍କ ଭାବନାକୁ ଆଘାତ ଦେଇଛନ୍ତି କହି ତାଙ୍କ ବିରୋଧରେ କନ୍ନଡ଼ ସମର୍ଥକ ସଙ୍ଗଠନ କର୍ନାଟକ ରକ୍ଷଣା ବେଦିକେ ପକ୍ଷରୁ ବେଙ୍ଗାଲୁରୁର ଅଭଲାହଲ୍ଲୀ ଥାନାରେ ଅଭିଯୋଗ କରାଯାଇଥିଲା।


**କୃଷି ସୂଚନା**

- ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସାଧାରଣ ବର୍ଗ ନିମନ୍ତେ ଶତକଡ଼ା ୪୦ ପ୍ରତିଶତ ମହିଳା ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ, କୃଷି ଏବଂ ଆନୁଷଙ୍ଗିକ ସ୍ନାତକମାନଙ୍କ ନିମନ୍ତେ ଶତକଡ଼ା ୫୦ ପ୍ରତିଶତ ହିସାବରେ ସର୍ବାଧିକ ୧ କୋଟି ଟଙ୍କାର ରିହାତି ବ୍ୟବସ୍ଥା ରହିଅଛି।
- ଓଡ଼ିଶା ମିଲେଟ ମିଶନ ଅନ୍ତର୍ଗତ କ୍ଷେତରେ ଓ ଆଳିରେ ପୁଷ୍ଟିଶସ୍ୟର ପୁନଃ ପ୍ରଚଳନ ନିମନ୍ତେ ଟାଙ୍ଗୀ ଓ ବାଣପୁର ବ୍ଲକରେ ମାଣ୍ଡିଆ, ଯଅ ଓ ବାଜରା ଫସଲ ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଅଛି। ମାଣ୍ଡିଆର ଖରିଫ୍ ଉତ୍ପାଦନକୁ ମଣ୍ଡି ମାଧ୍ୟମରେ ସର୍ବନିମ୍ନ ସହାୟକ ମୂଲ୍ୟ ୪୫୦୦ ଟଙ୍କାର ଚାଷୀ ମାନଙ୍କ ଠାରୁ କ୍ରୟ କରାଯିବାର ବ୍ୟବସ୍ଥା ରହିଅଛି।
- ସିଏମ୍-କିଷାନ ଓ ପିଏମ୍-କିଷାନ ମାଧ୍ୟମରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ ଚାଷୀମାନଙ୍କ ପାଇଁ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଅଛି।
- ରାଜ୍ୟ ଯୋଜନା ମାଧ୍ୟମରେ ସମନ୍ୱିତ କୃଷି ପାଇଁ ସାଧାରଣ ବର୍ଗ ନିମନ୍ତେ ଶତକଡା ୪୦ ପ୍ରତିଶତ ମହିଳା ଅନୁସୂଚିତ ଜାତି ଓ ଜନଜାତି, ଭିନ୍ନକ୍ଷମ, କୃଷି ଏବଂ ଆନୁଷଙ୍ଗିକ ସ୍ନାତକମାନଙ୍କ ନିମନ୍ତେ ଶତକଡା ୫୦ ପ୍ରତିଶତ ଆର୍ଥିକ ସହାୟତାର ବ୍ୟବସ୍ଥା ରହିଅଛି।
- କୃଷି ସମୃଦ୍ଧି - ଏହା ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଏକ ନିଃଶୁଳ୍କ କୃଷି ପରାମର୍ଶ ସେବା ୧୫୫୩୩୩ କୁ ଫୋନ୍‌କରି ଚାଷୀ ଭାଇ ଓ ଭଉଣୀମାନେ ଚାଷ ସମ୍ବନ୍ଧରେ ସମସ୍ତ ସୂଚନା ପାଇପାରିବେ।
- ମୃତ୍ତିକା ପରୀକ୍ଷାଗାର ମାଧ୍ୟମରେ ବିନା ଦେୟରେ ମାଟି ପରୀକ୍ଷା କରାଯାଇ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ଼ ପ୍ରଦାନ ଓ ଅନୁମୋଦିତ ସାର ପ୍ରୟୋଗର ପରାମର୍ଶ ଦିଆଯାଉଛି।
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବିଭିନ୍ନ ଫସଲକୁ ବୀମାଯୁକ୍ତ କରାଯାଉଛି।
- ରାଜ୍ୟ ଯୋଜନା ମାଧ୍ୟମରେ ଆଖୁ ଫସଲର ବିଭିନ୍ନ ପ୍ରଦର୍ଶନୀ କ୍ଷେତ୍ର ପାଇଁ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି।
- ଚାଷୀମାନେ ସରକାରୀ ଅଧୀନସ୍ଥ ବିକ୍ରେତାଙ୍କଠାରୁ ଉନ୍ନତମାନର ପ୍ରାମାଣିକ ବିହନ ରିହାତି ମୂଲ୍ୟରେ କ୍ରୟକରି ଅଧିକ ଉତ୍ପାଦନ କରନ୍ତୁ।

ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନାର ବିସ୍ତୃତ ସୂଚନା ନିମନ୍ତେ ନିକଟସ୍ଥ ବ୍ଲକ୍ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରନ୍ତୁ।

**ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ଖୋର୍ଦ୍ଧା** — **ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ଖୋର୍ଦ୍ଧା**



**OFFICE OF THE EXECUTIVE OFFICER**
**MUNICIPAL COUNCIL, DHENKANAL**
**DHENKANAL (ODISHA), PIN-759001**
E-mail: dhenkanalm.hud@gmail.com

No.1612 Date:02.05.25

**QUOTATION CALL NOTICE**

**No.C-229:** Sealed quotations in plain paper are invited from intending reputed Suppliers/Firms/Agency having valid GST in certificate, Aadhar Card & PAN Card for supply of Cooking Materials like table, AC, steel table, ect (copy enclosed) for MULTIPURPOSE COMMUNITY HALL at Caltax, Kantanali Chhak & Mahisapat of Dhenkanal Municipality. The quotationers should quote their rates for the following each items including cost, conveyance, delivery charges with all taxes etc. and the quotationer should mention on the envelop. The quotation must be submitted by Speed Post or through Regd. Post on before dtd 12.05.2025 at 9.00 AM and will be opened on same date at 12.30 PM in the office of the undersigned in presence of the quotationers or their authorised agent. In absence of both, the quotation can be opened.
The authority reserves the right to accept or reject any or all quotations without assigning any reason thereof and the Tender Committee may go for quality product over quoted price.

**MULTIPURPOSE COMMUNITY HALL**

| କ୍ରମିକ ସଂଖ୍ୟା | ରୋଷେଇ ସାମଗ୍ରୀର ବିବରଣୀ | ପରିମାଣ | ମୂଲ୍ୟ ଟଙ୍କାରେ |
|---|---|---|---|
| ୧ | AC 1.5 ton | ୧ ଗୋଟି | |
| ୨ | ଷ୍ଟିଲ ବେଦୀ (ବାହାଘର/ବ୍ରତଘର ନିମନ୍ତେ) | ୧ ଗୋଟି | |
| ୩ | ଟେବୁଲ୍ (ଷ୍ଟିଲ) | ୧ ଗୋଟି | |
| ୪ | ଷ୍ଟିଲ ଗାଙ୍ଗୁଲା ବଡ଼ | ୧ ଗୋଟି | |
| ୫ | ବଫେ ସେଟ୍ | ୧ ଗୋଟି | |
| ୬ | ଦସ୍ତା ବଡ଼ ଟ୍ରେ | ୧ ଗୋଟି | |
| ୭ | ଦହିବରା ଟ୍ରେ | ୧ ଗୋଟି | |
| ୮ | ପନିକି ବଡ଼ | ୧ ଗୋଟି | |
| ୯ | ପରାତ | ୧ ଗୋଟି | |
| ୧୦ | ଜିଲାପି ତଇ | ୧ ଗୋଟି | |
| ୧୧ | ସିଲଭର ଚାଷିଣି ବଡ | ୧ ଗୋଟି | |
| ୧୨ | ବାଲଟି | ୧ ଗୋଟି | |
| ୧୩ | ଡାବ | ୧ ଗୋଟି | |
| ୧୪ | ଚାମଚ | ୧ ଗୋଟି | |
| ୧୫ | ପଞ୍ଝା | ୧ ଗୋଟି | |
| ୧୬ | ସିଲଭର ନା | ୧ ଗୋଟି | |
| ୧୭ | ଜାଲି ଟପ | ୧ ଗୋଟି | |
| ୧୮ | ଷ୍ଟିଲ ଚେୟାର | ୧ ଗୋଟି | |
| ୧୯ | ଗ୍ୟାସ ଚୁଲା (ଡବଲ ବଡ ସାଇଜ୍) | ୧ ଗୋଟି | |
| ୨୦ | ପାଇପ୍ ୧/୨ ଇଞ୍ଚ | ୧୦୦ ଫୁଟ (ଏକ କଏଲ) | |
| ୨୧ | ଡେକେଚି ୨୦ ଇଞ୍ଚ ଠାରୁ ୩୦ ଇଞ୍ଚ | ୧ ଗୋଟି | |
| ୨୨ | ଡେକେଚି ୫୮ ଇଞ୍ଚ ଠାରୁ ୬୦ ଇଞ୍ଚ | ୧ ଗୋଟି | |
| ୨୩ | ସିଲଭର କଡେଇ | ୧ ଗୋଟି | |
| ୨୪ | ଟିଫିନ | ୧ ଗୋଟି | |
| ୨୫ | କୋରୋଣ | ୧ ଗୋଟି | |
| ୨୬ | Salad Tray | ୧ ଗୋଟି | |
| ୨୭ | ହେମଦସ୍ତା | ୧ ଗୋଟି | |
| ୨୮ | ବେଲଣା ପଟା | ୧ ଗୋଟି | |
| ୨୯ | ସସପେନ୍ | ୧ ଗୋଟି | |
| ୩୦ | ଜଗ | ୧ ଗୋଟି | |
| ୩୧ | ତନ୍ଦୁରି ଭାଟି | ୧ ଗୋଟି | |
| ୩୨ | ଦୋସା/ଚକୁଳି ତାୱା | ୧ ଗୋଟି | |
| ୩୩ | Steel dustbin-୮୦ ଲିଟର | ୧ ଗୋଟି | |
| ୩୪ | ପାଲ ୧୪ ଫୁଟx୧୪ ଫୁଟ | ୧ ଗୋଟି | |

OIPR-13146/11/0030/2526 — **Sd./- Executive Officer, Dhenkanal Municipality**



**"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी**
**काष्ठागार धमतरी का ई-ऑक्सन का संक्षिप्त विज्ञापन**

सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल, धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्तें एवं अन्य जानकारी कार्यालयीन दिवस व समय पर वनमंडल कार्यालय/वन काष्ठागार धमतरी से प्राप्त की जा सकती है।

नीलाम दिनांक - 13 मई 2025
नीलाम समय - प्रातः 09.00 बजे से

**नीलाम में प्रस्तावित वनोपज की अनुमानित मात्रा**

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली/खुंटा नग में | लट्ठा घ.मी. | बल्ली/खुंटा नग में | लट्ठा घ.मी. | बल्ली/खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 83.491 | 2217 | 125.698 | 2923 | 209.189 | 5140 |
| बीजा | 9.366 | 2 | 0.059 | - | 9.425 | 2 |
| शीशम | 0.052 | 2 | - | - | 0.052 | 2 |
| हल्दू/मुण्डी | 3.809 | 4 | 1.492 | - | 5.301 | 4 |
| साजा | 13.670 | 61 | 2.139 | - | 15.809 | 61 |
| घावड़ा | 8.098 | - | - | - | 8.098 | - |
| नीलगिरी | - | - | 0.361 | - | 0.361 | - |
| पापड़ा | 0.656 | - | - | - | 0.656 | - |
| अन्य | 85.491 | 2459 | 48.012 | - | 133.503 | 2459 |
| योग | **204.633** | **4745** | **177.761** | **2923** | **382.394** | **7668** |

**जलाऊ**

| प्रजाति | काष्ठागार धमतरी नया | केन्द्रीय उपभोक्ता डिपो शयामतराई पुराना बांस | कुरूद डिपो में पुराना बांस विभिन्न साईज के टुकडो में (साईज 5.50 मीटर) |
|---|---|---|---|
| सागौन | 26 | - | - |
| अन्य | 69 | 1923 नग | 1000 नग |
| योग | 95 | 1923 नग | 1000 नग |

टीपः (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लोटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेकंड के पूर्व क्रय करने पर 30 सेकंड का समय प्राप्त होगा।

फोन: 07722-238371, फैक्स: 07722-236137

G-252600629/2 — स्वा./- वनमण्डलाधिकारी, धमतरी वनमंडल, धमतरी



**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/25-26/ E-Tender/06, ତା.28.04.2025ରିଖ

(1) ଟେଣ୍ଡର ସଂ. e-Tender-estatekur-15-25, ତା.23.04.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର ଅଧୀନସ୍ଥ ରେଳଡବା ମରାମତି କାରଖାନା/ମଞ୍ଚେଶ୍ୱର (ୱାର୍କସପ୍) ସେକ୍ସନରେ 30.06.2026 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 173.89 ଲକ୍ଷ, EMD : ₹ 2,37,000/-

(2) ଟେଣ୍ଡର ସଂ. e-Tender-estatekur-11-25, ତା.23.04.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ଚନ୍ଦ୍ରଶେଖରପୁର/ପଶ୍ଚିମ, ଭୁବନେଶ୍ୱର ସେକ୍ସନ ଅଧୀନରେ ରେଳ ବିହାର କଲୋନୀରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକଚରଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 155.00 ଲକ୍ଷ, EMD : ₹ 2,27,500/-

(3) ଟେଣ୍ଡର ସଂ. e-Tender-estatekur-12-25, ତା.23.04.2025ରିଖ

**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର (କାର୍ଯ୍ୟ)/ ଚନ୍ଦ୍ରଶେଖରପୁର/ପୂର୍ବ, ଭୁବନେଶ୍ୱର ସେକ୍ସନ ଅଧୀନରେ ରେଳ କୁଞ୍ଜ, ରେଳ କୁଟୀର, ରେଳ ଆବାସ, ମଞ୍ଚେଶ୍ୱର କଲୋନୀ, ଷ୍ଟାଡିୟମ ଏବଂ ରେଳ ସଦନରେ 30 ଜୁନ-2026 ରେ ଶେଷ ହେଉଥିବା ବର୍ଷ ନିମନ୍ତେ ପ୍ରତ୍ୟେକ ଟ.5 ଲକ୍ଷ କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକଚର ଗୁଡ଼ିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 170.08 ଲକ୍ଷ, EMD : ₹ 2,35,100/-

ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ପାଇଁ)।

ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : ତା.14.05.2025 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-87/O/25-26





## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ସବୁଠୁ ପଜିଟିଭ୍ ଭାଇବ୍ରେଶନ୍ ହସ



ବିଶ୍ୱର ସବୁଠୁ ପଜିଟିଭ୍ ଭାଇବ୍ରେଶନ୍ ହେଉଛି ହସ। ପ୍ରତିଦିନ ହସିଲେ ପ୍ରାୟ ୯୯.୯% ରୋଗ ଭଲ ହୋଇପାରେ। ହସରେ ଏମିତି ଶକ୍ତି ରହିଛି ଯାହା ତା'ର ସକାରାତ୍ମକ ପ୍ରଭାବ ଦ୍ୱାରା ଅନ୍ୟକୁ ବି ଆକର୍ଷିତ କରିପାରେ। ମୋ ମତରେ ସମସ୍ତେ ପ୍ରତିଦିନ ଅତି କମ୍‌ରେ ୨ ରୁ ୫ମିନିଟ୍ ହସିବା ଦରକାର। ୨୨ଦିନ ପର୍ଯ୍ୟନ୍ତ ଏପରି କଲେ ଦେଖିବେ ୨୩ ଦିନକୁ ତାହା ଅଭ୍ୟାସରେ ପରିଣତ ହୋଇଯିବ।

**-ଅଭିଷେକ ମହାନ୍ତି,** ଯୋଗଗୁରୁ, ଭୁବନେଶ୍ୱର

## ଅନ୍ତରର ଖୁସି ଅଧିକ ଗୁରୁତ୍ୱପୂର୍ଣ୍ଣ



ହସିଲେ ମନ ଖୁସି ହୁଏ। କାରଣ ହସର ସିଧାସଳଖ ପ୍ରଭାବ ରହିଛି ମନ ଓ ଆବେଗ ଉପରେ। ମନ ଖୁସିରେ ହସିଲେ ତା'ର ପ୍ରଭାବ ଅଧିକ ରହିବ। ଖୁସିରେ ହସିବା ପାଇଁ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଦିଗକୁ ଗୁରୁତ୍ୱ ଦେବାକୁ ପଡ଼ିବ। ପ୍ରକୃତପକ୍ଷେ ଅନ୍ତରର ଖୁସି ଅଧିକ ଗୁରୁତ୍ୱପୂର୍ଣ୍ଣ।

**- କଳ୍ପନା ସାହୁ,** ଆସୋସିଏଟ୍ ପ୍ରଫେସର, ଏକ୍ସଆଇଏମ ୟୁନିଭର୍ସିଟି

## ଛୋଟ ପିଲାଙ୍କ ସହ ହସିବାକୁ ଭଲପାଏ



ହସ ହେଉଛି ଦିବ୍ୟ ପ୍ରବାହ। ଖୁସି ପାଇବା ପାଇଁ ସର୍ବଦା ହସିବାକୁ ଚେଷ୍ଟା କରେ। ଆଉ ସବୁବେଳେ ଛୋଟ ପିଲାଙ୍କ ସହ ହସିବାକୁ ଭଲ ପାଏ। ବ୍ୟସ୍ତ ବହୁଳ ଜୀବନରୁ ଟିକିଏ ସମୟ ବାହାର କରି ଏଭଳି କରିବା ଦ୍ୱାରା ମନ ପ୍ରଫୁଲ୍ଲ ରୁହେ।

**-ସୁଧୀର ରଞ୍ଜନ ପଟ୍ଟନାୟକ,** ମ୍ୟାନେଜର (ଏଚ୍.ଆର),ସ୍ୱଞ୍ଜ ଆଇରନ୍ ପ୍ଲାଣ୍ଟ ,ରାଉରକେଲା

## ସ୍ୱାସ୍ଥ୍ୟ, ଶାନ୍ତି, ଖୁସି ପାଇଁ ହସ

୧୯୯୮ ମେ' ୧୦ରେ ମୁମ୍ବାଇଠାରେ ଡା. ମଦନ କାଟାରିଆଙ୍କ ତତ୍ତ୍ୱାବଧାନରେ ପ୍ରଥମେ ବିଶ୍ୱ ହସ ଦିବସ ପାଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ମେ' ପ୍ରଥମ ରବିବାରକୁ ଏହି ଦିବସ ଭାବେ ପାଳନ କରାଯାଇଆସୁଛି। ଚଳିତବର୍ଷ ଏହି ଦିବସ ଲାଗି ଥିମ୍ ରହିଛି 'ସ୍ୱାସ୍ଥ୍ୟ, ଶାନ୍ତି ଏବଂ ଖୁସି ପାଇଁ ହସ'।

## ଚରିତ୍ର ସହ ହଜି ଯିବାକୁ ହୁଏ



**ଯେଉଁ** ଚରିତ୍ରରେ ଆମେ ଅଭିନୟ କରୁ ତାହାକୁ ସଫଳ କରିବାକୁ ଭୂମିକା ସହ ଶତ ପ୍ରତିଶତ ହଜି ଯିବାକୁ ପଡେ। ଏଥିପାଇଁ ତିନୋଟି ବିଷୟ- ଇମାଜିନେଶନ, ଇମିଟେସନ ଏବଂ ଇମ୍ପ୍ରେସନକୁ ଗୁରୁତ୍ୱ ଦେବାକୁ ପଡେ। ମନେକରନ୍ତୁ ମୁଁ ଯଦୁମଣି ମହାପାତ୍ର ଭୂମିକାରେ ଅଭିନୟ କରିବି। ତେଣୁ ସେହି ଭୂମିକା ସହ ସମ୍ପୂର୍ଣ୍ଣ ଭାବରେ ହଜିଯିବାକୁ ପଡିବ।ଏହାଦ୍ୱାରା ଭୂମିକାଟିକୁ ଭଲ ଭାବରେ ଫୁଟାଇ ହୁଏ।

**-ହରିହର ମହାପାତ୍ର,** ହାସ୍ୟାଭିନେତା

# ହସ ମହୌଷଧି



ପ୍ରଖ୍ୟାତ ହାସ୍ୟାଭିନେତା ଚାର୍ଲି ଚାପଲିନ୍ କହିଥିଲେ, 'ଯେଉଁଦିନ ମୁଁ ହସି ନ ଥାଏ, ସେ ଦିନ ମୋର ବେକାର ଗଲା ପରି ମନେକରେ।' ବାସ୍ତବରେ 'ହସ' ଏପରି ଏକ ଅମୂଲ୍ୟ କାର୍ଯ୍ୟ ଯାହା ପ୍ରତ୍ୟେକ ମଣିଷ ପାଇଁ ଅଶେଷ ହିତକାରୀ। ଏଥିସହ ଏହା ଅନେକ ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ବିକାରରୁ ମୁକ୍ତି ଦେଇଥାଏ। ମଣିଷ ବିଷାଦଗ୍ରସ୍ତ ହେଲେ ତା'ର ଉପକାରୀ ହରମୋନ୍ ଓ ରାସାୟନିକ ତତ୍ତ୍ୱ କ୍ଷରଣରେ ବାଧା ସୃଷ୍ଟି ହୋଇଥାଏ। ମନ ଓ ମାନସିକ ଅବସ୍ଥାକୁ ସନ୍ତୁଳନ କରୁଥିବା ରାସାୟନିକ ପଦାର୍ଥ ଯଥା- ଗାବା, ସିରୋଟୋନିନ୍, ଆଡ୍ରେନାଲିନ୍ ଓ ଡୋପାମିନ୍‌ଗୁଡ଼ିକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଆମର ଦୁଃଖ, ବ୍ୟାକୁଳତା, ଆନନ୍ଦ ଓ ହସ ସହିତ ଜଡ଼ିତ ଥାଆନ୍ତି। ଡୋପାମିନ କମ୍ ହେଲେ ବିଷାଦ ଆସିଥାଏ ଓ ଆଡ୍‌ରେନାଲିନ୍ ଅଧିକ ହେଲେ ଉନ୍ମାଦନା ଓ ଚଞ୍ଚଳତା ଆସିଥାଏ। ମଣିଷ ଚାପଗ୍ରସ୍ତ, ବିଷାଦଗ୍ରସ୍ତ ଓ ଆତୁର ନ ରହିଲେ ତା'ର ଆଭ୍ୟନ୍ତରୀଣ ଶରୀରର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲିଥାଏ, ନଚେତ୍ ସବୁ କାର୍ଯ୍ୟ ଶିଥିଳ ହୋଇଯାଏ। ଅଧିକାଂଶ ରୋଗ ମନ ସହିତ ଜଡ଼ିତ ଓ ଖାଲି ଶାରୀରିକ ରୋଗର ଚିକିତ୍ସା କଲେ ସେସବୁ ଭଲ ହୋଇ ନ ଥାଏ। ବରଂ ଉଭୟ ଶାରୀରିକ ଓ ମାନସିକ ବ୍ୟତିକ୍ରମର ଚିକିତ୍ସା କଲେ ରୋଗୀଟି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥାଏ। ହସ ଓ କାନ୍ଦ ଦୁଇଟି ମଧ୍ୟରୁ ହସ ପାଇଁ ଅଧିକ ମାଂସପେଶୀ କାର୍ଯ୍ୟ କରିଥାଆନ୍ତି। କାନ୍ଦ ଯଦିଓ ମଣିଷର ଅନ୍ତରରୁ ଅନେକ ଦୁଃଖ ଓ କଷ୍ଟ ଧୋଇଦେଇଥାଏ। ହସ ମଣିଷକୁ ପ୍ରଫୁଲ୍ଲତା ପ୍ରଦାନ କରିଥାଏ। ଗୋଟିଏ ହସ କୋଟିଏଙ୍କ ମନରେ ପୁଲକ ଭରି ଦେଇଥାଏ, ମାତ୍ର ଏହା ଆକ୍ଷେପପୂର୍ଣ୍ଣ, ଅପମାନିତ କରିବା ଭଳି ହେବା ଉଚିତ ନୁହେଁ।



**-ଡା. ରାମଚନ୍ଦ୍ର ରାଉତ,** ପୂର୍ବତନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ:୮୨୪୯୦୮୭୯୯୮

**୧୫ ମିନିଟ୍‌ର ହସ ୪୦ କ୍ୟାଲୋରି ପର୍ଯ୍ୟନ୍ତ ଦହନ କରିଥାଏ ଏବଂ ଏହା ଶାରୀରିକ ଓଜନ କମାଇବା ତଥା ସୁସ୍ଥ ରହିବାରେ ସହାୟକ ହୋଇଥାଏ।**

## ମନେ ପଡ଼ନ୍ତି

### ପ୍ରଥମ ବାର୍ଷିକ ଶ୍ରାଦ୍ଧଦିବସ



**ସ୍ୱର୍ଗତ ଦିଲ୍ଲିପ କୁମାର ପାହାନ (ନିଲୁ)**
ଶ୍ରୀକୃଷ୍ଣଶରଣପୁର ଶାସନ (ଲୋଙ୍ଘର), ଖଲିକୋଟ, ଗଞ୍ଜାମ
ଆବିର୍ଭାବ: ୦୪।୦୭।୧୯୯୧
ତିରୋଧାନ: ୧୫।୦୫।୨୦୨୪
ଭାଇ, ଦୁର୍ବୃତ୍ତମାନେ ଆମ ପାଖରୁ ତତେ ଛଡ଼ାଇ ନେଲେ ତଥାପି ପରିବାର ଲୋକ, ସାଙ୍ଗସାଥୀ, ଗ୍ରାମବାସୀଙ୍କ ପ୍ରତି ତୋର ରହିଥିବା ସ୍ନେହ, ଶ୍ରଦ୍ଧା ଓ ଅବଦାନକୁ ସମସ୍ତେ ଝୁରୁଛନ୍ତି। ତୋର ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସକଳେଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ- ଭାଇ: ଜିତୁ, ସ୍ତ୍ରୀ: ସାବିତ୍ରୀ, ପୁଅ: ଦିବ୍ୟାଂଶୁ, ଭଉଣୀ: ପିଙ୍କି, ଛବି, ଭଣଜା, ଝିଆରୀ: ଓମ୍, ସାଇ, ଲକି ଓ ଅନ୍ୟମାନେ
ଧ-୩୮୮

### ଦଶାହ ଉପଲକ୍ଷେ



**୰କୃଷ୍ଣଚନ୍ଦ୍ର ମିଶ୍ର**
ନିଜସ୍ୱ ବାସଭବନ, ଧାନକୋଠି ସାହି, ପୁରୀ
ଆବିର୍ଭାବ: ୦୨।୦୩।୧୯୩୮
ତିରୋଧାନ: ୨୫।୦୪।୨୦୨୫
ଆପଣଙ୍କ ଅମର ଆତ୍ମା ଶାନ୍ତି ସଦ୍‌ଗତି ଲାଭ କରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ।
ଧ-୩୮୪

# Classified Everyday
**0674-2580101, 9692975378**



MATRIMONIAL

### BRIDE WANTED

୩୪ବର୍ଷ ସୁନ୍ଦର ବିନମ୍ର (MBA ଦିଲ୍ଲୀ) ଲ ଲ ବି କ୍ୱାଲିଫାଏଡ ପୁରୀରେ ଆଇନଜୀବୀ ବ୍ରାହ୍ମୀନ ପୁଅ ପାଇଁ ଘରୋଇ ଶିକ୍ଷିତ ବ୍ରାହ୍ମୀନ ପାତ୍ରୀ ଦରକାର। ଯୋଗାଯୋଗ- 7978626462. D-377

### GROOM WANTED

Retd Govt. ଏକାକୀ ରହୁଥିବା ଶିକ୍ଷୟିତ୍ରୀ ବ୍ରାହ୍ମଣ ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଘରଜ୍ୱାଇଁ ପ୍ରାଥମିକତା। 8327715036. D-379

47 ବର୍ଷ, Govt. High School Teacher, ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-378



REAL ESTATE

**SALE**

National and International Project @ 3lakhs to 30lakhs Contact- 8917622925. D-367

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.** D-76261

**2BHK flat for sale at Naharakanta Chhaka, NH Facing. Contact- 7978209277, 7008789347.** D-260

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452.** D-74649



CONSTRUCTION

Construct your home with branded materials, all complete furnishing, price start 1280/- per sqft. 9827152441. D-76818

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Ground Floor Single Room attached Toilet for Office at VSS Nagar. 7873657633. D-374

3BHK flat Ashok Nagar, Rajmahal Sqr. 9437778642. D-382

Plot for warehouse 10,000- 15,000sqft. on rent at Khurda NH-16 (near Collector Office Chhak). Call: 7008649641, 8018822307, 7978560206 for location and details. D-303

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Relax, Refresh your body, mind at Saikrupa SPA with best therapies. 7848011468.** D-363

Full body massage by odia therapist in homely atmosphere. 9556498382. D-75384

### AFFIDAVIT

By virtue of an affidavit sworn before the Notary Public, Dharmasala, dated 03.05.2025, I, Sabita Das, Address: At-Phajilpur, P.O.-Mirzapur, P.S.-Dharmasala, Dist.-Jajpur, Odisha-755008 declare that I have changed my son's name from Chadrasakhara Das to Chandra Sekhar Das. Henceforth, he shall be known as Chandra Sekhar Das for all purposes. D-375

By virtue of an affidavit No.-783, dated 02.05.2025 sworn before the Executive Magistrate, Dharmasala, I, Sandhyarani Dash, W/o- Sanjay Dash, At-Dankari, P.O.- Mahisara, P.S.- Jenapur, Dist.-Jajpur declare that my minor son's old name Prailaya Dash changed to new name Pralay Dash. Henceforth, he shall be known as Pralay Dash for all purposes. D-376

I, Gulibindala Ranjit Kumar, S/o- Gulibindala Chiranjeebulu, resident of Radhu, Radu, Derigam, Rayagada, Odisha, PIN-Code-765024 declared by the affidavit No.- 21, dated-26.04.2025 that now onwa rds I shall be known as Gulibindal Ranjit Kumar for all future purposes. D-383

## LEGAL NOTICE

I.R. No.- 625
Date- 23.04.2025

ନୋଟିସ୍

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ ୨ନ୍ଥର, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର- ୧୮୪/୨୦୨୩ ଓଡ଼ିଶା ସର୍ଭେ ଓ ସେଟଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ

ସି.ପି.ସି. ଅର୍ଡର-୫, ରୁଲ୍- ୨୦ ମୁତାବକ

ସୁଶ୍ରୀ ସଂଗୀତା ପ୍ରଧାନ, ବୟସ ୪୫ ବର୍ଷ, ସ୍ୱାମୀ- ପଦ୍ମନାଭ ପ୍ରଧାନ, ଠିକଣା- ସା- ପ୍ଲଟ୍ ନଂ. ଏନ୍- ୫ନ୍ଥର, ଇ/୨୫୮, ଆଇ.ଆର୍.ସି. ଭିଲେଜ, ଥାନା- ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫, ଜିଲ୍ଲା- ଖୋର୍ଦ୍ଧା,

....ବାଦୀ

ବନାମ

୧. ଇଲା ଦାସ, ସ୍ୱାମୀ- ସତ୍ୟ ମାଧବ ଦାସ, ସା- ପ୍ଲଟ୍ ନଂ. ୬୦୮ ନ୍ଥର, ଭଗବାନ ଟାୱାର, କଟକ ରୋଡ, ଲକ୍ଷ୍ମୀସାଗର, ଥାନା- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୩. ଅମ୍ରିତା ରଏ, ସ୍ୱାମୀ- ତଡିତ କୁମାର ରୟ, ସା- ମୟାପୁରୀ, ଆପାର୍ଟମେଣ୍ଟ, ରାମକୃଷ୍ଣ ମଠ ପଛପାଖ, ନାଗେଶ୍ୱର ଟାଙ୍ଗୀ, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୪. ଲଳିତା ମହାନ୍ତି, ସ୍ୱାମୀ- ମେଜର ଏଲ୍.କେ. ମହାନ୍ତି, ସା- ରଶ୍ମି ଆପାର୍ଟମେଣ୍ଟ, ନାଗେଶ୍ୱର ଟାଙ୍ଗି, ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୫. ଦେବୀ ଦାସ, ସ୍ୱାମୀ- ୰ନୀଳମାଧବ ଦାସ, ସା- ପ୍ଲଟ୍ ନଂ୬୦୮ନ୍ଥର, ଭଗବାନ ଟାୱାର, କଟକ ରୋଡ଼, ଲକ୍ଷ୍ମୀସାଗର, ପୋଷ୍ଟ- ଲକ୍ଷ୍ମୀସାଗର, ଭୁବନେଶ୍ୱର- ୭୫୧୦୦୬, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୬. କଳା ଦାସ, ସ୍ୱାମୀ- ୰ଉଦୟମାଧବ ଦାସ, ସା- ନାଗେଶ୍ୱର ଟାଙ୍ଗୀ, ପୋଷ୍ଟ- ଓଲ୍ଡ ଟାଉନ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୭. ପ୍ରିୟମ୍ବଦା ଦାସ, ସ୍ୱାମୀ- ବୈଷ୍ଣବ ଚରଣ ଦାସ, ସା- ଓଲ୍ଡ ଟାଉନ, ଥାନା- ଲିଙ୍ଗରାଜ, ଭୁବନେଶ୍ୱର- ୭୫୧୦୦୨, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ୮. ଶିବାନୀ ଇଷ୍ଟେଟ ଆଣ୍ଡ ପ୍ରମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ତରଫ ମ୍ୟାନେଜିଂ ଡାଇରେକ୍ଟର, ରତିକାନ୍ତ କାନୁନ୍‌ଗୋ, ସା- ପ୍ଲଟ ନଂ ୨୫୧ନ୍ଥର, ସହିଦ ନଗର, ଭୁବନେଶ୍ୱର- ୭୫୧୦୦୭, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,

....ପ୍ରତିବାଦୀମାନେ

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ବାଦିନୀ ନିମ୍ନୋକ୍ତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ଼ କରିବା ପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକଦ୍ୱାରା ନୋଟିସ୍ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀ ନମ୍ବର୪ଙ୍କୁ ମୃତ୍ୟୁ ଦର୍ଶାଯାଇ ଓ ଅନ୍ୟ ପ୍ରତିବାଦୀମାନଙ୍କର ବିଭିନ୍ନ କାରଣ ଦର୍ଶାଯାଇ ନୋଟିସ୍ ଜାରି ନହୋଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା୦୩।୦୬।୨୦୨୫ରିଖ ଦିବା ୧୧.୩୦ ଘଟିକାକୁ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ ନିମ୍ନରେ ଦିଆଗଲା।

ଜମିର ବିବରଣୀ

ମୌଜା: ନୀଳକଣ୍ଠପୁର, ଥାନା- ଚନ୍ଦକା, ଥାନା ନଂ- ୧୫ନ୍ଥର, ତହସିଲ- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ୯୦ନ୍ଥର, ସାବିକ ପ୍ଲଟ୍ ନଂ ୨୭୭ନ୍ଥର, ଏ୧.୦୨୦ ଡିସିମିଲ ସ୍ୱଧରୁ କ୍ରୟ ବୃତ୍ତି ଏ୦.୦୫୫ ଡିସିମିଲ, ହାଲ ଖାତା ନଂ୧୯୯ନ୍ଥର, ହାଲ ପ୍ଲଟ୍ ନଂ୨୮୨ନ୍ଥର, ରକବା ଏ୦.୩୪୬ ଡିସିମିଲ ସ୍ୱଧରୁ ଏ୦.୦୨୮ ଡିସିମିଲ ଓ ହାଲ ପ୍ଲଟ୍ ନଂ୨୮୩ନ୍ଥର, ଏ୦.୩୭୬ ଡିସିମିଲ ସ୍ୱଧରୁ ଏ୦.୦୨୭ ଡିସିମିଲ, ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ପ୍ରତିବାଦୀ ନମ୍ବର ୧,୩,୫,୬,୭ ଓ ୮ ମାନେ ଓ ପ୍ରତିବାଦୀ ନଂ୪ନ୍ଥରଙ୍କର ୱାରସମାନେ ନିଜେ କିମ୍ବା ନିଜର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନଂ ୨ନ୍ଥରରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
ଧ-୩୮୭

---

ବୌଦ୍ଧ ମୁକାମ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଅଦାଲତ, ବୌଦ୍ଧ
ସି.ଏସ୍.ନଂ: ୬୭/୨୦୨୦

ରଞ୍ଜନ କୁମାର ଦାଶ, ୪୮ବର୍ଷ, ପିତା: ବିଜୟ କୁମାର ଦାଶ, ସାକିନ: ରାଜନପାଲି, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ

....ବାଦୀ

ବନାମ

୧. ପ୍ରଜ୍ଞା ପରିମିତା ଦାଶ, ବ୩୫ର୍ଷ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସାକିନ: ଚାଉଁପୁର, ପୋଷ୍ଟ/ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ- ୭୬୨୨୦୧୩। ୨. ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନ: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

.... ପ୍ରତିବାଦିନୀମାନେ

ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡର-୫, ରୁଲ୍-୨୦ (୧) ମତେ ନୋଟିସ୍

ଏତଦ୍ଦ୍ୱାରା

(୧) ପ୍ରଜ୍ଞା ପରିମିତା ଦାଶ, ବ୩୫ର୍ଷ, ସ୍ୱାମୀ: ପ୍ରଦ୍ୟୁମ୍ନ କୁମାର ପାଢ଼ୀ, ସାକିନ: ଚାଉଁପୁର, ପୋଷ୍ଟ/ଥାନା: ପୁରୁଣା କଟକ, ଜିଲ୍ଲା: ବୌଦ୍ଧ- ୭୬୨୨୦୧୩। (୨) ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନ: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪ ମାନଙ୍କୁ ଜଣାଇ ଦିଆଯାଉଅଛି କି, ଆପଣମାନଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ବାଦୀ ଏକ ବଂଟୁଆରା (ପାର୍ଟିସନ୍) ମୋକଦ୍ଦମା ଦାଖଲ କରିଅଛନ୍ତି। ଆପଣମାନଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣମାନେ ସ୍ୱୟଂ କିମ୍ବା ଆପଣମାନଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା. ୧୫।୦୫।୨୦୨୫ରିଖ ଦିବା ଘ.୧୦.୩୦ ମିନିଟ୍ ସମୟେ ଅଦାଲତରେ ହାଜର ହୋଇ ଆପଣମାନଙ୍କ ପକ୍ଷ ରଖିବେ, ନଚେତ୍ ଆପଣମାନଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା ୧୬।୦୪।୨୦୨୫ରିଖ ମାସ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

ସ୍ୱା./- ସିଭିଲ୍ ଜଜ୍, ସିନିୟର ଡିଭିଜନ ବୌଦ୍ଧ
ଧ-୩୮୬

---

ବୌଦ୍ଧ ମୁକାମ ସିଭିଲ୍ ଜଜ୍ (ସିନିୟର ଡିଭିଜନ୍)ଙ୍କ ଅଦାଲତ, ବୌଦ୍ଧ
ଆଇ.ଏ.ନଂ:୨୫/୨୦୨୦

ରଞ୍ଜନ କୁମାର ଦାଶ, ୪୮ବର୍ଷ, ପିତା: ବିଜୟ କୁମାର ଦାଶ, ସାକିନ: ରାଜନପାଲି, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ

....ବାଦୀ

ବନାମ

୧. ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ- ଜୀବନ କୁମାର ଦାଶ, ସାକିନ: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪

....ପ୍ରତିବାଦିନୀ

ଦେୱାନୀ କାର୍ଯ୍ୟବିଧି ଆଇନ ଅର୍ଡର-୫, ରୁଲ୍-୨୦ (୧) ମତେ ନୋଟିସ୍

ଏତଦ୍ଦ୍ୱାରା ମୋନାଲିସା ଦାଶ, ବ୩୨ର୍ଷ, ସ୍ୱାମୀ: ଜୀବନ କୁମାର ଦାଶ, ସାକିନ: ସାନମାଳିସାହି, ବୌଦ୍ଧ, ପୋଷ୍ଟ/ଥାନା/ଜିଲ୍ଲା: ବୌଦ୍ଧ- ୭୬୨୦୧୪ ମାନଙ୍କୁ ଜଣାଇଦିଆଯାଉଅଛି କି ଆପଣମାନଙ୍କ ବିରୁଦ୍ଧରେ ଉପରୋକ୍ତ ମୋକଦ୍ଦମାର ବାଦୀ ଏକ ବଂଟୁଆରା (ପାର୍ଟିସନ୍) ମୋକଦ୍ଦମା ଦାଖଲ କରିଅଛନ୍ତି। ସେଥିରେ ଉପରୋକ୍ତ ନିଷେଧାଦେଶ ଦରଖାସ୍ତ ଦାଖଲ କରିଅଛନ୍ତି। ଆପଣଙ୍କ ନାମରେ ଯାଉଥିବା ବିଧିବଦ୍ଧ କୋର୍ଟ ନୋଟିସ୍ ବାରମ୍ବାର ଫେରସ୍ତ ଆସୁଥିବାରୁ ଉକ୍ତ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆପଣ ସ୍ୱୟଂ କିମ୍ବା ଆପଣଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ମାଧ୍ୟମରେ ଆଗାମୀ ତା. ୧୫।୦୫।୨୦୨୫ରିଖ ଦିବା ଘ.୧୦.୩୦ ମିନିଟ୍ ସମୟେ ଅଦାଲତରେ ହାଜର ହୋଇ ଆପଣଙ୍କର ପକ୍ଷ ରଖିବେ, ନଚେତ୍ ଆପଣଙ୍କ ଅନୁପସ୍ଥିତିରେ ଉପରୋକ୍ତ ମୋକଦ୍ଦମା ବିଚାରକୁ ନିଆଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଦ୍ୟ ତା. ୧୬।୦୪।୨୦୨୫ରିଖ ମାସ ବର୍ଷ ସହ ଆମ୍ଭର ମୋହର ଲଗାଗଲା।

ସ୍ୱା./- ସିଭିଲ୍ ଜଜ୍, ସିନିୟର ଡିଭିଜନ ବୌଦ୍ଧ
ଧ- ୩୮୫

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସର୍ବଭାରତୀୟ ପରୀକ୍ଷାରେ ବାଙ୍କୀ କଲେଜ ଛାତ୍ରୀଙ୍କ ସଫଳତା

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର) - ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ସ୍ନାତକୋତ୍ତର ବିଭାଗର ୪ଜଣ ଛାତ୍ରୀ ସର୍ବଭାରତୀୟ ସିଏସ୍ଆଇଆର୍ ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ଛାତ୍ରୀ ଅଞ୍ଜନି ସାହୁ, ଦାପ୍ତିମୟୀ ସେଠି ନସରିନ ସୁଲତାନା ଓ ନିଲମ ସାହୁ ସିଏସ୍ଆଇଆର୍ ନେଟ ପିଏଚ୍‌ଡି ପରୀକ୍ଷାରେ ସଫଳତା ଲାଭ କରିଛନ୍ତି। ଏତାଦୃଶ ସଫଳତା ପାଇଁ ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଅଧାପକ ଶ୍ୟାମଲାଲ ଭୋଏ ଓ କୁମୁଦ ରଞ୍ଜନ ମହାରଣା ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ସଂକ୍ଷେପରେ**

## 'ଆଳାପ'ରେ ୫୦ ତରୁଣ କବିଙ୍କ ସ୍ୱରଚିତ କବିତା ପାଠ

**ଭୁବନେଶ୍ୱର,୩।୫(ସୌମ୍ୟରଞ୍ଜନ ରାଉତ):** ବଡ଼ମ୍ବାର କବିତା ମିନାର ସାହିତ୍ୟ ଘର ପକ୍ଷରୁ ଶନିବାର ବୁଦ୍ଧ ମନ୍ଦିରଠାରେ ମାସିକ ସାହିତ୍ୟ ଆସର 'ଆଳାପ' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କବି ତଥା ଟାଇମପାସ ପ୍ରକାଶନୀର ନିର୍ଦ୍ଦେଶକ ସରୋଜ ବଳ ଏବଂ ଗୀତିକାର ବିଜୟ ମଲ୍ଲଙ୍କ ସହ 'ସୃଜନୀ ସଜାଡ଼େ ସମାଜ' ସମ୍ପର୍କରେ କବିତା ମିନାରର ସହ ସମ୍ପାଦକ ଇଂ. ସୌଦାଗର ବେହେରା ଆଲୋଚନା କରିଥିଲେ। ପରେ ଔପନ୍ୟାସିକ ପତିତପାବନ ପାଣିଙ୍କ ଉପନ୍ୟାସ 'ତୁମ ପରେ ତୁମେ'ର ସମୀକ୍ଷା କରିଥିଲେ ଗାଳ୍ପିକ ଜ୍ଞାନରଞ୍ଜନ ନାୟକ। ସମସ୍ତ ଦିଗରୁ ବହିଟି ପାଠକଙ୍କ ମନକୁ ଜିଣି ପାରିବାର ସାମର୍ଥ୍ୟ ରଖେ ବୋଲି ସେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ତରୁଣ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କବିତା ମିନାର ସାହିତ୍ୟ ଘରର ସଭାପତି ବିଶ୍ୱେଶ୍ୱର ମାଝୀ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ମୃତ୍ୟୁଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାଲିଘାଟରୁ ପୋକ୍‌ଲିନ୍ ମେଶିନ୍, ହାଇୱା ଜବତ ଖଣି ବିଭାଗର ଚଢ଼ାଉ

**ବାଙ୍କୀ, ୩।୫(ଶୁଭେନ୍ଦୁ ମହାପାତ୍ର):** ବାଙ୍କୀ ତହସିଲ ଅନ୍ତର୍ଗତ ମହାନଦୀ ଘାଟରୁ ଶୁକ୍ରବାର ବାଲି ଚୋରା ଚାଲାଣ ହେଉଥିବାବେଳେ କଟକ ଖଣି ବିଭାଗ ଏବଂ ବାଙ୍କୀ ପୋଲିସ ଚଢ଼ାଉ କରି ପ୍ରୋକୋଲିନ ମେଶିନ ଜବତ କରି ଥାନାରେ ରଖିଛି। ମହାନଦୀ ମଧ୍ୟ ଭାଗରେ ବାଲି ଭର୍ତ୍ତି ହୋଇଥିବା ହାଇୱାକୁ ମଧ୍ୟ ଜବତ କରିଛି। ଶନିବାର ଅପରାହ୍ନରେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ପହଞ୍ଚି ଘାଟ ବାହାରେ ଗଚ୍ଛିତ ଥିବା ବାଲିକୁ ନିଲାମ କରିବାକୁ ଉଦ୍ୟମ କରିଛନ୍ତି। ଏଥିସହ ଓସ୍ତିଆ ବାଲିଘାଟର ଲିଜଧାରୀଙ୍କ ଲିଜ ସ୍ଥାନକୁ ଚିହ୍ନଟ କରାଯାଇ ମାପଚୁପ କରାଯାଇଛି। ଗୁରୁବାର ରାତିରେ ଏହି ତହସିଲ ଅନ୍ତର୍ଗତ ସୁବର୍ଣ୍ଣପୁର ମୌଜାରୁ ବାଲି ଚୋରା ଚାଲାଣ ବେଳେ ଖଣି ବିଭାଗ ଅଧିକାରୀ, ବାଙ୍କୀ ପୋଲିସ ପହଞ୍ଚି ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଥିଲେ।

# ନବୀକରଣୀୟ ଶକ୍ତି ଆପଣାଇବାକୁ ରାଜ୍ୟପାଳଙ୍କ ଆହ୍ୱାନ



ରାଜଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ):** ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଞ୍ଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଆହ୍ୱାନ ଦେଇଛନ୍ତି। ପରିବେଶ ସୁରକ୍ଷା ଏବଂ ସନ୍ତୁଳିତ ଜୀବନଯାପନ ଦିଗରେ ଏହି ବିକଳ୍ପକୁ ଦୃଢ଼ ପ୍ରୟାସ ଭାବରେ ଗ୍ରହଣ କରିବାକୁ ସେ କହିଛନ୍ତି। ଶନିବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବର୍ତ୍ତନ କରି ଏହାର ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରାଜଭବନରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜଭବନ ପରିସରରେ ୧୫୦ କିଲୋୱାଟ୍ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିବାବେଳେ ଖୁବ୍‌ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଣ୍ଟ ସ୍ଥାପିତ ହେବ। ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ସେହିପରି ସବୁଜ ମିଶନକୁ ଆଗକୁ ବଢ଼ାଇବା ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି। ଏହାବାଦ୍ ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ପ୍ରମୁଖ ଯୋଜନା ଯେପରି କି ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍ତ ବିଜୁଳି ଯୋଜନା, ପ୍ରତି ପରିବାର ପାଇଁ ପ୍ରଥମ ଏବଂ ଦ୍ୱିତୀୟ କିଲୋୱାଟ ପାଇଁ ୩୦ହଜାର ଟଙ୍କା ଲେଖାଏ ଏବଂ ତୃତୀୟ କିଲୋୱାଟ ପାଇଁ ୧୮ହଜାର ଟଙ୍କା ଅତିରିକ୍ତ ସବ୍‌ସିଡ୍ ପ୍ରଦାନ ଆଦି ଉପରେ ଆଲୋକପାତ କରିଥିଲେ। ଧୀରେ ଧୀରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ବ୍ୟବହାର ପରିତ୍ୟାଗ କରି ବିଦ୍ୟୁତ ଚାଳିତ ଯାନବାହନ ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜଭବନର ଅଧିକାରୀ/କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ରାଜଭବନ ପରିସରରେ ସ୍ଥାପନ ହେବ ଅତିରିକ୍ତ ୪୦୦ କିଲୋୱାଟ୍ ପ୍ଲାଣ୍ଟ

# ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ଛାତ୍ରୀମାନେ ଆଗୁଆ

**ଚୌଦ୍ୱାର/ବାଙ୍କୀ,୩।୫(ଆଶୁତୋଷ ଦାସ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର))** ଚଳିତ ମାଟ୍ରିକ୍ ପରୀକ୍ଷା ଫଳ ଶୁକ୍ରବାର ସନ୍ଧ୍ୟାରେ ପ୍ରକାଶ ପାଇଛି। ଏଥିରେ ଟାଙ୍ଗୀ-ଚୌଦ୍ୱାର ବ୍ଲକର ବିଦ୍ୟାଳୟରେ ଛାତ୍ରୀମାନେ ଛାତ୍ରମାନଙ୍କ ତୁଳନାରେ ଆଗୁଆ ଥିବା ଜଣାପଡ଼ିଛି। ଏ-୧ ଗ୍ରେଡ଼ରେ ପାସ କରିଥିବା ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କଖଡ଼ି ହାଇସ୍କୁଲର ଅମିତ୍ କୁମାର ସାହୁ ୫୬୦ ନମ୍ବର ରଖିଥିବାବେଳେ ଓଟିଏମ୍ ହାଇସ୍କୁଲର ଗୁପ୍ସା ଜେନା ମଧ୍ୟ ୫୬୦ ନମ୍ବର ରଖିଛନ୍ତି। ମ୍ୟୁନିସିପାଲ ହାଇସ୍କୁଲର ଦିବ୍ୟ ପ୍ରତୀକ ମହାପାତ୍ର-୫୫୪, ଟାଙ୍ଗୀ ବିଦ୍ୟାପୀଠର ଜିଜ୍ଞାସା ନାୟକ-୫୫୨, କଳିଙ୍ଗ ନୋଡ଼ାଲ ବିଦ୍ୟାପୀଠର ରଶ୍ମୀ ପ୍ରଜ୍ଞୋଜିତା ସାହୁ-୫୪୮, ଟାଙ୍ଗୀ ବାଳିକା ହାଇସ୍କୁଲର ସୁକନ୍ୟା ପ୍ରତିମା ସ୍ୱାଇଁ-୫୫୨, କନ୍ହେଇପୁର ହାଇସ୍କୁଲର ସାଇସ୍ମିତା ସାହୁ-୫୪୦ ଏବଂ ଓଟିଏମ୍ ହାଇସ୍କୁଲର ଅଭିପ୍ସା ପ୍ରିୟଦର୍ଶିନୀ ନାଥ ୫୫୭ ନମ୍ବର ରଖି ଏ-୧ ଗ୍ରେଡ଼ରେ ପାସ୍ କରିଛନ୍ତି। ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଓମ୍ ପ୍ରକାଶ କର-୫୬୯ ଏବଂ ସୋନାକ୍ଷୀ ଜେନା-୫୬୪ ନମ୍ବର ରଖିଛନ୍ତି । ଗୋଡ଼ିପାଟଣା ସାରଦା ନଗର ଶିଶୁ ବିଦ୍ୟା ମନ୍ଦିରର ଅର୍ପିତା ଭୂୟାଁ-୫୬୦, ଓମ୍ ପ୍ରକାଶ ମହାପାତ୍ର-୫୬୦ ଏବଂ ପ୍ରତ୍ୟୁଶ କୁମାର ମଲ୍ଲ-୫୫୬ ନମ୍ବର ରଖିଛନ୍ତି। ଦୌଲାତାବାଦ ନିଗମାନନ୍ଦ ବିଦ୍ୟାପୀଠର ଚିରଞ୍ଜୀବି ଦାସ-୫୬୦, ଶଳଗାଁ ସାଧୁ ସୁନ୍ଦର ବିଦ୍ୟାପୀଠର ହିମାଂଶୁ ଜଟ-୫୫୮ ନମ୍ବର ରଖିଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ରେ ୩୯ଟି ସରକାରୀ ଉଚ୍ଚ ବିଦ୍ୟାଳୟର ମୋଟ ୨୪୩୦ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ଏ-୧ରେ ୧୦, ଏ-୨ରେ ୭୨, ବି-୧ରେ ୨୦୧, ବି-୨ରେ ୪୭, ସିରେ ୬୮୫, ଡିରେ ୬୬୦ ଏବଂ ଇ ଗ୍ରେଡ଼ରେ ୨୮୩ଜଣ ପାସ୍ କରିଛନ୍ତି। ମାଟ୍ରିକ ପରୀକ୍ଷାରେ ବାଙ୍କୀ ଉପଖଣ୍ଡରେ ୧୫ଟି ବିଦ୍ୟାଳୟକୁ ଶତପ୍ରତିଶତ ସଫଳତା ମିଳିଛି। ବାଙ୍କୀ ବ୍ଲକ ଅଧୀନରେ ଥିବା ୨୩ଟି ଉଚ୍ଚବିଦ୍ୟାଳୟ ମଧ୍ୟରୁ ୬ଟି ଶତପ୍ରତିଶତ ସଫଳା ପାଇଛି। ସରଣ୍ଡା ବିଦ୍ୟାପୀଠ ସୁବର୍ଣ୍ଣପୁରର ଛାତ୍ରୀ ଅଭିଲିପ୍ସା ମହାପାତ୍ର ୬୦୦ ମାର୍କରୁ ୫୬୦ ନମ୍ବର ରଖିଥିବାବେଳେ ସରସ୍ୱତୀ ଶିଶି ବିଦ୍ୟାମନ୍ଦିର କଳାପଥର ଛାତ୍ରୀ ସୁଶ୍ରୀ ଷଡ଼ଙ୍ଗୀ ୫୬୫ ନମ୍ବର ରଖି ବ୍ଲକରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଡମପଡ଼ା ବ୍ଲକର ୨୧ ବିଦ୍ୟାଳୟ ମଧ୍ୟରୁ ୯ ବିଦ୍ୟାଳୟରେ ଶତପ୍ରତିଶତ ଛାତ୍ରୀଛାତ୍ର ମାଟ୍ରିକ ପାସ୍ କରିଛନ୍ତି। ବାଙ୍କୀ ସରକାରୀ ଉଚ୍ଚବିଦ୍ୟାଳୟର ସୁପ୍ରିୟା ସାହୁ ୫୬୧ନମ୍ବର ଓ ତୁଳସୀପୁର ଉଚ୍ଚବିଦ୍ୟାଳୟର ଛାତ୍ର ଆଶୁତୋଷ ତ୍ରିପାଠୀ ୫୬୧ ଏବଂ କୁଶପଙ୍ଗି ଉଚ୍ଚବିଦ୍ୟାଳୟର ଦିବ୍ୟଜିତ୍ ପରିଡା ୫୪୭ନମ୍ବର ରଖିଛନ୍ତି।

### ମାଟ୍ରିକ୍ ପରୀକ୍ଷା ଫଳାଫଳ



ଅଭିଲିପ୍ସା ମହାପାତ୍ର



ସୁଶ୍ରୀ ଷଡ଼ଙ୍ଗୀ

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଲୋକ ବେହେରା



@ ଆଲୋକ ମହାନ୍ତି



@ ଦୀପ୍ତିମୟୀ



@ ପବିତ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେଢ଼ ମାସ ହେବ ଅସ୍ତ୍ରୋପଚାର ଅପେକ୍ଷାରେ ପ୍ରମୋଦ

### ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଅବ୍ୟବସ୍ଥା

**କଟକ,୩।୫(ଶିଳ୍ପା ପ୍ରିୟଦର୍ଶିନୀ):** ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନରେ ଝାଡ଼ଖଣ୍ଡ ଅଞ୍ଚଳର ପ୍ରମୋଦ ଟପ୍ପୋ ଆଜକୁ ଦେଢ଼ ମାସ ହେବ ଅସ୍ତ୍ରୋପଚାର ଅପେକ୍ଷାରେ ମେଡିକାଲର ଟିଣ ଶେଡ୍ ତଳେ ପଡ଼ି ଛଟପଟ ହେଉଛନ୍ତି। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଏଭଳି ଅବ୍ୟବସ୍ଥାର ଆଉ ଏକ ଘଟଣା ଏବେ ସାମ୍ନାକୁ ଆସିଛି।

ସୂଚନାଅନୁଯାୟୀ, ଝାଡ଼ଖଣ୍ଡସ୍ଥିତ ଗୋଇଲାକେରା ଗ୍ରାମର ପ୍ରମୋଦ ଟପ୍ପୋ (୪୪)ଙ୍କ ୫ବର୍ଷ ପୂର୍ବେ ଡାହାଣ ଗୋଡ଼ ପାଦରେ ପଥର ବାଜି ଖଣ୍ଡିଆ ହୋଇଥିଲା। ୩ ମାସ ହେବ ଗୋଡ଼ରୁ ରକ୍ତ ଓ ପୂଜ ବାହାରି ଯନ୍ତ୍ରଣା ହେବାରୁ ସେ ପ୍ରଥମେ ରାଉରକେଲାର ଏକ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ଚିକିତ୍ସାର କିଛିଦିନ ପରେ ପ୍ରମୋଦଙ୍କୁ ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଗୋଡ଼ କଟାଯିବ ବୋଲି କହିଥିଲେ ଏବଂ ଯନ୍ତ୍ରାଂଶ ନ ଥିବା କହି ଏସ୍‌ସିବିକୁ ସ୍ଥାନାନ୍ତର କରିଥିଲେ। ଗତ ମାର୍ଚ୍ଚ ୨୦ରେ ଏସ୍‌ସିବିରେ ପ୍ରମୋଦ ପହଞ୍ଚିଥିଲେ ଏବଂ ତାଙ୍କୁ ପ୍ରଥମେ ସର୍ଜରୀ ଓ ପରେ ଅର୍ଥପେଡିକ ବିଭାଗରେ ପ୍ରାଥମିକ ଚିକିତ୍ସା କରାଯାଇଥିଲ। ମାର୍ଚ୍ଚ ୨୧ରେ ପ୍ରମୋଦଙ୍କୁ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। କର୍କଟ କେନ୍ଦ୍ରରେ ପ୍ରମୋଦ ଡାକ୍ତର ଦେଖାଇଥିଲେ। ଗୋଡରୁ ମାଂସ ପରୀକ୍ଷା କରାଯାଇଥିଲା ଏବଂ ଏପ୍ରିଲ ୨ରେ ସମସ୍ତ ରିପୋର୍ଟ ଆସିଥିଲା। ପ୍ରମୋଦ ସମସ୍ତ ରିପୋର୍ଟ ଦେଖାଇବା ପରେ ଗୋଡ଼ କଟାଯିବ ବୋଲି ଡାକ୍ତର କହିଥିଲେ। ହେଲେ ଏବେ ଯାଏଁ ତାଙ୍କର ଚିକିତ୍ସା ଆରମ୍ଭ ହୋଇ ପାରିନାହିଁ ଏବଂ ୨ ସପ୍ତାହ ହେବ ବେଡ୍ ଖାଲି ନ ଥିବା କହି ପ୍ରମୋଦଙ୍କୁ ମେଡିକାଲରୁ ଫେରାଇ ଦେଉଛନ୍ତି କର୍ମଚାରୀ। ଏ ନେଇ ପ୍ରମୋଦ କହିଛନ୍ତି, ୨ ମାସରୁ ଅଧିକ ହେବ ଚିକିତ୍ସାକୁ ଅପେକ୍ଷା କରି ରହିଛି। ଏପରି କି ମେଡିକାଲରେ ସମସ୍ତ ଚିକିତ୍ସା ନିଃଶୁଳ୍କରେ ଦିଆଯିବା ପାଇଁ କୁହାଯାଉଛି ହେଲେ ଡ୍ରେସିଂ ପାଇଁ ପ୍ରତ୍ୟେକ ଥର ୫୦ରୁ ୧୦୦ ଟଙ୍କା କର୍ମଚାରୀ ମାଗୁଛନ୍ତି। ଅପେକ୍ଷା ଯନ୍ତ୍ରଣା ବହୁ କଷ୍ଟ ଦେଉଛି, ଚିକିତ୍ସାକୁ ଅପେକ୍ଷା କରି ମୋର ଏଠାରେ ମୃତ୍ୟୁ ହେବା ସୁନିଶ୍ଚିତ ବୋଲି ସେ କହିଛନ୍ତି। ଫଳରେ ଚିକିତ୍ସା ଆଶା ରଖିଥିବା ପ୍ରମୋଦ ଓ ତାଙ୍କ ସ୍ତ୍ରୀ ସରିତା ଟପ୍ପୋ ଏବେ ନିରାଶ ହୋଇଛନ୍ତି । ଅନ୍ୟପଟେ ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ନିହାରିକା ପଣ୍ଡା କହିଛନ୍ତି, ରୋଗୀଙ୍କ ବିଷୟରେ ଗଣମାଧ୍ୟମରୁ ଅବଗତ ହୋଇଛି। ରୋଗୀଙ୍କ ଚିକିତ୍ସା କାହିଁକି ଅଟକିଛି ସେ ସମ୍ପର୍କରେ ବୁଝିବା ସହ ତୁରନ୍ତ ଚିକିତ୍ସା ପ୍ରଦାନ କରାଯିବ। ସେହିପରି ଡ୍ରେସିଂ ବାବଦରେ କର୍ମଚାରୀ ଟଙ୍କା ମାଗିବା ସମ୍ପର୍କରେ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ। କୌଣସି କର୍ମଚାରୀ ଟଙ୍କା ମାଗିଲେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିବା ଏବଂ ଲୋକଙ୍କୁ ସଚେତନ କରାଇବା ନିମନ୍ତେ ମେଡିକାଲର ସମସ୍ତ ସ୍ଥାନରେ ବୋର୍ଡ ଲଗାଯାଇଛି। ଯଦିଓ ଏଭଳି କୌଣସି ଘଟଣା ହୋଇଛି ତେବେ ସେ ଦିଗରେ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି ।

# ମଣ୍ଡଳ ବୟନଶିଳ୍ପରେ ଅନିୟମିତତା ଅଭିଯୋଗ

- ବୟନ ଜ୍ୟୋତି ଯୋଜନାରେ କେବଳ ୨୦ ଜଣଙ୍କୁ ମିଳିଛି ଇନ୍‌ଭର୍ଟର
- ବୁଣାକାରଙ୍କ ଘର ଯୋଜନାରେ ଅର୍ଥ ଲୁଟ୍ ଅଭିଯୋଗ
- ତନ୍ତ ଏବଂ ସରଞ୍ଜାମ ଯୋଗାଣରେ ଦୁର୍ନୀତି ଆଶଙ୍କା
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଯୁଗ୍ମ ନିର୍ଦ୍ଦେଶକ

**ଆଠଗଡ଼, ୩।୫(ସତ୍ୟ ପ୍ରସାଦ ରଥ)** ଆଠଗଡ଼ ବୟନଶିଳ୍ପ ମଣ୍ଡଳ ଅଧୀନରେ ଆଠଗଡ଼, ଟିଗିରିଆ,ବଡ଼ମ୍ବା, ନରସିଂହପୁର ଏବଂ ବାଙ୍କୀ ଉପଖଣ୍ଡ ଅନ୍ତର୍ଗତ ବାଙ୍କୀ ଏବଂ ଡମପଡା ବ୍ଲକର ୫୧ ସମବାୟ ସମିତି ରହିଛି। ଏହି ମଣ୍ଡଳ ଅଧୀନରେ ୧୬୫୦୦ ବୁଣାକାର ପଞ୍ଜୀକୃତ ହୋଇଛନ୍ତି। ବୁଣାକାରମାନଙ୍କ ପାଇଁ ବିଭିନ୍ନ ଯୋଜନାରେ ଅର୍ଥ ଆସୁଥିଲେ ମଧ୍ୟ ଏସବୁଥିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଆଠଗଡ଼ ବୟନ ଶିଳ୍ପ କାର୍ଯ୍ୟାଳୟରେ ଏନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳତ ମିଳୁନାହିଁ ବୋଲି ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକଙ୍କ ନିକଟରେ ହିତାଧିକାରୀମାନେ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଇନ୍‌ଭର୍ଟର ଯୋଗାଇ ଦେବା ପାଇଁ ପ୍ରାବଧାନ ରହିଛି। କିନ୍ତୁ ଏହି ଯୋଜନାରେ ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି। କେବଳ ୨୦ ଜଣ ବୁଣାକାରଙ୍କୁ ଇନ୍‌ଭର୍ଟର ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। ଏହି ଯୋଜନାରେ ଆବେଦନ ପାଇଁ ସତ୍ୟପାଠ ସହ, ଆୟ ପ୍ରମାଣପତ୍ର, ବୁଣାକାର ପ୍ରମାଣପତ୍ର, ଆଧାର କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ଆବଶ୍ୟକ। ମାତ୍ର ଏହି ଯୋଜନାର ହିତାଧିକାରୀ ଥିବା ଅଧିକାଂଶଙ୍କର ଆଧାର କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଛାଡି ଦେଲେ ବାକି ସବୁ ନକଲି ବୋଲି ଅଭିଯୋଗ ହୋଇଛି। ଏଥିପାଇଁ ମିଳୁଥିବା ୧୭,୫୦୦ ଟଙ୍କା ମଧ୍ୟରୁ ଦଲାଲ ଏବଂ କର୍ମଚାରୀଙ୍କ ଭାଗ ୫୦୦୦ ବୋଲି ଅଭିଯୋଗ ହୋଇଛି। ବାକି ଅର୍ଥ ଚଳୁ କରାଯାଇଥିବା ଚର୍ଚ୍ଚା ହେଉଛି। ଏବାବଦରେ ପ୍ରାୟ ୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର ହୋଇଛି ବୋଲି କେତେଜଣ ବୁଣାକାର ନାମ ଗୋପନ ରଖି କହିଛନ୍ତି। ଏ ସମ୍ପର୍କରେ ସୂଚନା ଅଧିକାରରେ ତଥ୍ୟ ମାଗିଲେ ଅଧିକାରୀ ଏବଂ କର୍ମଚାରୀ ତଥ୍ୟ ଲୁଚାଇବା ସହ ପ୍ରକୃତ ହିତାଧିକାରୀଙ୍କୁ ଭୁଲ ତଥ୍ୟ ଦେଇ ଭ୍ରମିତ କରାଯାଉଥିବା କୁହାଯାଉଛି। ସେହିପରି ତନ୍ତ ଏବଂ ସରଞ୍ଜାମ ଯୋଗାଣରେ ମଧ୍ୟ ଦୁର୍ନୀତି ହୋଇଥିବା ଚର୍ଚ୍ଚା ହେଉଛି। ସରକାରୀ ସ୍ତରରେ ତନ୍ତ କିଣା ନ ଯାଇ ଏଥି ପାଇଁ ଠିକାଦାର ନିଯୁକ୍ତି ହେଉଛନ୍ତି। ଗୋଟିଏ ତନ୍ତ ପାଖରେ ଫଟୋ ଉଠାଇ ଏଥିପାଇଁ ମିଳୁଥିବା ୫୦ ହଜାର ଟଙ୍କାରୁ ହିତାଧିକାରୀଙ୍କୁ କିଛି ଦେଇ ବାକି ସବୁ ଚଳୁ ହେଉଥିବା ଅଭିଯୋଗ ହୋଇଛି। ସେହିପରି ବୁଣାକାରଙ୍କ ଘର ଯୋଜନାରେ ମିଳୁଥିବା ୧ ଲକ୍ଷ ୨୦ ହଜାର ଟଙ୍କାରୁ ମଧ୍ୟ ଦଲାଲଙ୍କୁ ହାତ କରି କର୍ମଚାରୀ ଭାଗ ମାରୁଥିବା କୁହାଯାଇଛି।

ଏ ବାବଦରେ ଆଠଗଡ଼ ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପରେ ବୟନଶିଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ସିଧାସଳଖ ଅଭିଯୋଗ କରାଯାଇଛି। ଶନିବାର ବୟନଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ ଆଠଗଡ଼ ଆସି ହିତାଧିକାରୀଙ୍କ ସହି ଏ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ ଶ୍ରୀକାନ୍ତ ନାଏକଙ୍କ ଉପସ୍ଥିତିରେ ବହୁ ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ଲିଖିତ ଭାବେ ଜଣାଇଥିଲେ। ପ୍ରାଥମିକ ତଦନ୍ତରୁ ଏହି ଘଟଣାରେ ଦୁର୍ନୀତି ହୋଇଥିବା ଜଣାପଡ଼ିଛି। ଉପରୋକ୍ତ ଅଭିଯୋଗ ଉପରେ ଅଧିକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୁଗ୍ମ ନିର୍ଦ୍ଦେଶକ ନନ୍ଦୀ କହିଛନ୍ତି। ଏସବୁ ଅଭିଯୋଗର ନକଲ ଉପଜିଲାପାଳଙ୍କ ପାଖକୁ ପଠାଯାଇଛି।

**ଫଟୋ ରେ ଖବର**



କଟକ ବାଲିଯାତ୍ରା ତଳପଡ଼ିଆରେ ଶନିବାର ଅନୁଷ୍ଠିତ ଜାତୀୟ ଆଦିବାସୀ ମେଳା ଉଦ୍‌ଘାଟନୀ ସନ୍ଧ୍ୟାରେ ଆଦିବାସୀ କଳାକାରଙ୍କ ଦ୍ୱାରା ପରିବେଷିତ ପାରମ୍ପରିକ ଆଦିବାସୀ ନୃତ୍ୟ।




ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଅଡ଼ମ୍ବରୁ ଶନି ମହାମେଳା ଅବସରରେ ଡ୍ରିମ୍‌ସ ୟୁନିଭରସିଟି ଜାତୀୟ ସେବା ସଂସ୍ଥାନ ପକ୍ଷରୁ ଖୋଲା ଯାଇଥିବା ଜଳ ବିତରଣ କେନ୍ଦ୍ର।

## ସଂକ୍ଷେପରେ

### ଦୋକାନରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ବାଲୁଗାଁ,୩।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ବଜାରସ୍ଥିତ ଏକ ଗହଣା ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଚୋରି କରି ନେଇଥିବା ଶନିବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୧୨୯/ ୨୫) ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ବାଲୁଗାଁ ବଜାରରେ ସ୍ଥାନୀୟ ନିମିକ୍ଷେତା ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ମହାବୀର ଜୁଏଲର୍ସ ଦୋକାନ ରହିଛି। ଦୈନନ୍ଦିନ ପରି ସେ ଶୁକ୍ରବାର ରାତି ୯ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୋକାନ ଆଜବେଷ୍ଟସ ଭଙ୍ଗା ଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଏବଂ ୩ ହଜାର ଟଙ୍କା ଚୋରି ହୋଇଥିବା ନେଇ ଶନିବାର ସକାଳେ ଲକ୍ଷ୍ମୀଧର ଦେଖିବାକୁ ପାଇଥିଲେ। ଏନେଇ ଅଭିଯୋଗ ପରେ ଆଇଆଇସି ଜୟ ପ୍ରକାଶ ପରିଡା ସଦଳେବେଳେ ପହଞ୍ଚି ତଦନ୍ତ କରିଥିଲେ। ଅପରାହ୍ନରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ ଲୁଟେରାଙ୍କ ସନ୍ଧାନ ମିଳିପାରିନାହିଁ।

### ଏ-୧ରେ ୨ ଛାତ୍ରୀଛାତ୍ର

ନିରାକାରପୁର,୩।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତ ବର୍ଷ ନିରାକାରପୁର ପଞ୍ଚାୟତର ଆର୍ଯ୍ୟବିହାରଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୬୭ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଥିଲେ। ଏ୧ରେ ଦୁଇ ଜଣ, ଏ୨ ରେ ୬ଜଣ, ବି୧ ରେ ୨୦ଜଣ, ବି୨ ରେ ୨୭ ଜଣ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଏ୧ରେ ଦେବାଶ୍ରୀତା ମିଶ୍ର ଓ ସମୀକ୍ଷା ମିଶ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ପ୍ରଧାନ ଶିକ୍ଷକ ନଳିନୀ ରଥ ଏବଂ ସମସ୍ତ ଗୁରୁମା ଗୁରୁଜୀ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମହାବିଦ୍ୟାଳୟ କର୍ମଚାରୀ ପ୍ରଦୀପଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲୁଗାଁ,୩।୫(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟରେ ଦୀର୍ଘ ୪୨ବର୍ଷ ଧରି ସେବା ପ୍ରଦାନ କରିଥିବା କର୍ମଚାରୀ ପ୍ରଦୀପ କୁମାର ସୁବୁଦ୍ଧିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଶନିବାର ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରୋହରେ ପ୍ରଦୀପଙ୍କୁ ପ୍ରଶଂସା କରିବା ସହ ଅଭୁଲା ସ୍ମୃତି ଉପସ୍ଥାପନ କରିଥିଲେ। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ପ୍ରଶାସନିକ ଅଧିକାରୀ ଡ.କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ଶିକ୍ଷକ ସଂଘ ସଭାପତି ଡ. ମୋନାଲିସା ମାନସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷକ ସଂଘ ଏବଂ ଅଣ ଶିକ୍ଷକସଂଘ ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

### ଚାଟ୍ ବ୍ୟବସାୟୀଙ୍କ ମୃତ୍ୟୁ

ଯାଁଳା,୩।୫(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ କାଇମାଟିଆ ରାସ୍ତାରେ ଜଣେ ବ୍ୟକ୍ତିଙ୍କ ଶନିବାର ମୃତ୍ୟୁ ଘଟିଛି । ମୃତକ ହେଲେ ଓଡ଼ଗାଁ ଥାନା ଅଧୀନ ସାକିରୀ ଗ୍ରାମର ନାରାୟଣ ପାତ୍ର। ସେ ତମାଣ୍ଡୋ କାଶୀପୁର ଅଞ୍ଚଳରେ ରହୁଥିଲେ। ସୂଚନା ମୁତାବକ, ନାରାୟଣ ଉକ୍ତ ଅଞ୍ଚଳରେ ରହି ଚାଟ୍ ବ୍ୟବସାୟ କରନ୍ତି। ସେ ବ୍ୟବସାୟ ପାଇଁ ଯାଉଥିବା ବେଳେ ଗାଡ଼ିଟି ଓଲଟି ପଡ଼ିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ତଦନ୍ତ ଚଳାଇଛି।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଗୁନିଆ,୩।୫(ସନ୍ଧ୍ୟାରାଣୀ ମିଶ୍ର): ସାରୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବୀନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ଅତିଥି, ସରପଞ୍ଚ ରଞ୍ଜିତା ମହାଭୋଇ ମୁଖ୍ୟ ବକ୍ତା, ଦାଶରଥି ପ୍ରଧାନ, ଉମାକାନ୍ତ ନାୟକ, ନବଘନ ସାହୁ, ପ୍ରତିଭା ରାଣୀ ମହାପାତ୍ର, ପ୍ରଫୁଲ୍ଲ ଦାଶ, ଦାଶରଥି ବେହେରା, ବସନ୍ତ ପ୍ରହରାଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବୃନ୍ଦାବନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଥିଲା। ଶିକ୍ଷୟିତ୍ରୀ ସୁରେଖା ହୋତା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ରବୀନ୍ଦ୍ର ନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ଓସ୍ୱାସ୍ ମାଧ୍ୟମରେ ସରକାରୀ ନଥିପତ୍ର କାର୍ଯ୍ୟ ହେବ

- ପ୍ରସ୍ତୁତି ବୈଠକରେ ଯୋଗଦେଲେ ଅଧିକାରୀ
- ୫ରୁ ପ୍ରଶିକ୍ଷଣ, ୧୫ରେ ହେବ ଉଦ୍‌ଘାଟନ

ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟ ସରକାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ପେପର ଲେସ ୱାର୍କ ଉପରେ ଗୁରୁତ୍ୱ ଦେଉଛନ୍ତି। କମ୍ ସମୟ ମଧ୍ୟରେ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାର ସମସ୍ତ ଅତ୍ୟାବଶ୍ୟକ ସେବା ପ୍ରଦାନକାରୀ ସରକାରୀ କାର୍ଯ୍ୟାଳୟରେ ଓସ୍ୱାସ୍ କାର୍ଯ୍ୟକାରିତା ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲା ଶ୍ରମ କାର୍ଯ୍ୟାଳୟ ଏବଂ ଅତ୍ୟାବଶ୍ୟକ ସେବା ବିଭାଗରେ ଓସ୍ୱାସ ମାଧ୍ୟମରେ ନଥିକାର୍ଯ୍ୟ ସମ୍ପାଦିତ କରାଯିବ।

ଏହି ବୈଠକରେ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର(ଓକାକ୍) ଭୁବନେଶ୍ୱରର ଉପଦେଷ୍ଟା ସତ୍ୟ ରଞ୍ଜନ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ସାହୁ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲାକୁ ଓସ୍ୱାସ୍ ସଂଯୋଗୀକରଣ ନିମନ୍ତେ ପାଇଲଟ ପ୍ରୋଜେକ୍ଟରେ ଅନ୍ତର୍ଭୁକ୍ତ କରାଯାଇ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ସାହୁ କହିଛନ୍ତି। ସରକାରୀ କାର୍ଯ୍ୟାଳୟ ଗୁଡିକର ଓସ୍ୱାସ ଭିତ୍ତିଭୂମି ଯଥା କମ୍ପ୍ୟୁଟର, ପ୍ରିଣ୍ଟର, ଅପରେଟର, ଇଣ୍ଟରନେଟ ଆଦି ଉପଲବ୍ଧ ସେବା ଉପରେ ଆଲୋଚନା କରାଯାଇଥିଲା। ଆସନ୍ତା ୧୫ ତାରିଖ ସୁଦ୍ଧା ଉଦ୍‌ଘାଟନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ନଥିପତ୍ର କାର୍ଯ୍ୟ ସଠିକ, ସ୍ୱଚ୍ଛତା ଏବଂ ନିର୍ଭୁଲ ଭାବେ ସ୍ୱଳ୍ପ ସମୟରେ କାର୍ଯକାରୀ କରିବା ଏହି ପାଇଲଟ ପ୍ରୋଜେକ୍ଟର ମୂଳ ଲକ୍ଷ୍ୟ। ଆସନ୍ତା ୫ ତାରିଖରୁ ଏଥିନିମନ୍ତେ ପ୍ରଶିକ୍ଷଣ ଆରମ୍ଭ କରାଯିବାକୁ ଖସଡ଼ା ପ୍ରସ୍ତୁତ ହୋଇଛି। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ସମସ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କୁ ନିଷ୍ଠା ଓ ଆନ୍ତରିକତା ସହ ପ୍ରଶିକ୍ଷଣ ନେଇ ଧାର୍ଯ୍ୟ ତାରିଖରେ ନିଜ କାର୍ଯ୍ୟାଳୟରେ ଓସ୍ୱାନ ମାଧ୍ୟମରେ ନଥି କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର (ପ୍ରତିଷ୍ଠାନ) ଦେବବ୍ରତ କର, ରମେଶ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲା ବେସାମରିକ ଯୋଗାଣ ଅଧିକାରୀ ଶୁଗୁଡ଼ା ମୁର୍ମୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ ଏବଂ ଓକାକ ଟିମ୍ ଯୋଗଦେଇଥିଲେ।

## କପିଳେଶ୍ୱର ଦେବଙ୍କ ଚନ୍ଦନଯାତ୍ରା



ଚନ୍ଦନ ଯାତ୍ରା ଅବସରରେ ଠାକୁରଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଉଛି।

ନିରାକାରପୁର,୩।୫(ମାନସ ଚନ୍ଦ୍ର ପଟ୍ଟନାୟକ)

ପବିତ୍ର ଅକ୍ଷୟ ତୃତୀୟାଠାରୁ ବିଭିନ୍ନ ଦେବାଳୟରେ ଆରମ୍ଭ ହୋଇଛି ପାରମ୍ପରିକ ଚନ୍ଦନ ଯାତ୍ରା। ଅନୁରୂପଭାବେ ସ୍ଥାନୀୟ ଅଞ୍ଚଳର ଇଷ୍ଟଦେବ ଶ୍ରୀକପିଳେଶ୍ୱର ଦେବଙ୍କ ପୀଠରେ ମଧ୍ୟ ଏହି ଯାତ୍ରା ଆରମ୍ଭ ହୋଇଯାଇଛି। ଏହି ଅବସରରେ କପିଳେଶ୍ୱର ଦେବ ଏବଂ ମାତା ପାର୍ବତୀଙ୍କୁ ପ୍ରତ୍ୟୁଷରୁ ଅଗୁର, କର୍ପୁର, ଚୁଆ, ଚନ୍ଦନ ମିଶ୍ରିତ ସୁଶୀତଳ ଜଳରେ ସ୍ନାନ କରାଯାଇ ନୂତନ ବସ୍ତ୍ର ପିନ୍ଧାଯାଇଥିଲା। ସକାଳ ଧୂପ ଓ ଆଳତି ପରେ ବିଭିନ୍ନ ପ୍ରକାର ଫଳ ସମର୍ପଣ ପୂର୍ବକ ଠାକୁରଙ୍କୁ ମନ୍ଦିର ପରିକ୍ରମା କରାଯାଇ ଚନ୍ଦନ ଗୃହକୁ ପ୍ରବେଶ କରାଯାଇଥିଲା। ତୁରୀ, ମର୍ଦ୍ଦଳ, ଘଣ୍ଟନାଦ ସହ ହରିବୋଲ ହୁଳହୁଳି ଓ ସଂକୀର୍ତ୍ତନରେ ମନ୍ଦିର ବେଢ଼ାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଚନ୍ଦନ ଯାତ୍ରା ୨୧ଦିନ ଧରି ଚାଲୁ ରହିବ ବୋଲି ମୁଖ୍ୟ ପୂଜକ ଧ୍ରୁବ କିଶୋର ମହାପାତ୍ର କହିଛନ୍ତି। ଶନିବାର ଏହି କାର୍ଯ୍ୟକ୍ରମରେ ମାଳି ସେବାୟତ, କାହାଳିଆ ସେବାୟତଙ୍କ ସମେତ ପରିଚାଳନା କମିଟି ସଭାପତି କିଶୋର କୁମାର ଦାଶ, ପୂର୍ବତନ ସଭାପତି ଡ.ସଞ୍ଜୟ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଠାକୁରଙ୍କ ଏହି ଉତ୍ସବ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।



ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତାଳଡ଼ିହ ଗ୍ରାମସ୍ଥିତ ରଘୁନାଥ ଦେବଙ୍କ ପୀଠରେ ଶୁକ୍ରବାର ଅନୁଷ୍ଠିତ ରାମଲୀଳା ନାଟକ 'ସୀତା ହରଣ'ର ଏକ ଦୃଶ୍ୟ। (ଫଟୋ-ରଘୁନାଥ ସାହୁ)

## ମାନସିଂହ ସାହିତ୍ୟ ସଂସଦର ଆଧାତ୍ମିକ କବିତା ଆସର

କୃଷ୍ଣପ୍ରସାଦ,୩।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ମାନସିଂହ ସାହିତ୍ୟ ସଂସଦର ଆଧାତ୍ମିକ କବିତା ଆସର ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଗୋପୀନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କବିତା ଆସର ସଭାପତି ବିଷ୍ଣୁପ୍ରସାଦ ଦଳେଇ, ସମ୍ପାଦକ ଲଳିତ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ହୋଇଥିଲା। ଓଡ଼ିଶାର ବିଭିନ୍ନ ଜିଲାରୁ ବହୁ କବି ଯୋଗଦେଇ କବିତା ପାଠ କରିଥିଲେ। ଚିନ୍ମୟୀ ପଣ୍ଡା, ଡା.ରାଜେନ୍ଦ୍ର କୁମାର ବେହେରା, ଶିକ୍ଷକ ବିଦ୍ୟାଧର ପ୍ରଧାନ, ଶିକ୍ଷକ ଦେବରାଜ ଜେନା, କବି ବିଜୟ କୁମାର ମିଶ୍ର, ଶିକ୍ଷକ ସୁରେନ୍ଦ୍ର ପ୍ରଧାନ, ଶିକ୍ଷକ କେଦାରନାଥ ଦାସ, କବି ବଂଶୀଧର ସେଠୀଙ୍କ ସମେତ ବହୁ କବି ଯୋଗଦେଇଥିଲେ। ଗୋପୀନାଥ ଦେବଙ୍କ ପ୍ରତିଷ୍ଠା ଉତ୍ସବକୁ ଆସିଥିବା ସାହିତ୍ୟ ପ୍ରେମୀମାନେ ଶ୍ରବଣ କରିଥିଲେ।

## 'ନନ୍ଦିଘୋଷ'ର ୪୭ତମ ବାର୍ଷିକୋତ୍ସବ

ବୋଲଗଡ଼,୩।୫(ଦେବବ୍ରତ ହୋତା)

ବୋଲଗଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନନ୍ଦିଘୋଷ'ର ୪୭ତମ ବାର୍ଷିକ ଉତ୍ସବ ପାଳନ ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏବଂ ନନ୍ଦିଘୋଷ ପ୍ରତିଷ୍ଠାତା ଡ.ବୈଦନାଥ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ହରିବନ୍ଧୁ ସାହୁଙ୍କ ପୌରୋହିତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଐତିହାସିକ ରବୀନ୍ଦ୍ର ପରିଡ଼ା ଯୋଗଦେଇଥିଲେ। ସଦସ୍ୟ ହୃଷିକେଶ ନାୟକ ଅତିଥିଙ୍କୁ ମଞ୍ଚ ନିମନ୍ତ୍ରଣ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ପରେ ଅନୁଷ୍ଠାନ ଉପସଭାପତି ସାହୁ ସ୍ୱାଗତ ଭାଷଣ ଓ ବରିଷ୍ଠ ସଦସ୍ୟ ଲଲାଟେନ୍ଦୁ କେଶରୀ ସିଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସାଧରଣ ସମ୍ପାଦକ ଧୀରେସ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିବା ପରେ ସ୍ୱର୍ଗତ ପଟ୍ଟନାୟକ ଏବଂ ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ପରେ ସାଂସ୍କୃତିକ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ସଂଯୋଜନାରେ ସ୍ଥାନୀୟ ତଥା ସଂସ୍କୃତି ବିଭାଗ ପ୍ରଦତ୍ତ କଳାକାରଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ନନ୍ଦିଘୋଷର କୋଷାଧ୍ୟକ୍ଷ ସନାତନ ପାଟଶାଣୀ ଧନ୍ୟବାଦ ଦେଇଥିଲେ।

# ନବୀକରଣୀୟ ଶକ୍ତିକୁ ଆପଣାଇବା ପାଇଁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର, ୩।୫(ବନ୍ଦନା ସେଠୀ)

**ରାଜଭବନ ପରିସରରେ ସ୍ଥାପନ ହେବ ଅତିରିକ୍ତ ୪୦୦ କିଲୋୱାଟ୍ ପ୍ଲାଣ୍ଟ**

ପ୍ରଦୂଷଣ ହ୍ରାସ କରିବା, ପୃଥିବୀକୁ ସୁରକ୍ଷିତ ରଖିବା ଏବଂ ଅଶୋଧିତ ତୈଳ ଆମଦାନୀ ହ୍ରାସ କରି ବୈଦେଶିକ ମୁଦ୍ରା ସଞ୍ଚୟ କରିବା ପାଇଁ ସବୁଜ ଶକ୍ତିକୁ ଆପଣେଇବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଆହ୍ୱାନ ଦେଇଛନ୍ତି। ପରିବେଶ ସୁରକ୍ଷା ଏବଂ ସନ୍ତୁଳିତ ଜୀବନଯାପନ ଦିଗରେ ଏହି ବିକଳ୍ପକୁ ଦୃଢ଼ ପ୍ରୟାସ ଭାବରେ ଗ୍ରହଣ କରିବାକୁ ସେ କହିଛନ୍ତି। ଶନିବାର ରାଜଭବନର ନ୍ୟୁ ଅଭିଷେକ ହଲ୍‌ଠାରେ ରାଜ୍ୟପାଳ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପାରମ୍ପରିକ ଶକ୍ତି ଉତ୍ସରୁ ନବୀକରଣୀୟ ବିକଳ୍ପକୁ ପରିବର୍ତ୍ତନ କରି ଏହାର ବ୍ୟବହାର ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ଏଥିସହ ରାଜଭବନରେ ଶକ୍ତି ଭିତ୍ତିଭୂମିରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନକାରୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ।

ରାଜଭବନ ପରିସରରେ ୧୫୦ କିଲୋୱାଟ୍ ସୌରଶକ୍ତି ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଥିବାବେଳେ ଖୁବ୍‌ଶୀଘ୍ର ଅତିରିକ୍ତ ୪୦୦ କିଲୋୱାଟ ପ୍ଲାଣ୍ଟ ସ୍ଥାପିତ ହେବ। ଏହା ରାଜ୍ୟପାଳଙ୍କ ବାସଭବନକୁ ଏକ ନେଟ୍-ଜିରୋ ଶକ୍ତି କ୍ୟାମ୍ପସ୍ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ସେହିପରି ସବୁଜ ମିଶନକୁ ଆଗକୁ ବଢ଼ାଇବା



ରାଜଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଏନ୍‌ବିଏସ୍ ରାଜପୁତ ଉପସ୍ଥିତ ଅଛନ୍ତି।

ଉଦ୍ଦେଶ୍ୟରେ ଭାରତରେ ନିର୍ମିତ ଦୁଇ ଚକିଆ ଯାନ ଏବଂ ଅଫିସିଆଲ କାର୍ ପ୍ରଚଳନ କରାଯାଇଛି। ଏହାବାଦ୍ ରାଜ୍ୟପାଳ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ପ୍ରମୁଖ ଯୋଜନା ଯେପରି କି ପ୍ରଧାନମନ୍ତ୍ରୀ କୁସୁମ ଯୋଜନା, ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନା, ପ୍ରତି ପରିବାର ପାଇଁ ପ୍ରଥମ ଏବଂ ଦ୍ୱିତୀୟ କିଲୋୱାଟ ପାଇଁ ୩୦ହଜାର ଟଙ୍କା ଲେଖାଏ ଏବଂ ତୃତୀୟ କିଲୋୱାଟ ପାଇଁ ୧୮ହଜାର ଟଙ୍କା ଅତିରିକ୍ତ ସବ୍‌ସିଡ୍ ପ୍ରଦାନ ଆଦି ଉପରେ ଆଲୋକପାତ କରିଥିଲେ। ଧୀରେ ଧୀରେ ପେଟ୍ରୋଲ ଏବଂ ଡିଜେଲ ଚାଳିତ ଯାନବାହନ ବ୍ୟବହାର ପରିତ୍ୟାଗ କରି ବିଦ୍ୟୁତ ଚାଳିତ ଯାନବାହନ ବ୍ୟବହାର କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଉପସ୍ଥିତ ରହି ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ରାଜଭବନର ସକାରାତ୍ମକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏଥିସହ ରାଜ୍ୟ ସରକାରଙ୍କ ତରଫରୁ ନବୀକରଣୀୟ ଶକ୍ତିର ଉପଯୋଗ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ, ରାଜଭବନର ଅଧିକାରୀ/ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ଏ-୧ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ, ୩।୫(ରଘୁନାଥ ସାହୁ)

ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ଟାଙ୍ଗୀ ପକ୍ଷରୁ ମାଟ୍ରିକ ପରୀକ୍ଷାରେ ଏ-୧ରେ କୃତକାର୍ଯ୍ୟ ହୋଇଥିବା ଦୁଇଜଣ ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଚାନ୍ଦପୁର ରାମଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବିଷ୍ଣୁପ୍ରିୟା ସାହୁ ମାଟ୍ରିକ ପରୀକ୍ଷାରେ ୫୫୮ ଏବଂ ସେହି ବିଦ୍ୟାଳୟର ଛାତ୍ର ଆୟୁଷ୍ମାନ ସାହୁ ୫୪୭ ନମ୍ବର ରଖି ପାସ କରିଥିବାରୁ ସେମାନଙ୍କୁ ଟାଙ୍ଗୀ ସମ୍ବାଦ ସାହିତ୍ୟଘର ପକ୍ଷରୁ ମିଠା ଖୁଆଇ ପୁଷ୍ପଗୁଚ୍ଛ ପ୍ରଦାନ କରି ସେମାନଙ୍କ ଉତ୍ତରୋତର ଉନ୍ନତି କାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ନାରାୟଣ ମହାପାତ୍ର, ସମ୍ପାଦକ ବିଜୟ କୁମାର ରାଉତ, ସହ ସମ୍ପାଦକ ରବୀନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଉମେଶ ପ୍ରସାଦ ଧଳ, ଉପଦେଷ୍ଟା ସାମ୍ବାଦିକ ରଘୁନାଥ ସାହୁ, ଜନତା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ସାମ୍ବାଦିକ ମନୋଜ ପଟ୍ଟନାୟକ, ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ତାରାପ୍ରସାଦ ପଟ୍ଟନାୟକ, ଶିଶୁ କବି ଶିବପ୍ରସାଦ ସାହୁ, ବିରେନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଲଟିଲା ମାଛ ବୋଝେଇ ଟ୍ରକ୍



ରାସ୍ତା ଉପରେ ମାଛ ପଡ଼ିରହିଛି।

ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଉପକଣ୍ଠ ପିତାପଲୀ ଛକରେ ଶନିବାର ଏକ ମାଛ ବୋଝେଇ ଟ୍ରକ ଓଲଟିପଡ଼ିଥିଲା। ଡ୍ରାଇଭର ଭାରସାମ୍ୟ ହରାଇବାକୁ ଟ୍ରକ୍‌ଟି ଓଲଟି ପଡିଥିବା ଜଣାପଡିଛି। ଫଳରେ ରାଜପଥରେ କିଛି ସମୟ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ମାଛ ସବୁ ରାସ୍ତା ଉପରେ ଚାରିଆଡେ ଖେଳିଯାଇଥିଲା। ଅନ୍ୟ ଏକ ଗାଡ଼ି ଆସିବା ପରେ ଟ୍ରକ ଡ୍ରାଇଭର ରାସ୍ତାରୁ ମାଛ ସବୁ ଏକାଠି କରିଥିଲେ। ପରେ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଟ୍ରକ ଆନ୍ଧ୍ର ପଟୁ ଭୁବନେଶ୍ୱର ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା।

## 'କେତେ କାନ୍ଦିବୁରେ କଳା କହ୍ନେଇ' ମଞ୍ଚସ୍ଥ

କୃଷ୍ଣପ୍ରସାଦ,୩।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବୁଦ୍ଧିବର ପଞ୍ଚାୟତର ମା'ନଟା ଠାକୁରାଣୀଙ୍କ ବାର୍ଷିକୋତ୍ସବ ଅବସରରେ ମା'ନଟା ମଙ୍ଗଳା ନାଟ୍ୟ ସଂସଦ ପଥରଗଞ୍ଜା ଏବଂ ଗୋପକୁଦା ଆନୁକୂଲ୍ୟରେ ନାଟକ 'କେତେ କାନ୍ଦିବୁରେ କଳା କହ୍ନେଇ' ମଞ୍ଚସ୍ଥ ହୋଇଯାଇଛି। ଉତ୍ସବକୁ ବ୍ରହ୍ମଗିରି ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ ଉଦ୍‌ଘାଟନ କରିଥିଲେ। ପଥରଗଞ୍ଜା ଗ୍ରାମ୍ୟ କମିଟି ସଭାପତି ପ୍ରଭାକର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଦୀପକ କୁମାର ଜେନା, ସମ୍ମାନିତ ଅତିଥିଭାବେ ବୁଦ୍ଧିବର ସରପଞ୍ଚ ସଞ୍ଜୁକ୍ତା ବିଶ୍ୱାଳ, ଦୁଇ ସାହି ସଭାପତି ରଙ୍କନାଥ ବିଶ୍ୱାଳ, ଏମ୍‌ପିଙ୍କ ପ୍ରତିନିଧି ହରିହର ଦାଶ, କୃଷ୍ଣପ୍ରସାଦ ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ବିଶ୍ୱାଳ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ମାନସିଂହ, ସୌଭାଗ୍ୟ କୁମାର ବଳିୟାରସିଂହ, ବିଶ୍ୱନାଥ ସେଠୀ, ପ୍ରଦୀପ ଜେନା, ବିଶ୍ୱଜିତ ବିଶ୍ୱାଳ, ନାଲୁ ପ୍ରଧାନ, ସ୍ୱରାଜ ମାନସିଂହ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷାବିତ୍ ନିରଞ୍ଜନ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବା ବେଳେ ଦୁର୍ଗା ଚରଣ ବିଶ୍ୱାଳ ଅତିଥି ପରିଚୟ ଏବଂ ପ୍ରଫୁଲ୍ଲ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ସଞ୍ଜୟ କୁମାର ଦାଶଙ୍କ ନିର୍ଦ୍ଦେଶନାରେ ନାଟକ ମଞ୍ଚସ୍ଥ ହୋଇଥିଲା। ନାଟ୍ୟ ସଂସଦର ସଭାପତି ମଙ୍ଗରାଜ ପଲେଇ, ସମ୍ପାଦକ ପଦ୍ମ ଚରଣ ବିଶ୍ୱାଳ ଉତ୍ସବକୁ ପରିଚାଳନା କରିଥିଲେ।

# ଲାପାରୋସ୍କୋପିରେ ଥାଇରଏଡ୍ ଟ୍ୟୁମର ସର୍ଜରି

ଭୁବନେଶ୍ୱର, ୩।୫ (ବନ୍ଦନା ସେଠୀ)

**କ୍ୟାପିଟାଲ ହସ୍ପିଟାଲର ଆଉ ଏକ ସଫଳତା**

ଏକ୍ସଇଲୋ ବ୍ରେଷ୍ଟ ଆପ୍ରୋଚ୍ (ଏବିଏ) ପଦ୍ଧତିରେ ଥାଇରଏଡ୍ ଟ୍ୟୁମର ସର୍ଜରି କ୍ଷେତ୍ରରେ ଭୁବନେଶ୍ୱର ପିଜିଆଇଏମ୍‌ଇଆର୍ ଆଣ୍ଡ କ୍ୟାପିଟାଲ ହସ୍ପିଟାଲ ଆଉ ଏକ ସଫଳତା ହାସଲ କରିଛି। ଥାଇରଡ୍‌ରେ ହୋଇଥିବା ଟ୍ୟୁମରକୁ ଲାପାରୋସ୍କୋପି ମାଧ୍ୟମରେ ସର୍ଜରି କରାଯାଇ ବାହାର କରାଯାଇଛି। କ୍ୟାପିଟାଲ ହସ୍ପିଟାଲ୍ ସର୍ଜରି ବିଭାଗର ଆସୋସିଏଟ୍ ପ୍ରଫେସର ଡା. ଶ୍ରୀକାନ୍ତ ପାତ୍ର ଓ ତାଙ୍କ ଟିମ୍ ଶନିବାର ଏହି ସର୍ଜରିକୁ ସଫଳତାର ସହ ସମ୍ପନ୍ନ କରିଛନ୍ତି। ୨ଘଣ୍ଟା ୧୫ ମିନିଟ୍ ଧରି ଏହି ଅପରେଶନ୍ କରାଯାଇଥିଲା। ବର୍ତ୍ତମାନ ସମ୍ପୃକ୍ତ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ଥିବାବେଳେ କଥାବାର୍ତ୍ତା କରିପାରୁଛନ୍ତି। ୨ଦିନରେ ସେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବେ। ସେହିପରି ଥାଇରଡ୍ ଟ୍ୟୁମରକୁ ଲାପ୍ରୋସ୍କାପି ମାଧ୍ୟମରେ ସଫଳତାର ସହ ସର୍ଜରି କରିବାରେ ଏହା ଓଡ଼ିଶାର ଦ୍ୱିତୀୟ ଘଟଣା। କ୍ୟାପିଟାଲ ହସ୍ପିଟାଲରେ ଓଡ଼ିଆ ଡାକ୍ତରୀ ଟିମ୍ ଦ୍ୱାରା ପ୍ରଥମ କରି ଏହି ଅତ୍ୟାଧୁନିକ ପଦ୍ଧତିରେ ଥାଇରଡ୍ ଟ୍ୟୁମର ଅପରେଶନ କରାଯାଇଥିବାବେଳେ ୮/୧୦ବର୍ଷ ତଳେ ରାଜ୍ୟ ବାହାରୁ ଆସିଥିବା ଜଣେ ଡାକ୍ତର ଏଭଳି ଅପରେଶନ୍ କରିଥିଲେ ବୋଲି ଡା. ପାତ୍ର ସୂଚନା ଦେଇଛନ୍ତି।



ସେ କହିଛନ୍ତି, ବାଣପୁରର ୨୮ ବର୍ଷିୟା ରଶ୍ମିତା ବିଶ୍ୱାଳଙ୍କ ଥାଇରଡ୍‌ରେ ଏକ ଟ୍ୟୁମର ହୋଇଥିଲା। ଟ୍ୟୁମରକୁ କାଢିବା ପାଇଁ ବେକରେ ସର୍ଜରି ଆବଶ୍ୟକ ଥିଲା। ତେବେ ରଶ୍ମିତା ଏହାକୁ ଲାପାରୋସ୍କୋପି ମାଧ୍ୟମରେ ସର୍ଜରି କରିବାକୁ ଚାହୁଁଥିଲେ। କାରଣ ସାଧାରଣ ସର୍ଜରିରେ ୮-୧୦ ସେଣ୍ଟିମିଟର କାଟିବାକୁ ପଡିଥାଏ, ଯାହାକି ଯନ୍ତ୍ରଣାଦାୟକ ହେବା ସହିତ ବେକ ବୁଲାଇବା ସମ୍ଭବପର ହୋଇ ନ ଥାଏ। ତେଣୁ ଏହି ସମସ୍ୟା ଦୂର କରିବାକୁ ଲାପ୍ରୋସ୍କୋପି ମାଧ୍ୟମରେ ଥାଇରଡ୍ ଟ୍ୟୁମର ଅପରେଶନ କରାଯାଇଥିଲା। ଏଥିରେ ସମ୍ପୃକ୍ତ ରୋଗୀଙ୍କ କାଖ ପାଖରୁ ଅପରେଶନ କରି ବେକରୁ ଥାଇରଡ୍ ଗ୍ଲାଣ୍ଡ୍ ସେହିବାଟେ ବାହାର କରାଯାଇଥିଲା। ଏଥିପାଇଁ ୫ ମିଲିମିଟର ଓ ୧୦ ମିଲି ମିଟରର ହୋଲ୍ କରି ଏହି ଅପରେଶନ୍ କରାଯାଇଥିଲା। ସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ସୁଶୀଲ ପଟ୍ଟନାୟକ, ନିଶ୍ଚେତକ ବିଭାଗ ମୁଖ୍ୟ ପ୍ରଫେସର ନିବେଦିତା ପାଣି ଏବଂ ପ୍ରଫେସର ନିହାର ନଳିନୀ ସେନାପତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଅପରରେଶନ୍‌ରେ ଡା. ପାତ୍ରଙ୍କ ସମେତ ଡା. ପ୍ରିୟମ୍ବଦ ସାହୁ, ଡା. ରାମପଦ ମହାପାତ୍ର ସହଯୋଗ କରିଥିଲେ। ନିଶ୍ଚେତକ ବିଭାଗର ଡା. ଡି.ଭି. ରବି କୁମାର, ଡା. ଶ୍ରୀରାମ ଦାସ ସାମିଲ୍ ଥିଲେ।

# ନଦୀପଠାରୁ ଗଞ୍ଜେଇ ଗଛ କାଟିଲା ଅବକାରୀ ବିଭାଗ

**କଣାସ,୩।୫(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ଗୋପୀନାଥପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମ ନିକଟ ଦୟା ନଦୀପଠାରୁ ଶନିବାର ସନ୍ଧ୍ୟା ସମୟରେ ପୁରୀ ଅବକାରୀ ବିଭାଗର କେତେଜଣ କର୍ମଚାରୀ ୧୫୦୦ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ କାଟି ପୋଡ଼ି ଦେଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗତ ୨୮ ତାରିଖରେ ଗୋପୀନାଥପୁର ସରପଞ୍ଚଙ୍କ ଅନସ୍ଥା ପ୍ରସ୍ତାବ ଭୋଟ ଗ୍ରହଣ ହେଉଥିବାରୁ କେତେକ ଗଣମାଧ୍ୟମ ପ୍ରତିନିଧି ଘଟଣାସ୍ଥଳକୁ ଯାଇଥିଲେ। ନଦୀ ପଠାରେ ଗଞ୍ଜେଇ ଚାଷ ହୋଇଥିବା ଦେଖି ପୁରୀ ଅବକାରୀ ବିଭାଗକୁ ଖବର ଦେଇଥିଲେ। ପୁରୀ ଅବକାରୀ ବିଭାଗ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ତତ୍ତ୍ୱାବଧାନରେ ସାତପଡ଼ା ଓ ପୁରୀ ସଦର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଥିବା ୧୫୦୦ରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ କାଟି ପୋଡ଼ି ଦେଇଥିଲେ ସୁଦ୍ଧା କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅବକାରୀ ବିଭାଗ କର୍ମଚାରୀଙ୍କୁ ପଚାରିବାରେ, ସେମାନେ ଗଛରେ କଳି ହୋଇ ନାହିଁ ତେଣୁ ଏହାକୁ ଭାଙ୍ଗ ଗଛ କୁହାଯିବ। ଏହି ଗଛ କଟା ସମୟରେ ଗଡ଼ିଶାଗୋଦା ପୋଲିସ ସହାୟତା କରିଥିଲା।

# ଅପରାଧମୁକ୍ତ ହେବ ମଠ: ଏସ୍‌ପି

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

- ରଥଯାତ୍ରା ପାଇଁ ପୋଲିସ, ମହନ୍ତଙ୍କ ସମନ୍ୱୟ ବୈଠକ
- ସୁଗମ ହେବ ସାଧୁସନ୍ଥଙ୍କ ଜଗନ୍ନାଥ ମନ୍ଦିର ଗସ୍ତ

ଶ୍ରୀକ୍ଷେତ୍ର ମଠର ସହର ହୋଇଥିବାବେଳେ ସହରର ସମସ୍ତ ମଠଗୁଡ଼ିକ ଅପରାଧମୁକ୍ତ ଓ ସୁରକ୍ଷା ପ୍ରଦାନ କରିବା ପାଇଁ ମଠ ମହନ୍ତ ଓ ପୋଲିସ ପ୍ରଶାସନ ପକ୍ଷରୁ ଏକ ସମନ୍ୱୟ ବୈଠକ ମହିପ୍ରକାଶ ମଠ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ ଯୋଗଦେଇଥିଲେ। ପୂର୍ବରୁ ଏକ ବୈଠକ ହୋଇଥିଲା, ଯାହା ଦ୍ୱାରା ଅନେକ ଆପରାଧିକ କାର୍ଯ୍ୟକଳାପ କମିଛି, ଏହାସହ ମଠ ମହନ୍ତମାନେ ନିଜକୁ ଆଗ ଅପେକ୍ଷା ସୁରକ୍ଷିତ ମନେକରୁଛନ୍ତି। ମହନ୍ତମାନେ ରଥଯାତ୍ରା ସମୟରେ ମଠର ଅନେକ ନୀତି ସହ ଜଡ଼ିତ ଥାଆନ୍ତି, ଯେପରିକି ପନ୍ତି ଭୋଗ ତାହା କିପରି ସୁପରିଚାଳିତ ଭାବେ ମନ୍ଦିରକୁ ଯିବ, ତାହା ମଠ ମହନ୍ତମାନେ ଜଣାଇଥିଲେ।

ପ୍ରତିଦିନ ଦେଶବିଦେଶରୁ ବହୁ ଶ୍ରଦ୍ଧାଳୁ ପୁରୀର ବିଭିନ୍ନ ମଠକୁ ବୁଲିବାକୁ ଆସୁଛନ୍ତି। ଶ୍ରୀମନ୍ଦିର ସହ ଭକ୍ତଙ୍କ ଭାବନା ମଠ ସହ ଜଡ଼ିତ ହୋଇଥିବାରୁ ଏହାର ସୁରକ୍ଷା ନିମନ୍ତେ ପୋଲିସ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ସହ ମଠଗୁଡ଼ିକ ଅପରାଧଶୂନ୍ୟ କରିବାକୁ ଏସ୍‌ପି ଅଗ୍ରୱାଲ ପ୍ରକାଶ କରିଥିଲେ। ମଠର ସୁରକ୍ଷା ପାଇଁ ପୋଲିସ ପ୍ରଶାସନ ସହ ଏଭଳି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିବାରୁ ମହନ୍ତମାନେ ଖୁସିବ୍ୟକ୍ତ କରିଥିଲେ। ଏଥିରେ ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର, ବଡ଼ଆଖଡ଼ା ମଠ ମହନ୍ତ ଶ୍ରୀହରି ନାୟକ ଦାସଜୀ, ରାଧାବଲ୍ଲଭମଠ ମହନ୍ତ ରାମକୃଷ୍ଣ ଦାସଜୀ, ସିଦ୍ଧବକୁଳ ମଠ ମହନ୍ତ ଶ୍ରୀନିବାସ ଦାସଜୀ, ମଣିରାମ ମଠ ମହନ୍ତ ଅଭିରାମ ଦାସଜୀ, ବଳରାମକୋଟ ମଠ ମହନ୍ତ ରଘୁବୀର ଦାସ, ରାମଜୀ ମଠ ମହନ୍ତ ବଂଶୀଧର ଦାସ, ହାତିଆଖଡ଼ା ମଠ ମହନ୍ତ ସୁଖରାମ ଦାସ, ବଡ଼ସନ୍ଥ ମଠ ମହନ୍ତ ଦିବ୍ୟାନନ୍ଦ ଦାସ, ମହିପ୍ରକାଶ ମଠ ମହନ୍ତ ସ୍ୱାମୀ ଶୁଭକାନ୍ତ ଓ ଗୋପାଳଜୀ ମଠ ମହନ୍ତ ଲିପାରାମ ଦାସ ଯୋଗଦେଇ ମଠର ବିଭିନ୍ନ ସମସ୍ୟା ଓ ସେମାନଙ୍କ ସୁରକ୍ଷା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ଅତିରିକ୍ତ ଆରକ୍ଷୀ ସୌମ୍ୟରଞ୍ଜନ ମଲ୍ଲିକ, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଘନଶ୍ୟାମ ହେମ୍ବ୍ରମ, ବିଜୟ ନନ୍ଦ, ବାସେଳୀସାହି ଥାନାଧିକାରୀ ବିକ୍ରମ କିଶୋର ଜେନା, ଟ୍ରାଫିକ ଥାନାଧିକାରୀ ଜୟଦୀପ ମହାନ୍ତି, ଟାଉନ ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ, ସିଂହଦ୍ୱାର ଥାନାଧିକାରୀ ଶ୍ୱେତପଦ୍ମା ଦାଶ, ବାଳିଆ ପଣ୍ଡା ଥାନାଧିକାରୀ ସଂଗୀତା ଦାଶଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ଏସ୍‌ପି ଭିନୀତ୍ ଅଗ୍ରୱାଲଙ୍କ ସମେତ ସମସ୍ତ ମଠର ମହନ୍ତ ।

## ରଥଖଳାରୁ...

# ତୁମ୍ବ ନିର୍ମାଣ କାର୍ଯ୍ୟ ଜାରି



**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥଖଳାରେ ୩ ରଥର ନିର୍ମାଣ କାର୍ଯ୍ୟ ଜାରିରହିଛି। ଶନିବାର ରଥ ନିର୍ମାଣର ତୃତୀୟ ଦିନରେ ୩ ରଥ ପାଇଁ ଆବଶ୍ୟକ ୪୨ଟି ତୁମ୍ବ ମଧ୍ୟରୁ ୪୦ଟି ତୁମ୍ବ ମାପ ପ୍ରକାରେ ଗଡ଼ କରି କରତୀ ସେବକମାନେ ୩ ରଥ ଚାଳିକୁ ଯୋଗାଇ ଦେଇଛନ୍ତି। ଉକ୍ତ ତୁମ୍ବ ଗଡ଼ଗୁଡ଼ିକରୁ ୩ ରଥ ମହାରଣା ସେବକମାନେ ୧୮ଟି ତୁମ୍ବ ଗଡ଼କୁ ବାଗିସିରେ ହାଣି ଗୋଲେଇ କାର୍ଯ୍ୟ ଶେଷ କରିଛନ୍ତି। ୩ ରଥ ମହାରଣା ସେବକମାନେ ୬ଟି ଲେଖାଏ ତୁମ୍ବର ଗୋଲେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ତାଳଧ୍ୱଜ ରଥ ନିର୍ମାଣକାରୀ ସେବକ ୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷକରି ଆଉ ୫ଟି ତୁମ୍ବ ଗୋଲେଇ କାର୍ଯ୍ୟ ଜାରି ରଖିଛନ୍ତି। ବାକି ୩ଟି ତୁମ୍ବରୁ ୨ଟି ଗଡ଼ ତୁମ୍ବରେ ମାପ ଚିହ୍ନ ଗାରିଆ ଶେଷ ହୋଇଛି। ଦେବୀ ରଥର ମୋଟ ୧୨ଟି ତୁମ୍ବରୁ ୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ଅନ୍ୟ ତୁମ୍ବର ଗୋଲେଇ କାର୍ଯ୍ୟ ପାଇଁ ୪ଟି ତୁମ୍ବ ଗଡ଼ରେ ମାପ ଚିହ୍ନ ଗାରିଆ ହୋଇ ଗୋଟିଏ ତୁମ୍ବ ଗୋଲେଇ କାର୍ଯ୍ୟ ଜାରି ରହିଛି। ସେହିପରି ନନ୍ଦିଘୋଷ ରଥ ଚଳିକୁ ଯୋଗାଇ ଦିଆଯାଇଥିବା ୧୬ଟି ତୁମ୍ବ ଗଡ଼ ମଧ୍ୟରୁ ୬ଟି ତୁମ୍ବର ଗୋଲେଇ କାର୍ଯ୍ୟ ଶେଷ ହେବା ସହ ୨ଟି ତୁମ୍ବର ଗୋଲେଇ କାର୍ଯ୍ୟ ଜାରି ରହିଛି। ବାକି ୮ଟି ତୁମ୍ବ ଗଡ଼ରେ ମାପ ଗାଡ଼ିଆ ଶେଷ ହୋଇଛି। ଅପରପକ୍ଷେ ଅସ୍ଥାୟୀ କମାରଶାଳ ଦୋଳବେଦୀ ପରିସରରେ ରଥ ନିର୍ମାଣ ପାଇଁ ଆବଶ୍ୟକ କଣ୍ଟା ପ୍ରସ୍ତୁତ ନିମନ୍ତେ ଅସ୍ଥାୟୀ କମାରଶାଳ ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଛି। ତେବେ ରବିବାର ଶାଳ ପୂଜା ପରେ କଣ୍ଟା ପ୍ରସ୍ତୁତି ଆରମ୍ଭ ହେବ ବୋଲି ଓଝା ସେବକ ସୂଚନା ଦେଇଛନ୍ତି।

# କଣାସ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ମାସକେ ୮ ଦିନ ଖୋଲା

**କଣାସ,୩।୫(ବିଭୂତି ଭୂଷଣ ତ୍ରିପାଠୀ)**

**ସବୁଦିନ ଖୋଲିବାକୁ ଦାବି**

କଣାସଠାରେ ଥିବା ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ସପ୍ତାହକୁ ୨ ଦିନ ମଙ୍ଗଳବାର ଓ ଶୁକ୍ରବାର ଖୋଲା ରହୁଥିବାବେଳେ ବାକି ଦିନ କାର୍ଯ୍ୟାଳୟ ବନ୍ଦ ରହୁଛି। ଫଳରେ କର୍ମଚାରୀ ୨ ଦିନ କଣାସରେ କାମ କରୁଥିବାବେଳେ ୪ ଦିନ ଅନ୍ୟ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ହେଲେ କାର୍ଯ୍ୟାଳୟ ବନ୍ଦ ରହୁଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେଦିନ ହେଲା କଣାସ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ଜଣେ ମୁଖ୍ୟ କିରାଣି, ଜଣେ ଜୁନିୟର କିରାଣି, ଜଣେ ଡାଟାଏଣ୍ଟ୍ରି ଅପରେଟର, ଜଣେ ପିଅନ ନିଯୁକ୍ତି ପାଇଛନ୍ତି। କଣାସ ଅତିରିକ୍ତ ତହସିଲଦାର ସବ୍‌ରେଜିଷ୍ଟ୍ରାର ଭାବେ କାର୍ଯ୍ୟ କରୁଛନ୍ତି। ଖବର ନେବାରେ ଜଣାପଡ଼ିଛି, କଣାସ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟରେ ବର୍ଷକୁ ୧୨୦୦ରୁ ଉର୍ଦ୍ଧ୍ୱ ଜମି କିଣାବିକା ଦଲିଲ ହେଉଥିବାବେଳେ ନକଲ ଦଲିଲ, ଇସି ବା ତଲାସ ଫର୍ମ କାର୍ଯ୍ୟ ହେଉଛି। ଅନ୍ୟ ବ୍ଲକରେ କାର୍ଯ୍ୟାଳୟ ମାସକ ଯାକ ଖୋଲା ରହୁଥିବାବେଳେ କଣାସରେ ମାତ୍ର ମାସକରେ ୮ ଦିନ ଖୋଲା ରହୁଛି। ଯଦି ମଙ୍ଗଳବାର ଓ ଶୁକ୍ରବାର ସରକାରୀ ଛୁଟି ପଡ଼ିଲା, ତାହାହେଲେ କାର୍ଯ୍ୟାଳୟ ବନ୍ଦ ରହୁଛି। ଫଳରେ ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ସବୁଦିନ ସବ୍‌ରେଜିଷ୍ଟ୍ରି କାର୍ଯ୍ୟାଳୟ ଖୋଲିବାକୁ ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ, ସାମାଜିକ କର୍ମୀ ଶ୍ରୀକାନ୍ତ ପାଟଯୋଷୀ ଦାବି କରିଛନ୍ତି।

# ତାଲୁକ ଲିଗାଲ କମିଟି ପକ୍ଷରୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ

**ଚାରିଛକ,୩।୫(ଶିଶିର କୁମାର ସ୍ୱାଇଁ)**

ନିମାପଡ଼ାର ତାଲୁକ ଲିଗାଲ କମିଟି ପକ୍ଷରୁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତର ସରପଞ୍ଚ ମଞ୍ଜୁଶ୍ରୀ ଭୋଇ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଜଜ୍ ସୌମ୍ୟକ ପାତ୍ର, ସମ୍ମାନିତ ଅତିଥି ନିମାପଡ଼ା ସିଭିଲ ଜଜ୍ ସିନିୟର ଡିଭିଜନ ସଂଘମିତ୍ରା ବିଶ୍ୱାଳ, ନିମାପଡ଼ା ସିଭିଲ ଜଜ୍ ଜୁନିୟର ଡିଭିଜନର ସୌମ୍ୟା ରାଓ, ଟିମାଣ୍ଡ ଆଇନଜୀବୀ ତାଲୁକ ଲିଗାଲ କମିଟି ନିମାପଡ଼ାର ମିହିର ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ତର୍ଜାତୀୟ ଶ୍ରମିକ ଦିବସ କାର୍ଯ୍ୟକ୍ରମକୁ ୱେଲଫେୟାର ଅର୍ଗାନାଇଜେଶନ ନିମାପଡ଼ାର ସମସ୍ତ ସଭ୍ୟ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଅରକ୍ଷିତ ଭୋଇ ଧନ୍ୟବାଦ ଦେଇଥିଲେ।



ନରେନ୍ଦ୍ର ପୁଷ୍କରିଣୀ ଚନ୍ଦନ ଚାପରେ ପଞ୍ଚପାଣ୍ଡବ ଚାପ ଖେଳୁଛନ୍ତି ।

# ପାନୀୟ ଜଳ ସମସ୍ୟା: ଗ୍ରୀଷ୍ମ ପ୍ରବାହରେ ଅତିଷ୍ଠ ଶ୍ରଦ୍ଧାଳୁ

**କୋଣାର୍କ,୩।୫(ଜ୍ୟୋତିରାଜ ମହାନ୍ତି)**

**ନବଗ୍ରହ ପୀଠରେ ବୈଶାଖ ମାସ ଶନିବାର ପୂଜାର୍ଚ୍ଚନା**

କୋଣାର୍କସ୍ଥିତ ନବଗ୍ରହ ପୀଠରେ ଗ୍ରହପୂଜା, ହୋମଯଜ୍ଞ ଓ ପରିବାରର ରିଷ୍ଟ ଖଣ୍ଡନ ନିମନ୍ତେ ବୈଶାଖ ମାସ ତୃତୀୟ ପାଳି ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଥିଲା। ପୀଠରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଠାକୁରଙ୍କ ଧାଡ଼ି ଦର୍ଶନ ନିମନ୍ତେ କୋଣାର୍କ ପୋଲିସ ପକ୍ଷରୁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇ ନ ଥିଲା। ଏଥିରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବାବେଳେ ଶ୍ରଦ୍ଧାଳୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିସହ ପୀଠରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ପାନୀୟ ଜଳ ବ୍ୟବସ୍ଥା ନ ଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ପାନୀୟ ଜଳ ନ ପାଇ ଶ୍ରଦ୍ଧାଳୁ ଜଳକ୍ଲିଷ୍ଟ ଯନ୍ତ୍ରଣାରେ ଛଟପଟ ହୋଇଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ନବଗ୍ରହ ପୀଠରେ ଶ୍ରଦ୍ଧାଳୁଙ୍କ ନିମନ୍ତେ ୱାଟ୍‌କୋ ପକ୍ଷରୁ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବାକୁ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ବରିଷ୍ଠ ନାଗରିକ, ପର୍ଯ୍ୟଟକପ୍ରେମୀ, ସଂସ୍କୃତିପ୍ରେମୀ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।



ଗ୍ରୀଷ୍ମ ପ୍ରବାହରେ ଅତିଷ୍ଠ ଶ୍ରଦ୍ଧାଳୁ ।

# ରଥଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣକୁ ଟିପିସିଓଡିଏଲ୍‌ର ଗୁରୁତ୍ୱ

**ଭୁବନେଶ୍ୱର,୩।୫(ଅଭୟ ଦାଶ)**

ଟିପିସିଓଡିଏଲ୍ ପୁରୀ ରଥଯାତ୍ରା ସମୟରେ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ୍ ସିଂହ କହିଛନ୍ତି, ରଥଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା ଏକ ଭାବନା। ଯାହା ଲକ୍ଷାଧିକ ଲୋକଙ୍କୁ ଏକାଠି କରିଥାଏ। ଆମେ ସହରକୁ ଶକ୍ତିଶାଳୀ ଏବଂ ସୁରକ୍ଷିତ ରଖିବାରେ ଆମର ଭୂମିକା ପାଇଁ ଅତ୍ୟନ୍ତ ଗର୍ବିତ। ଆମର ଟିମ୍ ଏହି ମହାନ୍ ଉତ୍ସବର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଭାବନାକୁ ସମର୍ଥନ କରିବାକୁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

ସେହିଭଳି ଏହି ଉତ୍ସବ ପାଇଁ ଟିପିସିଓଡିଏଲ୍ ପୁରୀ ସହରରେ ୪ଟି ୧୨.୫/୧୬ ଏମ୍‌ଭିଏ ବିଦ୍ୟୁତ୍ ଟ୍ରାନ୍ସଫର୍ମର (ପିଟିଆର୍) ସ୍ଥାପନ କରିଛି, ଯାହା ସ୍ଥାନୀୟ ନେଟ୍‌ୱର୍କକୁ ସଶକ୍ତ କରିବା ସହ ଭାର ପରିଚାଳନାକୁ ସୁଦୃଢ଼ କରିଛି। ସମଗ୍ର ନେଟ୍‌ୱର୍କ ଭୁବନେଶ୍ୱରର ଆଧୁନିକ ପାୱାର ଡିଷ୍ଟ୍ରିବ୍ୟୁଶନ୍ ଟେକ୍ନୋଲୋଜି ସେଣ୍ଟର ଦ୍ୱାରା ୨୪ ଘଣ୍ଟା ନିରୀକ୍ଷଣ କରାଯିବ। ଏଥିସହ ସହରଗୁଡ଼ିକରେ ୭୦୦ ରୁ ଅଧିକ ପ୍ରଶିକ୍ଷିତ କର୍ମଚାରୀ ଚବିଶ ଘଣ୍ଟା ନେଟ୍‌ୱର୍କ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ନିୟୋଜିତ ଅଛନ୍ତି। ୩୩/୧୧ କେଭି ପ୍ରାଥମିକ ସବ୍‌ଷ୍ଟେଶନ, ହାଇ ଟେନ୍ସନ୍ (ଏଚ୍‌ଟି) ଏବଂ ଲୋ ଟେନ୍ସନ୍ (ଏଲ୍‌ଟି) ସ୍ୱିଚ ଗିୟର୍ ସିଷ୍ଟମ୍, ଓଭର ହେଡ୍ ଲାଇନ୍ ଏବଂ ଅଣ୍ଡରଗ୍ରାଉଣ୍ଡ୍ କେବଲ୍ ଉପରେ ଉପଯୁକ୍ତ ପ୍ରତିଷେଧକ ମରାମତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଟିପିସିଓଡିଏଲ୍ ବ୍ୟାପକ ଲିକେଜ୍ କରେଣ୍ଟ ପରୀକ୍ଷା, ସବ୍‌ଷ୍ଟେଶନ ଏବଂ କାର୍ଯ୍ୟାଳୟଗୁଡ଼ିକରେ ଅଗ୍ନିନିର୍ବାପକ ଯନ୍ତ୍ର ସ୍ଥାପନ ଏବଂ ଡିଷ୍ଟ୍ରିବ୍ୟୁଶନ୍ ଟ୍ରାନ୍ସଫର୍ମରଗୁଡ଼ିକୁ ଫେନ୍ସି ଦ୍ୱାରା ସୁରକ୍ଷିତ କରିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରିଛି।



# କଟକଣା ସତ୍ତ୍ୱେ ବେଆଇନ ଭାବେ ଚାଲିଛି ବାଲି ଚାଲାଣ

**ନିମାପଡ଼ା,୩।୫(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଓ ଚାରିଛକ ଥାନା ଅଞ୍ଚଳରେ ଦିନ ଓ ରାତିରେ ବହୁ ସଂଖ୍ୟାରେ ହାଇୱା ନିର୍ଭୟ, ବେଆଇନ ଭାବେ ବାଲି ଚାଲାଣ କରୁଛନ୍ତି। ହେଲେ ପୋଲିସ ଓ ଜିଲା ଖଣି ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି କଡ଼ା ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାବେଳେ ଉଭୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି। ପୋଲିସ ପକ୍ଷରୁ ହାଇୱା ମୁଖ୍ୟ ବଜାର, ଜନଗହଳିପୂର୍ଣ୍ଣ ଛକ ରାସ୍ତାରେ ଯାତାୟାତ କରିବାକୁ କଟକଣା ଜାରି ହୋଇ ନୋ ଏଣ୍ଟ୍ରି ଜୋନ୍ ବ୍ୟବସ୍ଥା ହୋଇଥିବାବେଳେ ହାଇୱାର ମାଲିକ, ଚାଳକମାନେ ପୋଲିସର କଟକଣା, ଆଇନକାନୁନକୁ ଖୋଲାଖୋଲି ଭାବେ ଉଲ୍ଲଂଘନ କରି ନିର୍ଭୟରେ ବାଲିଚାଲାଣ କରୁଛନ୍ତି। ବେପରୁଆ ହାଇୱା ଚାଳନାରେ ଗତ ବର୍ଷକ ମଧ୍ୟରେ ନିମାପଡ଼ା ଥାନା ଅଞ୍ଚଳରେ ୧୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଦିନବେଳା ନିମାପଡ଼ା ଓ ଚାରିଛକ ରୁଟ୍‌ରେ ଜନଗହଳିପୂର୍ଣ୍ଣ ଛକ ଓ ରାସ୍ତାରେ ହାଇୱା ଯାତାୟାତକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବା ଓ ଗାଡ଼ିଚାଳନା ଦିଗରେ ଅଙ୍କୁଶ ଲଗାଯିବାକୁ ପୋଲିସ ନିକଟରେ ଦାବି ହେଉଛି। ଚୋରାରେ ଦୈନିକ ଲକ୍ଷାଧିକ ମୂଲ୍ୟର ବାଲି ଚାଲାଣ ହେଉଥିବା ଦିଗରେ କଡ଼ା ପଦକ୍ଷେପ ନିଆଯିବା ସହ ଚଢ଼ାଉ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବାକୁ ବୁଦ୍ଧିଜୀବୀ ଜିଲା ଖଣି ଅଧିକାରୀଙ୍କ ନିକଟରେ ଦୃଢ଼ ଦାବି କରିଛନ୍ତି।

# ଗାଦିବ୍ରହ୍ମପାଟଣାକୁ ହରାଇ ବେଗୁନିଆବସ୍ତ ଚାମ୍ପିୟନ

**ଅସ୍ତରଙ୍ଗ,୩।୫(ମମତା ଜେନା)**

ବାବା ଗଜାନନ ପୂଜା କମିଟି ଦ୍ୱାରା ଆୟୋଜିତ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗାଦିବ୍ରହ୍ମପାଟଣାକୁ ହରାଇ ପୁଷ୍ପା-୧୧ ବେଗୁନିଆବସ୍ତ ଚାମ୍ପିୟନ ହୋଇଛି। ପ୍ରଥମେ ପୁଷ୍ପା ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୭୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଗାଦିବ୍ରହ୍ମପାଟଣା ୪୮ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦିବାକର ଛାଟୋଇ, ସମ୍ମାନିତ ଅତିଥି ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପ୍ରେସ୍ କ୍ଲବ ସଭାପତି ଶରତ ପରିଡ଼ା, ସାମାଜିକ କର୍ମୀ ସୁବାସ ପରିଡ଼ା ପ୍ରମୁଖ ବେଗୁନିଆବସ୍ତକୁ ଚାମ୍ପିୟନ ଟ୍ରଫି ଓ ଗାଦିବ୍ରହ୍ମପାଟଣାକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ।

# ଝିଅକୁ ଶାଶୁଘର ଲୋକ ମାରି ଦେଇଥିବା ଅଭିଯୋଗ

**କଣାସ,୩।୫(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ବ୍ଲକ ଗଡ଼ଖାରଦ ପଞ୍ଚାୟତ ମାଙ୍କଗାଁ ପ୍ରମୋଦ ସାହୁଙ୍କ ଝିଅ ଲକ୍ଷ୍ମୀପ୍ରିୟାଙ୍କୁ ତାଙ୍କ ଶାଶୁଘର ଲୋକେ ମାରି ଦେଇଥିବା ନେଇ ମହିଳାଙ୍କ ପିତା ଗଡ଼ିଶାଗୋଦା ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ୮୨/୨୫ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

ପୋଲିସ ସୂତ୍ରରୁ ପ୍ରକାଶ, ବାଦୁରାବର ଗ୍ରାମର ସୁବଳ ପ୍ରଧାନଙ୍କ ପୁଅ ବାଟୁ ପ୍ରଧାନ ୧୦ ମାସ ପୂର୍ବେ ଲକ୍ଷ୍ମୀପ୍ରିୟାଙ୍କୁ ପ୍ରେମ ବିବାହ କରିଥିଲେ। ଲକ୍ଷ୍ମୀପ୍ରିୟା ରଶି ଲଗାଇ ଆତ୍ମହତ୍ୟା କରିଥିବା ଶନିବାର ତାଙ୍କ ଶାଶୁଘରୁ ଖବର ଆସିଥିଲା। ଖବର ପାଇ ତାଙ୍କ ବାପା ପ୍ରମୋଦ ଓ ପରିବାର ଲୋକେ ସେଠାରେ ପହଞ୍ଚି ଝିଅ ମୁହଁରେ ରକ୍ତଛିଟା ଲାଗିଥିବା ଦେଖିବାକୁ ପାଇଥିଲେ। ଶାଶୁଘରେ ଶାଶୁଙ୍କ ଛଡ଼ା ଆଉ କେହି ନ ଥିଲେ। ପ୍ରମୋଦଙ୍କ ଅଭିଯୋଗ ପାଇ ଗଡ଼ିଶାଗୋଦା ଆଇଆଇସି ସୁଧୀର କୁମାର ଦାସ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ଭାରତୀୟ ଡାକ ବିଭାଗ ପକ୍ଷରୁ ଜ୍ଞାନ ପୋଷ୍ଟ ଉନ୍ମୋଚିତ

**ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)**

ପୁରୀ ମୁଖ୍ୟ ଡାକଘର ସଭାଗୃହରେ ଭାରତୀୟ ଡାକ ବିଭାଗ ପକ୍ଷରୁ ଜ୍ଞାନ ପୋଷ୍ଟ ନାମକ ଏକ ନୂତନ ଡାକ ଉନ୍ମୋଚିତ ହୋଇଯାଇଛି। ଏହା ପ୍ରେରକଙ୍କୁ ଡାକଘର ମାଧ୍ୟମରେ ରିହାତି ଦରରେ କିଛି ପୁସ୍ତକ ଏବଂ ଅଧ୍ୟୟନ ସାମଗ୍ରୀ ପୋଷ୍ଟ କରିବାକୁ ଅନୁମତି ଦେବ। ଏହି ସୁବିଧା ୧ ମେ’ ଠାରୁ ସମସ୍ତ ବିଭାଗୀୟ ଡାକଘରେ ଉପଲବ୍ଧ ହୋଇଛି। ଏହି ଉତ୍ପାଦ ଡାକଘରର କାଉଣ୍ଟରରେ ଖୁଚୁରା ବୁକିଂ ପାଇଁ ଉପଲବ୍ଧ। ଏହି ସେବା ଡାକ ବିଭାଗର ଶିକ୍ଷାକୁ ସମର୍ଥନ କରିବା ଏବଂ ଦେଶର ପ୍ରତ୍ୟେକ ସ୍ଥାନରେ ଶିକ୍ଷାର୍ଥୀଙ୍କ ନିକଟରେ ପହଞ୍ଚିବା ପାଇଁ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ଜ୍ଞାନ ପୋଷ୍ଟ ଅଧୀନରେ ପଠାଯାଇଥିବା ପୁସ୍ତକ ଏବଂ ଶିକ୍ଷାଗତ ସାମଗ୍ରୀଗୁଡ଼ିକୁ ଟ୍ରାକ କରାଯାଇପାରିବ ଏବଂ ମୂଲ୍ୟ-ପ୍ରଭାବଶାଳୀ ବିତରଣ ସୁନିଶ୍ଚିତ କରିବା ପାଇଁ ପାର୍ସଲ ପୋଷ୍ଟ ଭାବେ ସ୍ଥଳଭାଗ ମାଧ୍ୟମରେ ପରିବହନ କରାଯିବ। ୩ଶହ ଗ୍ରାମ ପର୍ଯ୍ୟନ୍ତ ପ୍ରତି ପ୍ୟାକେଟ୍ ପାଇଁ କେବଳ ୨୦ ଟଙ୍କା। ୫ କି.ଗ୍ରା. ପର୍ଯ୍ୟନ୍ତ ସର୍ବାଧିକ ୧୦୦ ଟଙ୍କା ପର୍ଯ୍ୟନ୍ତ ପଠାଯାଇପାରିବ। ଜ୍ଞାନ ପୋଷ୍ଟ ଜିନିଷଟି କଭର ବିନା କିମ୍ବା ଏକ ଖୋଲା ଲଫାପାରେ ପୋଷ୍ଟ କରାଯିବ। ଏହି ‘ଜ୍ଞାନ ପୋଷ୍ଟ’ ଉନ୍ମୋଚନ ପାଇଁ ପୁରୀ ପ୍ରଧାନ ଡାକଘରେ ଗୋଟିଏ ପାର୍ସଲ ବୁକ୍ କରାଯାଇଛି। କାର୍ଯ୍ୟକ୍ରମରେ ପୁରୀ ମଣ୍ଡଳର ବରିଷ୍ଠ ଡାକ ଅଧୀକ୍ଷକ ରତନ ଜାନା, ସହ ଡାକ ସହାୟକ ଅଜୟ କୁମାର ସ୍ୱାଇଁ, କ୍ଷୀରୋଦ କୁମାର ଦାସ ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଭାରତୀୟ ଡାକ ବିଭାଗ ପକ୍ଷରୁ ଜ୍ଞାନ ପୋଷ୍ଟ ଉନ୍ମୋଚିତ କରାଯାଉଛି ।

# ନଦୀବନ୍ଧ କାର୍ଯ୍ୟ ବୁଲି ଦେଖିଲେ ଅଧୀକ୍ଷଣ ଯନ୍ତ୍ରୀ

**ଗୋପ,୩।୫(ଭାରତୀ ଭୂଷଣ ଉପାଧ୍ୟାୟ)**

ବନ୍ୟା ଆଶଙ୍କାକୁ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ନଦୀବନ୍ଧ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ଏହି ନିର୍ଦ୍ଦେଶ ଦେବା ପରେ ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବୈକୁଣ୍ଠନାଥ ଦଳାଇ ଗୋପ ଜଳସମ୍ପଦ ବିଭାଗର ବିଭିନ୍ନ ସ୍ଥାନରେ ଚାଲୁଥିବା ନଦୀବନ୍ଧ କାର୍ଯ୍ୟକୁ ବୁଲି ଦେଖିଛନ୍ତି। ଶୋଳପୁର-ମଦରଙ୍ଗ ରାସ୍ତାର ତିନିମୁହାଣୀ କୁଶଭଦ୍ରା ନଦୀର ଦକ୍ଷିଣ ପାର୍ଶ୍ୱ ଚାଲିଥିବା ଦେଢ଼ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ନିର୍ମାଣ କାର୍ଯ୍ୟ ଦେଖି ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, କୁଶଭଦ୍ରା ନଦୀବନ୍ଧର ତିନିମୁହାଣୀଠାରେ କିଛିଦିନ ଧରି ନଦୀବନ୍ଧରେ ଘାଇ ସୃଷ୍ଟି ହେବା ସହ ଭୁଶୁଡ଼ି ପଡ଼ିବା ଅଭିଯୋଗ ହୋଇଥିଲା। ଏହି ନଦୀବନ୍ଧର ସୁରକ୍ଷା ଲାଗି ଜଳସମ୍ପଦ ବିଭାଗ ପକ୍ଷରୁ ଏଷ୍ଟିମେଟ କରାଯାଇ ଟେଣ୍ଡର ପ୍ରକ୍ରିୟା ଶେଷ ପରେ ଏବେ କାର୍ଯ୍ୟ ଆରମ୍ଭ ହୋଇଛି। ନଦୀବନ୍ଧର ତିନି ପଟେ ସବୁ ସମୟରେ ପାଣି ରହୁଥିବାରୁ ଏପରି ହେଉଥିବା ନେଇ ଜଣାପଡ଼ିବା ପରେ ଗୋପ ଜଳସମ୍ପଦ ବିଭାଗ ପକ୍ଷରୁ ୨୦୦ ମିଟରରୁ ଅଧିକ କଂକ୍ରିଟ କାନ୍ଥ ନିର୍ମାଣ ସହିତ ଅନ୍ୟାନ୍ୟ କାର୍ଯ୍ୟ କରାଯାଉଛି। ବନ୍ୟା ପୂର୍ବରୁ ଏହି କାମ ଶେଷ କରାଯିବ ବୋଲି ଶୁକ୍ରବାର ଅଧୀକ୍ଷଣ ଯନ୍ତ୍ରୀ ଦଳାଇ ସୂଚନା ଦେଇଛନ୍ତି। ଏଥିସହ ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି ଓ ଗଣେଶ୍ୱରପୁର ସେକ୍ସନ ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହି କାମ ଠିକ୍ ଭାବେ କରାଯାଉଥିବା ନେଇ ଅଧୀକ୍ଷଣ ଯନ୍ତ୍ରୀ ଦଳାଇ ସନ୍ତୋଷ ପ୍ରକାଶ ମଧ୍ୟ କରିଛନ୍ତି। ଏପରି ଏକ ନଦୀବନ୍ଧ ତଦାରଖ ସମ୍ପର୍କରେ ଅଧୀକ୍ଷଣ ଯନ୍ତ୍ରୀ ଦଳାଇଙ୍କୁ ପଚାରିବାରେ, ଜଳସମ୍ପଦ ବିଭାଗର ସବୁ ସମୟରେ ତତ୍ପର ରହିଛି। କୋଟି କୋଟି ଟଙ୍କାର କାର୍ଯ୍ୟକୁ ତଦାରଖ କରିବା ଆମ ବିଭାଗର ଦାୟିତ୍ୱ ବୋଲି ସୂଚନା ଦେବା ସହ ଗୋପ ଜଳସମ୍ପଦ ବିଭାଗର ସମସ୍ତ ଯନ୍ତ୍ରୀ ମଧ୍ୟ ଚାଲିଥିବା କାର୍ଯ୍ୟର ମାନ ଦେଖୁଛନ୍ତି ବୋଲି କହିଥିଲେ।



ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କାର୍ଯ୍ୟ ବୁଲି ଦେଖୁଛନ୍ତି ।

## ସଂକ୍ଷେପରେ

### ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ଟାଙ୍ଗୀ,୩।୫(ରଘୁନାଥ ସାହୁ): ଟାଙ୍ଗୀ ଥାନା ଅଧୀନ ଦଧିବାମନପୁର ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। କେଦାରେଶ୍ୱର ପଡ଼ିଆ ନିକଟ ବିଲ ଗହିରରେ ଥିବା ଏକ ଗଛରୁ ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଥାନା ଅଧୀନ ଜରିପଡ଼ା ଦଳବେହେରା ସାହିର ବିଶ୍ୱନାଥ ବେହେରା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଦେଶୀମଦ ଜବତ, ୨ ଗିରଫ

ବେଗୁନିଆ,୩।୫(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ବ୍ଲକ ଶଗଡ଼ଭଙ୍ଗା ଏବଂ ବୋଲଗଡ଼ ବ୍ଲକର ଖଡ଼ିପଦର ଗ୍ରାମରେ ଚଢ଼ାଉ କରାଯାଇ ୫୦ ଲିଟର ଦେଶୀମଦ ଜବତ କରାଯାଇଛି।

# ଭୁବନେଶ୍ୱରରେ ୭୪ କି.ମି. ବେଗରେ ପବନ ସହ ବର୍ଷା

## ୨୫ ଜିଲାରେ କାଳବୈଶାଖୀ

ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)

ରାଜ୍ୟରେ କାଳବୈଶାଖୀ ଜାରି ରହିଛି। ଆସନ୍ତା ୬ ତାରିଖ ଯାଏ ବିଜୁଳି ଘଡ଼ଘଡ଼ି ସହ ଝଟକାପବନ ଓ କୁଆପଥର ବର୍ଷା ସମ୍ଭାବନା ରହିଛି। ତେବେ ଶନିବାର ଅପରାହ୍ନରେ ରାଜ୍ୟର ପ୍ରାୟ ୨୫ ଜିଲାରେ କାଳବୈଶାଖୀ ତାଣ୍ଡବ ରଚିଛି। ପଶ୍ଚିମ ଓଡ଼ିଶାରେ ଘଣ୍ଟାପ୍ରତି ୩୦ରୁ ୫୦ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହୋଇଥିଲା। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାରେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୬୦ କି.ମି. ଥିବାବେଳେ ଉପକୂଳବର୍ତ୍ତୀ ଓଡ଼ିଶାରେ ପବନର ବେଗ ୩୦ରୁ ୮୦ କି.ମି. ମଧ୍ୟରେ ରହିଥିଲା। ଟ୍ୱିନସିଟି କଟକ ଓ ଭୁବନେଶ୍ୱରରେ ମଧ୍ୟ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିଥିଲା। ଭୁବନେଶ୍ୱରରେ ୭୪ କି.ମି. ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହୋଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ଆଣ୍ଠୁଏ ଉଚ୍ଚର ପାଣି ଚାଲିଥିଲା। ଅନେକ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇଥିଲା। ଓଭରବ୍ରିଜ ତଳେ ଲୋକ ଆଶ୍ରୟ ନେଇଥିବାବେଳେ ବର୍ଷାଜଳ ଲହଡ଼ି ଭାଙ୍ଗୁଥିଲା। ବସ୍ତି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖିବାକୁ ମିଳିଥିଲା। ସେହିଭଳି ବଜ୍ରପାତ ଓ ଘଡ଼ଘଡ଼ି ଲୋକଙ୍କୁ ଭୟଭୀତ କରିଥିଲା। ରବିବାର ମଧ୍ୟ ବିଭିନ୍ନ ଜିଲାକୁ କାଳବୈଶାଖୀ ଭୟ ରହିଥିବାବେଳେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ମାଲକାନଗିରି, କୋରାପୁଟ, ରାୟଗଡା, ସୁନ୍ଦରଗଡ ଓ ଗଜପତିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଅନ୍ୟ କେତେକ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି।



କାଳବୈଶାଖୀ ସମୟରେ କଳିଙ୍ଗ ଷ୍ଟାଡିୟମ ପରିସରର ଦୃଶ୍ୟ।

# ଲୟୋଲା ଓଡ଼ିଆ ଉଚ୍ଚ ବିଦ୍ୟାଳୟର ଶତପ୍ରତିଶତ ସଫଳତା

## ମାଟ୍ରିକ୍ ପରୀକ୍ଷାଫଳ

ଭୁବନେଶ୍ୱର,୩।୫(ଅନୁରାଧା ମହାରଣା)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୫ ମାଟ୍ରିକ ପରୀକ୍ଷାରେ ଲୟୋଲା ଓଡ଼ିଆ ଉଚ୍ଚ ବିଦ୍ୟାଳୟ ଶତପ୍ରତିଶତ ସଫଳତା ପାଇଛି। ପରୀକ୍ଷା ଦେଇଥିବା ୩୪ଜଣ ଛାତ୍ରୀଛାତ୍ରୀଙ୍କ ମଧ୍ୟରୁ ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫ ଜଣ 'ଏ-୨' ଗ୍ରେଡ୍, ୧୧ ଜଣ 'ବି-୧', ୧୫ ଜଣ 'ବି-୨', ୨ ଜଣ 'ସି' ଏବଂ ଜଣେ 'ଡି' ଗ୍ରେଡ୍ ପାଇଛନ୍ତି। ଅଂଶୁମାନ ନାୟକ ୮୮.୨% ମାର୍କ ରଖି ସ୍କୁଲ ଟପ୍ପର ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ସଫଳତା ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫାଦର ଅଜିତ କୁମାର ବାହାଲା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନୂଆସାହି ସରସ୍ୱତୀ ଶିଶୁମନ୍ଦିର: ୩ଜଣଙ୍କୁ ଏ-୧

ଭୁବନେଶ୍ୱର,୩।୫ (ଅନୁରାଧା ମହାରଣା)

ମାଟ୍ରିକ୍ ପରୀକ୍ଷାରେ ରସୁଲଗଡ଼ ନୂଆସାହି ସରସ୍ୱତୀ ଶିଶୁମନ୍ଦିର ଶତପ୍ରତିଶତ ସଫଳତା ହାସଲ କରିଛି। ୩ଜଣ ଏ-୧, ୩ଜଣ ଏ-୨, ୧୪ଜଣ ବି-୧, ୯ଜଣ ବି-୨, ୯ଜଣ ସି, ୧୦ଜଣ ଡି ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଦିତ୍ରୀ ସନ୍ତୋଷୀ ବିଶୋଇ ୫୬୨ ଅର୍ଥାତ୍ ୯୩.୬୭% ମାର୍କ ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ଭାଗ୍ୟଶ୍ରୀ ମହାପାତ୍ର ୫୬୦ ଅର୍ଥାତ୍ ୯୩.୩୪% ମାର୍କ ରଖିଥିବାବେଳେ ଦିବ୍ୟସ୍ମିତା ନନ୍ଦ ୫୪୩ (୯୦.୫%) ମାର୍କ ହାସଲ କରିଛନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କୃତି ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ମଣିପାଲ ହସ୍ପିଟାଲରେ ଜଟିଳ ଅସ୍ତ୍ରୋପଚାର

ଭୁବନେଶ୍ୱର,୩।୫ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଜଟିଳ ଅସ୍ତ୍ରୋପ୍ରଚାର ସଫଳତାର ସହ ଶେଷ କରାଯାଇଛି। ବ୍ରହ୍ମପୁର ସହରର ଜଣେ ୨୭ ବର୍ଷୀୟ ଯୁବକ ଦୀର୍ଘଦିନ ଧରି ଏକ ବିରଳ ପ୍ୟାନ୍‌କ୍ରିଆସ୍ (ନେକ୍ରୋଟାଇଜିଂ ପ୍ୟାନ୍‌କ୍ରିଆଟାଇଟିସ୍) ରୋଗରେ ପୀଡ଼ିତ ଥିଲେ। ବହୁ ପ୍ରକାର ଚିକିତ୍ସା ପରେ ସେ ଶେଷରେ ମଣିପାଲ ହସ୍ପିଟାଲରେ ଆଡମିଶନ ସହ ହସ୍ପିଟାଲର ଅଭିଜ୍ଞ ଜିଆଇ ଏବଂ ଏଚ୍‌ପିବି ସର୍ଜନ ଡା. ଜ୍ୟୋତିର୍ମୟ ଜେନାଙ୍କ ତତ୍ତ୍ୱାବଧାନରେ ଚିକିତ୍ସିତ ହୋଇ ଆରୋଗ୍ୟ ଲାଭ କରିଛନ୍ତି। ସେହିଭଳି ଡା. ଜ୍ୟୋତିର୍ମୟ ଜେନା ତାଙ୍କର ଆବଶ୍ୟକ ପରୀକ୍ଷାନିରୀକ୍ଷା କରିବା ପରେ ଚିକିତ୍ସା ଆରମ୍ଭ କରିଥିଲେ । ପରବର୍ତ୍ତୀ ସମୟରେ ଡା. ଜେନା ଏବଂ ତାଙ୍କ ଟିମ୍ ସମସ୍ତ ପରୀକ୍ଷା ଶେଷ ପରେ ଗୋଟିଏ ସର୍ଜରି ପାଇଁ ପ୍ଲାନ୍ କରି ଏକ ବିରଳ ଅସ୍ତ୍ରୋପ୍ରଚାର ଥିଲେ। ଏ ସମ୍ପର୍କରେ ଭୁବନେଶ୍ୱର ମଣିପାଲ ହସ୍ପିଟାଲର ମେଡିକାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର କହିଥିଲେ, ଆମେ ପ୍ରତିଦିନ କିଛି ନା କିଛି ନା ବିରଳ ଅସ୍ତ୍ରୋପ୍ରଚାର କରି ସଫଳତା ହାସଲ କରୁଛୁ। ଏ ନେଇ ଆମେ ଡା.ଜ୍ୟୋତିର୍ମୟ ଜେନା ଓ ତାଙ୍କ ପୂରା ଟିମ୍‌କୁ ଶୁଭେଚ୍ଛା ଜଣାଇଛୁ। ମଣିପାଲ ହସ୍ପିଟାଲରେ ଅଭିଜ୍ଞ ଡାକ୍ତରୀ ଟିମ୍ ଓ ଅତ୍ୟାଧୁନିକ ମେଶିନ ଥିବାରୁ ଆମେ ଚିକିତ୍ସା କରି ଅନେକ ଜଟିଳ ରୋଗୀଙ୍କ ଜୀବନ ରକ୍ଷା କରିପାରିଛୁ। ସେହିଭଳି ଡାକ୍ତର ଜ୍ୟୋତିର୍ମୟଙ୍କ ମତରେ, ଏହି ଯୁବକଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଜଟିଳ ଥିଲା। ବିଭିନ୍ନ ଷ୍ଟେଜ୍‌ରେ ତାଙ୍କର ଛୋଟ ବଡ ଅପରେଶନ ହୋଇଥିଲା। ଫଳରେ ତାଙ୍କ ପ୍ୟାନ୍‌କ୍ରିଆସ୍ ଓ ଅନ୍ୟାନ୍ୟ ଅଙ୍ଗଗୁଡିକ କାମ କରିବା ବନ୍ଦ ହୋଇଯାଇଥିଲା। ଏଠାରେ ଚିକିତ୍ସା ଆରମ୍ଭ ପରେ ଧୀରେ ଧୀରେ ସେ ସୁସ୍ଥ୍ୟ ଅନୁଭବ କଲେ ଏବଂ ବର୍ତ୍ତମାନ ସେ ଏକ ବିପଦମୁକ୍ତ ଜୀବନ ଅତିବାହିତ କରୁଛନ୍ତି।

# 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ପୁସ୍ତକ ଉନ୍ମୋଚିତ


ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର, ୩।୫ (ସୌମ୍ୟରଞ୍ଜନ ରାଉତ)

ଡ. ପ୍ରଦୀପ କୁମାର ଚୌଧୁରୀଙ୍କ ଲିଖିତ ତଥା ଜ୍ଞାନଯୁଗ ପ୍ରକାଶନୀ ଦ୍ୱାରା ପ୍ରକାଶିତ 'ଶନି ମହାଗ୍ରହ ପ୍ରଭାବ ଓ ପ୍ରତିକାର' ପୁସ୍ତକ ଏକ ଭବ୍ୟ ସମାରୋହରେ ପୋଖରୀପୁଟ ଶ୍ରୀହନୁମାନ ମନ୍ଦିର ପ୍ରାଙ୍ଗଣରେ ଉନ୍ମୋଚିତ ହୋଇଯାଇଛି। ମନ୍ଦିରର ମୁଖ୍ୟ ପୂଜକ ପଣ୍ଡିତ ପର୍ଶୁରାମ ପଣ୍ଡା ଏହି ପୁସ୍ତକକୁ ପ୍ରଥମେ ଶ୍ରୀହନୁମାନଙ୍କ ପଦାରବିନ୍ଦରେ ଦେବାର୍ପଣ କରିଥିଲେ। ଏଥିରେ ଶନିଶ୍ଚର ମହାଗ୍ରହଙ୍କ ସମ୍ପର୍କିତ ବୈଜ୍ଞାନିକ ତଥ୍ୟ ଓ ପୌରାଣିକ ତତ୍ତ୍ୱକୁ ଉଲ୍ଲେଖ କରାଯାଇଛି ବୋଲି ଲେଖକ ଡ. ଚୌଧୁରୀ କହିଛନ୍ତି। ମୁଖ୍ୟ ଅତିଥି ଭାବେ ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ରତ୍ନାକର ରାଉତ ଯୋଗଦେଇ ଜୀବନରେ ଆଧ୍ୟାତ୍ମିକତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଶନିଶ୍ଚର ମହାରାଜ ଆମ ଜୀବନକୁ କେତେ ଓ କିଭଳି ପ୍ରଭାବିତ କରନ୍ତି ଏବଂ କେଉଁ ଆଧ୍ୟାତ୍ମିକ ଉପାୟ ଅବଲମ୍ବନ କଲେ ତାଙ୍କ କୃପାଦୃଷ୍ଟି ଲାଭ କରିହେବ, ସେନେଇ କହିଥିଲେ। ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ଲେଖକ ବିଜୟ ଦାଶ ଏହି ପୁସ୍ତକ ଜ୍ୟୋତିଷ ଦୃଷ୍ଟିରୁ ଏକ ଉପାଦେୟ ଗ୍ରନ୍ଥ ହେବା ସହିତ ବୈଜ୍ଞାନିକ ଦୃଷ୍ଟିକୋଣରୁ ମଧ୍ୟ ଉପଯୋଗୀ ହେବ। ଲେଖକ ଡ. ଚୌଧୁରୀ କହିଲେ, ଉଭୟ ବୈଜ୍ଞାନିକ ଓ ଜ୍ୟୋତିଷ ଦୃଷ୍ଟିକୋଣରୁ ଶନିଶ୍ଚର ମହାଗ୍ରହ ଗ୍ରହମଣ୍ଡଳରେ ଏକ ସତନ୍ତ୍ର ସ୍ଥାନ ବଜାୟ ରଖିଛନ୍ତି ଯାହାଙ୍କ ପ୍ରଭାବରେ ସକଳ ଜଗତ ପରିଚାଳିତ। ତାଙ୍କୁ ପାଥେୟ କରି ଭୌତିକ ତଥା ଆଧ୍ୟାତ୍ମିକ ଜଗତର ବିକାଶର ଧାରାକୁ ନିର୍ଣ୍ଣୟ କରିହୁଏ। ଶନିଙ୍କ ଅନୁଗ୍ରହରେ ଜଣେ ସବୁକ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମର ସଭାପତି ଜାତୀୟ ରାଜପଥର ପୂର୍ବତନ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରମୋଦ କୁମାର ସାବତ ଓ ଏକାମ୍ର ମହାବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧ୍ୟାପିକା ପ୍ରଭା ମଞ୍ଜରୀ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଶା, ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ

## ୭ଦିନରେ ୨ ନାବାଳିକା ମା' ହେବା ଘଟଣା

ଖୋର୍ଦ୍ଧା,୩।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ସପ୍ତାହକ ମଧ୍ୟରେ ୨ଜଣ ନାବାଳିକା ମା' ହୋଇଥିବା ଖବର ଗତ ଏପ୍ରିଲ ୩୦ରେ 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ସଦର ସିଡିପିଓ ନନ୍ଦିତା ମହାନ୍ତି ଏହି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଡିଏଚ୍‌ଏଚ୍‌ରେ ରେକର୍ଡପତ୍ର ଯାଞ୍ଚ କରିବା ସହ ସମ୍ପୃକ୍ତ ଅଞ୍ଚଳର ଆଶା, ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଆଗକୁ ଯେଭଳି ଏହି ଘଟଣାର ପୁନରାବୃତ୍ତି ନ ଘଟିବ, ସେଥିପ୍ରତି ଦୃଷ୍ଟି ଦେବାକୁ ତାଗିଦା କରିଛନ୍ତି। ଏ ସମ୍ପର୍କରେ ସିଡିପିଓ ମହାନ୍ତି କୁହନ୍ତି, ଏହି ଖବର ପାଇବା ପରେ ତୁରନ୍ତ ଘଟଣାର ଯାଞ୍ଚ କରାଯାଇଛି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଆଶା, ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥିସହ ମା' ଓ ଛୁଆଙ୍କ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଗୁରୁତ୍ୱ ଦିଆଯିବ। ଭବିଷ୍ୟତରେ ଯେଭଳି ଏପରି ଘଟଣା ନ ଘଟେ ସେଥିପ୍ରତି ଦୃଷ୍ଟିଦିଆଯିବା ସହ ଆଗାମୀ ଦିନରେ ସମସ୍ତ ଆଇସିଡିଏସ ଅଧୀନସ୍ଥ କର୍ମୀଙ୍କୁ ନେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ସଚେତନ କରାଯିବ। ଆଶା, ଅଙ୍ଗନୱାଡି କର୍ମୀଙ୍କ ସହ ସମ୍ପୃକ୍ତ ପରିବାର ମଧ୍ୟ ସମପରିମାଣରେ ଦାୟୀ। ଏଥିରେ ସ୍ଥାନୀୟ ଜନପ୍ରତିନିଧି ଏବଂ ଅଭିଭାବକଙ୍କ ଭୂମିକା ରହିଛି। ଜିଲା ଶିଶୁ ସୁରକ୍ଷା ୟୁନିଟ୍ ସଂଯୋଜକ ବାଣିଶ୍ରୀ ପଟ୍ଟନାୟକ କୁହନ୍ତି, ବାଲ୍ୟ ବିବାହ ରୋକିବା ପାଇଁ ପ୍ରତିବର୍ଷ ଜିଲାସ୍ତରରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହଭାଗିତାରେ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ପ୍ରତି ପଞ୍ଚାୟତସ୍ତରରେ ସଚେନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବ।

# ଶନିଶ୍ଚରଙ୍କୁ ଜଳାଭିଷେକ କଲେ ମାନସିକଧାରୀ

ଭୁବନେଶ୍ୱର,୩।୫(ସୌମ୍ୟରଞ୍ଜନ ରାଉତ)



ପାତ୍ରପଡ଼ାସ୍ଥିତ ଶନିମନ୍ଦିରରେ ଗ୍ରହରାଜ ଶନିଶ୍ଚରଙ୍କ ମହାଜଳାଭିଷେକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ୪ଟା ୪୫ରୁ ପୂଜାର୍ଚ୍ଚନା ଆରମ୍ଭ ହୋଇ ରାତି ୧୦ଟାରେ ଶେଷ ହୋଇଛି। ଏଥିପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ମଙ୍ଗଳ ଆରତି ପରେ ମନ୍ଦିର ପରିସରରେ ବ୍ୟବସ୍ଥା ହୋଇଥିବା ଜଳାଶୟରୁ ମାନସିକଧାରୀ ମହିଳାଙ୍କ ସହ ଶହସ୍ରାଧିକ ଶ୍ରଦ୍ଧାଳୁ ପାଣି ଆଣି ଶନିଶ୍ଚରଙ୍କୁ ଜଳାଭିଷେକ କରିଥିଲେ। ଏହି ଅବସରରେ ଭଜନ ସଂକୀର୍ତ୍ତନ ସହ ହରିବୋଲ, ହୁଳହୁଳିରେ ପୀଠ ଉତ୍ସବ ମୁଖରିତ ହୋଇଥିଲା। ସ୍ଥାନୀୟ ଯୁବ ପରିଷଦ ଓ ମନ୍ଦିର ଅନୁଷ୍ଠାନ ପକ୍ଷରୁ ଶୃଙ୍ଖଳା ରକ୍ଷା କରାଯାଇଥିଲା। ସେହିପରି ମହିଳା ଓ ପୁରୁଷଙ୍କ ପାଇଁ ପୃଥକ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା ବୋଲି ଶନିମନ୍ଦିରର ସେବକ ସୁମିତ୍ରା ବାରିକ ସୂଚନା ଦେଇଛନ୍ତି।

# ଦଇତାପତି ନିଯୋଗ ସମ୍ପାଦକଙ୍କ ନାଁରେ ଏତଲା

ପୁରୀ,୩।୫(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସିଂହଦ୍ୱାର ଥାନାରେ ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ନାମରେ ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଏତଲା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ଶ୍ରୀମନ୍ଦିର ପ୍ରଶାସନର ବିନା ଅନୁମତିରେ ନବକଳେବର ବଳକା ଦାରୁ ଦାସମହାପାତ୍ର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ବିକିଥିବା ନେଇ ପୁରୀ ସତ୍ୟନଗରର ସୂଚନା ଅଧିକାର କର୍ମୀ ଦାଶ ଅଭିଯୋଗ କରିଛନ୍ତି। ବିଏନ୍‌ଏସ୍‌ର ବିଭିନ୍ନ ଦଫାରେ ମାମଲା ରୁଜୁ ପାଇଁ ସେ ଦାବି କରିଛନ୍ତି। ଏହି କାଠଗୁଡ଼ିକ ମହାପ୍ରଭୁଙ୍କ ସେବାରେ ସ୍ୱତନ୍ତ୍ର ଧାର୍ମିକ ରୀତିନୀତି ପାଇଁ ଉଦ୍ଦିଷ୍ଟ। ମନ୍ଦିର ପବିତ୍ରତାର ଖୋଲା ଉଲ୍ଲଂଘନ କରି ବିନା ଅନୁମତିରେ ମନ୍ଦିର ପରିସରରୁ ଅପସାରିତ ହୋଇଥିବା ରିପୋର୍ଟ ରହିଛି। ଏହି ପବିତ୍ର କାଠଗୁଡ଼ିକ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ଅଜ୍ଞାତସାରରେ କିପରି ଦୀଘାରେ ଜଗନ୍ନାଥଙ୍କ ମୂର୍ତ୍ତି ନିର୍ମାଣ କରାଗଲା ତାହାର ବିଧିବଦ୍ଧ ତଦନ୍ତ କରାଯାଉ। ଏଥିସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୂଚନା ଅଧିକାର କର୍ମୀ ଦାବି କରିଛନ୍ତି।

# ଆତଙ୍କବାଦୀଙ୍କ ଆକ୍ରମଣରେ ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା


କାର୍ଯ୍ୟକ୍ରମରେ ଉପସ୍ଥିତ ଗୌତମନଗର ଉନ୍ନୟନ ପରିଷଦର କର୍ମକର୍ତ୍ତା।

ଭୁବନେଶ୍ୱର,୩।୫(ସୌମ୍ୟରଞ୍ଜନ ରାଉତ)

ଜମ୍ମୁ କଶ୍ମୀରର ପହଲଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଲୋକଙ୍କ ଆତ୍ମାର ସଦ୍‌ଗତି ପାଇଁ ଗୌତମନଗର ଉନ୍ନୟନ ପରିଷଦ ପକ୍ଷରୁ ନୀରବ ପ୍ରାର୍ଥନା କରାଯାଇଛି। ପରିଷଦର ସମସ୍ତ ସଭ୍ୟ ଏହି ଅମାନୁଷିକ କାର୍ଯ୍ୟକୁ ନିନ୍ଦା କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଏଥିସହ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପକୁ ଦୃଢ଼ ଭାବରେ ସମର୍ଥନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

# ସାଧାରଣ ପ୍ରଶାସନ ବିଭାଗର ଅଧିକାରୀ, କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩।୫ (ସୌମ୍ୟରଞ୍ଜନ ରାଉତ)

ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା ସଚିବାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅବସର ନେଇଥିବା ବିଭାଗୀୟ ଅନୁଶାସନ ସଚିବ ସୁବ୍ରତ କୁମାର ସୁନ୍ଦରରାୟ, ଉପବିଭାଗ ଅଧିକାରୀ ଶେଖ ସମସୁଲ ହୋଦା, ଗାଡି ଚାଳକ ଭରତ ପଣ୍ଡା ଏବଂ ଗ୍ରେଡ୍ ଡାଇରିଷ୍ଟ ଜଗନ୍ନାଥ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ସ୍ୱତନ୍ତ୍ର ଶାସନ ସଚିବ ତଥା ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ନିହାର ରଞ୍ଜନ ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଘାସିରାମ ମୁର୍ମୁ, ଅତିରିକ୍ତ ଶାସନ ସଚିବ, ମାନସ ରଞ୍ଜନ ସାମଲ, ଶଶାଙ୍କ ଶେଖର ଦାସ, ଅଞ୍ଜନ କୁମାର ଦାସ, ଯୁଗ୍ମ ଶାସନ ସଚିବ ବାଇଧର ହେମ୍ବ୍ରମ, ଚିତ୍ତ ରଞ୍ଜନ ପଣ୍ଡା, ଉପଶାସନ ସଚିବ ପ୍ରଦୀପ କୁମାର ରାଉତ, ଅସିତ କୁମାର ପାଣିଙ୍କ ସହ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅତିଥିମାନେ ଅବସର ନେଇ ଥିବା ୪ଜଣଙ୍କ କର୍ମମୟ ଜୀବନ ଉପରେ ଆଲୋଚନା କରିବା ସହ ଅବସରକାଳୀନ ଜୀବନ ଭଲରେ କାଟିବାକୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ସେମାନଙ୍କ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସଂସଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।


କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଅଧିକାରୀ ଓ କର୍ମଚାରୀମାନେ।

# ସାମ୍ବାଦିକଙ୍କ ସମ୍ମାନ, ସୁରକ୍ଷାକୁ ସରକାର ଗୁରୁତ୍ୱ ଦେଉଛନ୍ତି

## ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ

ଭୁବନେଶ୍ୱର,୩।୫(ସୌମ୍ୟରଞ୍ଜନ ରାଉତ)

ସାମ୍ବାଦିକଙ୍କ ସମ୍ମାନ ଓ ସୁରକ୍ଷା ଦିଗରେ ରାଜ୍ୟ ସରକାର ଯତ୍ନବାନ୍ ଅଛନ୍ତି। ଏଥିପ୍ରତି ଅନେକ ପଦକ୍ଷେପ ନିଆଯାଇଛି। ଆଗକୁ ସାମ୍ବାଦିକଙ୍କ ସମ୍ମାନ ଓ ସ୍ୱାଧୀନତା ଆହୁରି ବଢ଼ିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶନିବାର ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଓ ଭୁବନେଶ୍ୱର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହରିଚନ୍ଦନ କହିଲେ, ଆମ ସରକାର କ୍ଷମତାକୁ ଆସିବା ପରେ ସଚିବାଳୟ(ଲୋକସେବା ଭବନ)କୁ ସାମ୍ବାଦିକଙ୍କୁ ପ୍ରବେଶ ଅନୁମତି ମିଳିଛି। ସାମ୍ବାଦିକଙ୍କ ଉପରେ କୌଣସି ପ୍ରତିବନ୍ଧକ ନାହିଁ। ସଚିବାଳୟରେ ସାମ୍ବାଦିକଙ୍କ ପାଇଁ ଥିବା ପ୍ରେସ୍ ଲାଉଞ୍ଜ ପର୍ଯ୍ୟାପ୍ତ ହେଉ ନ ଥିବାରୁ ସେମାନେ ବାରଣ୍ଡାରେ ଅପେକ୍ଷା କରୁଛନ୍ତି। ଏହା ଆମ ନଜରକୁ ଆସିବା ପରେ ସମସ୍ୟାର ତୁରନ୍ତ ସମାଧାନ ଲାଗି ବ୍ୟବସ୍ଥା କରିବାକୁ କୁହାଯାଇଛି। ଏଥିସହିତ ସାମ୍ବାଦିକଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ସରକାରୀସ୍ତରରେ ଆଲୋଚନା ଜାରି ରହିଛି ବୋଲି ହରିଚନ୍ଦନ ମତପ୍ରକାଶ କରିଛନ୍ତି। ବ୍ୟବସାୟିକ ମନୋବୃତ୍ତି ଯୋଗୁ ସାମ୍ବାଦିକ ଓ ସାମ୍ବାଦିକତା ନିଜର ସ୍ୱାଧୀନତା ହରାଇବସିଛି। ରାଜନୈତିକ ଉଦ୍ଦେଶ୍ୟ ରଖି କେତେଜଣ ମାଲିକ ନିଜ ଖବରକାଗଜ ବା ଟିଭି ଚାନେଲକୁ ବ୍ୟବହାର କରୁଛନ୍ତି। ନିରପେକ୍ଷ ଖବର ବଦଳରେ ପକ୍ଷପାତିତା କରାଯାଉଛି। ତେଣୁ ସାମ୍ବାଦିକମାନେ ଏକଜୁଟ ହୋଇ ନିଜ ସ୍ୱାଧୀନତା ହାସଲ କଲେ ନିରପେକ୍ଷ ଖବର ପ୍ରକାଶ ପାଇପାରିବ ବୋଲି ହରିଚନ୍ଦନ କହିଛନ୍ତି।

କାର୍ଯ୍ୟକ୍ରମରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ତେଲଙ୍ଗାନାର ସାମ୍ବାଦିକ ସେକ୍ ଇସ୍‌ଲାମୁଦ୍ଦିନ ଓ ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କର୍ପୋରେଟର ଅମରେଶ ଜେନା, ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ସୁରେଶ ସ୍ୱାଇଁ, ମୁକେଶ ପରିଡା, ଦୀପକ ବେହେରା, ସୋଆ ଲୋକସମ୍ପର୍କ ଅଧିକାରିଣୀ ଶୁଭଦର୍ଶିନୀ ମିଶ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କର ଓ ଭୁବନେଶ୍ୱର ସାମ୍ବାଦିକ ସଂଘ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସାଧାରଣ ସମ୍ପାଦକ ଜିତେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ।


ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଓ ଭୁବନେଶ୍ୱର ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବକୁ ଆଇନମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

**କଳିଙ୍ଗ ସୁପର କପ୍ ଫୁଟ୍‌ବଲ**

# ବର୍ଷାରେ ସେଲିବ୍ରେଶନ




**ଭୁବନେଶ୍ୱର, ୩।୫ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଶନିବାର ଶେଷ ହୋଇଥିବା କଳିଙ୍ଗ ସୁପର କପ୍ ଫୁଟବଲ ଫାଇନାଲ ଶେଷ ହେବାର ୧୫ ମିନିଟ ପୂର୍ବରୁ କାଳ ବୈଶାଖି ବର୍ଷା ଆରମ୍ଭ ହୋଇ ଯାଇଥିଲା। ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ଘଡ଼ି ବିଜୁଳି ମଧ୍ୟରେ ଖେଳ ସମାପ୍ତ ହୋଇଥିଲା। ଜାମସେଦପୁରକୁ ୩-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିବା ଗୋଆ ଦଳର ଖେଳାଳିମାନେ ରେଫରିଙ୍କ ଶେଷ ହ୍ୱିସିଲ ବାଜିବାକ୍ଷଣି ବର୍ଷାରେ ଭିଜିଭିଜି ସେଲିବ୍ରେଶନ ଆରମ୍ଭ କରି ଦେଇଥିଲେ। ତାଙ୍କ ସହିତ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ମାନେ ମଧ୍ୟ ଯୋଗ ଦେଇଥିଲେ। ସେମାନଙ୍କ ସେଲିବ୍ରେଶନକୁ ବର୍ଷା ଫିକା ପକାଇ ପାରି ନ ଥିଲା।

### ହୋର୍ଡିଂ, ଚେୟାର ସବୁ ଉଡ଼ିଲା

କାଳ ବୈଶାଖି ବର୍ଷା ପୂର୍ବରୁ ଜୋରରେ ପବନ ଆରମ୍ଭ ହୋଇ ଯାଇଥିଲା। ଫଳରେ ପଡ଼ିଆର ଚତୁର୍ଦ୍ଦିଗରେ ଦିଆଯାଇଥିବା ହୋର୍ଡିଂଗୁଡ଼ିକରୁ ଅଧିକାଂଶ ଉଡ଼ି ଯାଇଥିଲା। ପଡ଼ିଆରେ ପଡ଼ିଥିବା ପ୍ଲାଷ୍ଟିକ ଚେୟାର ମଧ୍ୟରୁ କିଛି ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଥିଲା।

### ଦାୟିତ୍ୱ ତୁଲାଇଲେ ବଲ୍ ବୟ

ପ୍ରବଳ ବର୍ଷା ସତ୍ତ୍ୱେ ଜରି ରେନ୍‌କୋଟ ମୁଣ୍ଡରେ ଢାଙ୍କି ବଲ୍‌ବୟମାନେ ସେମାନଙ୍କ ଦାୟିତ୍ୱ ନିର୍ବାହ କରିଥିଲେ। ବର୍ଷାର ପ୍ରକୋପ ବଢ଼ିଥିଲେ ମଧ୍ୟ ଖେଳ ଚାଲିଥିବାରୁ ସେମାନେ ସ୍ଥିରଭାବେ ବସିରହି ବଲ୍ ଉପରେ ନଜର ରଖିଥିଲେ।




କଳିଙ୍ଗ ସୁପର କପ୍ ଚାମ୍ପିୟନ ଏଫ୍‌ସି ଗୋଆ ଦଳକୁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ପୁରସ୍କୃତ କରୁଛନ୍ତି।

## ଖୋର୍ଦ୍ଧା ଜିଲା ୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ

**ଭୁବନେଶ୍ୱର,୩।୫(ଅନାଦି କର)**

ଆସନ୍ତା ୭ ଓ ୮ ତାରିଖରେ ପଟିଆର ଇନ୍‌ଫୋସିଟି ନିକଟବର୍ତ୍ତୀ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲରେ ଖୋର୍ଦ୍ଧା ଜିଲା ୭ ବର୍ଷରୁ କମ୍ ବାଳକ ଓ ବାଳିକା ଚେସ୍ ଚାମ୍ପିୟନଶିପ୍ ହେବାକୁ ଯାଉଛି। ଏହି ଟୁର୍ନାମେଣ୍ଟରେ କେବଳ ଖୋର୍ଦ୍ଧା ଜିଲାର ଖେଳାଳିମାନେ ଭାଗନେବେ। ଓଡ଼ିଶା ଇତିହାସରେ ପ୍ରଥମ ଥର ପାଇଁ ରାଜ୍ୟ ବୟସ ବର୍ଗର ଚାମ୍ପିୟନଶିପ୍ ଲାଗି ଏକ ଜିଲାସ୍ତରୀୟ ବୟସ ବର୍ଗ ଚାମ୍ପିୟନଶିପ ଆୟୋଜନ କରିବାକୁ ଯାଉଛି। ପ୍ରତ୍ୟେକ ବିଭାଗର ଟପ୍ ୩ ଖେଳାଳି ଓଡ଼ିଶା ରାଜ୍ୟ ୭ ବର୍ଷରୁ କମ୍ ବାଳକ ଓ ବାଳିକା ଚାମ୍ପିୟନଶିପ ଲାଗି ଯୋଗ୍ୟତା ହାସଲ କରିବେ। ଉଭୟ ବିଭାଗର ୧୧ ଟପ୍ ଖେଳାଳି, ୫ ଓ ୬ ବର୍ଷର ବୟସ ବର୍ଗର ୪ ବିଜେତା ଏବଂ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲର ୬ ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କୃତ କରାଯିବ। ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଦ୍ୱାରା ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ଏଣ୍ଟ୍ରି ଫି ୪୦୦ ଟଙ୍କା ରଖାଯାଇଛି। ଆସନ୍ତା ୬ ତାରିଖ ସୁଦ୍ଧା ଏଣ୍ଟ୍ରି ଫି ଦାଖଲ କରିବାକୁ ଏବଂ ଆଗ୍ରହୀ ଖେଳାଳିଙ୍କୁ ଆୟୋଜକଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି।

## ମାଉଣ୍ଟ ମୀରା ଆରୋହଣକଲେ ମଧୁସ୍ମିତା



**ଭୁବନେଶ୍ୱର, ୩।୫ (ବିଜୟ ରଣା)**

ଗଞ୍ଜାମ ଜିଲା ବ୍ରହ୍ମପୁର ସହର ଗୋସାଣି ନିବାସୀ ମଧୁସ୍ମିତା ପାତ୍ର ଏପ୍ରିଲ ୨୯ରେ ସଫଳତାର ସହିତ ନେପାଳସ୍ଥିତ ମାଉଣ୍ଟ ମୀରା (୬,୪୭୬ ମିଟର) ଆରୋହଣ କରିଛନ୍ତି। ମଧୁସ୍ମିତା ଜଣେ ତାଲିମପ୍ରାପ୍ତ ପର୍ବତାରୋହୀ। ଭାରତ ସରକାରଙ୍କ ଦ୍ୱାରା ପରିଚାଳିତ ହିମାଳୟ ପର୍ବତାରୋହଣ ସଂସ୍ଥା ଏଚ୍‌ଏମ୍‌ଆଇ ଶିକ୍ଷାନୁଷ୍ଠାନରୁ ଶିକ୍ଷା ଲାଭ କରିଛନ୍ତି। ପୂର୍ବରୁ ସେ ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶିଖର ମାଉଣ୍ଟ କିଲିମାଞ୍ଜାରୋ, ୟୁରୋପ ମହାଦେଶର ମାଉଣ୍ଟ ଏଲବ୍ରୁସ, ହିମାଚଳ ପ୍ରଦେଶର ମାଉଣ୍ଟ ଫ୍ରେଣ୍ଡସିପ୍, ମାଉଣ୍ଟ ରେନକ୍, ଚାଦର, କେଦାରକାଣ୍ଠ ଆଦି ସଫଳତାର ସହ ଆରୋହଣ କରିଛନ୍ତି। ସୂଚନାଯୋଗ୍ୟ, ମଧୁସ୍ମିତା ପୂର୍ବତନ ବାୟୁସେନା ଅଧିକାରୀ ପ୍ରେମାନନ୍ଦ ପାତ୍ର ଓ ମାତା ପୁଷ୍ପାଞ୍ଜଳୀ ପାତ୍ରଙ୍କ କନିଷ୍ଠ କନ୍ୟା। ବର୍ତ୍ତମାନ ସେ ଚେନ୍ନାଇସ୍ଥିତ ଟିସିଏସ୍ କମ୍ପାନୀରେ କାର୍ଯ୍ୟରତ । ଆଗାମୀ ଦିନରେ ସେ ମହାଦେଶର ଉଚ୍ଚତମ ପାହାଡ଼ ଓ ମାଉଣ୍ଟ ଏଭରେଷ୍ଟ ଆରୋହଣ ଲକ୍ଷ୍ୟ ରଖିଛନ୍ତି।

## ୩-୨ରେ ହାରିଲା ଭାରତ

**ପର୍ଥ,୩।୫(ପି.ଟି)**

ଭାରତୀୟ ମହିଳା ହକି ଦଳ ଜବରଦସ୍ତ ପ୍ରତିଦ୍ୱନ୍ଦ୍ୱିତା କରିବା ସତ୍ତ୍ୱେ ୨-୩ ଗୋଲରେ ଅଷ୍ଟ୍ରେଲିଆଠାରୁ ପରାଜୟ ବରଣ କରିଛି। ଭାରତୀୟ ଦଳ ପକ୍ଷରୁ ନବନୀତ କୌର (୩୫ତମ ମିନିଟ୍) ଓ ଲାଲରେସିଆମି (୫୯ତମ) ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ପାଇଁ ଗ୍ରେସ ଷ୍ଟିୱାର୍ଟ (ଦ୍ୱିତୀୟ), ଜେଡ ସ୍ମିଥ (୩୬ତମ) ଓ ଗ୍ରେଟା ହାୟେସ (୪୨ତମ) ଗୋଲ କରିଥିଲେ।

## ବଲାଙ୍ଗୀର, ଭୁବନେଶ୍ୱର, କଟକ, ଜୟପୁର ବିଜୟୀ

**ଭୁବନେଶ୍ୱର, ୩।୫ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୁପର ଲିଗ୍‌ରେ ଶନିବାର ବଲାଙ୍ଗୀର, ଭୁବନେଶ୍ୱର, କଟକ ଓ ଜୟପୁର ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। କଟକସ୍ଥିତ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯାଇଥିବା ବରଗଡ଼ ବିପକ୍ଷ ମ୍ୟାଚରେ ବଲାଙ୍ଗୀର ୧୦୩ରନରେ ବିଜୟ ହାସଲ କରିଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ବଲାଙ୍ଗୀର ମାଧୁରୀ ମେହେଟା (୬୨ବଲ୍‌ରୁ ୧୦୫ରନ)ଙ୍କ ଶତକ ଓ ସରିତା ମେହେର (୪୬ ବଲ୍‌ରୁ ୫୩* ରନ)ଙ୍କ ଅର୍ଦ୍ଧଶତକ ସହାୟତାରେ ୩ଉଇକେଟ ବିନିମୟରେ ୧୬୯ ରନ୍ କରିଥିଲା। ଜବାବରେ ବରଗଡ଼ ନିର୍ଦ୍ଧାରିତ ଓଭରରେ ମାତ୍ର ୬୬ ରନ କରି ଅଲଆଉଟ ହୋଇଯାଇଥିଲା। ବିଜୟୀ ଦଳର ବିଜିଲି ଦୀପ୍ ୪ ଓ ସୁଜିନ ଖାନ୍ ୨ ଉଇକେଟ ନେଇଥିଲେ। ମାଧୁରୀ ମେହେଟା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ୮ ଉଇକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ଏଥିରେ ବାଲେଶ୍ୱର ଦଳ ୧୫.୫ ଓଭରରେ ମାତ୍ର ୪୦ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ଭୁବନେଶ୍ୱର ୧୦.୩ ଓଭରରେ ୨ଉଇକେଟ ବିନିମୟରେ ୪୪ ରନ କରି ମ୍ୟାଚ ଜିତି ନେଇଥିଲା। ଏଥିରେ ପ୍ରିୟଙ୍କା ସାହୁ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୧୩ ରନ ଦେଇ ୨ଉଇକେଟ ଅକ୍ତିଆର କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ସମ୍ବଲପୁର ବିପକ୍ଷରେ କଟକ ୧୦ ଉଇକେଟରେ ବିଜୟୀ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୪୨ ରନ କରିଥିଲା। କଟକ ୪.୫ ଓଭରରେ ବିନା କୌଣସି ଉଇକେଟରେ ୪୫ ରନ କରି ମ୍ୟାଚରେ ବିଜୟ ଲାଭ କରିଥିଲା। ବିଜୟୀ ଦଳର ବୋଲର ଭାବାନୀ ଧଣ୍ଡା (୩.୧-୦-୭-୪) ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସେହିପରି ବାଡ଼ାନାସୀ ଗ୍ରାଉଣ୍ଡରେ ଜୟପୁର ୮ଉଇକେଟରେ କେନ୍ଦୁଝରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦୁଝର ନିର୍ଦ୍ଧାରିତ ଓଭରରେ ୭ଉଇକେଟ ହରାଇ ୫୯ ରନ କରିଥିଲା। ଜବାବରେ ଜୟପୁର ୧୦ ଓଭରରେ ୨ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଏଥିରେ ବିଜୟୀ ଦଳର କାଜଲ ଜେନା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୨୫ ବଲ୍‌ରୁ ୩୩ ରନ କରି ଅପରାଜିତ ରହିଥିବା ବେଳେ ୬ ରନ ବିନିମୟରେ ୨ ଉଇକେଟ ଅକ୍ତିଆର କରିଥିଲେ।




ମାଧୁରୀ ମେହେଟା

**ମାଧୁରୀ ମେହେଟାଙ୍କ ଶତକ**

## ହେମରାଜ ୪, ଅଞ୍ଜଳୀ ୬ ବର୍ଷ ବାସନ୍ଦ

**ନୂଆଦିଲ୍ଲୀ, ୩।୫ (ପି.ଟି.)**

**ଡୋପ୍ ମାମଲା**

ଲଙ୍ଗ ଡିଷ୍ଟାନ୍ସ ରନର ହେମ୍‌ରାଜ ଗୁର୍ଜାର ଓ ଅଞ୍ଜଳୀ କୁମାରୀ ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା)ର ଡିସିପ୍ଲିନାରି ପ୍ୟାନେଲ ଦ୍ୱାରା ଯଥାକ୍ରମେ ୪ ଓ ୬ ବର୍ଷ ବାସନ୍ଦ ହୋଇଛନ୍ତି। ଉଭୟେ ଗତବର୍ଷ ଅନୁଷ୍ଠିତ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ। ୨୫ ବର୍ଷୀୟ ଗୁର୍ଜାର ୨୦୨୩ ଜାତୀୟ ଆନ୍ତଃ ରାଜ୍ୟ ଚାମ୍ପିୟନଶିପ୍‌ର ୫୦୦୦ ମିଟର ରେସ୍‌ରେ ଏକ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ୨୦୨୩ ଓ ୨୦୨୪ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ନିଷ୍ପତ୍ତି ତାରିଖ ଏପ୍ରିଲ ୨୦ରୁ ସେ ୪ ବର୍ଷ ପର୍ଯ୍ୟନ୍ତ ବାସନ୍ଦ ହୋଇଛନ୍ତି। ଗୁର୍ଜାର ଆହୁରି ମଧ୍ୟ ଗତବର୍ଷ ୱାର୍ଲ୍ଡ ଆଥ୍‌ଲେଟିକ୍ସ କ୍ରସ୍ କଣ୍ଟ୍ରି ଚାମ୍ପିୟନଶିପ୍‌ରେ ଦେଶରୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କଠାରୁ ସଂଗୃହୀତ ଡୋପ୍ ସାମ୍ପଲରୁ ନିଷିଦ୍ଧ ଦ୍ରବ୍ୟ ଡାର୍ବେପୋଟିନ (ଡେପୋ) ଠାବ କରାଯିବା ପରେ ନାଡା ତାଙ୍କୁ ସାମୟିକ ସସ୍‌ପେଣ୍ଡ କରିଥିଲା। ଅନ୍ୟପକ୍ଷରେ ଅଞ୍ଜଳୀଙ୍କ ୬ ବର୍ଷ ବାସନ୍ଦ ଦଣ୍ଡ ମାର୍ଚ୍ଚ ୩୧ରୁ କାର୍ଯ୍ୟକାରୀ ହେବ ବୋଲି ନାଡା ୱେବ୍‌ସାଇଟ୍‌ରେ ସଦ୍ୟତମ ଅପ୍‌ଡେଟ୍‌ରୁ ଜଣାପଡ଼ିଛି। ଏଥିରେ ଏହାଠାରୁ ଅଧିକ କିଛି ତଥ୍ୟ ପ୍ରଦାନ କରାଯାଇ ନାହିଁ।

## କାଗିସୋ ରାବାଡ଼ା ସାମୟିକ ସସ୍‌ପେଣ୍ଡ

**ଜୋହାନ୍ସବର୍ଗ,୩।୫(ପି.ଟି.)**

ମନୋରଞ୍ଜନ ଲାଗି ନେଇଥିବା ଔଷଧ କାରଣରୁ ବର୍ତ୍ତମାନ ସାମୟିକ ବାସନ୍ଦାଦେଶ ଭୋଗ କରୁଥିବା ବିଶ୍ୱର ପ୍ରିମିୟର ଫାଷ୍ଟ ବୋଲର କାଗିସୋ ରାବାଡା ଶନିବାର ପ୍ରକାଶ କରିଛନ୍ତି। ଦକ୍ଷିଣ ଆଫ୍ରିକୀୟ ପେସର ଗତ ମାସରେ ଗୁଜରାଟ ଟାଇଟନ୍ସ ଲାଗି ଦୁଇଟି ମ୍ୟାଚ୍ ଖେଳିବା ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ସ୍ୱଦେଶ ଫେରି ଯାଇଥିଲେ। ଆସନ୍ତା ୨୫ ତାରିଖରେ ୩୦ ବର୍ଷରେ ପାଦ ଦେବାକୁ ଯାଉଥିବା ରାବାଡା ଦକ୍ଷିଣ ଆଫ୍ରିକୀୟ କ୍ରିକେଟର୍ସଙ୍କ ଆସୋସିଏଶନ (ଏସ୍‌ଏସିଏ) ଜରିଆରେ ଏକ ବିବୃତି ଜାରି କରିଛନ୍ତି। ମୁଁ ନିକଟରେ ବ୍ୟକ୍ତିଗତ କାରଣ ଦର୍ଶାଇ ଆଇପିଏଲ୍‌ରେ ଅଂଶଗ୍ରହଣ ନ କରି ଦକ୍ଷିଣ ଆଫ୍ରିକାକୁ ଫେରି ଆସିଥିଲି। ମନୋରଞ୍ଜନ ଲାଗି ଔଷଧ ବ୍ୟବହାର ଯୋଗୁ ମୋ ଡୋପ ନମୁନାରେ ନିଷିଦ୍ଧ ଔଷଧ ଠାବ ହୋଇଛି।

## କିସ୍‌ରୁ ଭାଗ ନେବେ ୪୧ ଆଥ୍‌ଲେଟ

**ଭୁବନେଶ୍ୱର, ୩।୫ (ବିଜୟ ରଣା)**

**୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ**

ବିହାରରେ ୭ମ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ଆୟୋଜନ କରାଯାଇଛି। ଏଥିରେ ସ୍ଥାନୀୟ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (କିସ୍)ରୁ ୪୧ଜଣ ଛାତ୍ର ଆଥଲେଟ (୨୦ ବାଳକ ଓ ୨୧ ବାଳିକା) ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଏହି ମେଗା ଇଭେଣ୍ଟ ରବିବାରଠାରୁ ମେ ୧୫ ପର୍ଯ୍ୟନ୍ତ ୫ଟି ସହର ଯଥା ପାଟନା, ରାଜଗିର, ଗୟା, ଭାଗଲପୁର ଓ ବେଗୁସରାଇଠାରେ ଆୟୋଜନ କରାଯାଇଛି। ଏଥିରେ ୨୭ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। କିସ୍‌ରୁ ରଗ୍‌ବୀରେ ୧୯ ଖେଳାଳି (୧୦ବାଳକ ଓ ୯ବାଳିକା), ସିପକଟାକ୍ରରେ ୧୫ ଖେଳାଳି (୮ବାଳକ ଓ ୭ବାଳିକା), ଆଥ୍‌ଲେଟିକ୍ସରେ ଜଣେ (ବାଳକ), ଖୋ ଖୋରେ ୪ ଖେଳାଳି (ଜଣେ ବାଳକ ଓ ୩ ବାଳିକା) ଏବଂ ଜୁଡୋ ଓ ସାଇକ୍ଲିଂରେ ଜଣେ ଲେଖାଏ ବାଳିକା ଅଂଶଗ୍ରହଣ କରିବେ।



୭ମ ଖେଲୋ ଇଣ୍ଡିଆ ୟୁଥ ଗେମ୍ସରେ ଅଂଶଗ୍ରହଣ କରିବାକୁଥିବା ଆଥ୍‌ଲେଟ।

# ଶୀର୍ଷରେ ଆର୍‌ସିବି

**ବେଙ୍ଗାଲୁରୁ,୩।୫**

ଚଳିତ ଆଇପିଏଲ୍‌ରେ ଶନିବାର ଖେଳାଯାଇଥିବା ଏକ ହାଇ ସ୍କୋରିଂ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୨ ରନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଏହା ଆର୍‌ସିବିର ଅଷ୍ଟମ ବିଜୟ ହୋଇଥିବା ବେଳେ ଚେନ୍ନାଇ ଲାଗି ଏହା ନବମ ପରାଜୟ। ଏହି ବିଜୟ ସହ ଆର୍‌ସିବି ପଏଣ୍ଟ ଟେବୁଲ ଶୀର୍ଷକୁ ଉଠିଛି। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆର୍‌ସିବି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୩ ରନ କରିଥିଲା। ଜ୍ୟାକବ ବେଥେଲ ୩୩ ବଲରେ ୫୫ (୮ ଚୌକା ଓ ୨ ଛକା) ଓ ବିରାଟ କୋହଲି ୩୩ ବଲରେ ୬୨ (୫ ଲେଖାଏ ଚୌକା ଓ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ରୋମାରିଓ ଶେଫର୍ଡ ୧୪ ବଲରେ ୫୩ (୪ ଚୌକା ଓ ୬ ଛକା) ରନ କରିଥିଲେ। ଚେନ୍ନାଇ ପକ୍ଷରୁ ମାଥିସା ପାଥିରାନା ୩ ଉଇକେଟ ନେଇଥିଲେ। ଜବାବରେ ସିଏସ୍‌କେକୁ ଶେକ ରଶିଦ ଓ ଆୟୁଷ ମହାତ୍ରେ ୪.୩ ଓଭରରେ ୫୧ ରନର ଆରମ୍ଭ ଦେଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ରଶିଦ(୧୪) ଓ ସାମ କୁରାନ(୫)ଙ୍କ ଉଇକେଟ ହରାଇଥିଲା। ମହାତ୍ରେ ଓ ରବୀନ୍ଦ୍ର ଜାଡେଜା ତୃତୀୟ ଉଇକେଟରେ ୧୧୪ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଶତକ ଆଡ଼େ ଅଗ୍ରସର ହେଉଥିବା ମହାତ୍ରେ ୪୮ ବଲରେ ୯୪ (୯ ଚୌକା ଓ ୫ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ ମହେନ୍ଦ୍ର ସିଂ ଧୋନୀ(୧୨) ଓ ଶିବମ୍ ଦୁବେ(୮) ରନ୍ କରିଥିଲେ। ହେଲେ ଦଳକୁ ଜିତାଇ ପାରି ନ ଥିଲେ। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୧୧ ରନ କରିବାକୁ ସକ୍ଷମ ହୋଇଥିଲା। ଜାଡେଜା ୪୫ ବଲରେ ୮ ଚୌକା ଓ ୨ ଛକା ସହିତ ୭୭ ରନ କରି ଅପରାଜିତ ରହିଥିଲେ। ଆର୍‌ସିବି ପକ୍ଷରୁ ଏନଗିଡି ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୨୧୩/୫(ବିରାଟ କୋହଲି-୬୨, ଜ୍ୟାକବ ବେଥେଲ-୫୫, ରୋମାରିଓ ଶେଫର୍ଡ-୫୩*, ମାଥିସା ପାଥିରାନା-୩/୩୬, ନୁର ଅହମ୍ମଦ-୧/୨୬)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୧୧/୫ (ଆୟୁଷ ମହାତ୍ରେ-୯୪, ରବୀନ୍ଦ୍ର ଜାଡେଜା-୭୭*, ଲୁଙ୍ଗି ଏନଗିଡି-୩/୩୦, କୃନାଲ ପାଣ୍ଡ୍ୟା-୧/୨୪)।




ପ୍ଲେୟର ଅଫ୍ ଦି ମ୍ୟାଚ୍ ରୋମାରିଓ ଶେଫର୍ଡ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୧ | ୮ | ୩ | ୦ | ୧୬ | +୦.୪୮୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୭ | ୪ | ୦ | ୧୪ | +୧.୨୭୪ |
| ଗୁଜରାଟ ଟାଇଟନ୍ସ | ୧୦ | ୭ | ୩ | ୦ | ୧୪ | +୦.୮୬୭ |
| ପଞ୍ଜାବ କିଙ୍ଗ୍ସ | ୧୦ | ୬ | ୩ | ୧ | ୧୩ | +୦.୧୯୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୦ | ୧୨ | +୦.୩୬୨ |
| ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୫ | ୧ | ୯ | +୦.୨୭୧ |
| ରାଜସ୍ଥାନ ରୟାଲ୍ସ | ୧୧ | ୩ | ୮ | ୦ | ୬ | -୦.୭୮୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୩ | ୭ | ୦ | ୬ | -୧.୧୯୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୨ | ୯ | ୦ | ୪ | -୧.୧୧୭ |

### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**କୋଲକାତା ବନାମ ରାଜସ୍ଥାନ**
ସ୍ଥାନ: କୋଲକାତା
ସମୟ: ଅପରାହ୍ନ ୩.୩୦

**ପଞ୍ଜାବ ବନାମ ଲକ୍ଷ୍ମୌ**
ସ୍ଥାନ: ଧର୍ମଶାଳା
ସମୟ: ରାତ୍ର ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ